


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-131 ◆FRIDAY ◆7 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୩୧ ◆ଶୁକ୍ରବାର ◆୭ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


**ବିହାର ନିର୍ବାଚନ**

# ୭୩ ବର୍ଷରେ ସର୍ବାଧିକ ମତଦାନ

■ **ପାଟନା, ୬।୧୧ (ଏଜେନ୍ସି):** ବିହାର ବିଧାନସଭା ପାଇଁ ପ୍ରଥମ ପର୍ଯ୍ୟାୟ ମତଦାନ ଆଜି ଶେଷ ହୋଇଛି । ୩ କୋଟି ୭୫ ଲକ୍ଷ ମତଦାତାଙ୍କ ମଧ୍ୟରୁ ୬୪.୬୬ ପ୍ରତିଶତ ଭୋଟର ସନ୍ଧ୍ୟା ସୁଦ୍ଧା ମତଦାନ କରିଛନ୍ତି । ଏହା ୨୦୨୦ ନିର୍ବାଚନ ତୁଳନାରେ ୮.୯୮ ପ୍ରତିଶତ ଅଧିକ । ୨୦୨୦ରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ୫୫.୬୮ ପ୍ରତିଶତ ମତଦାନ ହୋଇଥିଲା । ଏହାସହିତ ୨୪୩ ସଭ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାର ୧୨୧ଟି ଆସନରେ ୧୩୧୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି । ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଆସନ୍ତା ୧୧ ତାରିଖରେ ହେବ । ଏଥିପାଇଁ ପ୍ରଚାର ଅଭିଯାନ ଜୋରଦାର ଚାଲିଛି ।

ନିର୍ବାଚନ କମିସନଙ୍କ ସୂତ୍ରରୁ ପ୍ରକାଶ ଯେ ୬୪.୬୬ ପ୍ରତିଶତ ମତଦାନ ହେଉଛି ବିହାର ନିର୍ବାଚନ ଇତିହାସ(୭୩ବର୍ଷ)ରେ ସର୍ବାଧିକ । ଏହାପୂର୍ବରୁ ୨୦୦୦ରେ

**ପ୍ରଥମ ପର୍ଯ୍ୟାୟରେ ୬୪.୬୬ % ଭୋଟ୍**



ବିଧାନସଭା ନିର୍ବାଚନରେ ସର୍ବାଧିକ ୬୨.୫୭ ପ୍ରତିଶତ ମତଦାନ ହୋଇଥିବା ବେଳେ ୧୯୯୮ ଲୋକସଭା ନିର୍ବାଚନରେ ୬୪.୬ ପ୍ରତିଶତ ମତଦାନ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାବି କରିଛନ୍ତି ଯେ ଏତେ ଅଧିକ ହାରରେ ମତଦାନ ସୂଚାଉଛି ଯେ ଏନ୍‌ଡିଏକୁ ବିପୁଳ ସଫଳତା ମିଳିବ । ଅନ୍ୟପକ୍ଷରେ ପ୍ରଶାନ୍ତ କିଶୋର କହିଛନ୍ତି ଯେ ଅଧିକ ମତଦାନ ସରକାର ପରିବର୍ତ୍ତନର ଆଭାସ ଦେଉଛି । ଏଥର ନିର୍ବାଚନରେ ମହିଳାମାନେ ଅଧିକ ସଂଖ୍ୟାରେ ଭୋଟ୍ ଦେଇଥିବା ଜଣାପଡ଼ିଛି ।

ସୂଚନାଯୋଗ୍ୟ ଯେ ଗତ ୨୦୨୦ରେ ହୋଇଥିବା ନିର୍ବାଚନରେ ଏହି ୧୨୧ ଆସନ ମଧ୍ୟରୁ ଆରଜେଡି ମେଣ୍ଟକୁ ୬୩ ଆସନ ମିଳିଥିବା ବେଳେ ବିଜେପି ମେଣ୍ଟକୁ ମିଳିଥିଲା ୫୫ ଆସନ ।

ପ୍ରଥମ ପର୍ଯ୍ୟାୟ ମତଦାନରେ ଆଜି ସକାଳୁ ମତଦାନ କେନ୍ଦ୍ରମାନଙ୍କରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଆର୍‌ଜେଡି ନେତା ଲାଲୁ ପ୍ରସାଦ ଯାଦବ, ତେଜସ୍ୱୀ ଯାଦବ, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏବଂ କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ ପ୍ରମୁଖ ମତଦାନ କେନ୍ଦ୍ର ଯାଇ ଭୋଟ ଦେଇଥିବା 'ଏକ୍ସ'ରେ ସେୟାର କରିଛନ୍ତି । ଆଜିର ମତଦାନ ମୋଟାମୋଟି ରୂପେ ଶାନ୍ତିପୂର୍ଣ୍ଣ ରହିଛି । ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନାଙ୍କ ଗାଡ଼ି ଉପ।ରେ ଆକ୍ରମଣ ଘଟଣାକୁ ଛାଡ଼ିଦେଲେ କୌଣସି ସ୍ଥାନରେ ବଡ଼ ଧରଣର ହିଂସାକାଣ୍ଡ ଘଟିନାହିଁ ।

ରାଜ୍ୟରେ ଏଥର ନିର୍ବାଚନରେ ମୁଖ୍ୟ ମୁକାବିଲା ଏନ୍‌ଡିଏ ଏବଂ ଇଣ୍ଡିଆ ମେଣ୍ଟ ମଧ୍ୟରେ ହେଉଛି । ବେକାରୀ ସମସ୍ୟା, ଦୁର୍ନୀତି, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ ରହିଛି । ବିହାରରେ ବିବାଦୀୟ ଏସ୍‌ଆଇଆର୍ ପରେ ପ୍ରଥମ ଥର ଲାଗି ମତଦାନ ହେଉଛି । ଏହି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ୬୫ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଛି । ଏଥିମଧ୍ୟରେ ଅନେକ ଭୋଟରଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ କେତେକ ଅନ୍ୟ ରାଜ୍ୟକୁ ଚାଲିଯାଇଛନ୍ତି ବୋଲି ନିର୍ବାଚନ କମିସନ କହିଛନ୍ତି । ▶ପୃଷ୍ଠା-୭

# ଘାଟି ଚଢୁଚଢୁ ଜଳିଗଲା ବସ୍

■ **ପଟ୍ଟାଙ୍ଗି, ୬।୧୧ (ସମିସ):** ଆନ୍ଧ୍ରର ବିଜୟନଗରରୁ ଓଡ଼ିଶା ଆସୁଥିବା ଏକ ଓଏସ୍‌ଆର୍‌ଟିସି ବସ୍‌ରେ ନିଆଁ ଲାଗି ଜଳିଯାଇଛି । ଇଞ୍ଜିନ୍ ନିକଟରେ ସର୍ଟସର୍କିଟ୍ ହୋଇ ଏହି ଅଘଟଣ ଘଟିଛି । ତେବେ ସୌଭାଗ୍ୟକୁ ବସ୍ ଚାଳକ ଗାଡ଼ିକୁ ରାସ୍ତାପାର୍ଶ୍ୱରେ ଅଟକାଇ ଦେବାରୁ ବସ୍‌ରେ ଥିବା ଯାତ୍ରୀମାନଙ୍କ ଜୀବନ ରକ୍ଷା ପାଇଯାଇଛି ।

**ଅଳ୍ପକେ ବର୍ତ୍ତିଲେ ଯାତ୍ରୀ**



ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୫ଟାରେ ଓଏସ୍‌ଆର୍‌ଟିସିର ଏକ ବସ୍ (ଓଡି ୧୦ ଏସ୍ ୬୭୫୪) ଆନ୍ଧ୍ରପ୍ରଦେଶର ବିଜୟନଗର ଡିପୋରୁ ଯାତ୍ରୀଙ୍କୁ ଧରି ଜୟପୁର ଅଭିମୁଖେ ଆସୁଥିଲା । ସକାଳ ପ୍ରାୟ ସାଢ଼େ ୭ଟାରେ ▶ପୃଷ୍ଠା-୭

# ଓଡ଼ିଆ ଝିଅ ହେଲେ ଝାଡ଼ଖଣ୍ଡ ପୁଲିସ ଡିଜି



■ **ରାଞ୍ଚି, ୬।୧୧ (ଏଜେନ୍ସି):** ଓଡ଼ିଆ ଝିଅ ତଥା ବରିଷ୍ଠ ଆଇପିଏସ୍ ଅଧିକାରୀ ତଦାଶା ମିଶ୍ରଙ୍କୁ ଝାଡ଼ଖଣ୍ଡର ପୁଲିସ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି । ପୁଲିସ ଡିଜି ପଦରେ ନିଯୁକ୍ତ ହେବାରେ ସେ ହେଉଛନ୍ତି ପ୍ରଥମ ମହିଳା ଅଧିକାରୀ । ଡିଜି ପଦରୁ ଅନୁରାଗ ଗୁପ୍ତା ଇସ୍ତଫା ଦେବାପରେ ତାଙ୍କ ସ୍ଥାନରେ ଶ୍ରୀମତୀ ମିଶ୍ରଙ୍କୁ ଏହି ▶ପୃଷ୍ଠା-୭

# ଆଜି ନୂଆପଡ଼ାରେ ନବୀନ ଶୋ'

■ **ନୂଆପଡ଼ା, ୬।୧୧ (ସମିସ):** ଆସନ୍ତାକାଲି ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ପ୍ରଚାର ନିମନ୍ତେ ଦ୍ୱିତୀୟବାର ନୂଆପଡ଼ା ଆସିବେ ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ନୂଆପଡ଼ା ନିର୍ବାଚନମଣ୍ଡଳୀର ନୂଆପଡ଼ାରୁ ଖରିଆର୍ ରୋଡ୍ ପର୍ଯ୍ୟନ୍ତ ଏକ ବିଶାଳ ରୋଡ୍ ଶୋ'ରେ ଯୋଗ ଦେବେ ବୋଲି ନିଜେ ନବୀନ ଦିନକ ତଳେ ସୂଚନା ଦେଇଛନ୍ତି ।



**ସକାଳେ ୨ ଏନ୍‌ଏସିରେ ୬ ପଥପ୍ରାନ୍ତ ସଭା**

**ଅପରାହ୍ନରେ ପାରକୋଡ଼ରେ ଜନସମାବେଶ**

ସୂଚନା ଅନୁସାରେ ଖରିଆର ରୋଡ୍ ଥାନା ନିକଟରେ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ନବୀନ ୧୧ଟା ୪୦ରୁ ରୋଡ୍ ଶୋ' ଆରମ୍ଭ କରିବେ । ଦାଗା ଛକ, ବିଜୁ ପଟ୍ଟନାୟକ ଛକ, ଲଖମାନିଆ ପେଟ୍ରୋଲ ପମ୍ପ ଛକ ନିକଟରେ ଜନସମାବେଶକୁ ଉଦ୍‌ବୋଧନ ଦେବେ । ଏହାପରେ ନୂଆପଡ଼ା ଏନ୍‌ଏସି ଅନ୍ତର୍ଗତ ସୂର୍ଯ୍ୟନଗର ଛକ, ଗାୟତ୍ରୀ ମନ୍ଦିର ଛକ, ଏକତା ଛକରେ ମଧ୍ୟ ଅନୁରୂପ ସମାବେଶରେ ନବୀନ ଉଦ୍‌ବୋଧନ ଦେବେ । ସେହିପରି ଅପରାହ୍ଣରେ ନବୀନ ପାରକୋଡ୍ ନିକଟରେ ଏକ ବିଶାଳ ଜନସମାବେଶକୁ ସମ୍ବୋଧିତ କରିବେ ବୋଲି ତାଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ଗତ ୩ ତାରିଖରେ ନବୀନ ନୂଆପଡ଼ା ଗସ୍ତ ସମୟରେ ଶାସକ ଦଳକୁ ଶାଣିତ ଆକ୍ରମଣ କରିଥିଲେ । ରାଜ୍ୟ ସରକାରଙ୍କୁ 'ନେମ୍ ଚେଞ୍ଜର୍' ଓ 'ରଙ୍ଗବଦଳା' ବୋଲି ଉଲ୍ଲେଖ କରି ଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟବାସୀଙ୍କୁ କରାଯାଇଥିବା ପ୍ରତାରଣାକୁ ଗୋଟିଗୋଟି ଗଣିଥିଲେ । ନବୀନଙ୍କ ଏହି ଆକ୍ରମଣାତ୍ମକ ମୁଦ୍ରା ନୂଆପଡ଼ାବାସୀଙ୍କୁ ବେଶ୍ ପ୍ରଭାବିତ କରିଥିବା ବିଜେଡି ମନେକରୁଛି । ନବୀନଙ୍କ ଗସ୍ତ ନୂଆପଡ଼ା ନିର୍ବାଚନରେ ନିର୍ଣ୍ଣାୟକ ହେବ ବୋଲି ମଧ୍ୟ ବିଭିନ୍ନ ରାଜନୈତିକ ସମୀକ୍ଷକମାନେ ମନେକରୁଛନ୍ତି । ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ନବୀନଙ୍କ ଗସ୍ତ ଉପରେ ସମସ୍ତଙ୍କର ନଜର ।

# ଉତ୍ତରାଖଣ୍ଡରେ ରାୟଗଡ଼ା ଯୁବତୀଙ୍କୁ ବୀଭତ୍ସ ହତ୍ୟା

■ **ରାୟଗଡ଼ା, ୬।୧୧(ସମିସ):** ଉତ୍ତରାଖଣ୍ଡରେ ଓଡ଼ିଆ ଯୁବତୀଙ୍କୁ ବୀଭତ୍ସ ହତ୍ୟା । ମୃତ ଯୁବତୀଜଣଙ୍କ ହେଲେ, ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁର ସହରର ସୃଷ୍ଟି ଶର୍ମା(୨୩) । ପୁଲିସ ସେଠାକାର ଏକ ନଦୀରୁ ତାଙ୍କ ଶବ ଉଦ୍ଧାର କରିଛି । ଏହି ଘଟଣାରେ ପୁଲିସ୍ ସୃଷ୍ଟ ଭଡ଼ାରେ ରହୁଥିବା ଘର ମାଲିକର ପୁଅକୁ ଗିରଫ କରିଛି । ସେ ହେଲା, ଅମିତ ସିଂହ । ସୃଷ୍ଟିଙ୍କୁ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ପାଇଁ ସେ ଶବକୁ ଚାଦରରେ ଗୁଡ଼ାଇ ସେଥିରେ ଇଟା, ପଥର ▶ପୃଷ୍ଠା-୭



**ଘର ମାଲିକ ପୁଅ ଗିରଫ**

**ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ରିପୋର୍ଟ**

# ବେତନ ଓ ପେନ୍‌ସନରେ ଯାଉଛି ବଜେଟର ୬୨%

■ **ନୂଆଦିଲ୍ଲୀ, ୬।୧୧ (ଏଜେନ୍ସି):** ସମ୍ପ୍ରତି ରାଜ୍ୟଗୁଡ଼ିକ ଏକ ଗମ୍ଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି । ଏହି ଅର୍ଥାଭାବ ସ୍ଥିତି ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ବିକାଶ କାର୍ଯ୍ୟକ୍ରମ ପାଇଁ ପାଣ୍ଠି ଯୋଗାଇବାର କ୍ଷମତାକୁ ପ୍ରଭାବିତ କରିଛି । କେବଳ ଦରମା ଓ ପେନସନ ବାବଦରେ ରାଜ୍ୟଗୁଡ଼ିକ ବଜେଟ୍‌ର ୬୨% ବ୍ୟୟ କରୁଛନ୍ତି । ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ପକ୍ଷରୁ ପ୍ରକାଶିତ ଷ୍ଟେଟ୍ ଅଫ୍ ଷ୍ଟେଟ୍ ଫାଇନାନ୍ସ ୨୦୨୫ ଶୀର୍ଷକ ରିପୋର୍ଟରେ ଏହା କୁହାଯାଇଛି ।

ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବଜେଟ୍ ଡକ୍ୟୁମେଣ୍ଟ, ଅଡିଟ୍ ଆକାଉଣ୍ଟରୁ ତଥ୍ୟ ଆଧାରରେ ପ୍ରସ୍ତୁତ ଏହି ରିପୋର୍ଟରେ କୁହାଯାଇଛି ଯେ ଆର୍ଥିକବର୍ଷ ୨୦୨୪ରେ ଦେଶର ବିଭିନ୍ନ ରାଜ୍ୟଗୁଡ଼ିକ ରାଜସ୍ୱ ଆୟର ୫୩% ପ୍ରତିଶତ ଅର୍ଥ କେବଳ ଦରମା, ପେନସନ ଏବଂ ସୁଧ ଦେୟ ବାବଦ ଖର୍ଚ୍ଚ ହୋଇଛି । ପଞ୍ଜାବ ଭଳି ରାଜ୍ୟରେ ନିଜସ୍ୱ ରାଜସ୍ୱର ୧୦୭% ଅଧିକ ଖର୍ଚ୍ଚ କେବଳ ଏହି କ୍ଷେତ୍ରରେ ବ୍ୟୟ କରିଛି । ସେହିପରି ହିମାଚଳ ପ୍ରଦେଶ (୮୫ ପ୍ରତିଶତ), ତାମିଲନାଡୁ (୭୭ ପ୍ରତିଶତ), କେରଳ (୭୫ ପ୍ରତିଶତ) ଏବଂ ହରିୟାଣା (୭୧ ପ୍ରତିଶତ) ରହିଛି । ରିପୋର୍ଟରେ ଆହୁରିମଧ୍ୟ କୁହାଯାଇଛି ଯେ ▶ପୃଷ୍ଠା-୭

**ବିକାଶ ପ୍ରକଳ୍ପ ପାଇଁ ଖର୍ଚ୍ଚ କରିବାକୁ ପଇସା ନାହିଁ**

**ରାଜ୍ୟର ସ୍ଥିତିକୁ ଦୁର୍ବଳ କରୁଛି ମାଗଣା ସହାୟତା**










## ବରିଷ୍ଠ ନାଗରିକ ତୀର୍ଥଯାତ୍ରା

# ଆଜି ତୀର୍ଥଯାତ୍ରାରେ ଯିବେ ୫ ଜିଲ୍ଲାରୁ ୭୭୫ ବରିଷ୍ଠ ନାଗରିକ



ବାଲେଶ୍ୱର, ୬।୧୧(ସମିସ): ରାଜ୍ୟ ପର୍ଯ୍ୟଟନ ବିଭାଗ ଦ୍ୱାରା ବରିଷ୍ଠ ନାଗରିକଙ୍କ ଆକାଂକ୍ଷା ପୂରଣ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକାରୀ ହୋଇଆସୁଛି। ଏହି ଯୋଜନା ଅଧୀନରେ ୬୦ରୁ ୭୫ବର୍ଷ ବୟସ ନାଗରିକମାନଙ୍କୁ ଯାତ୍ରା ପାଇଁ ଚୟନ କରାଯାଇଥାଏ। ଏହି କ୍ରମରେ ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରାୟ ୮ହଜାର ବରିଷ୍ଠ ନାଗରିକ ଅଯୋଧ୍ୟା, ବାରାଣସୀ, ଉଜ୍ଜୟନୀ, ଓମକାରେଶ୍ୱର, ରାମେଶ୍ୱରମ ଓ ମଦୁରାଇ ଭଳି ତୀର୍ଥ ସ୍ଥାନ ଗୁଡିକ ଯାତ୍ରା କରିବେ। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଏବଂ କେନ୍ଦୁଝର ଜିଲ୍ଲାରୁ ମୋଟ ୭୭୫ଜଣ ବରିଷ୍ଠ ନାଗରିକ ଯାଉଥିବାବେଳେ ସେମାନଙ୍କ ସାଙ୍ଗରେ ୨୫ଜଣ ଅଧିକାରୀମାନେ ମଧ୍ୟ ଯାତ୍ରା କରୁଛନ୍ତି। ତେବେ ମୋଟାମୋଟି ଭାବେ ମୋଟ ୮ଶହ ଜଣ ଯାତ୍ରା କରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଚଳିତ ବର୍ଷ ବାଲେଶ୍ୱର ଜିଲ୍ଲାରୁ ୧୮୦ଜଣ ଯାତ୍ରୀଙ୍କ ସହ ୬ଜଣ ଅଧିକାରୀ ଯାତ୍ରା କରୁଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧୧୭ଜଣ ଯାତ୍ରୀଙ୍କ ସହ ୪ଜଣ ଅଧିକାରୀ, ମୟୂରଭଞ୍ଜ ଜିଲ୍ଲାରୁ ୧୯୬ଜଣ ଯାତ୍ରୀଙ୍କ ସହ ୬ଜଣ ଅଧିକାରୀ, ଯାଜପୁର ଜିଲ୍ଲାରୁ ୧୪୨ଜଣ ଯାତ୍ରୀଙ୍କ ସହ ୫ଜଣ ଅଧିକାରୀ ଏବଂ କେନ୍ଦୁଝର ଜିଲ୍ଲାରୁ ୧୪୦ଜଣ ଯାତ୍ରୀଙ୍କ ସହ ୪ଜଣ ଅଧିକାରୀ ଯାତ୍ରା କରୁଛନ୍ତି। ଏହିଯାତ୍ରୀମାନେ ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଏହି ସବୁ ତୀର୍ଥସ୍ଥାନ ଯାତ୍ରା କରିବା ସହ ସେମାନଙ୍କର ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ପରୀକ୍ଷାର ସୁବିଧା ମଧ୍ୟ କରାଯାଇଛି। ଯାତ୍ରା ସମୟରେ ରେଳବିଭାଗ ପକ୍ଷରୁ ଭୋଜନ, ରହଣି ଏବଂ ଯାତ୍ରା ବ୍ୟବସ୍ଥା କରାଯାଇଛି। ଏହାବ୍ୟତିତ ରେଳ ବିଭାଗ ପକ୍ଷରୁ ସେମାନଙ୍କ ପାଇଁ ରାତି ପହରା, ଗାଇଡ, ଯାତ୍ରା ବୀମା ଏବଂ ଚିକିତ୍ସା ସୁବିଧା ମଧ୍ୟ କରାଯାଇଛି। ଯାତ୍ରା କରିବାକୁ ଥିବା ଏହି ଯାତ୍ରୀମାନେ ଆଜି ବାଲେଶ୍ୱରରେ ପହଁଚିଛନ୍ତି ଏବଂ ସେମାନଙ୍କୁ ପଦ୍ମାବତୀ ୱାଟର ପାର୍କଠାରେ ରଖାଯାଇଛି। ଆସନ୍ତାକାଲି (ଶୁକ୍ରବାର) ସେମାନେ ଯାତ୍ରା କରିବେ ବୋଲି ଜଣାଯାଇଛି। ସୂଚନା ଯୋଗ୍ୟ ଯେ, ୨୦୨୪-୨୫ ଆର୍ଥିକ ବର୍ଷରେ ୭୯୬୭ଜଣ ବରିଷ୍ଠ ନାଗରିକ ୧୦ଟି ପର୍ଯ୍ୟାୟରେ ଶିରିଡି, ନାଶିକ, ଦକ୍ଷିଣେଶ୍ୱର କାଳୀ, କାମାକ୍ଷା, ଅଯୋଧ୍ୟା ଓ ବାରାଣାସୀ ଆଦି ଯାତ୍ରା କରିଥିଲେ।

# ଜୁଡିସିଆଲ୍ ହବ୍ ନିର୍ମାଣରେ ବିଳମ୍ବ

ବାଲେଶ୍ୱର, ୬।୧୧(ସମିସ)




- ଫଳକ ଲାଗିଛି; ଆରମ୍ଭ ହେଉନି ନିର୍ମାଣ କାର୍ଯ୍ୟ
- ଉଦବେଗ ପ୍ରକାଶ କଲା ସିଭିଲ୍ ସୋସାଇଟି

ପ୍ରସ୍ତାବିତ 'ଜୁଡ଼ିସିଆଲ୍ ହବ୍' ନିର୍ମାଣରେ ବିଳମ୍ବ ହେବାରେ ଲାଗିଛି। ଏଥିନେଇ ସିଭିଲ୍ ସୋସାଇଟି ପକ୍ଷରୁ ଆୟୋଜିତ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ତଥା ଆଇନଜୀବ ମନୋଜ ନାୟକ ଆଲୋଚନାର ବିବରଣୀ ଆଗତ କରି ଜୁଡ଼ିସିଆଲ୍ ହବ୍ ନିର୍ମାଣ କାର୍ଯ୍ୟ ବିଳମ୍ବ ପାଇଁ କେତେକ କାରଣ ଉପସ୍ଥାପିତ କରିଥିଲେ। ବୈଠକରେ ବିଶଦ ଆଲୋଚନା ପରେ ତତ୍‌କାଳୀନ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଟି ରୋଡ୍ ପାର୍ଶ୍ୱରେ ଥିବା ଜଳସେଚନ ବିଭାଗ ସ୍ଥାନରେ ଜୁଡ଼ିସିଆଲ୍ ହବ୍ ନିର୍ମାଣ ପାଇଁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟ ସରକାର ଓ ବିଚାର ବିଭାଗର ସମନ୍ୱୟ ଚିହ୍ନଟ, ପ୍ଲାନ୍ ଡିଜାଇନ୍ ଓ ଅଟକଳ ମଞ୍ଜୁରୀ ପରେ ଭୂମିପୂଜନ କାର୍ଯ୍ୟ ମଧ୍ୟ ବରିଷ୍ଠ ଅତିଥିମାନଙ୍କ ଦ୍ୱାରା ସମାପନ ହୋଇ ଫଳକ ଲଗାଯାଇଛି। କିନ୍ତୁ ଦୀର୍ଘଦିନ ଧରି ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେବା ଘଟଣା ଉପସ୍ଥିତ ସଭ୍ୟମାନଙ୍କୁ ବିସ୍ମିତ କରିଛି। ସିଭିଲ୍ ସୋସାଇଟି ପକ୍ଷରୁ ଜିଲ୍ଲାପାଳଙ୍କୁ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ନିମନ୍ତେ ଦାବିପତ୍ର ଦିଆଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ବାଲେଶ୍ୱର ଆଇନ୍ ମହାବିଦ୍ୟାଳୟର ପୂର୍ବରୁ ଥିବା ପରିଚାଳନା କମିଟି ବିରୋଧରେ ସିଭିଲ୍ ସୋସାଇଟି ଓ ଅନ୍ୟ କେତେକ ସଂଗଠନ ବହୁ ବେଆଇନ କାର୍ଯ୍ୟର ଅଭିଯୋଗ ଆଣିବା ପରେ ଏହି କମିଟିକୁ ଭାଙ୍ଗି ଦିଆଯାଇଛି। କିନ୍ତୁ ଆର୍ଥିକ ଅନିୟମିତତାର ସଠିକ୍ ତଦନ୍ତ କରାଯାଇନାହିଁ। ତେଣୁ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବର୍ତ୍ତମାନ ମହାବିଦ୍ୟାଳୟ ପରିଚାଳନା ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଯୋଗ୍ୟ ଓ ଅଭିଜ୍ଞ ବ୍ୟକ୍ତିଙ୍କୁ ନେଇ ନୂତନ ପରିଚାଳନା କମିଟି ଗଠନ ପାଇଁ ସିଭିଲ୍ ସୋସାଇଟି ପକ୍ଷରୁ ଅନୁରୋଧ କରାଯିବ। ସିଭିଲ୍ ସୋସାଇଟିର ଆସନ୍ତା ବାର୍ଷିକ ସମ୍ମିଳନୀ ୨୦୨୬ ଜାନୁଆରୀରେ ଅନୁଷ୍ଠିତ ହେବ ଓ ଏଥିପୂର୍ବରୁ ସଭ୍ୟ ସଂଗ୍ରହ ଅଭିଯାନ ତ୍ୱରାନ୍ୱିତ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁଁ ଗ୍ରାମାଞ୍ଚଳରେ ଥିବା କରତକଳ ଗୁଡ଼ିକ ବନ୍ଦ ହୋଇଯାଇଛି। ଫଳରେ ହଜାର ହଜାର ଶ୍ରମିକ ଓ କାଠଶିଳ୍ପୀ ନିଜର ରୋଜଗାର ହରାଇଛନ୍ତି ଏବଂ ଗ୍ରାମାଞ୍ଚଳର ଜନସାଧାରଣ ନିଜ ବାଡ଼ିରୁ ମଧ୍ୟ ପରିପକ୍ୱ ଗଛ କାଟିପାରୁନାହାନ୍ତି। ତେଣୁ ରାଜ୍ୟ ସରକାର ଲଗାଇଥିବା କଟକଣାକୁ ସରଳୀକରଣ କରିବାକୁ ବୈଠକରେ ଅନୁରୋଧ କରାଯାଇଛି। ଏହି ବୈଠକରେ ସିଭିଲ୍ ସୋସାଇଟି ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ଉପସଭାପତି ବିପ୍ଳବ କୁମାର ମହାନ୍ତି, କୋଷାଧ୍ୟକ୍ଷ ସନ୍ତୋଷ ସାହୁଙ୍କ ସମେତ ମଳୟ ରାୟ, କମଳାକାନ୍ତ ବେହେରା, ସାଧୁଚରଣ ମଲ୍ଲିକ, ରମେଶ ଚନ୍ଦ୍ର ଜେନା, ମହମ୍ମଦ ଇସ୍‌ଲାମ୍, ଲକ୍ଷ୍ମୀନାରାୟଣ ଘୋଷ, ବେଣୁଧର ସାହୁ, ସେକ୍ ସଫିକ୍ ମହମ୍ମଦ, ଶରତ ଦଳାଇ, ପ୍ରବୋଧ ପରିଡ଼ା, ପ୍ରଶାନ୍ତ ପାଢ଼ୀ ଓ ଭରତ ଚନ୍ଦ୍ର ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶ୍ୟାମସୁନ୍ଦର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ୱାଇଡବ୍ଲ୍ୟୁସିଏ ପକ୍ଷରୁ ସ୍ୱଚ୍ଛତା ପାଇଁ ଡଷ୍ଟବିନ ପ୍ରଦାନ




ବାଲେଶ୍ୱର, ୬।୧୧(ସମିସ): ୱାଇଡବ୍ଲ୍ୟୁସିଏ ବାଲେଶ୍ୱର ଶାଖା ଆନୁକୂଲ୍ୟରେ ବାଲେଶ୍ୱର ସହରରେ ସ୍ୱଚ୍ଛତା ପାଇଁ ଡଷ୍ଟବିନ ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଟେକନିକାଲ ସ୍କୁଲରେ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ ଉଦଘାଟନ କରି ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ୱାଇଡବ୍ଲ୍ୟୁସିଏ ପକ୍ଷରୁ ୪ଟି ରଙ୍ଗର ଡଷ୍ଟବିନ ସହରର ଟେକନିକାଲ ସ୍କୁଲ ଫାଟକ ସମ୍ମୁଖ, ଭାସ୍କରଗଞ୍ଜ ଛକ, ସିନେମା ଛକ, ଏଡିଏମ ଛକ, ଅରଡବଜାର ଆଦି ବହୁ ସ୍ଥାନ ସମେତ କିଛି ଡାକ୍ତରଖାନା ସମ୍ମୁଖରେ ରଖାଯାଇଛି। ଏହି କାର୍ଯ୍ୟକ୍ରମରେ ୱାଇଡବ୍ଲ୍ୟୁସିଏର ବାଲେଶ୍ୱର ସଭ୍ୟା ଉଷା ବିଶ୍ୱାସ, ଜୟନ୍ତୀ ନାୟକ, ଭାଷା ବିଶ୍ୱାସ, ପ୍ରଣତି ମଣ୍ଡଳ, ରୁମା ମଣ୍ଡଳ, ସୁଜାତା ଦାସ, ସୁରସ୍ମିତା ଦାସ, ସମର୍ପିତା ନାୟକ, ଶାଳିନୀ ନାୟକ, ଗ୍ରେସି ନାୟକ, ଅର୍ଚ୍ଚନା ଦାସ, ମୌସୁମୀ ଦାସ, ଆୟୁଷି ଆଞ୍ଜେଲିନା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୧୯ରୁ ବାଲେଶ୍ୱର ଲୋକ ମହୋତ୍ସବ

ବାଲେଶ୍ୱର, ୬।୧୧ (ସମିସ): ବାଲେଶ୍ୱର ଲୋକ ମହୋତ୍ସବ ପକ୍ଷରୁ ଦ୍ୱିତୀୟ ବର୍ଷ ହେବାକୁ ଥିବା ମହୋତ୍ସବ ଉପଲକ୍ଷେ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଅସିତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ, ଆସନ୍ତା ୧୯ ତାରିଖ ଠାରୁ ୨୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବାଲେଶ୍ୱର ଲୋକ ମହୋତ୍ସବ ସ୍ଥାନୀୟ ଆଇଟିଆଇ ପଡ଼ିଆଠାରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଏହି ମହୋତ୍ସବରେ ୩ଶହରୁ ଅଧିକ ଷ୍ଟଲ ଦେଶ ଓ ବିଦେଶରୁ ଆସିବେ ବୋଲି ମଧ୍ୟ ସୂଚନା ଦିଆଯାଇଛି। ସମସ୍ତ ଷ୍ଟଲ ଗୁଡିକର ବୁକିଂ ହୋଇସାରିଥିବା ବେଳେ ଓଡ଼ିଶାର ବହୁ କଳାକାର ଯୋଗଦେବେ। ଏହାଛଡା ବହୁ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ। ଏହି ୧୦ଦିନରେ କଳାକାର ଅସୀମା ପଣ୍ଡା, ଶକ୍ତି ମିଶ୍ର, ବିଷ୍ଣୁମୋହନ କବି, ପ୍ରଜ୍ଞା ହୋତା, ଏସ ଜିତୁ, ଶଶାଙ୍କ ଶେଖର, ଦେବବେଶ ପତି ପ୍ରମୁଖ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ମହୋତ୍ସବ କମିଟି ପକ୍ଷରୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ଶ୍ରୀମାନ ଶ୍ରୀଚନ୍ଦନ, ଉପସଭାପତି ସୌଭାଗ୍ୟ ମାନସ ନାୟକ, ସାଧାରଣ ସମ୍ପାଦକ ସଞ୍ଜୟ ସାମନ୍ତ, ସମ୍ପାଦକ ସତ୍ୟ ପ୍ରକାଶ ପତି, ହେମନ୍ତ ମହାନ୍ତି, ତାପସ କୁମାର ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ପଟ୍ଟନାୟକ, କୋଷାଧ୍ୟକ୍ଷ ନିଶିତ ବାରିକ, ଆଡଭାଇଜର ବିପ୍ଳବ ମହାନ୍ତି ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



# ରାହାସ ପୂର୍ଣ୍ଣିମାରେ ନାମ ସଂକୀର୍ତ୍ତନ

ବାଲେଶ୍ୱର, ୬।୧୧(ସମିସ): ସଦର ବ୍ଲକ ଅର୍ନ୍ତଗତ ହଳଦୀପଦା ପଞ୍ଚାୟତ ଖଣ୍ଡାହାର ଗ୍ରାମରେ ଥିବା କଣ୍ଟେଶ୍ୱର ମନ୍ଦିରରେ ପବିତ୍ର ରାହାସ ପୂର୍ଣ୍ଣିମା ଉପଲକ୍ଷେ ପଞ୍ଚଦିବସୀୟ ପଞ୍ଚୁକ ବ୍ରତ ଏବଂ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଶେଷ ଦିନରେ ପ୍ରାୟ ତିନି ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବିଗତ ୧୫ବର୍ଷ ହେବ ପାଳିତ ହୋଇଆସୁଛି।

# ଶ୍ରୀସାଇ ସତ୍‌ଚରିତ ସମୂହ ପାରାୟଣ

ବାଲେଶ୍ୱର, ୬।୧୧(ସମିସ): ଶ୍ରଦ୍ଧା ସବୁରୀ ଟ୍ରଷ୍ଟ ଆନୁକୂଲ୍ୟରେ ଚତୁର୍ଥ ବାର୍ଷିକ ଶ୍ରୀ ସାଇ ସତ୍‌ଚରିତ ସମୂହ ପାରାୟଣ ଫକୀରଗୋଲେଇ ନିକଟସ୍ଥ ସାଇଦୁର୍ଗା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାରାୟଣର ଶେଷ ଦିବସରେ ପାରାୟଣ ପଠନ, ଯଜ୍ଞ, ଭଣ୍ଡାରା ସହିତ ଦଧି ହାଣ୍ଡି ଭଙ୍ଗା ଏବଂ ପାଲିଙ୍କି ଯାତ୍ରା ଅନୁଷ୍ଠିତ ହୋଇଥିଲା। ସମସ୍ତ ପୂଜା ବିଧି କାଳୀ ନନାଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଅନ୍ୟାନ୍ୟ ସଦସ୍ୟ ପୂଜକ କାଳୀନ ସମ୍ପାଦକ ପ୍ରଶାନ୍ତ କୁମାର ପଟେଲ, ଉପ ସଭାପତି ଚନ୍ଦନ ଶିବରାମ କୃଷ୍ଣ ପଣ୍ଡା, କୋଷାଧ୍ୟକ୍ଷ ଅଶୋକ କୁମାର୍ ପରିଡ଼ା ଏବଂ ସମସ୍ତ ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡାକ୍ତର ପ୍ରତାପଚନ୍ଦ୍ର ସାମଲଙ୍କ ଉଦ୍ଦେଶ୍ୟରେ ମହମବତୀ ଶୋଭାଯାତ୍ରା

ବାଲେଶ୍ୱର, ୬।୧୧(ସମିସ): ସଦର ବ୍ଲକ ଅର୍ନ୍ତଗତ ରାଇସୁଆଁ ପଞ୍ଚାୟତର ବରିଷ୍ଠ ଡାକ୍ତର ପ୍ରତାପଚନ୍ଦ୍ର ସାମଲଙ୍କ ସ୍ମୃତିରେ ଏକ ଶୋକସଭା ସହ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଡାକ୍ତର ସାମଲ ପାଖାପାଖି ୧୫ଟି ପଞ୍ଚାୟତର ଲୋକମାନଙ୍କର ସେବା କରୁଥିଲେ। ତାଙ୍କରି ସ୍ମୃତି ଉଦ୍ଦେଶ୍ୟରେ ପ୍ରଗତି ମଞ୍ଚ ପକ୍ଷରୁ ରାଇସୁଆଁ ଦୁର୍ଗାମଣ୍ଡପ ଏବଂ ହଳଦୀପଦା ବଜାରରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହାପରେ ଏକ ମହମବତୀ ଶୋଭାଯାତ୍ରା ହଳଦୀପଦା ଷ୍ଟେସନରୁ ବାହାରି ହଳଦୀପଦା ବଜାର ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭାଯାତ୍ରାରେ ପ୍ରଗତି ମଞ୍ଚ, ଅଗ୍ରୱାଲା ବିଦ୍ୟାପୀଠର ହୀରକ ଜୟନ୍ତୀ କମିଟି, ରାଇସୁଆଁ ଦୁର୍ଗାପୂଜା କମିଟି, ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ, ନେତାଜୀ ୟୁଥ କ୍ଲବ, ହଳଦୀପଦା ମହୋତ୍ସବ କମିଟିର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ସୁନହଟ ବୋଇତ ବନ୍ଦାଣ ଉତ୍ସବ

ବାଲେଶ୍ୱର, ୬।୧୧(ସମିସ): ସୁନହଟ ବୋଇତ ବନ୍ଦାଣ ଉତ୍ସବ କମିଟି ପକ୍ଷରୁ ୬୬ ତମ ସୁନହଟ ବୋଇତ ବନ୍ଦାଣ ଉତ୍ସବ ଚନ୍ଦନ ମହଲଠାରେ ଉଦଘାଟିତ ହୋଇଯାଇଛି। ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍କୃତିର ପ୍ରତିଫଳନ ଓ ପରମ୍ପରାର ଦାୟିତ୍ୱବୋଧତା ଏକ ସମୃଦ୍ଧ ଜାତିର ସନ୍ତକ ବୋଲି ମତପ୍ରକାଶ କରିଥିଲେ। ପୂର୍ବତନ କାଉନସିଲର ସନତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରାଚୀନ ଉତ୍କଳର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବାରେ ସୁନହଟ ବୋଇତ ବନ୍ଦାଣ ଉତ୍ସବ କମିଟିର ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି କହିଥିଲେ। ଏହି ଅବସରରେ ପ୍ରତିରକ୍ଷା ବିଭାଗର ଅବସରପ୍ରାପ୍ତ କର୍ମଚାରୀ ତଥା ବିଶିଷ୍ଟ ଚିତ୍ରଶିଳ୍ପୀ ନବ କୁମାର ବାରିକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଉତ୍ସବ କମିଟି ସଭାପତି ଡାକ୍ତର ଶାନ୍ତନୁ କୁମାର ଦାସ ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ଗୌତମ ଦାସ ବିବରଣୀ ପାଠ କରିଥିଲେ। ଉପସଭାପତି ସାହିରୁଲ ହକ ସ୍ୱାଗତ ଭାଷଣ ଦେଇଥିବାବେଳେ ଅନ୍ୟତମ ଉପସଭାପତି ବୈଜ୍ଞାନିକ ଅରୁଣ କୁମାର ରାୟ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ବୀରେଶ୍ୱର ଦାସ, ସୁଷମ ଦାସ, ନିହାର ରଞ୍ଜନ ରାଉତ, କାର୍ତ୍ତିକ ଚନ୍ଦ୍ର ବଳ, ଭାସ୍କର ଦାସ, ସନ୍ଦୀପ ଦେ, ଅଜୟ ବେହେରା, ତାପସ ସାହୁ, ଉଦୟ ଦାସ, ସୁଶାନ୍ତ ଦାସଙ୍କ ସମେତ କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# 'ଆ-କା-ମା-ବୈ'ର ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଯାପିତ

ବାଲେଶ୍ୱର, ୬।୧୧(ସମିସ): ଭୋଇସାହିସ୍ଥିତ ଆ-କା-ମା-ବୈ ଅନୁଷ୍ଠାନ ପକ୍ଷରୁ ବାର୍ଷିକ ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଦୁଇଦିନିଆ ଉତ୍ସବର ଶେଷ ସନ୍ଧ୍ୟାରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ପ୍ରାଚୀନ ଉତ୍କଳ ନୌବାଣିଜ୍ୟ ପରମ୍ପରାର ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ସାହୁ, ଶିକ୍ଷାବିତ୍ ଡ. ପଙ୍କଜ ଜେନା ଓ ସୁଧାଂଶୁ ପଣ୍ଡା, ଯୁବନେତା ବିକ୍ରମ ପଣ୍ଡା, ଯୁବଦ୍ୟୋଗୀ ଦେବଜ୍ୟୋତି ଦାସ ମହାପାତ୍ର, ସହକାରୀ ଜିଲ୍ଲାପାଳ ସିତାଂଶୁ ଶେଖର ଦାସ, କମଳ ଲୋଚନ ଆଚାର୍ଯ୍ୟ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍କଳର ପୂର୍ବସୁରୀଙ୍କ ଦୁଃସାହସିକ ପୂର୍ଣ୍ଣ ଜଳଯାତ୍ରା ସମ୍ପର୍କରେ ବର୍ଣ୍ଣନା ସହିତ ପ୍ରାଚୀନ ଉତ୍କଳର ଗୌରବମୟ ଇତିହାସର ସ୍ମୃତିରକ୍ଷା ପାଇଁ ଆ କା ମା ବୈ ବୋଇତ ବନ୍ଦାଣ ଉତ୍ସବ କମିଟିର ପ୍ରୟସାକୁ ଭୂୟସୀ ପ୍ରଶଂସା କରିଥିଲେ। ଅନୁଷ୍ଠାନର ସଭାପତି ଅଭିଜିତ ପଣ୍ଡା କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିବା ସହିତ ସ୍ୱାଗତ ଅଭିଭାଷଣ ଏବଂ କାର୍ଯ୍ୟକ୍ରମ ଅଭିମୁଖ୍ୟ ସମ୍ପର୍କରେ ସୁଚନା ଦେଇଥିଲେ। ସମ୍ପାଦକ ବିକାଶ କୁମାର ପାଢ଼ୀ ଏଥିରେ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଶିକ୍ଷକ ମୂରଲୀଧର ନାୟକ ଏଥିରେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। କାଉନସିଲର ସଞ୍ଜୀବ ଦାସ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତି ଓଏଏସ ଭୋଇସାହି କରଞ୍ଜିଆ ଅଞ୍ଚଳର ରାକ୍ଷୀ ବିଶ୍ୱାଳ, ସମାଜସେବୀ ପ୍ରମୋଦ କୁମାର ଦାସ ଓ ସୁବ୍ରତ କୁମାର ରଥ, କଳାକାର ମନ୍ମୟ ଦେ, କୁନି ନୃତ୍ୟଶିଳ୍ପୀ ସୁହାନି ସାଇ ଜେନା, ମଡେଲ ଆକୃତି ମଲ୍ଲିକ, ସ୍ୱଚ୍ଛ ସାଥୀ ସୁଚିସ୍ମିତ ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପରେ ପ୍ରଖ୍ୟାତ ହାସ୍ୟ ଅଭିନେତା ହରି ଭାଇଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଭୋଇସାହି ସମେତ ଆଖପାଖ ଅଞ୍ଚଳର ବହୁ ଦର୍ଶକ ଭିଡ଼ ଲଗାଇଥିଲେ।




# ଭିନ୍ନକ୍ଷମ ପିଲାଙ୍କୁ ଖାଦ୍ୟ ବଣ୍ଟନ




ବାଲେଶ୍ୱର, ୬।୧୧(ସମିସ): ସମାଜସେବୀ ସପନ କୁମାର ରାଉତଙ୍କ ପକ୍ଷରୁ ଆଜି ମିଶନ ଫିଲଡ ମଧ୍ୟରେ ଅବସ୍ଥିତ ଥିବା ଅନ୍ଧ, ମୁକ ଓ ବଧୀର ସ୍କୁଲର ପିଲାମାନଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ଯେହେତୁ ଭିନ୍ନକ୍ଷମ ପିଲାମାନେ ଦୂରଦୂରାନ୍ତରୁ ସେମାନଙ୍କର ପରିବାରକୁ ଛାଡି ସ୍କୁଲରେ ରହି ପାଠ ପଢୁଛନ୍ତି ସେମାନଙ୍କ ମନରେ ଟିକେ ଖୁସି ପ୍ରଦାନ କରିବା ପାଇଁ ସେ ଏଭଳି କାର୍ଯ୍ୟକ୍ରମ କରିଛନ୍ତି। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବ୍ୟାସକବି ନଗରରେ ମୁରୁଜ ପ୍ରତିଯୋଗିତା



ବାଲେଶ୍ୱର, ୬।୧୧(ସମିସ): ପବିତ୍ର ରାସପୂର୍ଣ୍ଣିମା ମହୋତ୍ସବ ଅବସରରେ ସହଦେବଖୁଣ୍ଟା ସ୍ଥିତ ବ୍ୟାସକବିନଗର (ଚାନ୍ଦମାରିପଡ଼ିଆ) ଶିବମନ୍ଦିର ପରିସରରେ ମହିଳା ଓ କିଶୋରୀମାନଙ୍କ ମଧ୍ୟରେ ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଳ୍ପୀ କେଶୁ ଦାସ, ଅନିତା ସାବତ ଓ ଅର୍ଚ୍ଚନା ନନ୍ଦୀ ମୂଲ୍ୟାୟନ କରିଥିଲେ। ରଜତ କୁମାର ପରିଡ଼ା ଓ ଇଂ ଡମ୍ବରୁଧର ପ୍ରଧାନ ପ୍ରତିଯୋଗିତା ପରିଚାଳନା କରିଥିଲେ। ବରିଷ୍ଠ ଓ କନିଷ୍ଠ ଦୁଇଟି ଗ୍ରୁପରେ ୬ଜଣ ପ୍ରତିଯୋଗୀଙ୍କୁ ଆସନ୍ତା ୨୦୨୬ ଜାନୁଆରୀ ୧୪ରେ ବ୍ୟାସକବିଙ୍କ ଜୟନ୍ତୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ବ୍ୟାସକବି ନଗର ବିକାଶ ପରିଷଦ ପକ୍ଷରୁ ଘୋଷଣା କରାଯାଇଛି।

## ପ୍ରଭାତୀ ପରିଡ଼ାଙ୍କ ଦିନିକିଆ ବାଲେଶ୍ୱର ଗସ୍ତ

# ବିଭିନ୍ନ ଯୋଜନାର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

ବାଲେଶ୍ୱର, ୬।୧୧(ସମିସ)




ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଦିନିକିଆ ବାଲେଶ୍ୱର ଗସ୍ତରେ ଆସି ଜିଲ୍ଲା ପ୍ରଶାସନ ସହ ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ସୁଭଦ୍ରା ଶକ୍ତି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଭାଗ ସମ୍ପର୍କିତ କାର୍ଯ୍ୟ ଉପରେ ସମୀକ୍ଷା କରାଯିବା ସହ ଆଙ୍ଗନବାଡି କେନ୍ଦ୍ରଗୁଡିକର ନିର୍ମାଣ ସମାପ୍ତି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହାଛଡା ପର୍ଯ୍ୟଟନ, ଆରଡି, ଜଳସମ୍ପଦ ବିଭାଗ ଆଦି ବିଭିନ୍ନ ବିଭାଗର ଯେଉଁ ପ୍ରକଳ୍ପମାନ କାର୍ଯ୍ୟକାରୀ କରାଯିବା ପାଇଁ ଡିପିଆର ପ୍ରସ୍ତୁତ ହୋଇଛି ତା ଉପରେ ସମୀକ୍ଷା କରାଯାଇଥିଲା। ଏହାଛଡା ଜିଲ୍ଲାର ପର୍ଯ୍ୟଟନ ବିଭାଗର ସମୀକ୍ଷା କରି ବାଲେଶ୍ୱରକୁ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବରେ ଉନ୍ନତ କରିବା ଦିଗ ଉପରେ ଆଲୋଚନା ମଧ୍ୟ କରିଥିଲେ। ବିଶେଷ କରି ଭୁଷଣ୍ଡେଶ୍ୱର ମନ୍ଦିର, ଇଞ୍ଚୁଡ଼ି ଓ ଅନ୍ୟ ଦେବସ୍ଥଳୀ ସହ ଡଗରା, କଷାଫଳ ଓ ଚାନ୍ଦିପୁର ଆଦି ସମୁଦ୍ରତଟ ଉନ୍ନୟନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିବା ସହ ସମୟୋପଯୋଗୀ ଭାବରେ ପ୍ରକଳ୍ପ ସମ୍ପନ୍ନ କରିବା ପାଇଁ ବିଭାଗ ମଧ୍ୟରେ ସମନ୍ୱୟ ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଏହାସହିତ ଯେଉଁ ସବୁ ସୁଭଦ୍ରା ହିତାଧିକାରୀ ଯୋଜନାର ଲାଭ ପାଇନାହାନ୍ତି, ତାହାର କାରଣ ଖୋଜି ବିଳମ୍ବ ହେଉଥିବା ଲାଭାର୍ଥୀମାନଙ୍କୁ ତତ୍‌କ୍ଷଣାତ ସୁବିଧା ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ଯଶୋଦା ଯୋଜନା ଅଧୀନରେ ଉପମୁଖ୍ୟମନ୍ତ୍ରୀ ବାଲେଶ୍ୱର ଜିଲ୍ଲାର ପାଞ୍ଚଜଣ ଯୋଗ୍ୟ ଶିଶୁ ଅନିମା ମୁର୍ମୁ, ଗୀତାଞ୍ଜଳି ମୁର୍ମୁଙ୍କୁ (ଟେକନିକାଲ ଏବଂ ଭୋକେସନାଲ ଶ୍ରେଣୀରେ ସହାୟତା), ଗାୟତ୍ରୀ ପାତ୍ରଙ୍କୁ ଯଶୋଦା ଯୋଜନା ଅଧୀନରେ (ମେରିଟୋରିୟସ ଛାତ୍ରୀ ଭାବେ ସହାୟତା), ମୀରା ସିଂହଙ୍କୁ ସୁକନ୍ୟା ସମୃଦ୍ଧି ଯୋଜନା ଅଧୀନରେ (ଯଶୋଦା ଯୋଜନା ସୁବିଧାରେ ଅନ୍ତର୍ଭୁକ୍ତ) ଏବଂ କଞ୍ଚନ ସିଂହଙ୍କୁ ସୁକନ୍ୟା ସମୃଦ୍ଧି ଯୋଜନା ଅଧୀନରେ (ଯଶୋଦା ଯୋଜନା ସୁବିଧାରେ ଅନ୍ତର୍ଭୁକ୍ତ) ଆଦି ଯୋଜନାରେ ଚେକ ପ୍ରଦାନ କରିଥିଲେ। ଏହି ସମୀକ୍ଷା ବୈଠକରେ ବସ୍ତା ବିଧାୟିକା ସୁବାସିନୀ ଜେନା, ଜଳେଶ୍ୱର ବିଧାୟକ ଅଶ୍ୱନୀ ପାତ୍ର, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବସ୍ତା ବିଧାୟିକା ବିଭିନ୍ନ ପ୍ରସଙ୍ଗ ନେଇ ଉପମୁଖ୍ୟମନ୍ତ୍ରୀଙ୍କ ଠାରେ ଦାବି ଉପସ୍ଥାପନ କରିଥିଲେ। ସେ ଡଗରା ବେଳାଭୂମିର ବିକାଶ ଏବଂ ସେଠାରେ ଇକୋ ଟୁରିଜିମ ପାଇଁ ସୁବିଧା ପ୍ରଦାନ କରିବା ସହ ଯମୁନାଶୂଳ ବେଳାଭୂମିକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପ୍ରଦାନ ପାଇଁ ଜିଲ୍ଲା ପର୍ଯ୍ୟଟନ ବିଭାଗ ଓ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଏହାଛଡା ଜିଲ୍ଲାର ବିଭିନ୍ନ ସମୟରେ ନବଜାତ ଶିଶୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର ହେଉଛନ୍ତି ତେଣୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଫକୀରମୋହନ ମେଡିକାଲ କଲେଜ ଠାରେ ଦୁଇଟି ବେବି କ୍ରାଡଲ ପଏଣ୍ଟ ସ୍ଥାପନ କରିବା ସହ ବାଲେଶ୍ୱରଠାରେ ଆଉ ଗୋଟିଏ ସୁଧାର ଗୃହ ସ୍ଥାପନ କରିବା ପାଇଁ ଦାବି ଉପସ୍ଥାପନ କରିଛନ୍ତି। ସେହିପରି ଷୋଳାଶା ପାଣ୍ଡିରୁ ଜଳ ନିଷ୍କାସନ ଏବଂ ବସ୍ତା ଓ ବାଲିଆପାଳ ବ୍ଲକରେ ବିଭିନ୍ନ ସମସ୍ୟା ଓ ସମାଧାନ ବାବଦରେ ଦାବି କରିବା ସହ ଆଲୋଚନା କରିଥିଲେ।

# ବେଆଇନ କ୍ଲିନିକ୍ ଉପରେ ଚଢ଼ଉ

ଗୁଣୁପୁର, ୬।୧୧(ସମିସ): ବେଆଇନ କ୍ଲିନିକ୍, ପାଥୋଲୋଜି ଓ ଔଷଧ ଦୋକାନ ଗୁଡିକ ଉପରେ ଗୁଣୁପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ ଅତର୍କିତ ଭାବେ ଚଢ଼ଉ କରିଛନ୍ତି। ବିଭିନ୍ନ ସମୟରେ ଗୁଣପୁର ଜନସାଧରଙ୍କ ଅଭିଯୋଗ ଆସିବା ପରେ ଆଜି ହଠାତ ଗୁଣପୁର ସହରର ବିଭିନ୍ନ କ୍ଲିନିକ, ପାଥୋଲ୍ୟାବରେ ପୁଲିସ୍ ସହାୟତାରେ ଚଢ଼ଉ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୟାସ୍ଥ୍ୟ ଅଧିକାରୀ, ରାୟଗଡ଼ଙ୍କୁ ତୁରନ୍ତ ଏକ ବୈଷୟିକ ଦଳ ପଠାଇ ସମସ୍ତ କାଗଜପତ୍ର ଯାଞ୍ଚ କରିବା ନିମନ୍ତେ ଉପ ଜିଲ୍ଲାପାଳ ଚିଠି ମଧ କରିଛନ୍ତି। ପୁରୁଣା ଗୁଣୁପୁର, ବାଇପାସ ରୋଡ଼, ପୁରୁଣା ବସ୍‌ଷ୍ଟାଣ୍ଡ, ବାଳିକା ଉଚ୍ଚ ବିଦ୍ୟାଳୟ ଛକ ଆଦି ଠାରେ ଥିବା ଏମ୍ ଏମ୍ ମେଡିକସ କ୍ଲିନିକ୍ , ଅମୂଲ୍ୟ ଭାରତ, ଜଶେଫ ଶବର, ଅନନ୍ତ ଦାସ, ଆମ୍ମା କ୍ଲିନିକ, ରାଧିକା ଡକ୍ଟର ଚାମ୍ବର ଭଳି ବିଭିନ୍ନ କ୍ଲିନିକ, ପାଥୋଲ୍ୟାବ ଉପରେ ଚଢ଼ଉ ହୋଇଥିଲା। କିଛି କ୍ଲିନିକରେ ରୋଗୀ ଥିବା ଦେଖି ସେମାନଙ୍କୁ ତୁରନ୍ତ ଗୁଣପୁର ସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରିବା ନିମନ୍ତେ ଉପଖଣ୍ଡ ଚିକିତ୍ସା ତଥା ଜନସ୍ୟାସ୍ଥ୍ୟ ଅଧିକାରୀଙ୍କୁ ଉପ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହି କ୍ଲିନିକ ଗୁଡ଼ିକୁ ଚାବି ପକାଇବା ସହ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଆଦର୍ଶ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବେଆଇନ କ୍ଲିନିକ୍ ଗୁଡିକ, ଅନଭିଜ୍ଞ ଡ୍ରାକ୍ ମାନେ ଖୋଲି ବିଭିନ୍ନ ରୋଗର ନିରାକରଣ ପାଇଁ ଚିକିତ୍ସା କରୁଛନ୍ତି। ବ୍ୟାପକ ମାତ୍ରାରେ ଅର୍ଥ ଶୋଷଣ କରୁଥିବା ସହ ଦୀର୍ଘ ଦିନ ଧରି ଏଭଳି ନିରୀହ ଗରିବ ରୋଗୀଙ୍କ ଭୁଲ୍ ଚିକିତ୍ସା କରିଆସୁଥିବା ଅଭିଯୋଗ ହୋଇ ଆସୁଥିଲା। ଆଜି ପ୍ରଶାସନ ଚଢ଼ଉ କରିବା ପରେ ଅନ୍ୟମାନଙ୍କ ମଧ୍ୟରେ ଛନକା ପଶିଯାଇଛି। ଗୁଣୁପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଆଗକୁ ଚଢ଼ଉ ଜାରି ରହିବା ନେଇ ପ୍ରତିକ୍ରିୟା ରଖିଛନ୍ତି ଯୁବ ଆଇଏଏସ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲିପ୍।

# ନୀଳାଚଳ ସେବାସଂସ୍ଥାର ସାଂସ୍କୃତିକ ସନ୍ଧ୍ୟା



ସୁନାବେଡା,୬।୧୧(ସମିସ): କାର୍ତ୍ତିକ ପୂର୍ଣ୍ଣିମାର ପୂର୍ବ ସନ୍ଧ୍ୟାରେ ସୁନାବେଡା ସ୍ଥିତ ସାଂସ୍କୃତିକ ଅନୁଷ୍ଠାନ "ନୀଳାଚଳ ସେବାସଂସ୍ଥା' ତରଫରୁ ସ୍ଥାନୀୟ ଭଞ୍ଜ ମଣ୍ଡପ ଠାରେ ଏକ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଚରଣରେ ଜଗନ୍ନାଥଙ୍କ ଭଜନ, ଓଡିଶୀ ନୃତ୍ୟ ସଙ୍ଗୀତ ଏବଂ ଦ୍ୱିତୀୟ ଚରଣରେ ସୁଧୀର ପ୍ରଧାନଙ୍କ ରଚିତ ଜଗନ୍ନାଥଙ୍କ ଐତିହ୍ୟ ସମ୍ବଳିତ ନାଟକ "ପାତାଳି ଶ୍ରୀକ୍ଷେତ୍ର' ନାଟକ ପରିବେଷଣ କରାଯାଇଥିଲା। ଯାହାର ନିର୍ଦ୍ଦେଶନା ଦାୟିତ୍ୱରେ ଥିଲେ ସମୀର ମହାପାତ୍ର। ନାଟକର ହୃଦୟସ୍ପର୍ଶୀ କାହାଣୀ ଏବଂ କଳାକାର ମାନଙ୍କ ନିଖୁଣ ଅଭିନୟ ଅଗଣିତ ଦର୍ଶକଙ୍କୁ ଭାବବିହ୍ୱଳ କରି ଦେଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ସୁଧାଂଶୁ ମୋହନ ଜେନା, କାର୍ଯ୍ୟକାରୀ ନିର୍ଦ୍ଦେଶକ ହାଲ କୋରାପୁଟ, ସୁନାବେଡା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ସଭାପତି ଡାକ୍ତର ଅମୀୟ ରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଭୟ କୁମାର ବେହେରା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ନାଟ୍ୟକାର ସୁଧୀର ପ୍ରଧାନ ଏବଂ ନିର୍ଦ୍ଦେଶକ ସମୀର ମହାପାତ୍ରଙ୍କୁ ଅନୁଷ୍ଠାନ ତରଫରୁ "ନୀଳାଚଳ ସଂସ୍କୃତି' ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ନାରାୟଣ ମାର୍ଥା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରଥିଲେ। ଅନୁଷ୍ଠାନର ଉପସଭାପତି ପ୍ରସନ୍ନ କୁମାର ସାହୁ, ମହେଶ ପ୍ରସାଦ ମହାନ୍ତି, ଅମିତ କୁମାର ମିଶ୍ର, ସପନ ମହାରଣା, ସୋମନାଥ ମାର୍ଥା, ଦୀପକ ବାରିକ, ଦେବେନ୍ଦ୍ର ରାଉତ, ହରେନ୍ଦ୍ର ବେହେରା, ଅଭିଜିତ ମହାନ୍ତି, ବିଦ୍ୟାଧର ନାୟକ, ପ୍ରେମଜିତ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଦାମନଯୋଡ଼ି ଏନ୍‌ଏସିରେ ସାମିଲ ପ୍ରସ୍ତାବକୁ ବିରୋଧ

# ଚାରାଙ୍ଗୁଲ୍ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

କୋରାପୁଟ,୬।୧୧(ସମିସ): ରାଜ୍ୟ ସରକାର କେତେକ ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ ପ୍ରସ୍ତାବ ରଖିଥିବା ବେଳେ ନାଲ୍‌କୋ ନଗରୀ ଦାମନଯୋଡ଼ିକୁ ମଧ ନୂତନ ଏନ୍‌ଏସି କରିବା ପାଇଁ ପ୍ରଚାର ହେବା ପରେ ନିକଟସ୍ଥ ଗ୍ରାମାଞ୍ଚଳ ଲୋକେ ଏହାକୁ ବିରୋଧ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ସେମିଳିଗୁଡା ବ୍ଲକ ଚାରାଂଗୁଲ ପଞ୍ଚାୟତ ବାସୀ ଏହାକୁ ବିରୋଧ କରି ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହଜନନଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଚାରାଂଗୁଲ୍ ସରପଞ୍ଚ ଫୁଲବତି ପୂଜାରୀ ଓ ଯୁବ ସମାଜସେବୀ ରମିଲ କୁଲଦୀପଙ୍କ ନେତୃତ୍ୱରେ ଶତାଧିକ ମହିଳା ଏବଂ ପୁରୁଷ କୋରାପୁଟ ଠାରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବା ସହ ସେମାନେ ବ୍ଲକରେ ରହିବାକୁ ଇଛା ପ୍ରକାଶ କରିଛନ୍ତି। ଲୋକଙ୍କ ଅଭିଯୋଗ ଅନୁଯାୟୀ ଦାମନଯୋଡ଼ି ଶିଳ୍ପାଞ୍ଚଳ ସହ ସେମିଳିଗୁଡା ଓ କୋରାପୁଟ ବ୍ଲକର କେତେକ ପଞ୍ଚାୟତକୁ ନେଇ ରାଜ୍ୟ ସରକାର ଦାମନଯୋଡ଼ି ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ ପ୍ରସ୍ତାବ ରଖିଛନ୍ତି। ତେବେ ଏହି ପ୍ରସ୍ତାବକୁ ଅଞ୍ଚଳବାସୀ ବିରୋଧ କରି କହିଛନ୍ତି, ଦୀର୍ଘ



ବର୍ଷରୁ ତାଙ୍କ ଗ୍ରାମ ପଞ୍ଚାୟତ ସେମିଳିଗୁଡା ବ୍ଲକ ଅଧୀନରେ ରହିବା ଫଳରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ହୋଇଛି। ଚାରାଙ୍ଗୁଳ ପଞ୍ଚାୟତର ୯୦ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମରେଖା ତଳେ ଥିବା ପରିବାର, ସମସ୍ତେ କୃଷୀ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଛନ୍ତି,ଗ୍ରାମାଞ୍ଚଳରେ ଥିବା ଯୋଗୁଁ ସେମାନଙ୍କୁ ମନରେଗା ଯୋଜନାରେ ଓ ବିଭିନ୍ନ ଯୋଜନାର ସୁଫଳ ମିଳିଥାଏ, ତେଣୁ ସେମାନେ ଅନେକ ସୁବିଧା ହାତଛଡ଼ା କରି କାହିଁକି ସହରାଞ୍ଚଳରେ ସାମିଲ ହେବେ ବୋଲି ପ୍ରଶ୍ନ ଉଠାଇ ଛନ୍ତି। ତେଣୁ ପ୍ରସ୍ତାବିତ ଦାମନଯୋଡ଼ି ଏନ୍‌ଏସିରୁ ଚାରାଙ୍ଗୁଲ ପଞ୍ଚାୟତକୁ ବାଦ୍ ଦେବାକୁ ସରପଞ୍ଚ ଦାବୀ କରିଛନ୍ତି। ଅନ୍ୟ ପକ୍ଷରେ ଏଭଳି କୌଣସି ସୂଚନା ଜିଲ୍ଲା ପ୍ରଶାସନ ନିକଟରେ ନଥିବା କହି ଜିଲ୍ଲାପାଳ ଗ୍ରାମବାସୀଙ୍କୁ ଅପେକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି।

# ସାଇବର ସୁରକ୍ଷା ସଚେତନତା ଅଭିଯାନ

ବିଷମ କଟକ, ୬।୧୧(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକର ସଦର ଡୁକୁମ ରୋଡ଼ ସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୁଲିସର ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟିକୁ ବିଷମକଟକ ପୁଲିସ ଥାନା ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢି ଏବଂ ଥାନାର ଏସଆଇ ମନରଞ୍ଜ ବିଶ୍ୱାଳ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ସାଇବର ଠକେଇ ଏବଂ ମୋବାଇଲ୍ ଦ୍ୱାରା ହେଉଥିବା ଠକେଇରୁ କିପରି ନିଜେ ଓ ନିଜ ପରିବାରକୁ ବଞ୍ଚାଇ ପାରିବେ ସେଥିପ୍ରତି ସଚେତନ କରିଥିଲେ। ଥାନା ଅଧିକାରୀ ଶ୍ରୀ ପାଢି ଡିଜିଟାଲ ଠକେଇ, ପାର୍ସଲ ଠକେଇ, ଟ୍ରେଣ୍ଡ ଠକେଇ ଓଟିପି ଠକେଇ ଆଦି ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଏ ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହୋଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏ ଅବସରରେ ବିଷମ କଟକ ଏ ବିଓ ସମୋନାଥ ୱାଡକା, ଭାରପ୍ରାପ୍ତ ବିଆରସି ମାଧବ ସାରକାର ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ସାଇବର ସୁରକ୍ଷା ସଚେତନତା ଗତ ମାସ ୩୦ ତାରିଖ ରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ମାସ ୧୭ ତାରିଖ ପର୍ଯ୍ୟନ୍ତ ଜାରିରହିବ।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

ଗୁଣୁପୁର, ୬।୧୧(ସମିସ): ଆଜି ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଏବଂ ଇଲେକ୍ଟ୍ରିକାଲ ଆଣ୍ଡ ଇଲୋକ୍ଟ୍ରୋନିକ ଇଞ୍ଜିୟରିଂ ବିଭାଗ ଏବଂ ଆଇଇଇଇ ଭୁବନେଶ୍ୱର ବିଭାଗ ମିଳିତ ସହଯୋଗରେ ୨୦୨୫ ଆଇଇଇଇର ୩ୟ




ତିନିଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ "ଶକ୍ତି ପୋଷଣ, ସିଗ୍ନାଲ ପ୍ରକ୍ରିୟାକରଣ ଓ ସାଇବର ସୁରକ୍ଷା' ଉଦ‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଏନ୍‌ଆଇଟି ୱରଙ୍ଗଲର ନିର୍ଦ୍ଦେଶକ ପ୍ରଫେସର୍ ବିଦ୍ୟାଧର ସୁବୁଦ୍ଧି ଯୋଗ ଦେଇ ଜଳବାୟୁ ପରିବର୍ତ୍ତନର ନିୟନ୍ତ୍ରଣ, ଶକ୍ତି ସମତା, ସ୍ମାର୍ଟ ଗ୍ରିଡ ଟେକ୍ନୋଲୋଜି ଏବଂ ଏଲାଇକ୍ଟ୍ରିକ ମୋବିଲିଟି ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇଇଇଇ ଭୁବନେଶ୍ୱର ବିଭାଗର ପ୍ରଫେସର୍ ଚିନ୍ମୟ କୁମାର ପାଣିଗ୍ରାହୀ ଯୋଗ ଦେଇ ସମ୍ମିଳନୀର ବିଷୟବସ୍ତୁ ଉପରେ କହିଥିଲେ। ଏନ୍‌ଆଇଟି ରାଉରକେଲା ସିଏସସି ବିଭାଗର ମୁଖ୍ୟ ପ୍ରଫେସର ବିଭୁଦତ୍ତ ସାହୁ ଯୋଗଦେଇ ଅନୁଶାସନ ମଧ୍ୟରେ ଗବେଷଣା କରିବା ପାଇଁ ପ୍ରବର୍ତ୍ତାଇ ଥିଲେ। ବିଶ୍ୱବିଦ୍ୟାଳୟର ଉପ ସଭାପତି ଡ ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗ ଦେଇ ସାଇବର ସୁରକ୍ଷା ବିଷୟରେ ଅଧିକରୁ ଅଧିକ ସଚେତନତା ହେବା ପାଇଁ କହିଥିଲେ। ପ୍ରୋ. ଚାନ୍ସେଲର ପ୍ରଫେସର୍ ଲଳିତ ମୋହନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଯୋଗ ଦେଇଥିବା ବେଳେ କୁଳପତି ଡ. ଏଭିଏନଏଲ ଶର୍ମା ଯୋଗ ଦେଇ ଭବିଷ୍ୟତ ଦିନ ମାନଙ୍କରେ ଏଆଇର ବ୍ୟବହାର ବିଷୟରେ କହିବା ସହ ଛାତ୍ରଛାତ୍ରୀ ଏଥି ନିମନ୍ତେ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି କହିଥିଲେ। ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଏବଂ ଇଲେକ୍ଟ୍ରିକାଲ ଆଣ୍ଡ ଇଲୋକ୍ଟ୍ରୋନିକ ଇଞ୍ଜିୟରିଙ୍ଗ୍ ବିଭାଗର ମୁଖ୍ୟ ପ୍ରଫେସର ଜିଆରକେଡି ସତ୍ୟ ପ୍ରସାଦ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗର ଅଧାପକ ପ୍ରଫେସର୍ ପ୍ରତାପ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଏନ ଭି ଜେ ରାଓ, ପରୀକ୍ଷା ନିୟନ୍ତ୍ରକ ଡ. ପି ବିଜୟ କୁମାର ସମେତ ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ, ଅଧାପକ, ଅଧାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ତିନିଦିନିଆ ସମ୍ମିଳନୀରେ ବହୁ ଅଧାପକ ଅଧାପିକା ଯୋଗ ଦେଇ ଉପରୋକ୍ତ ବିଷୟରେ ବିଭିନ୍ନ ସନ୍ଦର୍ଭ ମାନ ଉପସ୍ଥାପନ କରିବାର କାର୍ଯକ୍ରମ ରହିଛି।

# ଚାନ୍ଦା କରି ନାଗରିକ କମିଟି ଲଗାଇଲା ଷ୍ଟ୍ରିଟ୍ ଲାଇଟ୍

ପୋଡ଼ାଗଡ଼,୬।୧୧(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ମହକୁମା ସ୍ଥିତ ମୁଖ୍ୟ ବଜାରଠାରୁ ବିଭିନ୍ନ ଚାରିଛକ ରାସ୍ତା ପାଶ୍ୱର୍ରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବାକୁ ସମାଜସେବୀ ମାନେ ଉଦ୍ୟମ ଆରମ୍ଭ କରିଛନ୍ତି। ପୂର୍ବତନ ସରକାର ଥିବା ସମୟରେ ଲକ୍ଷ୍ମୀପୁରରେ ଦଳିତ ବିଧାୟକ ଥିଲେ। ସେ ସମୟରେ , ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ଆରମ୍ଭ କରି, ଥାନା ଛକ, ବ୍ଲକ ଛକ, କଲେଜ୍ ଛକ, ଭଳି ବିଭିନ୍ନ ଜନ ଗହଳି ସ୍ଥାନ ମାନଙ୍କରେ ଷ୍ଟ୍ରିଟ ଲାଇଟ୍ ଲଗା ଯାଇଥିଲା। ଖରାପ ହେବା ସଙ୍ଗେ ସଙ୍ଗେ ମରାମତି କରି ଲୋକଙ୍କୁ ଆଲୋକ ଯୋଗାଇ ଦେଉଥିଲେ। ବର୍ତମାନ ପୂର୍ବରୁ ଲାଗି ଥିବା କେତେକ ଲାଇଟ୍ ଖରାପ ହୋଇଥିଲେ ମଧ ତାର ମରାମତି କରିବା ନାଁ ଧରୁନି ପ୍ରଶାସନ। ଏଥିପାଇଁ କେତେକ ସମାଜ ସେବୀ ଓ ନାଗରିକ କମିଟି ଏକତ୍ର ହୋଇ, ବିଧାୟକ ସାଂସଦ ପାଣ୍ଠିରୁ ଷ୍ଟ୍ରିଟ ଲାଇଟ୍ ଲଗାଇବା ପାଇଁ ଅଞ୍ଚଳ ବାସୀ ଗୁହାରୀ କରିଥିଲେ। ହେଲେ ଗୁହାରି କରି ଦୀର୍ଘ ମାସ ବିତି ଯାଇଥିଲେ ମଧ କେହି କର୍ଣ୍ଣପାତ କରି ନାହାନ୍ତି। ଅନ୍ୟ ପଟେ ଷ୍ଟ୍ରିଟ୍ ଲାଇଟ୍ ଆଲୁଅ ନ ଥିବାରୁ ଦଶମନ୍ତପୁର ସଦର ମହକୁମାର ଚତୁଃପାଶ୍ୱର୍ ରାସ୍ତା ଅନ୍ଧକାରମୟ ରହିଛି। ଯାହା ଦ୍ୱାରା ଦଶମନ୍ତପୁର ସଦର ମହକୁମା ଠାରୁ ଆରମ୍ଭ କରି, ବ୍ଲକ କଲୋନୀ, ହାଟପଦା, କଲେଜ୍ ଛକ ଭଳି ବିଭିନ୍ନ ସ୍ଥାନରେ ବାରମ୍ବାର ଚୋରି ହେଉଛି। କେବଳ ସେତିକି ନୁହେଁ, ରାସ୍ତା ମଝିରେ ଗାଈ ମାନେ ଶୋଇ ରହୁଥିବାରୁ ଟ୍ରାଫିକ ସମସ୍ୟା ହେଉଛି। ଫଳରେ ଏହି ରାସ୍ତା ଦେଇ ଯାତାୟତ କରୁଥିବା ବାଇକ୍ ଆରୋହୀ ମାନ ବାରମ୍ବାର ଦୁର୍ଘଟଣାର ଶିକାର ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଭଳି ବାରମ୍ବାର ସମସ୍ୟା ହେଉଥିବାରୁ ପ୍ରଶାସନ କି ନେତା ନ ଶୁଣିବା ଦ୍ୱାରା ଦଶମନ୍ତପୁର ନାଗରିକ ଉନ୍ନୟନ କମିଟିର ସଦସ୍ୟମାନଙ୍କୁ ନେଇ ପ୍ରଥମେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ଆଲୋଚନା କରିଥିଲେ। ବ୍ୟକ୍ତିଗତ ଭାବେ ଚାନ୍ଦା ଆଦାୟ କରି, ଜଗନ୍ନାଥ ମନ୍ଦିର ଛକ ଠାରୁ ଆରମ୍ଭ କରି, ମାଁ ଖମ୍ବେଶ୍ୱରୀ ଛକ, କଲେଜ୍ ଓ ଥାନା ଛକ, ବଦଳି କୁଡୁମା ଶିବ ମନ୍ଦିର ଛକ ପର୍ଯ୍ୟନ୍ତ, ଆବଶ୍ୟକ ସ୍ଥାନରେ ଷ୍ଟ୍ରିଟ ଲାଇଟ୍ ଲଗାଇବା ପାଇଁ ନିଷ୍ପତ୍ତି ନେଲେ। ଟଙ୍କା ଆଦାୟ କରି, ଷ୍ଟ୍ରିଟ ଲାଇଟ୍ କିଣି, ଅନ୍ଧାରରୁ ଆଲୋକ ମୟ ଦଶମନ୍ତପୁର କରିବା ଲାଗ ଉଦ୍ୟମ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ବର୍ତମାନ ଜଗନ୍ନାଥ ମନ୍ଦିର ଛକ, ଖମ୍ବେଶ୍ୱରୀ ମନ୍ଦିର ଛକ ଠାରୁ ମୁଖ୍ୟ ବଜାର ଓ ଥାନା ଛକ ମାନଙ୍କରେ ଷ୍ଟ୍ରିଟ ଲାଇଟ୍ ଲଗାଇ ଥିବା ଜଣାପଡିଛି। ବର୍ତମାନ ସୁଦ୍ଧା ଲାଇଟ୍ ପାଇଁ ୪୦ ହଜାର ଟଙ୍କା ପାଖାପାଖି ଖର୍ଚ ହୋଇଥିବା ନେଇ ସମାଜସେବୀ, ଚନ୍ଦ୍ରସେନ ଗରଡା, ବାଲେଙ୍କି ନାୟକ, ସୁରେଶ ସୁବୁଦ୍ଧି, ନାରାୟଣ ବିଶୋଇ ପ୍ରମୁଖ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ସମସ୍ତ ଜନଗହଳି ସ୍ଥାନରେ ଲାଇଟ୍ ଲଗାଇବା ପାଇଁ ପ୍ରତିଶୃତି ଦେଇଛନ୍ତି।

# ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଛାୟା ବିଧାନସଭା

ନାରାୟଣାପାଟଣା ୬।୧୧ (ସମିସ): ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ନାରାୟଣାପାଟଣା ଠାରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ଜେନାଙ୍କ ସଭାପତିତ୍ୱରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଅଭିନବ ଉପାୟରେ ଶୀତକାଳୀନ ଅଧିବେଶନ କାଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଛାୟା ବିଧାନସଭାରେ ଛାତ୍ରଛାତ୍ରୀମାନେ ବାଚସ୍ପତି, ମୁଖ୍ୟମନ୍ତ୍ରୀ, ବିରୋଧିଦଳ ନେତା, ସ୍ୱାସ୍ଥ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଭୂମିକା ଗ୍ରହଣ କରିଥିଲେ । ବିଧାନସଭା କେଉଁଭଳି ଭାବରେ ପରିଚାଳନା କରାଯାଏ, ତାହାକୁ ପିଲାମାନଙ୍କ ମଧ୍ୟରେ ଶିକ୍ଷା ଦେବା ପାଇଁ ଅଭିନବ ଉପାୟରେ ଆଜି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଛାୟା ବିଧାନସଭା ଶୀତକାଳୀନ ଅଧିବେଶନ ପାଇଁ ବିଧାନସଭା ଗଠନ କରାଯାଇଥିଲା। ବିଧାନସଭା ଶୀତକାଳୀନ ଅଧିବେଶନର ଦିନ ୧୧ଟା ବେଳେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବିଧାନସଭା କାର୍ଯ୍ୟସୂଚୀ ଅନୁସାରେ ପ୍ରଥମେ ଗୃହରେ ଦିବଙ୍ଗତଙ୍କ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ପରେ ବାଚସ୍ପତିଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟ ପରିସରରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ଶ୍ରମ ରାଜ୍ୟ ବୀମା ବିଭାଗର ପ୍ରଶ୍ନକାଳ ରହିଥିଲା। କିଛି ସମୟ ଅଭିନୟ କରୁଥିବା ଛାତ୍ର, ଛାତ୍ରୀ ଗୃହକୁ ମୁଲତବି ରଖିଥିଲେ। ଅର୍ଥମନ୍ତ୍ରୀ ଗୃହରେ ଅତିରିକ୍ତ ବଜେଟ୍ ଆଗତ କରିଥିଲେ। ଅନ୍ୟ ପଟେ ଶୀତକାଳୀନ ଅଧିବେଶନ ବିରୋଧୀ ଦଳ ସରକାରଙ୍କୁ ଘେରିବା ସହ ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ପ୍ରଶ୍ନ କରିଥିଲେ। ଶାସକ ଦଳ ବିରୋଧୀଙ୍କୁ ମୁକାବିଲା କରି କାଉଣ୍ଟର ରଣନୀତି କରିଥିଲେ। ଅଭିନୟ ମାଧ୍ୟମରେ ବିଧାନସଭାକୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି ଶେଷରେ ସବୁ ଦଳର ସହଯୋଗ ଲୋଡ଼ିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ କଳ୍ପନା ଜେନା ଉପସ୍ଥିସ୍ତ ରହି ଛାତ୍ରଛାତ୍ରୀ ମାନଙ୍କୁ ବିଧାନସଭା ସମ୍ପର୍କିତ ଜ୍ଞାନ ପ୍ରଦାନ କରିଥିଲେ। ପ୍ରେମକାନ୍ତ ରାଉତ କାର୍ଯ୍ୟକର୍ମକୁ ପରିଚାଳନା କରୁଥିବା ବେଳେ ଶିକ୍ଷୟିତ୍ରୀ ପ୍ରିୟଙ୍କା ପାଢ଼ୀ, ଶିକ୍ଷୟିତ୍ରୀ ଜି ଜୋତି କୁମାରୀ, ଚିନ୍ମଇ କର, ପଦ୍ମାବତୀ ଭୂଇଁଆଙ୍କ ସମେତ ଶିକ୍ଷକ ସୁଶାନ୍ତ ସାହୁ ଆଜିର ଛାତ୍ରୀଙ୍କ ଦ୍ୱାରା ଶାୟା ବିଧାନସଭା କାର୍ଯ୍ୟକ୍ରମକୁ ସହଯୋଗ




କରିଥିଲେ। ସଭା ଶେଷରେ ଅଭିନୟ କରୁଥିବା କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ ସହ ୪ଜଣ କୃତି ପ୍ରତିଯୋଗୀଙ୍କୁ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ପଶୁରାମ ତାଡିଙ୍ଗି ଧନ୍ୟବାଦ ଦେଇଥିଲେ।

# ସତୀଗୁଡ଼ା ଡ୍ୟାମ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ

ଜୟପୁର, ୬।୧୧(ସମିସ): ଜୟପୁର ସହର ସନ୍ନିକଟ କୋଲାବ ଜଳ ବିଦ୍ୟୁତ ପ୍ରକଳ୍ପର ସତୀଗୁଡା ଡ୍ୟାମ୍ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ସ୍ଥାନୀୟ ବାସିନ୍ଦା ମାନେ 'ୟାଲୋ ଡ୍ୟାମ୍' ଭାବେ ମଧ ଡାକନ୍ତି। ମୁଖ୍ୟତଃ କୋଲାବ ବହୁମୁଖୀ ଯୋଜନାରେ ଉପରେ ମୁଣ୍ଡରେ ରହିଥିବା ଡ୍ୟାମରୁ ଜଳକୁ ପାଇପ୍ ଯୋଗେ ପାୱାର ହାଉସ୍‌ରେ ପହଞ୍ଚାଇ ଗୁଡିକକୁ ଯୋଗାଣ କରାଯାଇଥାଏ। ତେଣୁ ଏହି ଡେମ ଜୟପୁରର ସହର ସମେତ ୫ଟି ବ୍ଲକରେ ଲାଇଫ ଲାଇନ କହିଲେ ଅତ୍ୟୁକ୍ତ ହେବ ନାହିଁ। କିନ୍ତୁ ବର୍ତ୍ତମାନ ଏହି ଡେମ୍ କେତେ ସୁରକ୍ଷିତ ସେଥିପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରାୟ ୧୦୦ ମିଟର ଲମ୍ବା ରହିଥିବା ଏହି ଡ୍ୟାମରକୁ ପହଞ୍ଚିବା ପାଇଁ ୩ଟି ଫାଟକ ରହିଛି। କିନ୍ତୁ ଗୋଟିଏ ଫାଟକରେ ଜଳ

## ମଦ୍ୟପ ଓ ଅସାମାଜିକଙ୍କ ଆଡ୍ଡା ପାଲଟିଛି

ବିଦ୍ୟୁତ୍ ଉତ୍ପାଦନ ପାଇଁ ବ୍ୟବହୃତ ଉଦ୍‌ବୃତ୍ତ ଜଳ ଗଚ୍ଛିତ କରିବା ନେଇ ସତୀଗୁଡା ଗ୍ରାମ ଠାରେ ସତୀନାଳ ଉପରେ ଏହି ଡ୍ୟାମ୍ ନିର୍ମାଣ ଗତ ୧୯୮୦ ଦଶକରେ ହୋଇଛି। ଏହି ଗଚ୍ଛିତ ସତୀଗୁଡା ଜଳଭଣ୍ଡାରର ଜଳ କେନାଲ ମାଧ୍ୟରେ ଜିଲ୍ଲାର ଜୟପୁର, କୋଟପାଡ, ବୋରିଗୁମ୍ମା, କୁନ୍ଦୁରା ବ୍ଲକରେ ଉଭୟ ଖରିଫ ଏବଂ ରବି ଧାନଫସଲ ଜମିରେ ଉତ୍ପାଦନ କରାଯାଇଥାଏ। ସେହିପରି ଜୟପୁର ସହରକୁ ପିଇବା ଏବଂ ନିତ୍ୟ ବ୍ୟବହୃତ ଜଳ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଫେଇ କରାଯାଇ ପାଇପ ଯୋଗେ ସହରର ସାହି, ଗୃହ, ଦୋକାନ ଓ ହୋଟେଲ ସେଚନ ବିଭାଗ ପକ୍ଷରୁ ଘରୋଇ ସୁରକ୍ଷା କର୍ମୀ ନିୟୋଜିତ କରାଯାଇଛି। ଅନ୍ୟାନ୍ୟ ସୁରକ୍ଷା କର୍ମୀ ମାନେ ପଇଁତରା ମାରିବା ସହ ସିସି କ୍ୟାମେରା ସଂଯୋଗ କରାଯାଇଥିଲେ ସୁଦ୍ଧା ସ୍ଥାନୀୟ ନିକଟସ୍ଥ ସୁଖିଆଗୁଡା ବାସିନ୍ଦା ସେମାନଙ୍କୁ ରାସ୍ତା ନଥିବା ଦର୍ଶାଇ ଏହି ଡ୍ୟାମ୍ ରାସ୍ତାକୁ ବେଆଇନ ଭାବେ ବ୍ୟବହାର କରାଯାଉଛି। କିନ୍ତୁ ଡ୍ୟାମର ସୁରକ୍ଷା ନିମନ୍ତେ ଉକ୍ତ ସୁଖିଆଗୁଡା ନିକଟରେ ଏକ ଫାଟକ ନିର୍ମାଣ କରିବା ସହ ଜଳସେଚନ ବିଭାଗ ପକ୍ଷରୁ ପଞ୍ଚାୟତରୁ ସହରାଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କରାଯାଇଛି। କିନ୍ତୁ ସୁଖିଆଗୁଡା



ବାସିନ୍ଦା ଏହି ଡ୍ୟାମକୁ ସଂଯୋଗ କରୁଥିବା ଫାଟକ ଖୋଲିବା ନେଇ ଜିଦ୍ କରିବା ସହ ରାଜନୈତିକ ଚାପ ସୃଷ୍ଟି କରିବା ସହ ଏହି ଫାଟକ ଯାତାୟାତ ପାଇଁ ଖୋଲାଯାଇଥିଲା। କିନ୍ତୁ ଏହିପରି ବିନା ଅନୁମତି ଏବଂ ଅବାଧ ଭାବରେ ସ୍ଥାନୀୟ କିଛି ବ୍ୟକ୍ତି ନିଜ ନିଜର ୪ଚକିଆ ଯାନ ରଖିବା ପାଇଁ ପାର୍କିଂ ଭାବେ ବେଆଇନ ଭାବେ ଡ୍ୟାମକୁ ଜୋରଜବରଦସ୍ତ ବ୍ୟବହାର କରୁଛନ୍ତି। ଏହିପରି ଏଥିନେଇ ବିଭାଗ ପକ୍ଷରୁ ତାଗିଦ କଲେ ଡ୍ୟାମର ରାସ୍ତା ଉପରେ ପାଇଖାନା ଭାବେ ବ୍ୟବହାର କରୁଛନ୍ତି। ଏଥିନେଇ ବିଭାଗିୟ ଅଧିକାରୀ ମାନେ ରାଜନୈତିକ ଅବାଧ ପ୍ରବେଶ ଯୋଗୁଁ କାର୍ଯ୍ୟାନୁଷ୍ଠାନ ପାଇଁ ପଛଘୁଞ୍ଚା ଦେଉଛନ୍ତି। ସେହିପରି ନିୟୋଜିତ ଘରୋଇ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ ସହିତ ଧମକଚମକ ଦେଉଛନ୍ତି। ଅନ୍ୟପକ୍ଷରେ ଲକ୍ଷ ଲକ୍ଷ ଟଙ୍କାରେ ଡେମ ତଳଭାଗରେ ଏକ ପାର୍କ ନିର୍ମାଣ କରାଯାଇଥିଲା। କିନ୍ତୁ ଉକ୍ତ ପାର୍କର ଖେଳନା ଏବଂ ବ୍ୟାୟମ ସାମଗ୍ରୀ କିଛି ମାତ୍ରାରେ ଚୋରି ଏବଂ ଭଙ୍ଗା ଭଙ୍ଗି କରାଯାଇଥିବା ବେଳେ ବର୍ତ୍ତମାନ କିଛି ଅସାମାଜିକ ଓ ମଦ୍ୟପ ବ୍ୟକ୍ତିଙ୍କ ଏହା ଆ‡ାସ୍ଥଳୀ ପାଲଟିଛି। ଗତ କିଛି ମାସ ପୂର୍ବରୁ ଏହିପରି ଅସାମାଜିକ ବ୍ୟକ୍ତି ଏବଂ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିବା ବେଳେ ସୁରକ୍ଷା କର୍ମୀଙ୍କୁ ଜୀବନରେ ମାରିବା ନେଇ ଅସାମାଜିକ ବ୍ୟକ୍ତି ମାନେ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ବିଭାଗ ପକ୍ଷରୁ ଉଭୟ ଟାଉନ ଏବଂ ସଦର ପୁଲିସକୁ ସୂଚନା ଦେଲେ ପେଟ୍ରୋଲିଂ ପାଇଁ ଆସନ୍ତି କିନ୍ତୁ ନିୟମିତ ପେଟ୍ରୋଲିଂ ବ୍ୟବସ୍ଥା ହେଉଥିବା ଯୋଗୁଁ ଅସାମାଜିକ ଓ ମଦ୍ୟପ ମାନେ ନିର୍ଭୟରେ ପ୍ରତ୍ୟେକ ଦିନ ଏଠାରେ ଆସି ମଦପିଇବା ସହ ଡେମ ରାସ୍ତା ଉପରେ କାଚ ବୋତଲ ଫଟାଇ ଏକ ଅଶାନ୍ତ ପରିବେଶ ସୃଷ୍ଟି କରୁଛନ୍ତି। ଏହିପରି ଜିଲ୍ଲା ପ୍ରଶାସନ ସହିତ ଜଳସେଚନ ବିଭାଗ ପକ୍ଷରୁ ବୈଠକ କରାଯାଇ ଡେମ ସୁରକ୍ଷା ନେଇ ଅବଗତ କରାଗଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ କଡା ପଦକ୍ଷପ ଗ୍ରହଣ କରାଯିବା ସହିତ କୌଣସି ବିକଳ୍ପ ବ୍ୟବସ୍ଥା କରିପାରିବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏଥିନେଇ ବିଭାଗିୟ ସହକାରୀ ଯନ୍ତ୍ରୀ ଶକ୍ତି ସାମନ୍ତ ଭୁୟାଁ କହିଛନ୍ତି ଯେ, ସତିଗୁଡା ଡ୍ୟାମ ସୁରକ୍ଷିତ ଅଛନ୍ତି। ଏହିପରି କିଛିମାତ୍ରାରେ ସମସ୍ୟା ରହିଛି। ଏଥିନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନ ସହିତ ଆଲୋଚନା କରାଯାଇ କଡ଼ା ପଦକ୍ଷପ ଗ୍ରହଣ କରାଯିବା ନେଇ ବ୍ୟବସ୍ଥା କରାଯାଉଛି। ସ୍ଥାନୀୟ ଲୋକଙ୍କ ସହଯୋଗ ମିଳିଲେ ଏହାକୁ ଏକ ପର୍ଯ୍ୟଟନ ସ୍ଥଳୀ ଭାବେ ନିର୍ମାଣ କରାଯାଇ ପାରିବ।

# କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ପାପଡାହାଣ୍ଡି,୬।୧୧ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ସେମଲା ପଞ୍ଚାୟତ ସଦର ଗ୍ରାମର ଖେଳ ପଡିଆ ଠାରେ ଆଜି ଉଛବ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ ହୋଇଯାଇଛି। ଆଜିର ଏହି ଉଦ୍‌ଘାଟନ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ପାପଡାହାଣ୍ଡି ବ୍ଲକ୍ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସାମ୍ବାଦିକ ପ୍ରବୀଣ କୁମାର ସତନାମୀ ଏବଂ ଉମା ଶଙ୍କର ବିଷୋୟୀ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟଟି ଜିଲ୍ଲାର ୩୨ଟି ଟିମକୁ ନେଇ ଆୟୋଜନ ହୋଇଛି। ଟୁର୍ନାମେଣ୍ଟକୁ ମଛବ କ୍ରିକେଟ କ୍ଲବ ଆନୁକୂଲ୍ୟରେ କରାଯାଉଛି। ମଛବ କ୍ରିକେଟ କ୍ଲବ ସଭାପତି ଧର୍ଯ୍ୟ ଗରଡ଼ା, ସମ୍ପାଦକ ପ୍ରଭାକର ଭତରା, କୋଷାଧ୍ୟକ୍ଷ ଆକାଶ ଭତରା, ଟୁଟୁ ଭତରା, ଯାହାନ ଭତରା, ସୁନାମ ନାଗ, ଲିଟୁ ନାଗ, ପ୍ରବୀର ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ପଢାଲଗୁଡା ଏବଂ ନରସିଂହଗୁଡା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଦୁଇ ଆମ୍ପାୟାର ପ୍ରଭାକର ଭତରା , ଯାହାନ ଭତରା ମ୍ୟାଚ ପରିଚାଳନା କରିଥିଲେ। ଆଗାମୀ ୧୯ ତାରିଖ ଦିନ ଏହି ଟୁର୍ନାମେଣ୍ଟର ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ମଛବ ସଭାପତି ଧର୍ଯ୍ୟ ଗରଡ଼ା ସୂଚନା ଦେଇଛନ୍ତି ।

## ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ପାଇଁ ପ୍ରସ୍ତୁତି

**ରାଉରକେଲା, ୬।୧୧(ସମିସ):** ଆସନ୍ତା ୧୭ ରୁ ୧୯ ମଧ୍ୟରେବେଦବ୍ୟାସମେଳାପ୍ରାଙ୍ଗଣରେ ଆୟୋଜିତ ହେବାକୁ ଥିବା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାପାଇଁ ବୁଧବାର କୃଷି ଜିଲ୍ଲା ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ପାନପୋଷ ଉପ-ଜିଲ୍ଲାପାଳ ବିଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କୃଷି ଜିଲ୍ଲା ଅଧିକାରୀ, ପାନପୋଷ ଜି. ଜୟନ, ସହାୟକ ଉଦ୍ୟାନଚାଷ ନିର୍ଦ୍ଦେଶକ ଦୁଷ୍ମନ୍ତ କୁମାର ବେହେରା, ଜ୍ୟେଷ୍ଠ ବିଜ୍ଞାନୀ କେଭିକେ. ରାଉରକେଲା ସମରେନ୍ଦ୍ର ବରାଲ, କାର୍ଯ୍ୟନିର୍ବାହକ ଇଞ୍ଜିନିୟର ପରମାନନ୍ଦ ପ୍ରଧାନ, ସହାୟକ କାର୍ଯ୍ୟନିର୍ବାହୀ ଇଞ୍ଜିନିୟର ଅଞ୍ଜଳି ଡୁଡୁମ, ସହାୟକ କୃଷି ଇଞ୍ଜିନିୟର ରଘୁ ସୁଦନ ମାଝୀ, କୌଶଳ ସା, ନୂଆଗାଁ ନିତିଶ କୁମାର, ଜିଲ୍ଲା ପ୍ରବନ୍ଧକ ସୁବୋଧ ତନୟ ପାଣିଗ୍ରାହୀ, ସୁପ୍ରିୟା ଦାସ, ରାଜଲକ୍ଷ୍ମୀ ମହାନ୍ତି, ମଞ୍ଜୁବାଲା ନାଏକ, ନାରାୟଣୀ ମେହେର ଏବଂ ଲିସା ଲିସ୍ମୟୀ ହାନଜଦା ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ମେଳା ମାଧ୍ୟମରେ କୃଷକମାନେ ନବୀନ ଯାନ୍ତ୍ରିକ ପ୍ରଯୁକ୍ତି ଓ ଆଧୁନିକ କୃଷି ଯନ୍ତ୍ରପାତି ସମ୍ପର୍କରେ ଅବଗତ ହୋଇ ତାହାର ଲାଭ ଗ୍ରହଣ କରିପାରିବେ ବୋଲି ପାନପୋଷ କୃଷି ଜିଲ୍ଲା ଅଧିକାରୀ କହିଛନ୍ତି।

### ଜରାଜୀର୍ଣ୍ଣ ଅବସ୍ଥାରେ ବାହାମ୍ବା ପ୍ରାଥମିକ ବିଦ୍ୟାଳୟ

# ବାରଣ୍ଡାରେ ଗଢ଼ା ଚାଲିଛି ଭବିଷ୍ୟତ






**କୋଇଡ଼ା, ୬।୧୧(ସମିସ)**

ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲ୍ଲାରେ ଗୁଣାତ୍ମକ ପ୍ରାଥମିକ ଶିକ୍ଷା ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ବାସ୍ତବରେ ଏହାର ସୁଫଳ ଉକ୍ତ ଅଞ୍ଚଳରେ ପହଞ୍ଚି ପାରୁନାହିଁ। ଏଠାରେ କୋଇଡ଼ା ଅଞ୍ଚଳକୁ ଦେଖିଲେ ସ୍ପଷ୍ଟ ବାରି ହୋଇପଡ଼େ। ରାଜ୍ୟ ରାଜକୋଷକୁ ବର୍ଷକୁ ଅନ୍ୟୁନ ୧୫ ହଜାର କୋଟି ରାଜସ୍ୱ ପ୍ରଦାନ କରୁଥିବା କୋଇଡ଼ା ଅଞ୍ଚଳରେ ଅନେକ ବିଦ୍ୟାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଯେଉଁଠି ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ଅଧ୍ୟୟନ କରୁଛନ୍ତି ଛାତ୍ରଛାତ୍ରୀ। ଦୁର୍ଗମ ଅଞ୍ଚଳରେ କେତେକ ବିଦ୍ୟାଳୟରେ ଏବେ ବି ଛାତ୍ରଛାତ୍ରୀମାନେ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ସେଠାରେ ଗଢ଼ା ଚାଲିଛି ଦେଶର ଭବିଷ୍ୟତ। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି କୋଇଡ଼ା ବ୍ଲକ ଟେନ୍‌ସା ପଞ୍ଚାୟତର ବାହାମ୍ବା ସରକାରୀ ପ୍ରାଥମିକ ବିଦ୍ୟାଳୟ। ବିଦ୍ୟାଳୟର ଆଜବେଷ୍ଟସ୍ ଭାଙ୍ଗି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାବେଳେ ବିଦ୍ୟାଳୟର ପାନୀୟଜଳ ସମସ୍ୟା ଓ ପରିମଳ ବ୍ୟବସ୍ଥା ନ କହିବା ଭଲ। ପ୍ରକାଶ ଯେ, ଟେନ୍‌ସା ବାହାମ୍ବା ଗ୍ରାମରେ ୧୯୬୪ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ମୋଟ ୩୬ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସେମାନଙ୍କ ପାଇଁ ବିଦ୍ୟାଳୟରେ ୨ଜଣ ସରକାରୀ ଶିକ୍ଷକ, ଜଣେ ପିଡିସି ଶିକ୍ଷକ ଓ ଦୁଇଜଣ ରୋଷେୟା ନିୟୋଜିତ ଅଛନ୍ତି। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ବିଦ୍ୟାଳୟର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବିଦ୍ୟାଳୟର ଆଜବେଷ୍ଟସ୍ ଭାଙ୍ଗି ଯାଇଥିବାରୁ ବିପଦଜନକ ଅବସ୍ଥାରେ ଭୟରେ ପାଠ ପଢୁଛନ୍ତି କୁନିକୁନି ଛାତ୍ରଛାତ୍ରୀ। ବିଦ୍ୟାଳୟର ଶ୍ରେଣୀ ଗୃହ ବିପଦସଂକୁଳ ଅବସ୍ଥାରେ ରହିଥିବାରୁ ବାଧ୍ୟ ହୋଇ ଖରାବର୍ଷା କାକରରେ ବାରଣ୍ଡାରେ ବସି ପାଠ ପଢୁଛନ୍ତି ଛାତ୍ରଛାତ୍ରୀ। ବର୍ଷା ଋତୁରେ ଏକ ପ୍ରକାର ପାଠପଢ଼ା ବନ୍ଦ କହିଲେ ଚଳେ। ତେବେ ଶିକ୍ଷାର ବିକାଶ ପାଇଁ ପ୍ରଣୟନ ହୋଇଥିବା ସରକାରଙ୍କ ସମସ୍ତ ଯୋଜନା ଏଠାରେ ଅପହଞ୍ଚ ରହିଥିବାବେଳେ କୁନି କୁନି ଶିଶୁମାନଙ୍କ ଭବିଷ୍ୟତ ଗଢିବା ପାଇଁ ଉତ୍ତରଦାୟୀ ଥିବା ସରକାରଙ୍କ ଆଭିମୁଖ୍ୟର ଗତି କୁଆଡ଼େ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଗୁରୁବାରିଆ ଛାଡ଼ରେ ଆମିଷପ୍ରେମୀ ନିରାଶ, ଆଜି ଅସଲ ଛାଡ଼

**ରାଉରକେଲା, ୬।୧୧(ସମିସ):** କାର୍ତ୍ତିକ ମାସ ସରିଲା। ମାସେ ପାଟିରେ ଆମିଷ ବାଜି ନଥିଲା। ଆଜି ଥିଲା ଛାଡ଼ଖାଇ। ହେଲେ ଗୁରୁବାର ହୋଇଥିବାରୁ ଆମିଷପ୍ରେମୀ ନିରାଶ ହୋଇଥିଲେ। ସେହିପରି ଛାଡ଼ଖାଇରେ ଭଲ ବେପାର କରିବା ଅପେକ୍ଷାରେ ଥିବା ଆମିଷ ବ୍ୟବସାୟୀ ନିରାଶ ହୋଇଛନ୍ତି। ତେବେ ଆସନ୍ତା କାଲି ଅସଲ ଛାଡ଼ ପାଳିବେ ବୋଲି କହିଛନ୍ତି ଅନେକ ଆମିଷପ୍ରେମୀ। ଶୁକ୍ରବାର ରାଉରକେଲାର ଆମିଷ ବଜାରରେ ଛାଡଖାଇ ମାଡ ହେବ ବୋଲି ମଧ୍ୟ ବ୍ୟବସାୟୀ କହିଛନ୍ତି। ଆମିଷ ବାର ନଥିବାରୁ ଛାଡ଼ଖାଇରେ ବେପାର ସେପରି ହୋଇ ନଥିଲା। କାଁ ଭାଁ ଦୋକାନରେ ଲୋକ ଦେଖିବାକୁ ମିଳିଥିଲା।



ଆନ୍ଧ୍ର ମାଛ, ସ୍ଥାନୀୟ ନଦୀ ମାଛ ସମେତ ରାଜ୍ୟ ବାହାରୁ ଖାସି ଆଣିଥିଲେ ଆମିଷ ବ୍ୟବସାୟୀ। ବିଶେଷ କରି ଝାଡ଼ଖଣ୍ଡ, ୟୁପି, କଲିକତା ସମେତ ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରୁ ଖାସି ଅଣାଯାଇଥିଲା। ଏକାଧିକ ଦୋକାନରେ ଖାସି ଦେଖିବାକୁ ମିଳିଥିଲା। ସେହିପରି ବ୍ରଏଲର ଓ ଦେଶୀ କୁକୁଡ଼ା ମଧ୍ୟ ଅର୍ଡର କରାଯାଇଥିଲା। କୁକୁଡ଼ା ଓ ଖାସି ବାର ନଥିବା ସତ୍ତ୍ୱେ ବ୍ୟବସାୟୀମାନେ ଅର୍ଡର କରିଥିଲେ। କାହିଁକି ନା ଆଗାମୀ ଶୁକ୍ରବାର ଓ ରବିବାର ଏହା ବିକ୍ରି ହେବା ସୁନିଶ୍ଚିତ। ଏଥିରେ ଟିକେହେଲେ ବି କ୍ଷତି ହେବାର ଆଶଙ୍କା ନାହିଁ ବୋଲି କୁହାଯାଇଛି। ମାତ୍ର ଛାଡ଼ଖାଇକୁ ଦୃଷ୍ଟିରେ ରଖି ମାଛ ବ୍ୟବସାୟୀ ମାନେ ଅର୍ଡର କରିଥିବା ବିଭିନ୍ନ ପ୍ରକାରର ମାଛ ବ୍ୟବସାୟରେ ମାନ୍ଦା ପରିସ୍ଥିତି ଦେଖା ଦେଇଥିଲା।ସକାଳ ୧୧ଟାରୁ ଅପରାହ୍ନ ୧ଟା ଯାଏଁ ମଧ୍ୟମ ଧରଣର ମାଛ ବେପାର ହୋଇଥିବା ବ୍ୟବସାୟୀମାନେ କହିଛନ୍ତି। ବିଶେଷ କରି ଜୀଅନ୍ତା ମାଛ ବିକ୍ରି ହେବ ବୋଲି ଆଶା ରଖିଥିବା ବେଳେ ତାହାବି ଫସର ଫାଟି ଯାଇଥିଲା। ଅବଶ୍ୟ ଜୀଅନ୍ତା ମାଛରେ କ୍ଷତି ହୋଇନି। ଆସନ୍ତାକାଲି ଶୁକ୍ରବାର ଦିନ ଏହି ଆଶା ବ୍ୟବସାୟୀମାନଙ୍କ ପୂରଣ ହେବ ବୋଲି କୁହାଯାଇଛି। କେମିତି ରାତି ପାହି ଶୁକ୍ରବାର ହେବ, ସେ ନେଇ ଚାହିଁ ବସିଛନ୍ତି ଆମିଷ ବ୍ୟବସାୟୀ।

## କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ପାଲା ପରିବେଷଣ

**ରାଉରକେଲା, ୬।୧୧(ସମିସ):** ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସାରନଗରୀସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଭାଗବତ ପାରାୟଣ ଓ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ସମାପ୍ତ ପରେ ପାଲା ପରିବେଷଣ ହୋଇଯାଇଛି। ଗାୟିକା ଗୀତାଞ୍ଜଳି ସାମନ୍ତରାୟଙ୍କ ଦ୍ୱାରା ପରିବେଶିତ ଏହି ପାଲା କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବା ଦେଖିବାକୁ ମିଳିଥିଲା। ବରିଷ୍ଠ ସଦସ୍ୟ ସୁଭାଷ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସାରନଗରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ଅଶୋକ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ସୌମେନ୍ଦ୍ର ବେହୁରିଆ, ବରିଷ୍ଠ ସଦସ୍ୟ ସୁଭାଷ ଚନ୍ଦ୍ର ପାତ୍ର, ଉପସଭାପତି ପ୍ରଦ୍ୟୁମ୍ନ କୁମାର ଭୋଲ, ରାମଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ଦିଲୀପ କୁମାର ମଲ୍ଲିକ, ଶଶାଙ୍କ ସ୍ୱାଇଁ ଏବଂ କୋଷାଧ୍ୟକ୍ଷ ଉତ୍ତମ କୁମାର ଜେନା, କାର୍ଯ୍ୟନିର୍ବାହୀ ସଦସ୍ୟ ବିପିନ କୁମାର ଲେଙ୍କା, ଜ୍ୟୋତି ପ୍ରକାଶ ମହାନ୍ତି, ଶ୍ରୀଚରଣ ସାମଲ, ଗୋପିନାଥ ଦାସଙ୍କ ସମସ୍ତ ଟ୍ରଷ୍ଟି ସଭ୍ୟ, ସେବାୟତ, ପୂଜକ ଉପସ୍ଥିତ ଥିଲେ।




ସାରନଗରୀ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଆକର୍ଷଣୀୟ ମୁରୁଜ

## ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା, ୬।୧୧(ସମିସ):** ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଗୋପବନ୍ଧୁ ଅଡିଟୋରିୟମରେ ନଭେମ୍ବର ୬ ତାରିଖରେ କର୍ମଚାରୀ ଏବଂ ସେମାନଙ୍କ ମାଧ୍ୟମରେ ପୂର୍ବତନ କର୍ମଚାରୀମାନଙ୍କୁ ସଚେତନ କରିବା ପାଇଁ ଓଡ଼ିଶା ପୁଲିସ ଦ୍ୱାରା ଏକ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଉରକେଲା ପୁଲିସ ଅଧିକ୍ଷକ ନିତେଶ ୱାଧୱାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଆରଏସପି ଖଣି ଡିଭିଜନ-ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି.କେ ଗିରି, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର ମଞ୍ଚାସୀନ ଥିଲେ। କାରଖାନାର କର୍ମଚାରୀମାନଙ୍କୁ ସାଇବର କ୍ଷେତ୍ରରେ କ୍ରମବର୍ଦ୍ଧିଷ୍ଣୁ ଆହ୍ୱାନ ଏବଂ ଡିଜିଟାଲ୍ ସୁରକ୍ଷା ଓ ଡାଟା ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସର୍ବୋତ୍ତମ ଅଭ୍ୟାସ ବିଷୟରେ ସଚେତନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ଏହି ଅଧିବେଶନରେ ଆରଏସପିର ବିଭିନ୍ନ ବିଭାଗର କର୍ମଚାରୀମାନେ ଯୋଗ ଦେଇଥିଲେ। ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି ଏସ୍‌ପି ଶ୍ରୀ ୱାଧୱାନୀ ଓଡ଼ିଶା ପୁଲିସ ତଦନ୍ତ କରିଥିବା ବିଭିନ୍ନ ବାସ୍ତବ ଜୀବନ ସାଇବର ଅପରାଧ ମାମଲା ବିଷୟରେ ମୂଲ୍ୟବାନ ତଥ୍ୟ ଉପସ୍ଥାପନ କରିଥିଲେ। କିପରି ଶୀଘ୍ର ରିପୋର୍ଟିଂ, ଦାୟିତ୍ୱପୂର୍ଣ୍ଣ ଅନଲାଇନ୍ ଆଚରଣ ଏବଂ ସୁରକ୍ଷା ପ୍ରୋଟୋକଲର ପାଳନ ସାଇବର ଅପରାଧକୁ ରୋକିପାରିବ ଏବଂ ଏହାର ପ୍ରଭାବକୁ ହ୍ରାସ କରିପାରିବ ସେ ବିଷୟରେ ସେ ବ୍ୟାଖ୍ୟା କରିଥିଲେ। ଏହି ଅବସରରେ ଶ୍ରୀ ଗିରି ସାଇବର ଆକ୍ରମଣର କ୍ରମବର୍ଦ୍ଧିଷ୍ଣୁ ବିପଦ ଉପରେ ଆଲୋକପାତ କରିଥିଲେ ଏବଂ ବ୍ୟକ୍ତିଗତ ସଚେତନତା ଓ ସାଂଗଠନିକ ପ୍ରସ୍ତୁତିର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ଅନିଲ କୁମାର ତାଙ୍କ ବକ୍ତବ୍ୟରେ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ ଡିଜିଟାଲ ସମ୍ପତ୍ତିର ସୁରକ୍ଷା ପାଇଁ ନିରନ୍ତର ଶିକ୍ଷା ଓ ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଆଲୋଚନା ଅଧିବେଶନରେ ଅଂଶଗ୍ରହଣକାରୀଙ୍କୁ ଅଭିଜ୍ଞତା ବାଣ୍ଟିବା ଏବଂ ନିରାପଦ ଡିଜିଟାଲ ଅଭ୍ୟାସ ଉପରେ ସେମାନଙ୍କର ଦ୍ୱନ୍ଦ୍ୱ ସ୍ପଷ୍ଟ କରିବାକୁ ଉତ୍ସାହିତ କରାଯାଇଥିଲା। ଅଧିବେଶନରେ ସାଇବର ସୁରକ୍ଷା ଉପରେ ଏକ କୁଇଜ୍ ମଧ୍ୟ ଅନୁଷ୍ଠିତ ହୋଇଥିଲା। କେ.କେ. ଜୟସ୍ୱାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ




**ରାଉରକେଲା, ୬।୧୧(ସମିସ):** ଉତ୍କଳର ସଂସ୍କୃତି ଓ ପରମ୍ପରାକୁ ନେଇ ସେକ୍ଟର-୨ ଉତ୍କଳ ସାଂସ୍କୃତିକ ପରିଷଦ, ସିଭିଲ ଟାଉନସିପ୍ ଅଞ୍ଚଳସ୍ଥିତ ସିଭିଲ ଟାଉନସିପ୍ ସାଂସ୍କୃତିକ ପରିଷଦ, ଉଦିତନଗରସ୍ଥିତ ଉଦିତନଗର ସାଂସ୍କୃତିକ ପରିଷଦ, ଛେଣ୍ଡ କଳିଙ୍ଗବିହାରସ୍ଥିତ ଛେଣ୍ଡ-କଳିଙ୍ଗ ବିହାର ବୋଇତ ବନ୍ଦାଣ ଉତ୍ସବ ସମିତି ସମେତ ସେକ୍ଟର-୧୪ର କୋଣାର୍କ ସାଂସ୍କୃତିକ ପରିଷଦ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ସାଂସ୍କୃତିକ ଦ୍ୱିତୀୟ ସନ୍ଧ୍ୟାରେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ସମାଜସେବୀ ପ୍ରଫୁଲ୍ଲ ସୁନ୍ୟାନୀ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ଇସ୍ପାତ କାରଖାନା ସହରସେବା ମୁଖ୍ୟ ମହାପ୍ରବନ୍ଧକ ତପନକୁମାର କାନେକର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ତ୍ତିକ ପୂର୍ଣ୍ଣିମାର ମାହାତ୍ମ୍ୟ, ଓଡ଼ିଶାର ପରମ୍ପରା ଓ ଐତିହ୍ୟ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସଭାପତି ରଶ୍ମିତ ସାହାଣୀ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଶଙ୍କର ଜେନା ସମ୍ପାଦକୀୟ ବିବରଣୀ ଓ ଅଧ୍ୟକ୍ଷ ସୁନିଲ କାୟଲ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସମାଜସେବୀ ଯଶବିନ୍ଦର ସିଂ ଗୋଲଡି, ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ହୋତା, କ୍ରୀଡ଼ାବିତ୍ ଦେବଦତ୍ତ ଜେନା, ସାମ୍ବାଦିକ ସସ୍ମିତା ପ୍ରଧାନ, ଆଶୀର୍ବାଦ ସ୍ୱାଇଁ, ସାଗର ଭୂମିଜ, ପ୍ରତିଭା କଳା କେନ୍ଦ୍ର, ନେସ୍‌ଟ୍‌ଜେନ ଡ୍ୟାନ୍ସ ଇନଷ୍ଟିଚ୍ୟୁଟ, କଲ୍ୟାଣୀ କଳା କେନ୍ଦ୍ର, ସେକ୍ଟର - ୩ ଥାନା ପ୍ରଭାରୀ ପିଙ୍କି ମୁର୍ମୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କଣ୍ଠଶିଳ୍ପୀ ଇରା ମହାନ୍ତି ଓ ତାଙ୍କ ଗ୍ରୁପ୍ ଦ୍ୱାରା ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଭୋର ସମୟରେ ଅନୁଷ୍ଠାନ ତରଫରୁ ଏକ ଡିଜାଇନ୍ ଶାଢ଼ି ପରିହିତା ପ୍ରାୟ ୨୦୦ ମହିଳା ଏକ ଶୋଭାଯାତ୍ରାରେ ଯାଇ କୋଏଲ ନଦୀର ବୈକୁଣ୍ଠ ଘାଟରେ ବୋଇତ ଭସାଇ ଥିଲେ। ପରିଷଦର ସମସ୍ତ ଉପଦେଷ୍ଟା, କର୍ମକର୍ତ୍ତା ଓ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୋନାଲିସା ସାହୁ, ଜ୍ୟୋସ୍ନାରାଣୀ ସାହୁ, ମୋନାଲିସା ଗୌଡ଼ ମଞ୍ଚ ପରିଚାଳନା ଓ ଗରିମା ପରିବାରର ସମସ୍ତ ସଦସ୍ୟା ସହଯୋଗ କରିଥିଲେ।

## ଭାଗବତ ପାରାୟଣ ଉଦ୍‌ଯାପିତ

**ବଣାଇଁ, ୬।୧୧(ସମିସ):** ବଣାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ କାର୍ତ୍ତିକ ମାସ ଉପଲକ୍ଷେ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଥିଲା। ଗତ ୦୭ ତାରିଖ ଅପରାହ୍ନ ୩ରୁ କଳସ ଅଧିବାସ, ଅଖଣ୍ଡ ଦୀପ ପ୍ରଜ୍ୱଳନ, ଶ୍ରୀ ଭାଗବତ ବ୍ୟାସ ସ୍ଥାପନ ରୂପକ ଅଧିବାସ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଗତ ୮ ତାରିଖ ଠାରୁ ପ୍ରତ୍ୟହଃ ଦିନ ଗୋ ପୂଜା, ସୂର୍ଯ୍ୟ ପୂଜା, ମନ୍ଦିରସ୍ଥ ଶ୍ରୀ ଜଗନ୍ନାଥ ଓ ଅନ୍ୟାନ୍ୟ ଦେବ ପୂଜନ, ବୈଷ୍ଣବ ଷଡ଼ ମୁନି କଳସାଧି ପୂଜନ, ନବ ମୁନି ପୂଜନ, ଶାଳଗ୍ରାମ ବିଷ୍ଣୁ ପ୍ରତିମାଙ୍କ ମହାସ୍ନାନ, ସପ୍ତ ଚିରଞ୍ଜୀବି, ଗାୟତ୍ରୀ ମଣ୍ଡଳ, ବ୍ୟାସମଣ୍ଡଳ, ବର୍ଦ୍ଧନୀଘଟ ଇତ୍ୟାଦି ପୂଜନ ହେବା ସହ ଅପରାହ୍ନ ୨ଘଟିକାରୁ ଭାଗବତ ପାରାୟଣ, ବ୍ୟାଖ୍ୟା, ପ୍ରବଚନ ଆଦି କରାଯିବା ସହିତ ଆଜି ପୂର୍ଣ୍ଣାହୁତି କରାଯାଇଥିଲା। ପୁରୋହିତ ଭାବେ ଅଜୟ କୁମାର ମିଶ୍ର, ପଠନ ଓ ବ୍ୟାଖ୍ୟା କାର ଭାବେ ସତ୍ୟ ନାରାୟଣ ଷଡ଼ଙ୍ଗୀ, ପ୍ରଭାତ କୁମାର ପଣ୍ଡା, ନାରାୟଣ ତ୍ରିପାଠୀ, ପଦ୍ମଚରଣ ଆଚାର୍ଯ୍ୟ କାର୍ଯ୍ୟ ତୁଲାଇଥିଲେ। କର୍ତ୍ତା ଭାବେ ସନ୍ତୋଷ ଷଡ଼ଙ୍ଗୀ ସପତ୍ନୀଙ୍କ ଉକ୍ତ ଯଜ୍ଞକାର୍ଯ୍ୟକୁ ସମ୍ପାଦନ କରିଥିଲେ। ଶ୍ରୀନିବାସ ମିଶ୍ର, ବୈକୁଣ୍ଠ ବେହେରା, କୃଷ୍ଣଚନ୍ଦ୍ର କୁଅଁର, ଅଭିରାମ କିସାନ, ଦୋଳଭଞ୍ଜନ ଭଞ୍ଜ, ବିରଜା ପ୍ରସାଦ ମହାନ୍ତି, ମନୋଜ ସାଥୁଆ, ରାଜେଶ ପଣ୍ଡା ପ୍ରମୁଖ ଉକ୍ତ ଯଜ୍ଞକାର୍ଯ୍ୟରେ ସହାୟତା କରିଥିଲେ।

## ମୁଢ଼ି କାରଖାନାରେ ଅଗ୍ନିକାଣ୍ଡ

**ରାଉରକେଲା, ୬।୧୧(ସମିସ):** ଉଦିତନଗର ସ୍ଥିତ ଓରାମପଡ଼ା ଟାୱାର ଗଳିରେ ଥିବା ଏକ ମୁଢ଼ି କାରଖାନାରେ ନିଆଁ ଲାଗି କାରଖାନାର ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଥିବା ଜଣାପଡ଼ିଛି। ସର୍ଟ୍‌ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୁରୁବାର ଭୋର ସମୟରେ ନିଆଁ ଲାଗିଥିବା ବେଳେ ଅନ୍ୟ ଦୋକାନ ବା ଘରକୁ ବ୍ୟାପୀ ନ ଥିଲା। ନଚେତ୍ ବଡ଼ କ୍ଷୟକ୍ଷତି ହୋଇଥାନ୍ତା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

## ପ୍ରବନ୍ଧ ସଂକଳନ 'ନୌବାଣିଜ୍ୟରୁ ମହତାବ' ଲୋକାର୍ପିତ




**ରାଉରକେଲା, ୬।୧୧(ସମିସ):** ସ୍ଥାନୀୟ ସେକ୍ଟର-୫ସ୍ଥିତ କଲଚରାଲ ଏକାଡେମୀ ପରିସରରେ ଜାତୀୟ ଅଭିଲେଖାଗାରର ପୂର୍ବତନ ଉପ-ନିର୍ଦ୍ଦେଶକ ଡକ୍ଟର ଲଲାଟେନ୍ଦୁ ଦାସ ମହାପାତ୍ରଙ୍କର ଗବେଷଣାଭିତ୍ତିକ ଇତିହାସ ସମ୍ପର୍କିତ ପ୍ରବନ୍ଧ ସଂକଳନ 'ନୌବାଣିଜ୍ୟରୁ ମହତାବ'ର ଲୋକାର୍ପିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାବନ୍ଧିକ ଗଗନବିହାରୀ ଧଳ ଇତିହାସ ଲିଖନରେ ଲେଖକଙ୍କର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ପ୍ରଶଂସା କରିଥିଲେ। ପୁସ୍ତକର ସମୀକ୍ଷକ ଭାବେ ଯୋଗଦେଇ ବିଶିଷ୍ଟ ଐତିହାସିକ ତଥା ପ୍ରାବନ୍ଧିକ ଡ. ପ୍ରଭାତ ମଲ୍ଲିକ କହିଲେ 'ନୌବାଣିଜ୍ୟରୁ ମହତାବ' ପୁସ୍ତକ ରଚନାରେ ଲେଖକ ଲଲାଟେନ୍ଦୁ ଦାସମହାପାତ୍ରଙ୍କର ପ୍ରାମାଣିକ ତଥ୍ୟ ଉପସ୍ଥାପନା ଓ ତା'ର ବିଶ୍ଳେଷଣର ବୈଚାରିକ ଦୃଷ୍ଟି ଓଡ଼ିଆ ଜାତିକୁ ଏକ ମୂଲ୍ୟବାନ୍ ଦସ୍ତାବିଜ୍ ଦେବାରେ ସହାୟକ ହୋଇଛି। ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିବା ଅବସରରେ ଡ. ଦାସମହାପାତ୍ର କହିଲେ ଇତିହାସ ଲିଖନ ଏକ ଅବିରତ ଧାରା, ନୂତନ ଐତିହାସିକ ତଥ୍ୟ ପୁରାତନ ଲିଖନର ଶୂନ୍ୟସ୍ଥାନ ପୂରଣ କରୁଛି ଏବଂ କରୁଥିବ। କଲଚରାଲ ଏକାଡେମୀର ସଭାପତି ପଶୁପତିନାଥ ଚାଟାର୍ଜୀ ସଭାପତିତ୍ୱ କରିବା ସହିତ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ କାଶୀନାଥ ପାତ୍ର ମଞ୍ଚ ପରିଚାଳନା କରିଥିଲା ବେଳେ ସମ୍ପାଦକ ଡକ୍ଟର ନଗେନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କଲଚରାଲ ଏକାଡେମୀର ଅକ୍ଷୟ କୁମାର ସାମଲ, ଡ. କୃପାସିନ୍ଧୁ ନାୟକ, ଭୂପେନ ମହାପାତ୍ର, ପ୍ରତାପ ପଣ୍ଡା, ଡ. ଗୀତାଞ୍ଜଳି ପତ୍ରୀ, ରଶ୍ମୀବାଳା ରାଉତରାୟ, ବଳରାମ ରାଉଳ, ବବିତା ମହାପାତ୍ର, ବିଚିତ୍ରାନନ୍ଦ ସାହୁ, ଗୋକୁଳାନନ୍ଦ ଦାଶ, ଅକ୍ଷୟ କୁମାର ପଣ୍ଡା, କିଶୋର ଚନ୍ଦ୍ର ବେହେରା, ସୁଜିତ ନାୟକ, ରାଧାମୋହନ ନାୟକ, ଅରବିନ୍ଦ ପାତ୍ର, ଆର୍ତ୍ତତ୍ରାଣ ମହାପାତ୍ର, ପ୍ରଶାନ୍ତ ଦାସ, ଜଗନ୍ନାଥ ରାଉତ, ବ୍ରଜେନ୍ଦ୍ର ଦାଶ ପ୍ରମୁଖ ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଉତ୍ପାଦ ପରୀକ୍ଷଣ ପ୍ରୟୋଗଶାଳା ଲାଗି ଭୂମିପୂଜା



**ରାଉରକେଲା, ୬।୧୧(ସମିସ)**

ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ନୂତନ ପ୍ଲେଟ୍ ମିଲ୍, ସ୍ୱତନ୍ତ୍ର ପ୍ଲେଟ୍ ପ୍ଲାଣ୍ଟ ଏବଂ ହଟ୍ ଷ୍ଟ୍ରିପ୍ ମିଲ୍-୨ ପାଇଁ ଉତ୍ପାଦ ପରୀକ୍ଷଣ ପ୍ରୟୋଗଶାଳା ପ୍ରକଳ୍ପର ଭୂମିପୂଜନ ସମାରୋହ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ସହ ଏହି ଅତ୍ୟାଧୁନିକ ସୁବିଧା ପାଇଁ ସିଭିଲ୍ ଏବଂ ନିର୍ମାଣ କାର୍ଯ୍ୟଧାରାର ଆରମ୍ଭ ହୋଇଛି। ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଲେ ଏହି ନୂତନ ପ୍ରୟୋଗଶାଳାରେ ପ୍ରାସଙ୍ଗିକ ଜାତୀୟ ଏବଂ ଅନ୍ତର୍ଜାତୀୟ ମାନଦଣ୍ଡ ଅନୁଯାୟୀ ବିଭିନ୍ନ ପ୍ରକାରର ଯାନ୍ତ୍ରିକ ଏବଂ ଧାତୁ ପରୀକ୍ଷା କରାଯିବା ପାଇଁ ଉନ୍ନତ ପରୀକ୍ଷଣ ସୁବିଧା ରହିବ। ସୂଚନାଯୋଗ୍ୟ ଯେ ଏହି ସୁବିଧାରେ ୨୩ ପ୍ରକାରର ନମୁନା ପ୍ରସ୍ତୁତି ମେସିନ୍ (୬୩ ୟୁନିଟ୍) ଏବଂ ୨୮ ପ୍ରକାରର ପରୀକ୍ଷଣ ଉପକରଣ (୪୯ ୟୁନିଟ୍) ରହିବ, ଯେଉଁଥିରେ ଅପ୍ଟିକାଲ୍ ଏମିସନ୍ ଏବଂ ଏକ୍ସଆରଏଫ ସ୍ପେକ୍ଟ୍ରୋମିଟର୍, କାର୍ବନ/ସଲଫର ଏବଂ ଅମ୍ଳଜାନ/ ନାଇଟ୍ରୋଜେନ୍/ ହାଇଡ୍ରୋଜେନ୍ ବିଶ୍ଳେଷକ, ଡ୍ରପ୍‌ୱେଟ ଟିୟର ଟେଷ୍ଟିଂ ମେସିନ୍ (୫୦କିଲୋ ଜୁଲ), ୟୁନିଭର୍ସାଲ୍ ଟେନସାଇଲ୍ ପରୀକ୍ଷଣ ମେସିନ୍, ଚାର୍ପି ଇମ୍ପାକ୍ଟ ଟେଷ୍ଟର୍, ବେଣ୍ଡିଂ ଏବଂ ଫୋଲ୍ଡିଂ ପରୀକ୍ଷଣ ମେସିନ୍, ସ୍କାନିଂ ଇଲେକ୍ଟ୍ରୋନ୍ ମାଇକ୍ରୋସ୍କୋପ୍, ଇମେଜ୍ ବିଶ୍ଳେଷକ ଏବଂ ଭିକର୍ସ, ମାଇକ୍ରୋ ଭିକର୍ସ, ବ୍ରିନେଲ୍ ଏବଂ ରକୱେଲ୍ ଭଳି ବିଭିନ୍ନ କଠୋରତା ପରୀକ୍ଷଣ ସିଷ୍ଟମ୍ ଅନ୍ତର୍ଭୁକ୍ତ। ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ, ଉତ୍ପାଦ ପରୀକ୍ଷଣ ପ୍ରୟୋଗଶାଳା ଆରଏସପିର ଗୁଣବତ୍ତା ନିୟନ୍ତ୍ରଣ ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ, ଏହା ନିଶ୍ଚିତ କରିବ ଯେ ନୂତନ ମିଲ୍‌ଗୁଡ଼ିକରୁ ଉତ୍ପାଦଗୁଡ଼ିକ ସ୍ଥିର ଭାବରେ କଠୋର ସାମଗ୍ରୀ ଗ୍ରେଡ୍ ଏବଂ କାର୍ଯ୍ୟଦକ୍ଷତା ଆବଶ୍ୟକତା ପୂରଣ କରେ, ଯେଉଁଥିରେ ତୃତୀ ପକ୍ଷ ଯାଞ୍ଚ ଏଜେନ୍ସିଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ। ଏହି ସୁବିଧା ଆରଏସ୍‌ପିର ଏହାର ଇସ୍ପାତ ଉତ୍ପାଦଗୁଡ଼ିକର ଉତ୍କୃଷ୍ଟ ଗୁଣବତ୍ତା ବୈଧତା ଏବଂ ପ୍ରଦର୍ଶନ କରିବାର କ୍ଷମତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ, ଯାହାଦ୍ୱାରା ଗ୍ରାହକଙ୍କ ବିଶ୍ୱାସକୁ ସୁଦୃଢ଼ କରିବ ଏବଂ ଉତ୍କର୍ଷତା ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରିବ। ଏହି ଅବସରରେ ସେବା ବିଭାଗର ସିଜିଏମ୍ ଇନଚାର୍ଜ ଆତିଶ ଚନ୍ଦ୍ର ସରକାର, ପ୍ରକଳ୍ପ ବିଭାଗର ସିଜିଏମ ଡି.କେ. ସାହୁ ଓ ରାହୁଲ ଅଗ୍ରୱାଲ, ପ୍ରକଳ୍ପ ବାଣିଜ୍ୟିକ ବିଭାଗର ସିଜିଏମ୍ ଅଶ୍ୱିନୀ କୁମାର ସାହୁ ଏବଂ ଆରସିଏଲ ବିଭାଗର ଜିଏମ ଓ ବିଭାଗ ମୁଖ୍ୟ ଆରଏସ୍ ଶର୍ମା, ଏବଂ ଆରଏସପି, ସିଇଟିର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ତଥା ମେସର୍ସ ଷ୍ଟର୍ଲିଂ ଆଣ୍ଡ ୱିଲସନ୍ ପ୍ରାଇଭେଟ୍ ଲିମିଟେଡର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ଏହି ପ୍ରକଳ୍ପ ପାଇଁ ଚୁକ୍ତିନାମା ଗତ ଜୁଲାଇ ୪ ତାରିଖରେ ଆର୍‌ଏସ୍‌ପି ଏବଂ ମେଷର୍ସ ଷ୍ଟର୍ଲିଂଆଣ୍ଡ ୱିଲଶନ ପ୍ରାଇଭେଟ ଲିମିଟେଡ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା। ୧୩୫.୮୧ କୋଟି ଟଙ୍କାର ଚୁକ୍ତିନାମା ମୂଲ୍ୟ ଏବଂ ୨୫ ମାସର କାର୍ଯ୍ୟାନ୍ୱୟନ ଅବଧି ସହିତ, ଏହି ପ୍ରକଳ୍ପ ନୂତନ ଏବଂ ବିଦ୍ୟମାନ ମିଲ୍‌ଗୁଡ଼ିକର ଉଚ୍ଚମାନର ଉତ୍ପାଦ ପରିସରକୁ ପୂରଣ କରିବା ପାଇଁ ଏକ ବ୍ୟାପକ ଏବଂ ଆଧୁନିକ ପରୀକ୍ଷଣ ଭିତ୍ତିଭୂମି ସ୍ଥାପନ କରିବାର ଲକ୍ଷ୍ୟ ରଖିଛି।

# କନିଷ୍ଠ ଯନ୍ତ୍ରୀ ନଥିବାରୁ କାର୍ଯ୍ୟ ବନ୍ଦ



**ବିନିକା,୬ ।୧୧(ସମିସ):** ସହରର ବିକାଶ ପାଇଁ ସରକାର ଯୋଜନା ଉପରେ ଯୋଜନା ତିଆରି କରୁଛନ୍ତି। ସେଥିପାଇଁ ପ୍ରଚୁର ପରିମାଣରେ ଅନୁଦାନ ଯୋଗାଇ ଦେଉଛନ୍ତି। ହେଲେ ଖୋଦ୍ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦରେ ସେହି ବିଭାଗର କନିଷ୍ଠ ଯନ୍ତ୍ରୀ ନ ଥିବାରୁ ଆସିଥିବା ଅନୁଦାନ ବିନିଯୋଗ ହୋଇ ନ ପାରି ପଡ଼ି ରହିଛି। ଫଳରେ ସହରବାସୀଙ୍କ ଠାରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ କୁଆଡେ ବିନିକା ଏନ୍ଏସିକୁ ପ୍ରାୟ ୨କୋଟି ଟଙ୍କା ଆସିଛି। ହେଲେ କାର୍ଯ୍ୟ ତଦାରଖ ପାଇଁ କନିଷ୍ଠ ଯନ୍ତ୍ରୀ ନ ଥିବାରୁ ଉକ୍ତ ଟଙ୍କା ପଡ଼ିରହିଛି। ସେହିପରି ଜୁନିଅର ଆସିଷ୍ଟାଣ୍ଟ ପଦ ଖାଲି ରହିଛି। ଦୀର୍ଘ ଦେଢ଼ବର୍ଷ ପରେ ଜଣେ ରେଭେନ୍ୟୁ ବିଭାଗରୁ ଆସି ଜୁନିଅର ଆସିଷ୍ଟାଣ୍ଟ କାର୍ଯ୍ୟ ତୁଲାଉଛନ୍ତି।

ତେଣୁ ଶୀଘ୍ର ବିନିକା ଏନ୍ଏସିର ଉନ୍ନୟନ କାର୍ଯ୍ୟକୁ ତ୍ୱରାନିତ କରିବା ଦିଗରେ ଉଚ୍ଚ ବିଭାଗ କର୍ତ୍ତୃପକ୍ଷ ପଦକ୍ଷେପ ନେବା ସହିତ ଖାଲିଥିବା ପଦପୂରଣ କରିବାକୁ ଦାବି ହେଉଛି।

## ସାଇବର ସୁରକ୍ଷା ଅଭିଯାନ

# 'ଲିଙ୍କ୍ କ୍ଲିକ୍ ପୂର୍ବରୁ ସତର୍କତା ଜରୁରୀ'

**ତରଭା,୬ ।୧୧(ସମିସ)**

ଇଣ୍ଟରନେଟ ଦୁନିଆରେ ସର୍ବଦା ସତର୍କ ରୁହନ୍ତୁ ଏବଂ କୌଣସି ଲିଙ୍କକୁ କ୍ଲିକ୍ କରିବା ପୂର୍ବରୁ ଭଲଭାବେ ଭାବନ୍ତୁ ବୋଲି ଗୁରୁବାର ତରଭା ପୁଲିସ ତରଫରୁ ଆୟୋଜିତ ସାଇବର ସୁରକ୍ଷା ଅଭିଯାନରେ ଉପସ୍ଥିତ ବକ୍ତାମାନେ ଏଭଳି ମତ ଦେଇଥିଲେ।

ତରଭା ବାଳକ ହାଇସ୍କୁଲ ପରିସରରେ ଆଇଆଇସି ଅନିତା କିଡୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଳକ ହାଇସ୍କୁଲର ପ୍ରଧାନଶିକ୍ଷକ ମୁରଲୀଧର ବିଶ୍ୱାଳ ମୁଖ୍ୟ ଅତିଥି, ସାମ୍ବାଦିକ ସଂଘ ସଭାପତି ଅଶୋକ ସାହୁ, ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ କବିତା ବରେଇ, ମେଣ୍ଡା ଫାଣ୍ଡି ଅଧିକାରୀ ଟଙ୍କଧର ଛତ୍ରିଆ, ଅବସରପ୍ରାପ୍ତ ଶିକ୍ଷକ ଜୟପ୍ରକାଶ ନାରାୟଣ ସାହୁ, ସାମ୍ବାଦିକ କପିଳାସ ସେଠ, ଅନ୍ତର୍ଯ୍ୟାମୀ ସାହୁ, କଲ୍ୟାଣ ନାଏକ, ଏସ୍ଆଇ ଟେରେସା କିଣ୍ଡୋ, କମସରା ଫାଣ୍ଡି ଅଧିକାରୀ ସୁରଞ୍ଜି ସେଠୀ, ଏଏସ୍ଆଇ ସୁଧୀର ଜେନା, ଏଏସ୍ଆଇ ଶୁଭେନ୍ଦୁ ସିଂ ବାବୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏସ୍ଆଇ ଶ୍ରୀ ଛତ୍ରିଆ ଛାତ୍ରଛାତ୍ରୀ ମାନଙ୍କୁ ଡିଜିଟାଲ ଆରେଷ୍ଟ ଠକେଇ, ନିବେଶ ଓ ଟ୍ରେଡିଂ ଠକେଇ, ପାର୍ଶଲ/କଷ୍ଟମ ଠକେଇ, ସେକ୍ସଟୋର୍ସନ ଫାନ୍ଦ, ନକଲି ଋଣ/ତତ୍କାଳ କ୍ରେଡିଟ ଆପ, ନକଲି ପରିଚୟ ଏବଂ ଓଟିପି ଠକେଇ, ଚାକିରି ଓ ଘରୁ କାମ କରିବାର ଠକେଇ, ଇ-କମର୍ସ ରିଫଣ୍ଡ/ଅଫର ଠକେଇ ପ୍ରଭୃତି ସାଇବର ଠକେଇ ଓ ସେଥିରୁ ବର୍ତ୍ତିବାର ଉପାୟ ବତାଇବା ସହ ସାଇବର ଠକେଇର ଶିକାର ହେଲେ ହେଲ୍ପଲାଇନ ନମ୍ବର ୧୯୩୦କୁ ଜଣାଇବାକୁ କହିଥିଲେ।



ଏଉପଲକ୍ଷେ ଆୟୋଜିତ କୁଇଜ ପ୍ରତିଯୋଗିତାରେ ସଠିକ ଉତ୍ତର ଦେଇ ବାଳକ ହାଇସ୍କୁଲର ଛାତ୍ର ସୌରଭ ମିଶ୍ର, ପଞ୍ଚାନନ ସାହୁ, ଅଭିଷେକ ସାହୁ, ରୋଶନ ଦୀପ, ପ୍ରିୟାଂସୁ ଚନ୍ଦନ ବାଳିକା ହାଇସ୍କୁଲର ଛାତ୍ରୀ ସୌଭାଗିନୀ ଛତ୍ରିଆ,ଶର୍ମିଷ୍ଠା ପ୍ରିୟଦର୍ଶନୀ ମେହେର, ନନ୍ଦିନୀ ମେହେର, ଶ୍ରାବଣୀ ନାଏକ ପୁରସ୍କୃତ ହୋଇଥିଲେ। ସାମ୍ବାଦିକ ସଂଘ ସମ୍ପାଦକ ମାନଭଞ୍ଜନ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଏଏସ୍ଆଇ ଶ୍ରୀ ସିଂବାବୁ ଧନ୍ୟବାଦ ଦେଇଥିଲେ।

## ମିର୍ଦ୍ଧା ସମାଜର ବାର୍ଷିକ ସମ୍ମିଳନୀ

**ବୌଦ୍ଧ,୬ ।୧୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକଉ ମିର୍ଦ୍ଧା ସମାଜର ବାର୍ଷିକ ସମ୍ମିଳନୀ ଓ ସାମୂହିକ ଅସ୍ଥି ବିସର୍ଜନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସମାଜର ମହିଳା ଓ ପୁରୁଷମାନେ ଏକ ଶୋଭାଯାତ୍ରାରେ ଆସି କଣ୍ଟିଆପାଲି ଓ ମଧୁପୁରର ମଧ୍ୟସ୍ଥଳରେ ଇଷ୍ଟଦେବତା ବୁଢାରଜାଙ୍କ ପୀଠରେ ଯୋଗ ଦେଇଥିଲେ। ସମାଜର ପୂଜକ ପରମେଶ୍ୱର ବାଘ ରୀତିନୀତି ଅନୁଯାୟୀ ପୂଜାପାଠ କରିଥିଲେ। ପରେ ଉଦ୍‌ଘାଟନୀ ସଭାରେ ବଲାଙ୍ଗୀର ଜିଲ୍ଲା ସଭାପତି ଗୋପାଳ ପ୍ରଧାନ କଳାହାଣ୍ଡି ଜିଲ୍ଲା ସଭାପତି ସ୍ୱୟମ୍ବର ମିର୍ଦ୍ଧା ସୁବର୍ଣ୍ଣପୁର ଜିଲ୍ଲା ଗୁଡି ସଭାପତି ବାଲକୀ ମାଝୀ ଓ ବଗଡ଼ା ଗୁଡ଼ି ସଭାପତି ବିବସ୍ୱ ମିର୍ଦ୍ଧା ସମାଜର ସାଙ୍ଗଠନିକ ବାର୍ତ୍ତା ପ୍ରଦାନ କରିଥିଲେ। ଅନେକ ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ। ପରଦିନ ଉଦ୍‌ଯାପନୀ ଦିବସରେ ୧୭ଟି ଗ୍ରାମର ଇହଧାମ ତ୍ୟାଗ କରିଥିବା ପୂର୍ବପୁରୁଷଙ୍କ ସାମୂହିକ ଅସ୍ଥି ବିସର୍ଜନ ନିକଟସ୍ଥ ତେଲନଦୀ ସୁନାମୁହିଁ କୁଣ୍ଡିଘାଟିରେ କରାଯାଇଥିଲା। ସମାଜର ଆଭ୍ୟନ୍ତରୀଣ ଆଲୋଚନା ସଭାରେ ଜିଲ୍ଲା ସଂପାଦକ ସ୍ୱାଧୀନ ମିର୍ଦ୍ଧା ଗୁଡ଼ି ସଭାପତି ବୃନ୍ଦାବନ ମିର୍ଦ୍ଧା ଉପସଭାପତି ଲିଙ୍ଗରାଜ ଛତ୍ରିଆ ସଂପାଦକ ଉତ୍ତମ ବାଘ ସମାଜର ଉନ୍ନତି ନିମନ୍ତେ ମତବ୍ୟକ୍ତ କରିଥିଲେ। ସଭାକୁ ଲମ୍ବୋଦର ମିର୍ଦ୍ଧା ସଂଯୋଜନା କରିଥିବା ବେଳେ ଲବ ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଜଲକ୍ଷ୍ମୀ ପୂଜା ସ୍ୱସ୍ତିକ କ୍ଲବ କମିଟି କର୍ମକର୍ତ୍ତା ଚୟନ

**ପଲଶାଗୋରା,୬ ।୧୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଲଶାଗୋରା ଗଜଲକ୍ଷ୍ମୀ ପୂଜା ସ୍ୱସ୍ତିକ କ୍ଲବର ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶାନ୍ତନୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗତ ପୂଜା ବିଷୟରେ ଆଲୋଚନା କରିବା ସହ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରାଯାଇଥିଲା। ପରେ ନୂତନ କର୍ମକର୍ତ୍ତା ଚୟନ ବିଷୟରେ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ସଭାପତି ଭାବେ କୁନ୍ଦନ କୁମାର ଦନ୍ତା, ଉପସଭାପତି ରଞ୍ଜନ ପଣ୍ଡା, ସମ୍ପାଦକ ସତ୍ୟନାରାୟଣ ପ୍ରଧାନ, ସହସମ୍ପାଦକ ମୁନା ସାହୁ, କୋଷାଧ୍ୟକ୍ଷ ଭାବେ କୁନାଭୋଇଙ୍କୁ ଚୟନ କରାଯାଇଥିଲା।

## ଯୋଗାଣ ସହାୟକ ନିଯୁକ୍ତି ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଡୁଙ୍ଗୁରିପାଲି,୬ ।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଅଧୀନ ଗାଜବନ୍ଧ ପଞ୍ଚାୟତରେ ଯୋଗାଣ ସହାୟକ ନିଯୁକ୍ତି କରିବା ଦାବିରେ ଆଜି ଡୁଙ୍ଗୁରିପାଲି ବିଡିଓଙ୍କ ଜରିଆରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗଜବନ୍ଧ ପଞ୍ଚାୟତରେ ଯୋଗାଣ ସହାୟକ ପଦ ଖାଲି ଥିବାରୁ ପଞ୍ଚାୟତର ହିତାଧିକାରୀମାନେ ଅନେକ ସମୟରେ ରାସନ ସାମଗ୍ରୀ ଗ୍ରହଣବେଳେ ଅସୁବିଧାର ସମ୍ମୁଖୀନ ହେଉଥିବାର ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଆଉ ମଧ ଦର୍ଶାଇଛନ୍ତି ଯେ ଜଣେ ବେସରକାରୀ ଲୋକ ପଞ୍ଚାୟତରେ ଚାଉଳ ବଣ୍ଟନରେ ନିୟୋଜିତ ରହୁଛନ୍ତି। ଏହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଣୁ ପିଡିଏସ୍ ବଣ୍ଟନକୁ ଠିକ୍ ଭାବରେ ପରିଚାଳିତ କରିବା ପାଇଁ ନୂତନ ଯୋଗାଣ ସହାୟକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଦାବି ହେଉଛି।

# ଶ୍ରୀପୁରୁଷୋତ୍ତମ ଦିବ୍ୟଧାମ ଜଗନ୍ନାଥଙ୍କ ପ୍ରତିଷ୍ଠା ଓ ନବଗ୍ରହ ବିଗ୍ରହ ସ୍ଥାପନ

**ପୁରୁଣାକଟକ,୬ ।୧୧(ସମିସ):** କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୌଦ୍ଧ ଜିଲ୍ଲାର ଚାରିଛକସ୍ଥିତ ଶ୍ରୀପୁରୁଷୋତ୍ତମ ଦିବ୍ୟଧାମ ଜଗନ୍ନାଥ ମହାପ୍ରଭୁଙ୍କ ୧୫ତମ ପ୍ରତିଷ୍ଠା ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଜଗନ୍ନାଥ ମହାପ୍ରଭୁଙ୍କ ସକାଳ ଧୂପ ପରେ କଳସ ଯାତ୍ରାରେ ଭକ୍ତମାନେ ଯାଇ ନଦୀରୁ ପାଣି ଆଣି ନିଜ ମାନସିକ ପୂରଣ ନିମନ୍ତେ ଶୁଭକଳସ ସ୍ଥାପନ କରିଥିଲେ। ପରେ ଭକ୍ତଙ୍କ ମାନସିକ ପୂରଣ ନିମିତ୍ତ ହୋମଯଜ୍ଞ, ବିଷ୍ଣୁସହସ୍ର ନାମ ଓ ହନୁମାନ ଚାଳିଶା ପାଠ ସହ ୧୦୮ ଆଳତି କରାଯାଇଥିଲା। ପରେ ଶନିଦେବଙ୍କ ମନ୍ଦିରରେ ନବଗ୍ରହ ମୂର୍ତ୍ତି ଯଥା ରୀତିନୀତି ଓ ହୋମଯଜ୍ଞ ସହ ସ୍ଥାପନ କରାଯାଇଥିଲା। କର୍ତ୍ତା ଅର୍ଜୁନ କହଁର ଓ ଦିଲ୍ଲୀପ ପ୍ରଧାନଙ୍କ ଦ୍ୱାରା ସମସ୍ତ ଯଜ୍ଞ କାର୍ଯ୍ୟ ସମ୍ପାଦିତ ହୋଇଥିଲା। କୃଷ୍ଣଚନ୍ଦ୍ର ପାଢ଼ୀ, ଜିତେନ୍ଦ୍ର ନାଥ ଦାଶ, ମନ୍ଦିର ପୁରୋହିତ ନାରାୟଣ ନନ୍ଦ, ଚନ୍ଦ୍ରଶେଖର ପୁରୋହିତ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଠିଡିକାଯୋର ଗାଁ କମିଟି, କେଦାରେଶ୍ୱ ଶିବ ମନ୍ଦିର କମିଟି, ଗଣେଶ ପୂଜା କମିଟି, ରାମସେନା, ମାଦୁର୍ଗା ବଣିକ ସଂଘର ସମସ୍ତ ସଦସ୍ୟଙ୍କ ସମେତ ମହେଶ୍ୱର ନାୟକ, ସମ୍ପାଦକ ବାମଦେବ ଦାଶ, ବେଦବର ପ୍ରଧାନ, ସିକନ ନାୟକ, ଲୋକନାଥ ନାୟକ, ଚନ୍ଦ୍ରମଣି କହଁର, ସ୍ୱପ୍ନେଶ୍ୱର ଯାନୀ, ସୁବାସ ପ୍ରଧାନ, ମାନସ ବେହେରା, ଆଶିଷ ସାହୁ, କୃଷ୍ଣଚନ୍ଦ୍ର ମଲ୍ଲିକ, ଅନାଦି ସାହୁ, ଦିଲ୍ଲୀପ ସାହୁ ଅନ୍ୟ ସମସ୍ତ ଅଞ୍ଚଳବାସୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ସ୍ଥାନୀୟ କୁନି କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୁଶାନ୍ତ ପ୍ରଧାନ, ସୁବାଷ ପ୍ରଧାନ, ମନ୍ଦିର ସଭାପତି କୃଷ୍ଣଚନ୍ଦ୍ର ମଲ୍ଲିକ, ନାଏବ ସରପଞ୍ଚ ସୌଦାମିନୀ ମଲ୍ଲିକ, ବେଦବର ପ୍ରଧାନ ଯୋଗ ଦେଇଥିଲେ। ସନ୍ଧ୍ୟାରେ ବିଶ୍ୱର ମଙ୍ଗଳ ନିମନ୍ତେ ଭକ୍ତମାନଙ୍କ ଦ୍ୱାରା ୧ ହଜାର ୮ଟି ଦୀପ ଦାନ କରାଯାଇଥିଲା।



## ଚାରିଶମ୍ଭୁରେ ଏକାଦଶୀ ବ୍ରତ ଉଦ୍‌ଯାପିତ



**ବୌଦ୍ଧ,୬ ।୧୧(ସମିସ):** ବୌଦ୍ଧ ବ୍ଲକ୍ ଐତିହାସିକ ଚାରିଶମ୍ଭୁ ପୀଠରେ ଅଞ୍ଚଳର ଚବିସା ଏକାଦଶୀ ବ୍ରତ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଅନନ୍ତମୁଖୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତା ଭାବେ ନାରାୟଣ ମିଶ୍ର ଓ ତାଙ୍କ ପତ୍ନୀ କୌଶଲ୍ୟା ମିଶ୍ର ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବେ ସୁଶୀଲ ପାଣିଗ୍ରାହୀ ପୂଜାକାର୍ଯ୍ୟ କରିଥିଲେ। ପ୍ରଭାତ ଶତପଥୀ, ହନି ଶତପଥୀ, ଧ୍ରୁବଚରଣ ପାଣିଗ୍ରାହୀ, ପ୍ରତିମା ପାଣିଗ୍ରାହୀ, ଚିତ୍ତରଞ୍ଜନ ପୁରୋହିତ, ସାବିତ୍ରୀ ପୁରୋହିତ, ମନରଞ୍ଜନ ପୁରୋହିତ, ଭାରତୀ ପୁରୋହିତ, ଅଶୋକ ପାଣ୍ଡିଆ, ସୁଶୋଭିତା ପାଣ୍ଡିଆ, ମଧୁସୂଦନ ପଣ୍ଡା, ଗୌରୀ ପଣ୍ଡା, ରଞ୍ଜନ ମିଶ୍ର, ପ୍ରଭାତୀ ତ୍ରିପାଠୀ, ମନ୍ଦାକିନୀ ପୁରୋହିତ, ସୀତାଞ୍ଜଳି ପୁରୋହିତ, ପ୍ରେମାନନ୍ଦ ବେହେରା, ବିଜୟଲକ୍ଷ୍ମୀ ମିଶ୍ର, ଜନାର୍ଦ୍ଦନ ପଣ୍ଡା, ଜ୍ୟୋତିର୍ମୟୀ ତ୍ରିପାଠୀ ପ୍ରମୁଖ ବ୍ରତଧାରୀ ଥିଲେ।

## ଅଷ୍ଟପ୍ରହର ନାମଯଜ୍ଞ ସହ ଛାଡ଼ଖାଇ ଯାତ୍ରା ସମ୍ପନ୍ନ

**ବୌଦ୍ଧ,୬ ।୧୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଶିମିଳୀପଦର ପଞ୍ଚାୟତ ଗବଯୋରରେ ପବିତ୍ର କାର୍ତ୍ତିକ ଚତୁର୍ଦ୍ଦଶୀ ଓ ପୂର୍ଣ୍ଣିମା ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ସହ ଛାଡ଼ଖାଇ ଯାତ୍ରା ସମ୍ପନ୍ନ ହୋଇଛି। ଗ୍ରାମର ଶତାଧିକ ପୁରୁଷ ଓ ମହିଳା ନିକଟସ୍ଥ ତେଲନଦୀରୁ କଳସୀରେ ପାଣି ନେଇ ଯଜ୍ଞ ସ୍ଥଳକୁ ଏକ ଶୋଭାଯାତ୍ରାରେ ଆସିଥିଲେ। ପୂଜାର୍ଚ୍ଚନା ସହ ଯଜ୍ଞ ସ୍ଥଳରେ କଳସ ସ୍ଥାପନ କରା ଯାଇଥିଲା। ସଞ୍ଜୀବ ମେହେର ଓ ତାଙ୍କ ପତ୍ନୀ ଜୁଲି ମେହେର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଚିତ୍ତରଞ୍ଜନ ମହାପାତ୍ର ପୁରୋହିତ ଦାୟିତ୍ୱ ତୁଲାଇଥିଲେ। ପ୍ରତିବର୍ଷ ଭଳି ଏବର୍ଷ ଛାଡ଼ଖାଇ ଯାତ୍ରା ଉପଲକ୍ଷେ ରାବଣ ଦରବାର ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଳାକାର ତଥା ଅବସରପ୍ରାପ୍ତ ସେନା ଅଧିକାରୀ ମନୋଜ ମହାନ୍ତି ରାବଣ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ମନକୁ ଆକୃଷ୍ଟ କରିଥିଲେ। ଗ୍ରାମବାସୀଙ୍କ ସହ କଙ୍କାଳି ବୁଢ଼ା ଛାଡଖାଇ କମିଟିର ସଭ୍ୟମାନଙ୍କ ମିଳିତ ସହଯୋଗରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ଦୁର୍ଯ୍ୟୋଧନ ମେହେରଙ୍କ ତତ୍ତ୍ୱାବଧାନରେ ଚିତ୍ତରଞ୍ଜନ ସାହୁ, ଉପେନ୍ଦ୍ର ମେହେର, ମୁନୁ ମେହେର, ରଞ୍ଜନ ମେହେର, ଯୋଗେଶ୍ୱର ମେହେର, ନାରାୟଣ ମେହେର, ଘନଶ୍ୟାମ ମେହେର, ଛବି ମେହେର, ପ୍ରଦୀପ ମେହେର, ମନରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ପୂଜାରୀ ସାହାଜବାହାଲରେ ନାମଯଜ୍ଞ

**ବିନିକା,୬।୧୧(ସମିସ):** ବିନିକା ବ୍ଲକ୍ ଅଧୀନ ପୂଜାରୀ ସାହାଜବାହାଲ ଗ୍ରାମର ୨ଟି ସ୍ଥାନରେ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂଜକ ଭାବେ ଲକ୍ଷ୍ମୀନାରାୟଣ ପୂଜାରୀ ଦାୟିତ୍ୱ ତୁଲାଇଥିବାବେଳେ ଯଜ୍ଞ କାର୍ଯ୍ୟକ୍ରମକୁ ବିଭୁତି, ସୀତାରାମ, ବଳରାମ, ଲମ୍ବୋଦର, ବ୍ରହ୍ମା, ଲକ୍ଷ୍ମୀ ନାରାୟଣ, କେଦାର, ଶ୍ରୀତମ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ। ସେହିପରି ଟିକ୍ରାପଡ଼ାଠାରେ ଅନୁଷ୍ଠିତ ନାମଯଜ୍ଞରେ ୬ଟି କିର୍ତ୍ତନ ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ।

## ବୌଦ୍ଧ ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ ଉତ୍ସବ ଓ ବାର୍ଷିକ ଅଧିବେଶନ

**ବୌଦ୍ଧ,୬ ।୧୧(ସମିସ):** ବୌଦ୍ଧ ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ ଉତ୍ସବ ଓ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶଙ୍କର୍ଷଣ ସାହୁଙ୍କ ତତ୍ତ୍ୱାବଧାନ ଏବଂ ସମ୍ପାଦକ ବିଜୟ ସାହୁଙ୍କ ନେତୃତ୍ୱରେ ମହାନଦୀ ଆଳତୀ ଘାଟରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ତୈଳିକ ବୈଶ୍ୟ ସମାଜର ସମସ୍ତ ପରିବାର ବର୍ଗ ଉପସ୍ଥିତ ହୋଇ ଏକ ବିରାଟ ସୁସଜ୍ଜିତ ବୋଇତର ପୂଜାର୍ଚ୍ଚନା କରି ବନ୍ଦାଣ କରିଥିଲେ। ତପ୍ରେ ସମାଜର ସମସ୍ତ କାର୍ଯ୍ୟକର୍ତ୍ତା ବୋଇତକୁ ନେଇ ମହାନଦୀ ଜଳରେ ଭସାଇଥିଲେ। ମଧ୍ୟାହ୍ନରେ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସମାଜର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଶଙ୍କର୍ଷଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକର ପ୍ରାରମ୍ଭରେ ସହ ସମ୍ପାଦକ ଶତ୍ରୁଘ୍ନ ସାହୁଙ୍କ ମା' ଦୁଃଖି ସାହୁଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ତପ୍ରେ ସମାଜ ଦ୍ୱାରା ବର୍ଷ ତମାମ ହୋଇଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରାଯିବା ସହ ଆଗାମୀ ବର୍ଷ ପାଇଁ ଯୋଜନା କରାଯାଇ ବାର୍ଷିକ ଆୟବ୍ୟୟ ଅଟକଳ କରାଯାଇଥିଲା। ସମସ୍ତେ ସଂଗଠିତ ହୋଇ ସମାଜର କଲ୍ୟାଣ ନିମନ୍ତେ କାର୍ଯ୍ୟ କରିବା ପାଇଁ ଉପଦେଷ୍ଟା ସୁବାସ ଚନ୍ଦ୍ର ସାହୁ ପରାମର୍ଶ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ ଦିଲ୍ଲୀପ ସାହୁ ସଂଯୋଜନା କରିଥିଲା। ବେଳେ ଜୟ ସାହୁ, ସନାତନ ସାହୁ, ଖଗେଶ୍ୱର ସୁବୁଦ୍ଧି, ଭୋଳା ସାହୁ, ବୀଣାପାଣି ସାହୁ, ଭ୍ରମରବର ସାହୁ, ପ୍ରଶାନ୍ତ ସାହୁ, ଅଶୋକ ସାହୁ, ଚକ୍ରଧର ସାହୁ, ପ୍ରଭାସଚନ୍ଦ୍ର ପୃଷ୍ଟି, ଅର୍ଜୁନ ସାହୁ, ନବୀନ ସାହୁ ପ୍ରମୁଖ ସହଯୋଗ କରିଥିଲେ।



## ସିଂହପାଲିରେ ଅଷ୍ଟପ୍ରହର ନାମଯଜ୍ଞ

**ବୌଦ୍ଧ,୬ ।୧୧(ସମିସ):** ବୌଦ୍ଧ ବ୍ଲକ ଅଁଳାପାଲି ପଞ୍ଚାୟତ ସିଂହପାଲି ଗ୍ରାମରେ କାର୍ତ୍ତିକ ମାସ ପଞ୍ଚୁକ ଚତୁର୍ଦ୍ଦଶୀ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ନାମଯଜ୍ଞରେ ପୂଜକ ପ୍ରବୋଧ ରଥ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମର ଗୌନ୍ତିଆ ପଞ୍ଚାନନ ମଲ୍ଲିକ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଅତିଥି ଭାବେ ଯୋଗ ଦେଇଥିଲେ। ଯଜ୍ଞ କମିଟିର ଆବାହକ ଯୀଶୁ ପଧାନ, ଗ୍ରାମ କମିଟି ସଭାପତି ରଥ ସିଂହ, କୋଷାଧ୍ୟକ୍ଷ ଭରତ ପଧାନ, ମୃତ୍ୟୁଞ୍ଜୟ ସିଂହ, ହେମନ୍ତ ମହାକୁଳ, ଜଗାନନ୍ଦ ମହାକୁଳ, ସଞ୍ଜୟ ସିଂହଙ୍କ ସହିତ ସମସ୍ତ ଗ୍ରାମବାସୀ ନାମଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

## ବିଶ୍ୱ ସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ଉଦ୍‌ଯାପିତ

**ବୌଦ୍ଧ,୬ ।୧୧(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ତାଳସରଡ଼ା ପଞ୍ଚାୟତ ଡମ୍ବରୁଗଡ଼ କଂକଲା ଶ୍ରୀ ସିଦ୍ଧଗୁରୁ ବାବା ମଠରେ ଚାଲଇଥିବା ବିଶ୍ୱ ସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ଉଦ୍‌ଯାପିତ ହୋଇଛି। ମଠର ମହନ୍ତ ସର୍ବେଶ୍ୱର ଦାସଙ୍କ ତତ୍ତ୍ୱାବଧାନରେ ଏହି ବିଶ୍ୱ ସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ଗତ ଦୁଇ ତାରିଖରୁ ଆରମ୍ଭ ହୋଇଥିଲା। ପ୍ରତ୍ୟେକ ଦିନ ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସୂର୍ଯ୍ୟପୂଜା, ଗୋ ପୂଜନ ଓ ଘୃତ ଯଜ୍ଞ, ପ୍ରବଚନ, ଅନ୍ନଯଜ୍ଞ ଅନୁଷ୍ଠିତ ହେଉଥିଲା। ଯଜ୍ଞର ମୁଖ୍ୟ ମାର୍ଗଦର୍ଶକ ଭାବେ ଚେନାଇ ସତ୍ୟ ଚେତନା ଆଶ୍ରମର ସଦଗୁରୁ ସ୍ୱାମୀ ଆତ୍ମନନ୍ଦଜୀ ମହାରାଜଙ୍କ ମାର୍ଗଦର୍ଶନରେ ଉଦ୍ୟକ୍ତା ମାନସ ସୁନ୍ଦର ଶତପଥୀ ଯଜ୍ଞର ମୁଖ୍ୟ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇ ଥିଲେ। ଅଞ୍ଚଳର ୨୬ ଯୋଡି ଯଜ୍ଞ କର୍ତ୍ତା ଅଂଶ ଗ୍ରହଣ କରିଥିଲେ। ମୁଖ୍ୟ ଯଜ୍ଞ ଆଚାର୍ଯ୍ୟ ଭାବେ ବାମନ ଦାଶ, ଯଜ୍ଞ ପରିଚାଳକ ସର୍ବେଶ୍ୱର ମହାପାତ୍ରଙ୍କ ସମେତ ୧୮ ଜଣ ଚତୁର୍ବେଦୀ କର୍ମକାଣ୍ଡୀ ଆଚାର୍ଯ୍ୟ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ସୁଦୂର ଆମେରିକା ମୂଳ ନିବାସୀ ତଥା ବର୍ତ୍ତମାନ ଚେନାଇ ସତ୍ୟ ଚେତନା ଆଶ୍ରମର ଦାୟିତ୍ୱରେ ଥିବା ବିଷ୍ଣୁ ଦାସ, ବିଶୁପ୍ରିୟା ଦାସ ଓ ତୁଳସୀ ଦାସ ଅଂଶଗ୍ରହଣ କରିଥିଲେ। ବେଦ ମହାତ୍ମ୍ୟ ଉପରେ ପ୍ରବଚନ କାର୍ଯ୍ୟକ୍ରମରେ ସ୍ୱାମୀ ଆତ୍ମନନ୍ଦଜୀ ମହାରାଜ, ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ ହରିହାର କାନୁନଗୋ, ଡ. ଲଳିତ ନାରାୟଣ ରଥ, ରାଧାମାଧବ ଆଶ୍ରମର ମୁଖ୍ୟ ଆଚାର୍ଯ୍ୟ ଆଦିତ୍ୟ ଦାସ, ପୂର୍ବ ଯଜ୍ଞ କମିଟି ସଭାପତି ତଥା ପ୍ରବକ୍ତା ଗୌରୀ ପ୍ରସାଦ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବାସୁଦେବ ପାତ୍ର, ପ୍ରବୀର ଦାସ, ସତ୍ୟନାରାୟଣ ପାଣି, ଶମ୍ଭୁ ଗିରି ଓ କୃତ୍ତିବାସ ପଲିଆ ପ୍ରମୁଖ ଭାଗ ନେଇଥିଲେ। ପୟୋଧର ମହାକୁଳ, ପ୍ରଶାନ୍ତ ସେଠି ଓ ଧନମାଳୀ ଦେହୁରୀ, ମୟସେନ ରଣା, ଶ୍ରୀପତି ମହାକୁଡ଼, ମନୋଜ ମହାକୁଡ଼, ଶିବ କର୍ମୀ, ରମେଶ ସାହୁ, ରବୀନ୍ଦ୍ର ଦେଓ, ବୈକୁଣ୍ଠ ପ୍ରଧାନ, ରାଜୁ ମେହେର, ଦିଲ୍ଲୀପ ସାହୁ, ଶ୍ରୀକ୍ଷେତ୍ର ମହାକୁଡ଼, ଦୁଷ୍ମନ୍ତ ପୃଷ୍ଟି, ପିଣ୍ଟୁ ମହାକୁଡ଼, ଗଜାନନ ଗାଈଗୌରିଆ, ଦୁର୍ବାସା ମହାକୁଡ଼, ପୂର୍ଣ୍ଣଚନ୍ଦ୍ର ଭୋଇ, ଶଶୀ ମହାକୁଡ଼, ବସନ୍ତ ଭୋଇ, ପ୍ରଦୀପ ଦେହୁରୀ, ବିରେନ ମହାକୁଡ଼, ସୁବାସ ଚନ୍ଦ୍ର ଗୁରୁ, ଗଙ୍ଗାଧର ମହାକୁଡ଼, ଶମ୍ଭୁ ଗିରି, କୃତ୍ତିବାସ ପଲିଆ, ସାମ୍ବାଦିକ ମହେଶ ପ୍ରସାଦ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।



## ବଲାସିଙ୍ଗା ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତା

# କନାପଡା ଓ ମୁରଶୁଣ୍ଢୀ ବିଜୟୀ



**ବୌଦ୍ଧ,୬ ।୧୧(ସମିସ)**

ବୌଦ୍ଧ ବ୍ଲକ ବଡ଼ିଗାଁ ପଞ୍ଚାୟତ ବଲାସିଙ୍ଗା ସାଲୁଙ୍କି ଫୁଟବଲପଡିଆରେ ବାପୁଜୀ ୟୁଥ୍ ଫୁଟବଲ ସଂଘ ବଲାସିଙ୍ଗା ଆନୁକୂଲ୍ୟରେ ଚାଲିଥିବା ୩୭ତମ ନକ୍ ଆଉଟ୍ ଫୁଟବଲ କପ୍ ପ୍ରତିଯୋଗିତାର ଚତୁର୍ଥ ଦିନ ମ୍ୟାଚ୍ ବଲାସିଙ୍ଗା ଓ କନାପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କନାପଡା ୧-୦ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ତିଳେଶ୍ୱର ଓ ମୁରଶୁଣ୍ଢୀ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇ ନ ପାରିବାରୁ ଟାଇ ବ୍ରେକର ସାହାଯ୍ୟ ନିଆଯାଇଥିଲା। ଏଥିରେ ମୁରୁଶୁଣ୍ଢୀ ୩-୨ ଗୋଲରେ ବିଜୟୀ ହୋଇଥିଲା। ଆଜିର ଖେଳରେ ମୁଖ୍ୟ ଅତିଥି ଭାବେ ବଢ଼ିଗାଁ ସରପଞ୍ଚ ସିଦ୍ଧେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଉଦ୍ୟୋଗପତି ରାଜା ପ୍ରଧାନ, ସ୍ୱେଚ୍ଛାସେବୀ ପ୍ରେମାନନ୍ଦ ଭଞ୍ଜ, ୱାର୍ଡସଭ୍ୟ ବୁଦ୍ଧଦେବ ଅଦର ଯୋଗ ଦେଇଥିଲେ। ଖେଳକୁ ଅମିତ ନାଏକ, ମାନଭଞ୍ଜନ ମହାରଣା, ଚନ୍ଦନ ମହାରଣା ଓ ବଳରାମ ବେହେରା ପରିଚାଳନା କରିଥିଲେ।

# ଜିଲ୍ଲାପାଳଙ୍କ ବିଭିନ୍ନ କାର୍ଯ୍ୟାଳୟ ପରିଦର୍ଶନ

**ବିନିକା,୬।୧୧(ସମିସ):** ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଲୋକଙ୍କୁ ସେବା ଯୋଗାଇ ଦେଉଥିବା ଢେଙ୍ଗୁରା ଦେଉଛନ୍ତି। ହେଲେ କେତେକ ଦୁର୍ନୀତିଖୋର କର୍ମଚାରୀଙ୍କ ଯୋଗୁଁ ଲୋକେ ଠିକ ଭାବେ ଉପକୃତ ହୋଇ ପାରୁନାହାନ୍ତି। ଟଙ୍କା ଦେଲେ ଯାଇ କୁଆଡ଼େ ତାଙ୍କ କାମ ହେଉଥିବା ସାଧାରଣଲୋକଙ୍କ ଠାରୁ ଶୁଣିବାକୁ ମିଳୁଛି। କିଛି ମାସ ତଳେ ଜିଲ୍ଲାପାଳ ନୃପରାଜ ସାହୁ ଯୋଗଦାନ କରିବା ପରେ ସେ ଅଚାନକ ବିଭିନ୍ନ କାର୍ଯ୍ୟାଳୟ ପରିଦର୍ଶନ କରି କର୍ମଚାରୀଙ୍କୁ ତାଗିଦ କରିବା ସହ ଦରକାର ପଡିଲେ କାର୍ଯ୍ୟାନୁଷ୍ଠାନ ମଧ୍ୟ ନେଉଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀ ସାହୁ ଅଚାନକ ବିନିକା ସବରେଜିଷ୍ଟ୍ରି ଓ ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଜିଲ୍ଲାପାଳ ଶ୍ରୀ ସାହୁ ପରିଦର୍ଶନ ବେଳେ ତହସିଲ କାର୍ଯ୍ୟାଳୟ ଭିତରେ ଓ ବାହାରେ ଅପରିଷ୍କାରକୁ ନେଇ କ୍ଷୋଭବ୍ୟକ୍ତ କରିଥିଲେ। କାର୍ଯ୍ୟାଳୟ କୋଠରିରେ ପାନ ଛେପ ଆବର୍ଜନା, ଏଣେତେଣେ ବିଦ୍ୟୁତ ତାର ଝୁଲୁଥିବା ଦେଖି କେମିତି କାମ କରୁଛ ଘର ତୁମର ନୁହେଁ କି ବୋଲି କର୍ମଚାରୀଙ୍କୁ ପ୍ରଶ୍ନ କରିଥିଲେ। କାର୍ଯ୍ୟାଳୟକୁ ତୁରନ୍ତ ପରିଷ୍କାର ପରିଚ୍ଛନ୍ନ ରଖିବାକୁ କହିଥିଲେ। ବିଭିନ୍ନ କାମର ସମାଧାନ କେତେଦିନ ଭିତରେ ହେବା କଥା ସେନେଇ କୌଣସି ଠାରେ ସୂଚନାଫଳକ ନଥିବାରୁ ଜିଲ୍ଲାପାଳ ଶ୍ରୀ ସାହୁ ଅସନ୍ତୋଷ ପ୍ରକାଶ କରିଥିଲେ। ତେଣୁ ବିଭିନ୍ନ କାମ ନେଇ ଆସୁଥିବା ଲୋକଙ୍କୁ ହଇରାଣ ହରକତ ନକରି ତାଙ୍କର କାମ ଶୀଘ୍ର କରିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ କର୍ମଚାରୀ ଦାୟିତ୍ୱରେ ଅବହେଳା କରୁଛନ୍ତି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ସେହିପରି କର୍ତ୍ତିଙ୍ଗ ଗ୍ରାମରୁ ଆସିଥିବା ଜଣେ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିବା ପରେ ସ୍ଥାନଟି ସରକାରୀ ହୋଇଥିବାରୁ ଆସନ୍ତାକାଲି ଡିମାରକେସନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।



## ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ ରୂପେ ଗ୍ରହଣ କଲେ ଡାକ୍ତର



ବରଗଡ଼, ୬।୧୧(ସମିସ): ଲହଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଡାକ୍ତର ଚିତ୍ତରଞ୍ଜନ ଜେନା 'ନିକ୍ଷୟ ମିତ୍ରା' ଭାବେ ୧୦ ଜଣ ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ରୂପେ ଗ୍ରହଣ କରିଛନ୍ତି। ଚିକିତ୍ସାଧୀନ ସମୟରେ ସେହି ଯକ୍ଷ୍ମା ରୋଗୀଙ୍କର ପୁଷ୍ଟିକର ଖାଦ୍ୟର ସମସ୍ତ ଖର୍ଚ୍ଚ ଡାକ୍ତର ଚିତ୍ତରଞ୍ଜନ ବହନ କରିବେ। କାର୍ଯ୍ୟକ୍ରମରେ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ.ରବିନାରାୟଣ ମିଶ୍ର, ଲହଣ୍ଡା ସରପଞ୍ଚ ଅର୍ଜୁନ ନାୟକ, ଯକ୍ଷା ରୋଗ ଅଧିକାରୀ ପ୍ରଭାସ ରଥ, ଡ.ସ୍ୱାଗତ ପ୍ରଧାନ, ଶିବାନନ୍ଦ ବହିଦାର, ଦେବବ୍ରତ ରଥ, ବେଦବ୍ୟାସ ସେଠ୍, ସୁଧୀର ଦାଶ, ବିକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଡ.ଜେନା ଯକ୍ଷ୍ମା ରୋଗୀ ମାନଙ୍କ 'ନିକ୍ଷୟ ମିତ୍ରା' ହୋଇ ନିଜ ଶକ୍ତି ମୁତାବକ ସାହାଯ୍ୟ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

### ଏପର୍ଯ୍ୟନ୍ତ ଜିଲ୍ଲାରେ ଖୋଲିନି ମଣ୍ଡି

# ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ବ୍ୟତିକ୍ରମ

ବରଗଡ଼, ୬।୧୧(ସମିସ)

**ନିର୍ବାଚନ ପାଇଁ ସମୟ ଅଛି, ଚାଷୀଙ୍କ ପାଇଁ ନାହିଁ**

ବରଗଡ଼ ଜିଲ୍ଲାକୁ ଓଡ଼ିଶାର ଭାତ ହାଣ୍ଡି ବୋଲି କୁହାଯାଏ। ଏଠାରେ ଧାନ ଚାଷ ଓ ଅନ୍ୟ ଖାଦ୍ୟ ଅଧିକ ଉତ୍ପାଦନ ହୋଇଥାଏ। ହେଲେ ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଧାନ ସଂଗ୍ରହ ହେଉକି କି ଚାଷୀଙ୍କ କଥା ହେଉ ଡବଲ ଇଞ୍ଜିନ ସରକାରକୁ କୌଣସି ଚିନ୍ତା ନାହିଁ ବୋଲି ଆମ୍ ଆଦମୀ ପାର୍ଟି ରାଜ୍ୟ ସମ୍ପାଦକ ଭବାନୀ ସାହୁ ଅଭିଯୋଗ କରିଛନ୍ତି। ଏପର୍ଯ୍ୟନ୍ତ ଜିଲ୍ଲାର ମଣ୍ଡି ଖୋଲି ନାହିଁ। ପୂର୍ବ ବର୍ଷ ଗୁଡିକରେ ପ୍ରାୟ ନଭେମ୍ବର ପ୍ରଥମ ସପ୍ତାହରେ ଧାନ ସଂଗ୍ରହ ଆରମ୍ଭ ହୋଇଥାଏ। ଏନେଇ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ବୈଠକ ଅକ୍ଟୋବର ମାସରେ ସରିଥାଏ। ହେଲେ ଏଥର ନା ଡିଏଲପିସି ମିଟିଂ ହେଲା ନା ଧାନ ସଂଗ୍ରହ ଆରମ୍ଭ ହେଲା। କାରଣ ବର୍ତ୍ତମାନ ସରକାରଙ୍କ ସମ୍ପୂର୍ଣ୍ଣ ଦୃଷ୍ଟି କେବଳ ନୂଆପଡ଼ା ନିର୍ବାଚନ ଉପରେ। କେବଳ ପ୍ରଚାରରେ ସରକାର ବ୍ୟସ୍ତ। ବରଗଡ଼ ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ଚାଷୀ ଧାନ କାଟି ବିଲରେ ଖଳାରେ ବା ଜାତୀୟ ରାଜପଥରେ ଶୁଖାଉ ଥିବା ଦେଖିବାକୁ ମିଳୁଛି। ସେହିପରି ଚଳିତ ବର୍ଷ ଚାଷୀ ପଞ୍ଜୀକରଣରେ ବହୁତ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରୁ ବଞ୍ଚିତ ହୋଇଛନ୍ତି। କେମିତି ଧାନ ବିକ୍ରି କରିବେ ବୋଲି ଚିନ୍ତାରେ ରହିଛନ୍ତି। ଅନ୍ୟପକ୍ଷେ ବାତ୍ୟା ମୋନ୍ଥାରେ ହୋଇଥିବା ଚାଷୀଙ୍କ କ୍ଷୟକ୍ଷତିର କୌଣସି ଆକଳନ ଏପର୍ଯ୍ୟନ୍ତ ହୋଇ ନଥିବାରୁ ସେମାନେ କ୍ଷୁବ୍ଧ ଥିବା ଶ୍ରୀ ସାହୁ କହିଛନ୍ତି। ସେହିପରି ଚଳିତ ବର୍ଷ ଧାନର ଏମ୍‌ଏସପି ୬୯ ଟଙ୍କା ବୃଦ୍ଧି ହୋଇଛି। ଓଡ଼ିଶା ଚାଷୀଙ୍କୁ ତାହା ଏ ସରକାର ପ୍ରଦାନ କରିବା ନେଇ କୌଣସି ସ୍ୱଷ୍ଟୋକ୍ତି ରଖି ନାହାନ୍ତି। ନୂଆପଡ଼ା ନିର୍ବାଚନକୁ ନେଇ ସରକାର ଯେତେ ଚିନ୍ତିତ ସେତିକି ଚାଷୀଙ୍କ ପାଇଁ ହେଲେ ସମସ୍ତେ ଉପକୃତ ହୁଅନ୍ତେ ବୋଲି ଶ୍ରୀ ସାହୁ କହିଛନ୍ତି।

## କାଳସି ପୂଜା ମହାସମାରୋହରେ ଉଦ୍‌ଯାପିତ



ଭଟଲି, ୬।୧୧(ସମିସ): ଭଟଲି ରଥଦାଣ୍ଡ ପଡ଼ିଆରେ ଦୀର୍ଘ ୫ ଦିନ ଧରି ବୀର ସୁରେନ୍ଦ୍ର ସାଏ, ଭଟଲି ପାତିକାର ପଲ୍ଲୀ ଦ୍ୱାରା ମହାକାଳସି ପୂଜା ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ଏହି ମର୍ମରେ ରଥଦାଣ୍ଡ ପଡ଼ିଆରେ ଯାତ୍ରା ସମ୍ରାଟ ଗଣେଶ ଅପେରା, ଯଶୋବନ୍ତ ସାଗର ଅର୍କେଷ୍ଟ୍ରା, ରଜନୀଗନ୍ଧା ଟୁଖେଲ ଦଣ୍ଡ ନୃତ୍ୟ, ମହିଷା ମର୍ଦ୍ଦିନୀ ନାଟକ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସିନ୍ଧୁନନ୍ଦିନୀ ଆଚାର୍ଯ୍ୟ ସମାଜସେବୀ ଏବଂ ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ପଧାନଙ୍କ ଦ୍ୱାରା କାର୍ଯ୍ୟକ୍ରମର ଉଦ୍‌ଘାଟନ ହୋଇଥିଲା। ସେହିପରି ଭଟଲି ବ୍ଲକ ବିଶ୍ୱ ହିନ୍ଦୁ ପରିଷଦ ସଭାପତି ବିଜୟ ମେହେରଙ୍କ ଦ୍ୱାରା ଉଦ୍‌ଯାପିତ ହୋଇଥିଲା। ଏହି ପର୍ବରେ ସଭାପତି ନିରଞ୍ଜନ ପାତିକାର, ଉପସଭାପତି ସାମନ୍ତ ପାତିକାର, ସମ୍ପାଦକ ସରୋଜ ପାତିକାର, କୋଷାଧ୍ୟକ୍ଷ ଅଶୋକ ପାତିକାର ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ। ଈଶ୍ୱର ପାତିକାର ଏବଂ ଅନିଲ ପାତିକାର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଞ୍ଚଳ ମହାବିଦ୍ୟାଳୟରେ ବ୍ରହ୍ମାଣ୍ଡ ଓ ଆତ୍ମ ଅଧ୍ୟୟନ ଉପରେ ବ୍ୟାଖ୍ୟାନ

ପଦ୍ମପୁର, ୬।୧୧(ସମିସ): ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରରେ "ବ୍ରହ୍ମାଣ୍ଡର ଆଶ୍ଚର୍ଯ୍ୟକୁ ଅନୁସନ୍ଧାନ କରିବା: ମହାକାଶ, ଜ୍ୟୋତିର୍ବିଜ୍ଞାନ ଏବଂ ଷ୍ଟେମ୍ ଶିକ୍ଷା" ବିଷୟରେ ଆମନ୍ତ୍ରିତ ବ୍ୟାଖ୍ୟାନ ଆୟୋଜିତ ହୋଇଛି। ମହାବିଦ୍ୟାଳୟର ଭୌତିକ ବିଜ୍ଞାନ ବିଭାଗ, ଗଣିତ ବିଭାଗ ଓ ଆଇକ୍ୟୁଏସିର ଯୁକ୍ତ ଉଦ୍ୟମରେ କାର୍ଯ୍ୟକ୍ରମଟି ସମ୍ମିଳିତ ଭାବେ ଆୟୋଜିତ ହୋଇଥିଲା। ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥିଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବ୍ୟାଖ୍ୟା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ୟାସିଫିକ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କସ୍ମୋଲୋଜି ଆଣ୍ଡ ସେଲ୍ଫୋଲୋଜି (ପିଆଇସିଏସ୍)ର ସଂସ୍ଥାପକ ନିର୍ଦ୍ଦେଶକ ଏବଂ ପ୍ରଫେସର ଡ.ଶିବେଶ ଜାସ୍ ପ୍ୟାସିଫିକ୍ ଯୋଗ ଦେଇଥିଲେ। ସେ ବ୍ରହ୍ମାଣ୍ଡ, ଖଗୋଳ ବିଜ୍ଞାନ, ମହାକାଶ ବିଜ୍ଞାନ ଏବଂ ଏସ୍‌ଟିଇଏମ୍(ଷ୍ଟେମ୍) ଶିକ୍ଷା ବିଷୟରେ ଜ୍ଞାନବର୍ଦ୍ଧକ ଉପସ୍ଥାପନା କରିଥିଲେ। ବ୍ରହ୍ମାଣ୍ଡକୁ ବୁଝିବା ସହିତ ସ୍ୱୟଂକୁ ବୁଝିବାର ମହତ୍ତ୍ୱ ବ୍ୟାଖ୍ୟା କରିଥିଲେ। ବିଜ୍ଞାନ, ଭୂଗୋଳ, ଶିକ୍ଷା, ମନୋବିଜ୍ଞାନ ଓ ଦାର୍ଶନିକତାର ଦୃଷ୍ଟାନ୍ତ ଦେଇ ସେ ଛାତ୍ରଛାତ୍ରୀଙ୍କୁ ବିଶ୍ୱାସ, ଆତ୍ମଚେତନା ଓ ସୃଜନଶୀଳ ଚିନ୍ତାଧାରା ପ୍ରତି ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା ଭୌତିକ ବିଭାଗର ବିଭାଗ ଅଧ୍ୟକ୍ଷ ଓମ୍ ପ୍ରକାଶ ସତ୍‌ନାମୀଙ୍କ ଦ୍ୱାରା କରାଯାଇଥିଲା। ଗଣିତ ବିଭାଗର ବିଭାଗ ଅଧ୍ୟକ୍ଷା ଝୁନୁ ପରିଡ଼ା ଅତିଥିଙ୍କ ପରିଚୟ ଦେଇଥିଲେ। ଶେଷରେ ଆଇକ୍ୟୁଏସିର ସଂଯୋଜକ ନବକୃଷ୍ଣ ମିଶ୍ର ଧନ୍ୟବାଦ ଜଣାଇଥିଲେ। ଡ.ବାଞ୍ଛାନିଧି ପଣ୍ଡା, ଡ.ତୁଷାରକାନ୍ତ ସାହୁ, ବାଲଗୋପାଲ୍ ମେହେର, ମୋନାଲିସା ସ୍ୱାଇଁ, ବୁନୀ ସାହୁ, ନିକିତା ଭୋଇଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ ପ୍ରାଧ୍ୟାପିକା, ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ବିଶ୍ୱ କଲ୍ୟାଣ ପାଇଁ ଲକ୍ଷେ ୮୮ ଦୀପଦାନ



ବରଗଡ଼, ୬।୧୧(ସମିସ): ସ୍ଥାନୀୟ ଆନନ୍ଦ କଲ୍ୟାଣ ମଣ୍ଡପ ପାଖରେ ବିଶ୍ୱ କଲ୍ୟାଣ ପାଇଁ କୋଶଳ ଆନ୍ଧ୍ର କଲଚରାଲ ଆସୋସିଏସନ ପକ୍ଷରୁ ଲକ୍ଷେ ୮୮ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଗୁରୁବାର ଶିବ ପାର୍ବତୀଙ୍କ ବିବାହ ସହ ହୋମଯଜ୍ଞ ପୂର୍ଣ୍ଣାହୁତୀ ପରେ ରାତ୍ରିରେ ଉଦ୍‌ଯାପିତ ହେବ। ଏହି ଅବସରରେ ବୁଧବାର ସକାଳ ସାଢ଼େ ୮ଟାରେ ଦେବ ଦେବ ମହାଦେବ ଏବଂ ମାଁ ପାର୍ବତୀଙ୍କ ମୂର୍ତ୍ତି ସ୍ଥାପନ କରାଯାଇଥିଲା। ପରେ ଯଥାରୀତି ପୂଜାପାଠ, ହୋମଯଜ୍ଞ ସହ ଦୀପଦାନ କରାଯାଇଛି। ରାତ୍ରି ସାଢ଼େ ୭ ଟାରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଠାରେ ବାଲାଜୀ ବାବାଙ୍କ ମନ୍ଦିର ନିର୍ମାଣ କରାଯିବ ବୋଲି କମିଟି ପକ୍ଷରୁ ଡି.ମୁରଲୀ କ୍ରିଷ୍ଣା କହିଛନ୍ତି। ଏଥିରେ ଡି.ମୁରଲୀ କ୍ରିଷ୍ଣା, ରାଜା, ପ୍ରତାପ, ଶ୍ରୀହରି, ସତ୍ୟ ପ୍ରସାଦ, ସତ୍ୟନାରାୟଣ, ପୱନ ଏବଂ ନାଗେଶ୍ୱର ରାଓ ସପତ୍ନୀକ କର୍ତ୍ତାକର୍ତ୍ତୀ ଦାୟିତ୍ୱ ବହନ କରିଥିଲେ। ବିଜୟ ନଗରମର ଅରୁଗଣ୍ଟି ରବି ଶର୍ମା ଓ ଅନ୍ୟ ମାନେ କାର୍ଯ୍ୟକ୍ରମର ପୌରୋହିତ୍ୟ କରିଥିଲେ।

## ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ସଫଳତା

ବରଗଡ଼, ୬।୧୧(ସମିସ): ତ୍ରିଦିବସୀୟ ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା କଟକ ସ୍ଥିତ ଜେ.ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଗତ ୩୧ ରୁ ୨ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ସମ୍ପାଦକ ତଥା କୋଚ ବିଜୟ ଭୋଇଙ୍କ ନେତୃତ୍ୱରେ ବରଗଡ଼ ଜିଲ୍ଲାରୁ ୨୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ଅନୁଭବ ଆଶୀର୍ବାଦ ନନ୍ଦ, ପ୍ରିୟା ବେହେରା ଏବଂ ରୋହିତ ମାଝୀଙ୍କୁ ସ୍ୱର୍ଣ୍ଣ ପଦକ, ଆହ୍ୱାନ ମିଶ୍ର ଅନ୍ୱେଷା ଗର୍ତିଆ, ଯୁବାନ ଅଗ୍ରୱାଲ, ସାଗର ମେହେର ଏବଂ ଯୁବରାଜ ଭୋଇଙ୍କୁ ରୌପ୍ୟ ପଦକ ସମେତ ବରଗଡ଼ ଜିଲ୍ଲା ସର୍ବମୋଟ ୨୨ଟି ପଦକ ହାସଲ କରିଛି। ସଙ୍ଘର ସଭାପତି ନବକିଶୋର ପାଣିଗ୍ରାହୀ ଏବଂ ଉପସଭାପତି ଆଶୁତୋଷ ରଥଙ୍କ ସମେତ ବରଗଡ଼ ବାସୀ ସମସ୍ତ ବିଜେତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।







## ଜଳାଶୟ ଦୂଷିତ କରିବାରୁ ରାଇସ ମିଲ୍ ସିଲ୍ କଲା ପ୍ରଶାସନ

ବିଜେପୁର, ୬।୧୧(ସମିସ)

ବରଗଡ଼ ଜିଲ୍ଲା ବିଜେପୁରର ଦାମ୍ରୋଦର କଟାର ଦୂଷିତ ହେଉଥିବା ପାଣି ପ୍ରସଙ୍ଗକୁ ନେଇ ଗୁରୁବାର ସୀତାରାମ ଫୁଡ୍ ରାଇସ ମିଲକୁ ପ୍ରଶାସନ ସିଲ କରିଛି। ସୂଚନାଯୋଗ୍ୟ, ବିଜେପୁର ବାଉଁଶପୋଲା ପଟରେ ଥିବା ଉକ୍ତ ରାଇସ ମିଲରୁ ନିର୍ଗତ ହେଉଥିବା ଦୂଷିତ ପାଣି ଓ ବର୍ଜ୍ୟ ବସ୍ତୁ ଦାମୋଦର ପୋଖରୀରେ ମିଶୁଥିବାର ଅଭିଯୋଗ କରିଥିଲେ ବିଜେପୁର ବାସୀ। ଏହା ଫଳରେ ପୋଖରୀର ପାଣି ମାତ୍ରାଧିକ ଦୂଷିତ ହୋଇ ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। କିଛି ସ୍ଥାନୀୟ ଲୋକେ ଏ ସଂକ୍ରାନ୍ତରେ ମିଲ ମାଲିକଙ୍କୁ ତାଗିଦ୍ କରିଥିବା ବେଳେ ମିଲ ପକ୍ଷରୁ ଅଭିଯୋଗକୁ ଖଣ୍ଡନ କରାଯାଇଥିଲା। ଫଳରେ ଗତ ସୋମବାର ଗ୍ରାମବାସୀ ଶୋଭାଯାତ୍ରାରେ ଆସି ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସୂଚନାକ୍ରମେ ଜଳ ଓ ପରିମଳ ବିଭାଗ ପକ୍ଷରୁ ଦାମୋଦର ପୋଖରୀର ପାଣି ପରୀକ୍ଷା କରାଯାଇଥିଲା। ପାଣି ମାତ୍ରାଧିକ ଦୂଷିତ ହୋଇଥିବା ପରୀକ୍ଷଣରୁ ଜଣା ପଡ଼ିଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବିଜେପୁର ତହସିଲଦାର ଜ୍ୟୋତିପ୍ରକାଶ ଭୋଇଙ୍କ ଉପସ୍ଥିତିରେ ପାଣି ଯାଞ୍ଚ କରିବା ସହିତ ଅଭିଯୋଗର ତଦନ୍ତ କରାଯାଇଥିଲା। ଘଟଣା ସଂକ୍ରାନ୍ତରେ ପଦ୍ମପୁର ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅର୍ଗୁଲାଙ୍କ ନିର୍ଦ୍ଦେଶ କ୍ରମେ ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସୀତାରାମ ଫୁଡ୍ ପ୍ରଡକ୍ଟକୁ ସିଲ କରାଯାଇଥିବାର ସୂଚନା ମିଳିଛି। ଅନ୍ୟ ପକ୍ଷରେ ପୋଖରୀ ପାଣିକୁ ବିଶୁଦ୍ଧ କରିବା ଦିଗରେ ମଧ୍ୟ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି।

## ପାଠକଙ୍କ ଅପେକ୍ଷାରେ ସୂଚନା କେନ୍ଦ୍ର ପାଠାଗାର

ପଦ୍ମପୁର, ୬।୧୧(ସମିସ): ପୁସ୍ତକ ଅଛି କିନ୍ତୁ ପଢ଼ିବାକୁ କେହି ନାହାନ୍ତି। ପଦ୍ମପୁର ଉପଖଣ୍ଡ ସୂଚନା କେନ୍ଦ୍ର ପାଠାଗାରରେ ଏ ଭଳି ସ୍ଥିତି ଦେଖିବାକୁ ମିଳିଛି। ପଦ୍ମପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସର ଉପର ମହଲାରେ ଏହି ପାଠାଗାର ରହିଛି। ୧୫ରୁ ଊର୍ଦ୍ଧ୍ୱ ଆଲମାରୀ ସେଠାରେ ରହିଛି। ଅନେକ ମୂଲ୍ୟବାନ ପୁସ୍ତକ ଭିତରେ ଦୀର୍ଘ ଦିନ ହେଲା ଖତ ଖାଉଛି। ଦିନ ଥିଲା ସେହି ଆଲମାରୀ ଗୁଡ଼ିକରୁ ଅନେକ ପୁସ୍ତକ ବାହାର କରାଯାଇ ପଢ଼ା ହେଉଥିଲା। କିନ୍ତୁ ଏବେ ସେଗୁଡିକ ସତେ ଯେମିତି ଅଲୋଡ଼ା ହୋଇ ପଡ଼ିଛି। ପୂର୍ବରୁ ଏହା ପଦ୍ମପୁର ଟାଉନହଲ ଠାରେ ଚାଲିଥିଲା। ସକାଳ ୮ରୁ ୧୧ ଏବଂ ସନ୍ଧ୍ୟା ୫ରୁ ୮ ପର୍ଯ୍ୟନ୍ତ ପାଠାଗାର ଖୋଲାଯାଉଥିଲା। ପ୍ରତିଦିନ ୩୦/୪୦ ଜଣ ଛାତ୍ର ଆସୁଥିଲେ। ୪ ବର୍ଷ ପରେ ଏହା ନିଜସ୍ୱ କୋଠାକୁ ଆସିଛି। ତାହା ପରଠାରୁ ଏହି ପାଠାଗାରକୁ କେହି ଆସୁ ନ ଥିବା ଦେଖିବାକୁ ମିଳିଛି। ଫଳରେ ପୁସ୍ତକ ସବୁ ଆଲମାରୀ ଭିତରେ ପଡ଼ି ରହିଛି।



## ଅଜଣା ଗାଡ଼ି ନେଲା ଦୁଇ ଜୀବନ

ବଲାଙ୍ଗିର, ୬।୧୧(ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର ଥାନା ଅଧୀନ ଭରସୁଜା ଛେଲିଆପାଟ ମନ୍ଦିର ନିକଟରେ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ଗୁରୁବାର କରକଟିଆ ଛକରେ ରାସ୍ତାରୋକ କରାଯାଇଛି। ବାଇକ୍‌ରେ ଯାଉଥିବା ୨ ଜଣଙ୍କୁ କୌଣସି ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ସମ୍ପୃକ୍ତ ଗାଡିକୁ ଧରିବାରେ ପୁଲିସ ବିଫଳ ହୋଇଛି। ଅନ୍ୟପକ୍ଷରେ ବହୁ କଷ୍ଟରେ ଚାଷବାସ କରି ପରିବାର ଚଳାଉଥିବା ୨ ଜଣଙ୍କ ମୃତ୍ୟୁ ପରେ ସେମାନଙ୍କ ପରିବାର ପାଇଁ ସମସ୍ୟା ବଢି ଯାଇଛି। ଏଣୁ କ୍ଷତିପୂରଣ ଦାବିରେ ଏହି ରାସ୍ତାରୋକ କରାଯାଇଥିଲା। ବୁଧବାର ସନ୍ଧ୍ୟାରେ ଲୋଇସିଂହା-ପଦମପୁର ରାସ୍ତା ଭରସୁଜା ନିକଟସ୍ଥ ଛେଲିଆପାଟ ମନ୍ଦିରରେ ଏକ ଅଜଣା ଗାଡି ବାଇକକୁ ଧକ୍କା ଦେଇଥିଲା। ଏହି ଘଟଣାରେ ବାଇକରେ ଥିବା ୨ ଜଣଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ମୃତ ବ୍ୟକ୍ତିମାନେ ନିକଟସ୍ଥ ସାହାଜଛାପର ଗାଁର ଚେରୁ ବେହେରା ଓ ସୁରେଶ ପଧାନ ବୋଲି ଜଣାପଡିଥିଲା। ଆଗଲପୁର ପୁଲିସ ମୃତଦେହ ଉଦ୍ଧାର କରି ରାତିରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ଗୁରୁବାର ଉଭୟଙ୍କ ବ୍ୟବଚ୍ଛେଦ ସରିବା ପରେ ପୁଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା; କିନ୍ତୁ ଯେଉଁ ଗାଡି ଏହି ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା ସେହି ଗାଡିକୁ ପୁଲିସ ଧରିବାରେ ବିଫଳ ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଗୁରୁବାର ଗାଁରେ ମୃତଦେହ ପହଞ୍ଚିବା ପୂର୍ବରୁ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରିବା ଦାବିରେ ଲୋକେ ରାସ୍ତାରୋକ କରିଥିଲେ। ବାରମ୍ବାର ଏହିଭଳି ଭାବେ ଲୋଇସିଂହା ଓ ଆଗଲପୁର ଥାନା ଅଞ୍ଚଳରେ ଦୁର୍ଘଟଣା ଘଟାଉଥିବା ଗାଡି ଫେରାର ହୋଇଯାଉଚି। ସେହି ଗାଡିକୁ ଠାବ କରିବାରେ ପୁଲିସ ବିଫଳ ହେଉଛି। ଏହାଫଳରେ ପରିବାର ଲୋକଙ୍କୁ କୌଣସି କ୍ଷତିପୂରଣ ମିଳିପାରୁ ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ୩ ଘଣ୍ଟା ପରେ କ୍ଷତିପୂରଣ ପ୍ରତିଶ୍ରୁତି ପାଇବା ପରେ ରାସ୍ତାରୋକ ହଟିଥିଲା।

# ଶଗଡ଼କୁ ବଳିଗଲାଣି ଇସ୍ପାତ ଏକ୍ସପ୍ରେସ୍

ବଲାଙ୍ଗିର, ୬।୧୧(ସମିସ)




ପଶ୍ଚିମଓଡିଶା ସହ ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ରେଳସେବା ଗତ ପ୍ରାୟ ୨ ବର୍ଷ ହେଲା ସମୟସୀମାରେ ବେଶ୍ ପ୍ରଭାବିତ ହୋଇଛି। ଏହି ଦୁଇ ଅଞ୍ଚଳକୁ ସଂଯୋଗ କରୁଥିବା ଟିଟିଲାଗଡ-ହାଓଡା(୧୨୮୭୨) ଏକ୍ସପ୍ରେସ ପ୍ରତିଦିନ ଘଣ୍ଟା ଘଣ୍ଟା ବିଳମ୍ବରେ ଚାଲିଥିବା ଦେଖିବାକୁ ମିଳିଛି। ତେବେ ଏହା କାହିଁକି ବିଳମ୍ବରେ ଚାଲିଛି, ଏଥିରେ ସୁଧାର ହେବ ନା ଟ୍ରେନର ସମୟ ପରିବର୍ତ୍ତନ ତାହା ରେଳ ବିଭାଗ ସ୍ପଷ୍ଟ କରୁନାହିଁ। ଏହାର ପ୍ରଭାବ ସାରା ପଶ୍ଚିମଓଡିଶାରେ ପଡିଛି। ବିଶେଷ କରି ବଲାଙ୍ଗିର ଜିଲ୍ଲାବାସୀ ଏଥିରେ ଅଧିକ ପ୍ରଭାବିତ ହେଉଛନ୍ତି। ଏହି ଟ୍ରେନ ଉପରେ ସରକାରୀ, ବେସରକାରୀ, ଛାତ୍ରଛାତ୍ରୀ, ବ୍ୟାଙ୍କ କର୍ମଚାରୀ, ବ୍ୟବସାୟୀ ଏହିଭଳି ଅନେକ ବର୍ଗର ଲୋକ ନିର୍ଭର କରୁଛନ୍ତି। ବିଳମ୍ବ ସମସ୍ୟା ଏବେ ଏମାନଙ୍କୁ ସମସ୍ୟାରେ ପକାଇଛି।

ପଶ୍ଚିମଓବଙ୍ଗର ହାଓଡାରୁ ପଶ୍ଚିମଓଡିଶାର ଟିଟିଲାଗଡ ତଥା କଣ୍ଟାବାଞ୍ଜିକୁ ଟିଟିଲାଗଡ - ହାଓଡା(୧୨୮୭୨) ଇସ୍ପାତ ଏକ୍ସପ୍ରେସ ସଂଯୋଗ କରୁଛି। ରେଳ ବିଭାଗ ସମୟ ଅନୁସାରେ ଏହି ଟ୍ରେନ ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ ରେଳଷ୍ଟେସନରୁ ସକାଳ ୫.୧୫ରେ ଛାଡୁଛି। ବରଗଡ, ସମ୍ବଲପୁର, ରାଉରକେଲା ଦେଇ ସଂଧ୍ୟା ୬.୩୦ରେ ଏହା ହାଓଡ଼ାରେ ପହଞ୍ଚିବା କଥା; କିନ୍ତୁ ଗତ ପ୍ରାୟ ୨ ବର୍ଷ ହେଲା ଏହି ଟ୍ରେନର ସମୟସୀମାର କିଛି ଠିକ୍ ଠିକଣା ନାହିଁ। ଏହି ଟ୍ରେନ ଦ୍ୱାରା ବଲାଙ୍ଗିର ଜିଲ୍ଲା ସମେତ ପଶ୍ଚିମଓଡିଶାର ବିଭିନ୍ନ ବର୍ଗର ଲୋକେ ଲାଭବାନ ହେଉଥିଲେ। ସରକାରୀ, ବେସରକାରୀ, ବ୍ୟାଙ୍କ କର୍ମଚାରୀ, ଛାତ୍ରଛାତ୍ରୀ ନିଜ ଗନ୍ତବ୍ୟସ୍ଥଳକୁ ଠିକ ସମୟରେ ପହଞ୍ଚିବା ପାଇଁ ଏହି ଟ୍ରେନକୁ ଭରସା କରୁଥିଲେ। ବଲାଙ୍ଗିର ବାସିନ୍ଦା ସମ୍ବଲପୁରରେ ଚାକିରୀ କରୁଥିଲେ ମଧ୍ୟ ଅତି ସହଜରେ ନିଜ ଗନ୍ତବ୍ୟ ସ୍ଥଳକୁ ଠିକ ସମୟରେ ପହଞ୍ଚିବା ପୁଣି କାମ ସରି ଘରକୁ ଫେରିବା ପାଇଁ ଏହି ଟ୍ରେନ ବେଶ୍ ସହାୟକ ହୋଇଥିଲା। ଏହାର ସମୟ ସାରଣୀ ଲୋକଙ୍କ ଆବଶ୍ୟକତା ଅନୁସାରେ ହିଁ ରଖାଯାଇଥିଲା। ତେବେ କାହିଁକି, କେଉଁ କାରଣରୁ ଏହି ଟ୍ରେନର ସମୟ ସାରଣୀ ଏହିଭଳି ଭାବେ ପ୍ରଭାବିତ ହୋଇଛି ତାହା ଆଜି ବି ଅସ୍ପଷ୍ଟ। ଏପରିକି ରେଳ ବିଭାଗ ପକ୍ଷରୁ ଏହି ଟ୍ରେନ ସମୟରେ କୌଣସି ପରିବର୍ତ୍ତନ ମଧ୍ୟ କରାଯାଇନାହିଁ।

ତେବେ ଏହି ବିଳମ୍ବତାର ପ୍ରଭାବ ଲୋକଙ୍କ ଜୀବନଶୈଳୀ ଉପରେ ପଡିଥିବାରୁ ଏହାଦ୍ୱାରା ପ୍ରତିଦିନ ଶହ ଶହ ଲୋକ ପ୍ରଭାବିତ ମଧ୍ୟ ହେଉଛନ୍ତି। ଏକ ରେଳ ସଂପର୍କିତ ୱେବସାଇଟ ତଥ୍ୟ ଅନୁସାରେ ଏହି ଟ୍ରେନ ଗତ ମାସକ ମଧ୍ୟରେ ୭୬.୯୨ ପ୍ରତିଶତ ବିଳମ୍ବ ହୋଇଛି। ଗତ ୬ ମାସ ରେ ପ୍ରାୟ ୮୨.୦୫ ପ୍ରତିଶତ ବିଳମ୍ବ ହୋଇଛି। ସେହିପରି ଗତ ଗୋଟିଏ ବର୍ଷରେ ପ୍ରାୟ ୮୭.୯୦ ପ୍ରତିଶତ ଦିନ ବିଳମ୍ବରେ ଚାଲିଛି। ଏହି ବିଳମ୍ବତା କିଛି ମିନିଟ ନୁହଁ; ପ୍ରାୟ ଗୋଟିଏ ଘଣ୍ଟାରୁ ଅଧିକ ସମୟ ବିଳମ୍ବରେ ଚାଲିଥିବା ଜଣାପଡିଛି; ଏଥିରୁ ଏହା ସ୍ପଷ୍ଟ କରୁଛି ଏହି ଏକ୍ସପ୍ରେସ ଟ୍ରେନ କେତେ ସମୟାନୁବର୍ତ୍ତିତା ରହିଛି। କେଉଁ ଦିନ ଦୁଇ ଘଣ୍ଟା ତ କେଉଁଦିନ ୧୦ ଘଣ୍ଟା ବି ଟ୍ରେନ ବିଳମ୍ବରେ ଚାଲିଥିବା ଅଭିଯୋଗ ହୋଇଛି। ଅନେକ ସମୟରେ ଟିଟିଲାଗଡରୁ ଟ୍ରେନ ଛାଡିବା ସମୟରେ ଟ୍ରେନ ହାଓଡାରୁ ଆସି ପହଞ୍ଚିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହା ଲୋକଙ୍କ ପାଇଁ ଏକ ବଡ ସମସ୍ୟା ହୋଇଥିବା ବେଳେ ଜଣେ ବି ଜନପ୍ରତିନିଧି ଏଥିପ୍ରତି ମୁହଁ ଖୋଲିନାହାନ୍ତି। ଟ୍ରେନ ସମୟକୁ ବ୍ୟବସ୍ଥିତ କରିବା ପାଇଁ ପଦୁଟିଏ ବି ରେଳ ବିଭାଗକୁ ଜଣାଇନାହାନ୍ତି; ଯାହାକି ଉଦ୍‌ବେଗର ବିଷୟ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଅନେକ ସଚେତନ ନାଗରିକ ସାମାଜିକ ଗଣମାଧ୍ୟମ ଜରିଆରେ ଏନେଇ ରେଳ ବିଭାଗ ପାଖରେ ନିଜ ଅଭିଯୋଗ ରଖିଛନ୍ତି ସତ; କିନ୍ତୁ ରେଳ ବିଭାଗ ସେଥିପ୍ରତି କେବେ ଗୁରୁତ୍ୱ ଦେଇ ନାହିଁ।

## ପୁଷ୍କରିଣୀରେ ଡଙ୍ଗା ଭସାଇଲେ ଶ୍ରଦ୍ଧାଳୁ

ଗଁଦିଆ, ୬ ।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଗଁଦିଆର ବିଭିନ୍ନ ପୁଷ୍କରଣୀରେ ଡଙ୍ଗା ଭସାଇଛନ୍ତି ଶ୍ରାଦ୍ଧାଳୁ। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବିଭିନ୍ନ ଦେବପୀଠ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭଜନ କୀର୍ତ୍ତନରେ ସମଗ୍ର ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବୋର୍ ୩ଟାରୁ ବଣିଆପଡ଼ା ସମେତ ଗଁଦିଆ ପୁରୁଣା ପୋଖରୀରେ ଡଙ୍ଗା ଭସାଇବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। କୁନି ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ସମସ୍ତେ ଉତ୍ସାହର ସହ ଡଙ୍ଗା ଭସାଇଥିଲେ। ବଣୀଆପଡ଼ା ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଆୟୋଜିତ ହୋଇଛି। ଏଠାରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## କାମାକ୍ଷାନଗର ଅଞ୍ଚଳରେ କାର୍ତ୍ତିକ ପୂର୍ଣ୍ଣିମା ପାଳିତ



କାମାକ୍ଷାନଗର, ୬ ।୧୧(ସମିସ): କାମାକ୍ଷାନଗର ସହର ଓ ଆଖପାଖରେ ଥିବା ଗ୍ରାମାଞ୍ଚଳରେ ମହା ସମାରୋହରେ କାର୍ତ୍ତିକ ପୂର୍ଣ୍ଣିମା ପାଳିତ ହୋଇଛି। ସହରର ବିଭିନ୍ନ ଦେବାଳୟରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ନଦୀକୂଳ ଓ ଜଳାଶୟରେ ଭୋର ସମୟରୁ ଡଙ୍ଗା ଭସାଯାଇଥିଲା। ସହରର ଜଗନ୍ନାଥ ମନ୍ଦିର, ହନୁମାନ ମନ୍ଦିର, ଆଳତୁମା ଗ୍ରାମ ଦଧିବାମନଜୀଉ ମନ୍ଦିର, ଶିବିକାପଶି ସ୍ୱପ୍ନେଶ୍ୱର ମନ୍ଦିର, ବଡ଼ସୁଆଁଳସ୍ଥିତ କପିଳେଶ୍ୱର, କନ୍ଦରସିଙ୍ଗାସ୍ଥିତ ରାମେଶ୍ୱର, ରେକୁଳା ମା' ମଙ୍ଗଳା ମନ୍ଦିର, ଜିରିଡ଼ାମାଳି ନୀଳକଣ୍ଠେଶ୍ୱର ମନ୍ଦିର ଲୋକାରଣ୍ୟ ହୋଇ ଉଠିଥିଲା। ସେହିପରି କାମାକ୍ଷାନଗର ଅନନ୍ତପୁର ସାହିରେ ରାସ ପୂର୍ଣ୍ଣିମା ପାଳିତ ହୋଇଛି। ଏହି ଅବସରରେ ଭଜନକୀର୍ତ୍ତନ ଅନୁଷ୍ଠିତ ହୋଇଛି। ଜିରିଡ଼ାମାଳି ରାଧାକୁଞ୍ଜ ସାହିରେ ମଧ ରାସପୂର୍ଣ୍ଣିମା ମହା ସମାରୋହରେ ପାଳିତ ହୋଇଛି। ପ୍ରତ୍ୟେକ ସନ୍ଧ୍ୟାରେ ସଂକୀର୍ତ୍ତନ, ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାହିର ଯୁବଗୋଷ୍ଠୀଙ୍କ ଦ୍ୱାରା ନାଟକ ମଞ୍ଚସ୍ଥ ହୋଇଥିଲା।

## ସନ୍ଥ ଶ୍ରୀକ୍ଷେତ୍ରରୁ ମାମୁଘର ଇଲେଇଜଙ୍ଗ ବିଜେ କଲେ ଶ୍ରୀ ମଧୁସୂଦନ



ଗଁଦିଆ, ୬ ।୧୧(ସମିସ): କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ସନ୍ଥ ଶ୍ରୀକ୍ଷେତ୍ର ସନ୍ଥପୁରରୁ ପ୍ରଭୁ ଶ୍ରୀ ମଧୁସୂଦନ ମାମୁଘରକୁ ସ୍ୱତନ୍ତ୍ର ନିମନ୍ତ୍ରଣ କ୍ରମେ ବିରାଟ ପଟୁଆରରେ ସ୍ୱତନ୍ତ୍ର ପାଲିଙ୍କିରେ ବିଜେ କରିଛନ୍ତି। ସ୍ୱତନ୍ତ୍ର ବିମାନରେ ରାଧାକୃଷ୍ଣଙ୍କ ସହ ପ୍ରଭୁ ଶ୍ରୀମଧୁସୂଦନଙ୍କୁ ଇଲେଇଜଙ୍ଗ ଗ୍ରାମ ପରିକ୍ରମା କରି ଭାଗବତ ଗାଦି ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସନ୍ଥପୁର, ସନ୍ଥସରା, ଡାଳସିଂହା ମାର୍ଥାପୁର, ଅନ୍ନପୁର, ବିଧାରପୁର, ପୋରୁହଖୋଜ, ସାନ୍ଦାପଶିପାଟଣା, ଶ୍ରୀରାମଚନ୍ଦ୍ରପୁର, ଆଙ୍କୁର୍ଦା, ବରଦା, କୁସିଦା ଗ୍ରାମର ଜଗନ୍ନାଥପ୍ରେମୀ ସାମିଲ ହୋଇଥିଲେ। ସନ୍ଧ୍ୟା ୫ଟାରେ ଗଁଦିଆର ଲକ୍ଷ୍ମୀ ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ସନ୍ଧ୍ୟା ୭ଟାରେ ସନ୍ଥ ଶ୍ରୀକ୍ଷେତ୍ରକୁ ପ୍ରତ୍ୟାବର୍ତ୍ତନ କରିଥିଲେ ପ୍ରଭୁ ଶ୍ରୀ ମଧୁସୂଦନ।

## ପରଜଙ୍ଗ ପାଇଁ ଗୌରବ ଆଣିଲେ ଶକ୍ତିପ୍ରସାଦ




ପରଜଙ୍ଗ, ୬ ।୧୧(ସମିସ): ପରଜଙ୍ଗ ବ୍ଲକ ଗଡ଼ପରଜଙ୍ଗ ଗ୍ରାମର ନଗେନ ବିନାୟକଙ୍କ ପୁଅ ଶକ୍ତିପ୍ରସାଦ ବିନାୟକ ନାର୍କୋଟିକ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ରେ ନିଯୁକ୍ତି ପାଇଁ କାର୍ଯ୍ୟରେ ଯୋଗଦେଇଛନ୍ତି। ପରଜଙ୍ଗ ବ୍ଲକ ଅଞ୍ଚଳର ପ୍ରଥମ ବ୍ୟକ୍ତି ଭାବେ ସେ ଏନ୍‌ସିବିରେ ଯୋଗଦେଇ ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଶକ୍ତିପ୍ରସାଦ ପିଲାଦିନରୁ ମେଧାବୀ ଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ କମ୍ପ୍ୟୁଟର ଛଡ଼ା ଆଉ କିଛି ଜାଣୁ ନ ଥିଲେ। ଘର ଭିତରେ କ'ଣ କରୁଛନ୍ତି ବୋଲି ପରିବାର ଲୋକେ ଚିନ୍ତାରେ ଥିଲେ। ପ୍ରାୟ ଦୁଇବର୍ଷ ପରେ ତାଙ୍କ ସଫଳତା ଦେଖି ପରିବାରରେ ଖୁସିର ଲହରୀ ଖେଳିଯାଇଛି।

### ବୁଢ଼େଶ୍ୱର ପୀଠରେ ବାଲିଯାତ୍ରା; ୪୦ ହଜାର ଲୋକଙ୍କ ସମାଗମ

# ବ୍ରାହ୍ମଣୀ ନଦୀରେ ବୁଡ଼ ପକାଇଲେ ୧୦ ହଜାର ଶ୍ରଦ୍ଧାଳୁ

ଭୁବନ, ୬ ।୧୧(ସମିସ)

ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନର ବାବା ବୁଢ଼େଶ୍ୱରଙ୍କ ପୀଠରେ ପ୍ରସିଦ୍ଧ ବାଲିଯାତ୍ରା ପାଳିତ ହୋଇଛି। ଏହି ଅବସରରେ ୧୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ପୁଣ୍ୟତୋୟା ବ୍ରାହ୍ମଣୀ ନଦୀରେ କାର୍ତ୍ତିକ ବୁଡ଼ ପକାଇ ଡଙ୍ଗା ଭସାଇବା ସହ ବାବା ବୁଢ଼େଶ୍ୱରଙ୍କୁ ଦର୍ଶନ କରିଛନ୍ତି। ମାସକ ଯାକ ହବିଷ ପାଳନ କରୁଥିବା ମହିଳାମାନେ ରାଇ ଦାମୋଦର (ରାଧା ଗୋବିନ୍ଦ)ଙ୍କ ପୂଜା କରି ବ୍ରତ ସମାପନ କରିଛନ୍ତି। ଭୋରରୁ ଅପରାହ୍ନ ପର୍ଯ୍ୟନ୍ତ ମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ଭକ୍ତମାନେ ଧାଡ଼ିରେ ଯାଇ ଶୃଙ୍ଖଳିତ ଭାବେ ଠାକୁରଙ୍କ ଦର୍ଶନ କରିଥିଲେ। ତୈଳିକ ବୈଶ୍ୟ ସମାଳ ତରଫରୁ ୨୩ତମ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆର୍ଯ୍ୟ ସମାଜ ତରଫରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଲୋକମାନେ ଦୋଳି, ମିନାବଜାର ସାଙ୍ଗକୁ ପ୍ରସିଦ୍ଧ ବରା ଘୁଗୁନି, ଦହିବରା ଆଳୁଦମ, ଚାଟ, ଦୋସା, ଠୁଙ୍କାପୁରୀ, ଆଇସକ୍ରିମ, ଫାଷ୍ଟ ଫୁଡ୍‌ର ମଜା ନେଇଥିଲେ। ମନୋହରୀ ସାମଗ୍ରୀ ସହ ଡାଲା, କୁଲା, ଲୁହା ଆଦି ଘରକରଣା ସାମଗ୍ରୀ ଓ ହାଟ ବଜାରରେ ମିଳୁ ନ ଥିବା ବିଭିନ୍ନ ଜିନିଷ କିଣାକିଣି କରିଥିଲେ। ବାଲିଯାତ୍ରାରେ ୪୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ପରମ୍ପରା ଅନୁଯାୟୀ ପୁରୁଷୋତ୍ତମପୁର ଶାସନରୁ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିଙ୍କୁ ଶୋଭାଯାତ୍ରାରେ ଅଣାଯାଇ ହରିହର ଭେଟ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦସ୍ୟ ସମେତ ଭୁବନ ଥାନା ତରଫରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।



### ଜଙ୍ଗିରା ମଠରେ ପଞ୍ଚୁକ ସମାବେଶ

## 'ବୃକ୍ଷପୂଜା ଆମ ସଂସ୍କୃତିର ଅଭିନ୍ନ ଅଙ୍ଗ'

ଢେଙ୍କାନାଳ, ୬ ।୧୧(ସମିସ): ପବିତ୍ର କାର୍ତ୍ତିକ ମାସ ପଞ୍ଚୁକ ଅବସରରେ ବେଲଟିକିରି ନିକଟ ଜଙ୍ଗିରା ମଠରେ ଏକାଦଶୀଠାରୁ ରାଧାକୃଷ୍ଣଙ୍କ ପାଖରେ ଅଖଣ୍ଡ ଦୀପ ପ୍ରଜ୍ୱଳିତ ହୋଇଥିଲା। ପଞ୍ଚୁକରେ ପ୍ରତ୍ୟେକ ସନ୍ଧ୍ୟାରେ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ରାତିରେ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ମଠ ପରିଚାଳନା କମିଟି ସଭାପତି ମୁରଲୀଧର ମହାରଣା, ସମ୍ପାଦକ ସଞ୍ଜୟ ବିଶ୍ୱାଳ ଏବଂ ଉପଦେଷ୍ଟା ସତ୍ୟାନନ୍ଦ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା। ମଙ୍ଗଳବାର ବଡ଼ଓଷା ଅବସରରେ ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଆମ ସଂସ୍କୃତିରେ ବୃକ୍ଷପୂଜାର ମହତ୍ତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ପଳାଶ ବୃକ୍ଷ ବ୍ରହ୍ମା ରୂପରେ, ବଟବୃକ୍ଷ ଶିବ ରୂପରେ ଓ



ଅଶ୍ୱତ୍ଥ ବୃକ୍ଷ ବିଷ୍ଣୁ ରୂପରେ ପୂଜା ପାଇଥାନ୍ତି। ସେହିପରି ଚିକିତ୍ସା ବିଜ୍ଞାନର ବିସ୍ମୟଗୁଳ୍ମ ତୁଳସୀ ପାର୍ବତୀ ଅଂଶରେ, ଅଁଳା ସରସ୍ୱତୀ ଅଂଶରେ ଏବଂ ମାଳତୀ ଲକ୍ଷ୍ମୀ ଅଂଶରେ ଜାତ ବୋଲି ପଦ୍ମ ପୁରାଣରେ ଉଲ୍ଲେଖ ଥିବା ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ଶିଳ୍ପଦ୍ୟୋଗୀ ସୌମେନ୍ଦୁ ପଟ୍ଟନାୟକ ଯୋଗଦେଇ ନାମ ସଂକୀର୍ତ୍ତନ ପ୍ରତି ତାଙ୍କ ଆଗ୍ରହ ସମ୍ପର୍କରେ ସୂଚାଇଥିଲେ। ଅଧ୍ୟାପକ ବିରଜା ଶଙ୍କର ମିଶ୍ରଙ୍କ ସଂଯୋଜନାରେ ବେଲଟିକିରି ଶିବ ମନ୍ଦିର ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।

## ୪୦ ଗ୍ରାମ ବ୍ରାଉନସୁଗର ସହ ବାଇକ ଜବତ

● ଦୁଇ ଗିରଫ

କାମାକ୍ଷାନଗର/ପରଜଙ୍ଗ, ୬ ।୧୧(ସମିସ): ପରଜଙ୍ଗ ଥାନା ମୁଣ୍ଡେଇଲ ଓ ଗେହ୍ଲେଇକାଟେଣୀ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଅବକାରୀ ବିଭାଗ ଚଢ଼ଉ କରି ୪୦ ଗ୍ରାମ ବ୍ରାଉନସୁଗର ସହ ଗୋଟିଏ ବାଇକ୍ ଜବତ କରିଛି। ବ୍ରାଉନସୁଗର ବିକ୍ରି କରୁଥିବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ମୁଣ୍ଡେଇଲ ଗ୍ରାମର ସୁଜିତ କୁମାର ପଣ୍ଡା ଓ ଗେହ୍ଲେଇକାଟେଣୀର ମାନସ କୁମାର ନାୟକ। ସୁଜିତଙ୍କଠାରୁ ଏକ ବାଇକ ସହ ୨୦ ଗ୍ରାମ ବ୍ରାଉନସୁଗର ଓ ମାନସଙ୍କଠାରୁ ୨୦ ଗ୍ରାମ ବ୍ରାଉନସୁଗର ଜବତ ହୋଇଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୪ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉଭୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। କାମାକ୍ଷାନଗର ଅବକାରୀ ଅଧିକ୍ଷକ ସାୱନ ଭୋଳଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଚଢ଼ଉରେ କାମାକ୍ଷାନଗର ଓ ପରଜଙ୍ଗ ଅବକାରୀ ବିଭାଗ କର୍ମଚାରୀ ସାମିଲ ହୋଇଥିଲେ।



## କଙ୍କଡ଼ାହାଡ଼ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

କଙ୍କଡ଼ାହାଡ଼, ୬ ।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ କଙ୍କଡ଼ାହାଡ଼ ଗ୍ରାମରେ ଅଷ୍ଟପ୍ରହର



ନାମଯଜ୍ଞ ଅନୁଷ୍ଠିତ ହୋଇଛି। ପୂର୍ବଦିନ ରାମିଆଳ ନଦୀକୂଳରେ ପୂଜାର୍ଚ୍ଚନା କରି କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ପବିତ୍ର ଜଳ କଳସ ଯଜ୍ଞସ୍ଥଳରେ ସ୍ଥାପନ କରିବା ପରେ କାର୍ତ୍ତିକ ପୂର୍ଣ୍ଣମୀ ପ୍ରାତଃ ସମୟରୁ ରୀତିନୀତି ଅନୁଯାତୀ ପୂଜାର୍ଚ୍ଚନା ପରେ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଏଥିରେ ୨୪ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ସନ୍ଧ୍ୟାରେ ଗ୍ରାମର ମହିଳାମାନେ ୧୦୮ ଦୀପ ପ୍ରଜ୍ୱଳନ କରିଥିଲେ। ଦୁଇଦିନ ଧରି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଗ୍ରାମ ପରିଚାଳନା କମିଟି ସଭାପତି ପ୍ରକାଶ ବିଶ୍ୱାଳ, ସମ୍ପାଦକ ତ୍ରିଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସଦସ୍ୟ ଶୁଭେନ୍ଦୁ ପାଳ, ଶମ୍ଭୁନାଥ ସିଂହ, ସନାତନ ପରିଡ଼ା, ନରୋତ୍ତମ ସିଂହ, ଅଶୋକ ପଣ୍ଡା, ସର୍ବେଶ୍ୱର ବାରିକି, ବିଷ୍ଣୁ ଚରଣ ସିଂହ, ଜୟ ସେଠୀ, ବିନୋଦ ସିଂହ, ପୂଜକ ଟୁକୁ ପଣ୍ଡା, କର୍ତ୍ତା ଶ୍ରୀମନ୍ତ ପାଣି, ସନ୍ତୋଷ କୁମାର ସାହୁ, ନରୋତ୍ତମ ବେହେରା, ନଟବର ମହାରଣା, ହୃଦାନନ୍ଦ ବେହେରା, ଟୁନା ବେହେରା, ପ୍ରଶାନ୍ତ ସିଂହ, ରଞ୍ଜୁ ସାହୁ, ଶିଖର ପରିଡ଼ା, ସୁଧାକର ସିଂହ, ବୁଲୁ ପଣ୍ଡା, ଦେବ ସାହୁ, ଗଙ୍ଗା ସାହୁ, ଅନିଲ ବାରିକଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

## ପୋଖରୀରେ ବୁଡ଼ି ଯୁବକ ମୃତ

ଖଜୁରିଆକଟା, ୬ ।୧୧(ସମିସ): ପୋଖରୀରେ ବୁଡ଼ି ହିନ୍ଦୋଳ ଉପଖଣ୍ଡ ରଞ୍ଜାଗୋଳ ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରାମ ଦଳେଇଙ୍କ ପୁଅ କାଳିଆ ଦଳେଇ (୨୩)। ଗୁରୁବାର ଅପରାହ୍ନରେ କାଳିଆ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକ ଓ ଗ୍ରାମବାସୀ ବହୁ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କ ସନ୍ଧାନ ପାଇ ନ ଥିଲେ। ଅପରାହ୍ନ ପ୍ରାୟ ୪ଟା ବେଳେ ଗାଁ ନିକଟ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା।



## ଜଙ୍ଗଲ ପରିବେଶ ବିକାଶ ମଞ୍ଚ ଓ ଦଣ୍ଡିରୀ ପଞ୍ଚାୟତର ମିଳିତ ବୈଠକ

ଖଜୁରିଆକଟା, ୬ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଦଣ୍ଡିରୀ ପଞ୍ଚାୟତ ସଭାଗୃହରେ ହିନ୍ଦୋଳ ଜଙ୍ଗଲ ପରିବେଶ ବିକାଶ ମଞ୍ଚ ଏବଂ ଦଣ୍ଡିରୀ ପଞ୍ଚାୟତର ମିଳିତ ଆୟୋଜନରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଏଫଇଏସ ଢେଙ୍କାନାଳ ସହଯୋଗ କରିଥିଲା। ଦଣ୍ଡିରୀ ସମିତି ସଭ୍ୟ ସୂର୍ଯ୍ୟନାରାୟଣ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନାଏବ ସରପଞ୍ଚ ଯଶୋବନ୍ତ ସାମଲ, ଜଙ୍ଗଲ ପରିବେଶ ବିକାଶମ ଞ୍ଚ ସଭାପତି ତ୍ରିନାଥ ବେହେରା, କୋଷାଧ୍ୟକ୍ଷ ବିନୋଦିନୀ ପ୍ରଧାନ, ହିନ୍ଦୋଳ ଉପଖଣ୍ଡ ଜଙ୍ଗଲ ଅଧିକାର ସେଲର ଏମଆଇଏସ୍ ଶୁକଦେବ ନାଏକ, ଏଫଇଏସ ଢେଙ୍କାନାଳର କର୍ମୀ ଜଗନ୍ନାଥ ନାୟକ, ଆନନ୍ଦବର୍ଦ୍ଧନ ଶତପଥୀ, କଂସରା ସରପଞ୍ଚଙ୍କ ପ୍ରତିନିଧି ମନମୋହନ ରାଉତ, କ୍ଷିତ ଜେନା, ଗୁଲେହି ପଞ୍ଚାୟତର ବିମଳ କୁମାର ବିଶ୍ୱାଳ, ରାସୋଳ ପଞ୍ଚାୟତର ପ୍ରତିନିଧିଙ୍କ ସହ ଗ୍ରାମ ସଭାପତି ଓ ଗୋଷ୍ଠୀ ଜଙ୍ଗଲ ଅଧିକାର କମିଟି ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ପ୍ରାକୃତିକ ସମ୍ବଳ ସମୂହର ଅତୀତ ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା। ଜଙ୍ଗଲ ସମ୍ବଳ ଓ ଜୈବ ବିବିଧତା, ସନ୍ତୁଳନତାର ସୁରକ୍ଷା, ସଂରକ୍ଷଣ, ପରିଚାଳନା, ବ୍ୟବହାର ଓ ଶିରୋନାମା ପ୍ରାପ୍ତି ପରବର୍ତ୍ତୀ କାଳୀନ ପରିଚାଳନା ଓ ମିଳିତ ମଞ୍ଚର ଉପକାରିତା ଉପରେ ଆଲୋଚନା ହୋଇଥିଲା। ପରେ ପଞ୍ଚାୟତସ୍ତରୀୟ ପରିବେଶ ସୁରକ୍ଷା ମଞ୍ଚ ଗଠନ କରାଯିବା ସହ ମଞ୍ଚର ପ୍ରତିନିଧି ଉପଖଣ୍ଡସ୍ତରୀୟ ମହାମଞ୍ଚରେ ସାମିଲ ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଛି।



## ମା' କାମନାକାଳୀଙ୍କ ଜନ୍ମୋତ୍ସବ ଉଦ୍‌ଯାପିତ

ଢେଙ୍କାନାଳ, ୬ ।୧୧(ସମିସ): ସଦର ବ୍ଲକ ନରଣପୁର ଗ୍ରାମରେ ମା' କାମନାକାଳୀଙ୍କ ଜନ୍ମ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଛି। ତାରିଖ ସ୍ଥାନୀୟ ବଡ଼ଯୋରାଠାରୁ ପୂଜାର୍ଚ୍ଚନା କରାଯାଇ ଶତାଧିକ ପୁରୁଷ ଓ ମହିଳା କଳସ ଧାରଣ କରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମା'ଙ୍କ ପୀଠରେ ସ୍ଥାପନ କରିଥିଲେ। ପରେ ଅଧିବାସ ପୂଜା ଓ ଅଗ୍ନି ସଂସ୍କାର କରାଯାଇଥିଲା। ୧ ତାରିଖ ଅଙ୍କୁରାରୋପଣ ଓ ମଣ୍ଡଳକରଣ, ୨ ତାରିଖ ଘଟ ଆବାହନ ଓ କଳସଯାତ୍ରା, ୩ ତାରିଖ ସୂର୍ଯ୍ୟପୂଜା, ଗୋପୂଜା, ଶାଳାପୂଜା ଓ ମା'ଙ୍କ ପାଖରେ ୧୦୦୮ ଆହୁତି ପ୍ରଦାନ କରାଯାଇଥିଲା। ୪ ତାରିଖ ସୂର୍ଯ୍ୟପୂଜା, ଗୋପୂଜା, ଶାଳା ପୂଜା ଓ ଗୀତାଯଜ୍ଞ ଏବଂ ୫ ତାରିଖ ସୂର୍ଯ୍ୟପୂଜା, ଗୋପୂଜା, ଶାଳାପୂଜା, ଚଣ୍ଡୀପୂଜା ଓ ପୂର୍ଣ୍ଣାହୁତି ସହ ଭକ୍ତଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ମୁଖ୍ୟ ପୂଜକ ଚିତ୍ତରଞ୍ଜନ ଦାସ, କର୍ତ୍ତା ହିମାଂଶୁ ପ୍ରଧାନ, ସୁଫଳା ପ୍ରଧାନ, ବାଦଲ ସ୍ୱାଇଁ, ରିତୁ ସ୍ୱାଇଁ ଏବଂ ନରଣପୁର ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ହୋଇଥିଲା।



### ଖେଳପଡ଼ିଆ ତାରବାଡ଼ ଉଚ୍ଛେଦ

# ପୁଲିସ ପ୍ରଶାସନ ଓ ଗ୍ରାମବାସୀ ମୁହାଁମୁହିଁ

ଢେଙ୍କାନାଳ, ୬ ।୧୧(ସମିସ)

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତ ଜନ୍ତାରିବୋଲଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୫୧୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟ ପଛପଟେ ଖେଳପଡ଼ିଆ ପାଇଁ ଜାଗା ରହିଛି। ଖେଳପଡ଼ିଆ ନିର୍ମାଣ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ମନରେଗା ଯୋଜନାରେ ୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ଫଳକ ନିର୍ମାଣ କରାଯାଇଥିଲେ ମଧ ସେଠାରେ କାମ ନ କରି ବିଦ୍ୟାଳୟ ସମ୍ମୁଖ ସରକାରୀ ଜାଗାକୁ ବିନା ସ୍ୱୀକୃତିରେ ବିଦ୍ୟାଳୟର ଅଧକ୍ଷ ଖେଳପଡ଼ିଆ ଭାବେ ବ୍ୟବହାର କରୁଛନ୍ତି। ଏହି ଜାଗାରେ ଗ୍ରାମବାସୀ ଯାନିଯାତ୍ରା କରିବା ସହ ଗାଁ ଖେଳାଳିମାନେ



ବ୍ୟବହାର କରୁଥିଲେ। ଜାଗାଟି ଖୋଲା ଥିବାରୁ ଅସାମାଜିକ ଯୁବଗୋଷ୍ଠୀ ସନ୍ଧ୍ୟାରେ ମଦ୍ୟପାନ ଓ ବିଭିନ୍ନ ନିଶାଦ୍ରବ୍ୟ ସେବନ କରିବା ସହ ଆଡ୍ଡା ଜମାଉଥିବାରୁ ଗ୍ରାମବାସୀ ତାରବାଡ଼ ଦେଇ ଅବରୋଧ କରିଥିଲେ। ଗୁରୁବାର ପୂର୍ବାହ୍ନରେ ଅଧକ୍ଷଙ୍କ ଅଭିଯୋଗ ଆଧାରରେ କାମାକ୍ଷାନଗର ତହସିଲଦାର, ଥାନା ଅଧିକାରୀ, ରାଜସ୍ୱ ନିରୀକ୍ଷକ, ୧ ପ୍ଲାଟୁନ ପୁଲିସ ଫୋର୍ସ ସହ ସେଠାରେ ପହଞ୍ଚି ତାରବାଡ଼ ଉଚ୍ଛେଦ ପାଇଁ ଉଦ୍ୟମ କରୁଥିବା ବେଳେ ପୁଲିସ ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରାୟ ୩ଘଣ୍ଟା ଧରି ଗ୍ରାମବାସୀ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ବେଳେ ପ୍ରଶାସନ ତାରବାଡ଼ ଉଚ୍ଛେଦ କରିଥିଲା। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ବିଦ୍ୟାଳୟ ଅଧକ୍ଷଙ୍କ ବଦଳି ସହ ଉକ୍ତ ଖେଳପଡ଼ିଆକୁ ଜନ୍ତାରିବୋଲ ଗ୍ରାମ୍ୟ କମିଟିକୁ ହସ୍ତାନ୍ତର କରିବା ପାଇଁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଅଧକ୍ଷ ଗ୍ରାମବାସୀଙ୍କୁ କଟୁ ମନ୍ତବ୍ୟ ଦେଇ ସମସ୍ୟା ଉପୁଜାଉଥିବା କହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ନିରପେକ୍ଷ ତଦନ୍ତ କରି ଘଟଣାର ସମାଧାନ କରା ନ ଗଲେ ଗ୍ରାମବାସୀ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବାଲିମି ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା




ଖଜୁରିଆକଟା, ୬ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ହିନ୍ଦୋଳ ଏସଡିପିଓ ସତ୍ୟକୁମର ନନ୍ଦ ମୁଖ୍ୟଅତିଥି, ସାଂସଦଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି, ହିନ୍ଦୋଳ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ, ବଜାର କମିଟି ସଭାପତି ଲୋଚନ ସାହୁ, ସମାଜସେବୀ ଉପେନ୍ଦ୍ର ମାହୁନ୍ତ, ଖଜୁରିଆକଟା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋଜ କୁମାର ମିଶ୍ର, ବାଲିମି ଥାନାଧିକାରିଣୀ ସୁଚିସ୍ମିତା ମହାନ୍ତି, ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାଇବର ଅପରାଧୀ ଅବଲମ୍ବନ କରୁଥିବା ନୂଆ କୌଶଳ ସମ୍ପର୍କରେ ଅତିଥିମାନେ ଲୋକଙ୍କୁ ସଚେତନ କରିଥିଲେ। ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅସରଡ଼ା ଗ୍ରାମର ଶ୍ରୀରାମ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଓ ବାଲିମି ଗ୍ରାମର ଶିଶୁ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ବାଲିମି ଥାନାଠାରୁ ଖଜୁରିଆକଟା ବଜାର ଦଶହରା ପଡ଼ିଆ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥଇଲେ। ପରେ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏସଡିପିଓ ନନ୍ଦ ଏଥିରେ ଯୋଗଦେଇ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ସହ ଅନ୍ୟମାନଙ୍କୁ ସଚେତନ କରାଇବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ହିନ୍ଦୋଳ ଥାନାଧିକାରିଣୀ ଚାରୁଲତା ବେହେରା ଏବଂ ହିନ୍ଦୋଳ ଥାନା ଓ ସାତମାଇଲ ଫାଣ୍ଡିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।





# ଚାକିରି ପାଇଁ ଡାକି ଦୁଷ୍କର୍ମ ଉଦ୍ୟମ

**■ ଓୟୋକୁ ନେଇ ମହିଳାଙ୍କୁ ଅସଦାଚରଣ**
**■ ବନ୍ଦ କୋଠରିରେ ମାଗିଥିଲା 'ଫେବର୍'**
**■ ଖୋର୍ଦ୍ଧାରୁ ଅଭିଯୁକ୍ତଙ୍କୁ ଗିରଫ କଲା ପୁଲିସ**

ଭୁବନେଶ୍ୱର, ୬।୧୧ (ସମିସ): ଓଏଲ୍‌ଏକ୍ସରେ ଚାକିରି ଖୋଜିବା ଯୁବତୀଙ୍କ ପାଇଁ ମହଙ୍ଗା ପଡ଼ିଛି। ନିଯୁକ୍ତି ଆଳରେ ଓୟୋକୁ ନେଇ ଦୁଷ୍କର୍ମ ଉଦ୍ୟମ କରିଛି ଅସାମାଜିକ ଯୁବକ। ପାତ୍ରପଡ଼ା ଔଷଧୀୟ ଉଦ୍ୟାନ ନିକଟରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜଙ୍କିଆ ଥାନା ମଣିପୁର ପାଟଣାର ନରେଶ କୁମାର ଦଳେଇ (୨୮)।

ପୁଲିସ ସୂଚନା ଅନୁସାରେ, ବାରିପଦାର ଜଣେ ୩୦ ବର୍ଷୀୟା ମହିଳା ଏୟାରଫିଲ୍ଡ ଥାନା ଅଞ୍ଚଳରେ ରହୁଛନ୍ତି। ସେ ଓଏଲ୍‌ଏକ୍ସରେ ଚାକିରି ଖୋଜାଖୋଜି କରୁଥିବା ବେଳେ ଗତମାସ ୩୦ ତାରିଖ ଦିନ ଏକ ବିଜ୍ଞାପନ ତାଙ୍କ ନଜରରେ ପଡ଼ିଥିଲା। ସେଥିରେ ଆଚାର୍ଯ୍ୟ ବିହାର ସ୍ଥିତ ଅଫିସରେ ରୋଜାଲିନ ପର୍ସନାଲ ଆସିଷ୍ଟାଣ୍ଟ ପାଇଁ ମହିଳା ଆବଶ୍ୟକ ବୋଲି ଲେଖାଯାଇଥିବା ବେଳେ ଏକ ମୋବାଇଲ ନମ୍ବର ମଧ୍ୟ ରହିଥିଲା। ମହିଳା ଜଣକ ଚାକିରି ଖୋଜୁଥିବାରୁ ହ୍ୱାଟ୍ସଆପ୍ ମାଧ୍ୟମରେ ଉକ୍ତ ନମ୍ବରରେ ଯୋଗାଯୋଗ କରିଥିଲେ। ପ୍ରଥମେ ଓଏଲଏକ୍ସ ଓ ପରେ ହ୍ୱାଟ୍ସଆପ୍ ମେସେଜ ମାଧ୍ୟମରେ ନରେଶ ସହ କଥାବାର୍ତ୍ତା ହୋଇଥିଲେ। ନରେଶ ପରବର୍ତ୍ତୀ ସମୟରେ ସିଧାସଳଖ ଫୋନ୍ କଲ୍ ମାଧ୍ୟମରେ ମହିଳା ସହିତ ଯୋଗାଯୋଗ କରିଥିଲା। ତାଙ୍କୁ ଚାକିରି ଯୋଗାଇ ଦେବାର ପ୍ରତିଶ୍ରୁତି ଦେବା ସହ ଡିଏନ୍ ରିଗାଲିଆ ମଲ୍ ନିକଟକୁ ଡାକିଥିଲା। ଏଠାକୁ ଆସିଲେ ସାରଙ୍କ ସହ ଭେଟ କରାଇଦେବେ ବୋଲି କହିଥିଲା। ନରେଶ କହିବା ମୁତାବକ, ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ ଟାରେ ମହିଳା ଜଣକ ଡିଏନ୍ ରେଗାଲିଆ ମଲ୍ ନିକଟରେ ପହଞ୍ଚି ତାକୁ କଲ୍ କରିଥିଲେ। ନରେଶ ଏକ ବାଇକରେ ଆସି ସେଠାରେ ପହଞ୍ଚିଥିଲା।



ସାରଙ୍କ ସହ ସାକ୍ଷାତ କରାଇବା ଆଳରେ ଅଭିଯୁକ୍ତ ନରେଶ ମହିଳାଙ୍କୁ ନେଇ ଔଷଧୀୟ ଉଦ୍ୟାନ ନିକଟସ୍ଥ ହୋଟେଲ ଏସ୍‌ଏସ୍ ଇଣ୍ଟରନ୍ୟାସନାଲକୁ (ଓୟୋ) ନେଇଯାଇଥିଲା। ବାହାରେ କୌଣସି ପୋଷ୍ଟର ନଥିବାରୁ ତାହା ଓୟୋ ହୋଟେଲ ବୋଲି ମହିଳା ଜଣକ ଜାଣି ପାରିନଥିଲେ। ସେଠାରେ ରୁମ୍ ଭିତରକୁ ଯିବା ପରେ ନରେଶ ଭିତର ପଟରୁ କବାଟ ବନ୍ଦ କରି ତାଙ୍କ ମୋବାଇଲ୍ ଫୋନକୁ ଛଡ଼ାଇ ନେଇଥିଲା। ନରେଶ ତାଙ୍କୁ ଦୁଷ୍କର୍ମ କରିବାକୁ ଚାହୁଁଛି ବୋଲି ମହିଳାଙ୍କୁ କହିଥିଲା। ମହିଳା ଜଣକ ଏହାର ପ୍ରତିବାଦ କରିବାରୁ ନରେଶ ତାଙ୍କୁ ମାଡ଼ ମାରିଥିଲା। ଏହାପରେ ଜୋରଜବରଦସ୍ତି ତାଙ୍କ ବସ୍ତ୍ର ଖୋଲିଦେଇ ସମ୍ବେଦନଶୀଳ ଅଙ୍ଗର ଫଟୋ ଉଠାଇଥିଲା। ମହିଳା ଜଣକ ଚିତ୍କାର କରିବାରୁ ନରେଶ ବାହାରୁ କବାଟ ବନ୍ଦ କରି ଫେରାର ହୋଇ ଯାଇଥିଲା। ପାଟି ଶୁଣି ହୋଟେଲ କର୍ମଚାରୀମାନେ ମହିଳାଙ୍କୁ ଉଦ୍ଧାର କରିଥିଲେ। ଘଟଣା ବିଷୟରେ ମହିଳା ଜଣକ ସ୍ୱାମୀଙ୍କୁ ଜଣାଇବା ସହ ତମାଣ୍ଡୋ ଥାନାରେ ଏତଲା ଦେଇଥିଲେ।

ଅଭିଯୋଗ ଆଧାରରେ ତମାଣ୍ଡୋ ଥାନା ପୁଲିସ କେସ୍ ନଂ - ୩୩୦/୨୫ ରେ ଦଫା ୭୪, ୭୫(୨), ୧୨୭(୨), ୧୧୫(୨), ୨୯୬ ବିଏନ୍‌ଏସ୍ ଓ ୬୬(ଇ) ଆଇଟି ଆକ୍ଟରେ ମାମଲା ରୁଜୁ କରିଥିଲା। ହୋଟେଲକୁ ଯାଇ ତଦନ୍ତ ଆରମ୍ଭ କରିବା ସହ ସିସିଟିଭି ଫୁଟେଜ ଓ ରେଜିଷ୍ଟର ଜବତ କରିଥିଲା। ଖୋର୍ଦ୍ଧାରେ ଚଢ଼ଉ କରି ନରେଶଙ୍କୁ ଗିରଫ କରିବା ସହ ତା ଠାରୁ ମୋବାଇଲ ଫୋନ ଓ ଗାଡ଼ି ଜବତ କରି ଥାନାକୁ ଆଣିଥିଲା। ପୀଡ଼ିତାଙ୍କ ଠାରୁ ଓଏଲ୍‌ଏକ୍ସ ଚାଟ୍, ହ୍ୱାଟ୍ସଆପ ଚାଟ୍ ଆଦି ଜବତ କରିଥିଲା ପୁଲିସ। ବିଏନ୍‌ଏସ୍‌ଏସ୍ ଧାରା ୧୮୦ ଅନୁସାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିବା ବେଳେ ଆସନ୍ତାକାଲି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଙ୍କ ବୟାନ ରେକର୍ଡ କରାଯିବ ବୋଲି ପୁଲିସ କହିଛି।

## ନୂଆପଲ୍ଲୀ ରାସ୍ତାପାର୍ଶ୍ୱରୁ ହଟିଲା ଜବରଦଖଲ




ଭୁବନେଶ୍ୱର, ୬।୧୧(ସମିସ): ନୂଆପଲ୍ଲୀ ମୌଜା ଅନ୍ତର୍ଗତ ରାସ୍ତାପାର୍ଶ୍ୱ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ(ଜିଏ) ପ୍ଲଟ ନମ୍ବର-୧୭୫୦, ୧୭୮୦, ୧୭୮୦/୨୮୦୯, ୧୭୮୦/୨୩୪୮, ୧୭୬୩, ୨୦୪୩ ଏବଂ ୧୮୭୫/୪୪୧୫ ଅଧୀନରେ ମୋଟ ୧ ଏକର ୨୪୭ ଡିସିମିଲ ଜମି ରହିଛି। ଏହି ସରକାରୀ ଜମିକୁ କିଛି ବ୍ୟକ୍ତି ଜୋରଜବରଦସ୍ତ ମାଡ଼ିବସି ଘର ଓ ହୋଟେଲ ନିର୍ମାଣ କରି ବ୍ୟବସାୟ କରୁଥିଲେ। ଉଚ୍ଛେଦ ସମୟରେ ୩ଟି ଟିଣ ସେଡ୍ ସମ୍ପ୍ରସାରଣ ଅଂଶ, ଗୋଟିଏ ଗାଡ଼ି ସର୍ଭିଂ କେନ୍ଦ୍ର, ୨ଟି ଆବେଷ୍ଟସ ଦୋକାନ, ଗୋଟିଏ କାଠ କ୍ୟାବିନ, ଗୋଟିଏ ମୋବାଇଲ୍ ଦୋକାନ୍, ୨ଟି ଫାଷ୍ଟଫୁଡ୍ ଦୋକାନ, ୭ଟି ହୋଟେଲ, ୪ଟି ଆଜବେଷ୍ଟସ୍ ଘର, ୨ଟି ଶୌଚାଳୟ ଏବଂ ୩ଟି ବିଜ୍ଞାପନ ବୋର୍ଡ ଭାଙ୍ଗି ଦିଆଯାଇଥିଲା। ସମୟ ଅଭାବରୁ ଆଂଶିକ ଭାବରେ ଉଚ୍ଛେଦ କରାଯାଇଥିଲା ପ୍ରାୟ ୦.୫୦୦ ଡିସିମିଲ ସରକାରୀ ଜମି ଜବରଦଖଲମୁକ୍ତ କରାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଗୋଟିଏ ସେକ୍ସନ୍ ରିଜର୍ଭ ପୁଲିସ ଏବଂ ଗୋଟିଏ ସେକ୍ସନ୍ ମହିଳା ପୁଲିସ ମୁତୟନ କରାଯାଇଥିଲା। ବିଡିଏ ଏନଫୋର୍ସମେଣ୍ଟ ଅଫିସର(ଓଏସଡି) ଦେବରାଜ ସେଠୀ, ବିଡିଏ ଲିଆସନ ଅଫିସର ଶୁଭାଂଶୁ ଶେଖର ମହାନ୍ତି ଓ ସାଧାରଣ ପ୍ରଶାସନ ବିଭାଗର ଉପନିର୍ଦ୍ଦେଶକ(ସର୍ଭେ ଓ ଏନଫୋର୍ସମେଣ୍ଟ) ଅମୀୟ କୁମାର ଦାସ ଉପସ୍ଥିତ ଥିବାବେଳେ ବିଡିଏ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ୧, ୨, ୩, ୪, ୫ ଏବଂ ୬ ଉଚ୍ଛେଦ କରିଥିଲା।

# ଲୁଟିନେଲେ ପେଟି ପେଟି ତେଲ, ଘିଅ

ଧଉଳି, ୬।୧୧(ସମିସ): ଧଉଳି ଥାନାଠାରୁ ମାତ୍ର ୧୫୦ ମିଟରରେ ଥିବା ଏକ ତେଜରାତି ଦୋକାନର ଗୋଦାମ ଘରୁ ବଡଧରଣର ଚୋରି ହୋଇଛି। ଅଭିଯୋଗ ମୁତାବକ ଦୁର୍ବୃତ୍ତମାନେ ଦୋକାନର ସଟର କାଟି ପ୍ରାୟ ସାଢେ ୭ ଲକ୍ଷ ଟଙ୍କା ସହ ଲକ୍ଷାଧିକ ଟଙ୍କାର ରାସନ ସମଗ୍ରୀ ଚୋରି କରି ନେଇଛନ୍ତି। ପ୍ରକାଶଥାଉକି ଏହି ଥାନା ଗୋପୀନାଥପୁର ନଖାଉର ଗ୍ରାମର ଚିତ୍ତ ରଞ୍ଜନ ଶତପଥୀଙ୍କ ଓମ ବୈରାଗେଶ୍ୱର ଟ୍ରେଡର୍ସ ନାମରେ ଏକ ବ୍ୟବସାୟିକ ସଂସ୍ଥା ରହିଛି। ଏହି ଗୋଦାମରେ ଚାଉଳ, ଡାଲି, ଚିନି, ଅଟା ତେଲ ଆଦି ତେଜରାତି ସାମଗ୍ରୀ ଗଚ୍ଛିତ ରଖି ଆଖପାଖ ଅଞ୍ଚଳରେ ଥିବା ଖୁଚୁରା ଦୋକାନୀଙ୍କୁ ବିକ୍ରି କରୁଥିଲେ। ବୁଧବାର ରାତି ୧୧ ଟାରେ ଦୋକାନ ବନ୍ଦ କରି ଚିତ୍ତ ରଞ୍ଜନ ଘରକୁ ଯାଇଥିଲେ। ମାତ୍ର ଦୋକାନ ସଟର ତଡା ଯାଇଥିବା ଆଜି ସକାଳୁ ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ଚିତ୍ତରଞ୍ଜନ ସେଠାକୁ ଆସିଥିଲେ। ସଟର ୨ ପଟ ତାଲାକୁ କଟାଯାଇଥିଲା ଦେଖିବାକୁ ପାଇଥିଲେ। ପରେ ଗୋଦାମ ଭିତର ତନଖି କରିଥିଲେ। ସେଠାରେ କ୍ୟାସ କାଉଣ୍ଟରରେ ଥିବା ଆଲମିରା ଲକର ଭଙ୍ଗା ଯିବାସହ ଚିତ୍ର ଉତ୍ତୋଳନକାରୀ ଯନ୍ତ୍ରର ହାର୍ଡଡିସ୍କ ଖୋଲା ହୋଇଥିବା ଜାଣିବାକୁ ପାଇଲେ। ଆଲମିରାରେ ଥିବା ସାଢେ ୭ ଲକ୍ଷ ଟଙ୍କା ଚୋରୀ ହୋଇଥିବା ବେଳେ ୧ ଲିଟର ବିଶିଷ୍ଟ ଫ୍ରିଡମ ସନଫ୍ଲାୱାର ତେଲ ୧୫୦ ପେଟି, ଡବଲ ୧ ଲିଟର ବିଶିଷ୍ଟ ଡବଲ ହରିଣ ସୋରିଷ ତେଲ ୩୦ ପେଟି, ୧ କିଲୋ ବିଶିଷ୍ଟ ଡାଲଡ଼ା ଘିଅ ୬୦ ପେଟି, ଅଧକିଲୋ ବିଶିଷ୍ଟ ଡବଲ ହରିଣ ସୋରିଷ ତେଲ ୨୫ ପେଟି, ଅଧକିଲୋ ବିଶିଷ୍ଟ ଫ୍ରିଡମ ସୋରିଷ ତେଲ ୨୦ ପେଟି, ଅଧକିଲୋ ବିଶିଷ୍ଟ ଫ୍ରିଡମ ସନଫ୍ଲାୱାର ୪୦ ପେଟି, ୧୫ କିଲୋ ବିଶିଷ୍ଟ ଫ୍ରିଡମ ତେଲ ଟିଣ ୫୦ ଟି ଚୋରି ଯାଇଥିବା ତନଖି ସମୟରେ ଜାଣିବାକୁ ପାଇଲେ। ଯାହାର କି ମୂଲ୍ୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ହେବବୋଲି ଅନୁମାନ କରାଯାଇଛି। ଏନେଇ ମାଲିକ ଚିତ୍ତରଞ୍ଜନ ସମ୍ପୃକ୍ତ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ସେଠାରେ ପହଞ୍ଚି ତଦନ୍ତ କରିଛନ୍ତି। ପରେ ଭୁବନେଶ୍ୱର ସାଇଣ୍ଟିଫିକ ଦଳ ପହଞ୍ଚି ତଦନ୍ତ କରିଥିଲେ।



**ସ୍ୱାମୀଙ୍କ ମୃତ୍ୟୁ ସାଙ୍ଗକୁ ପୁଅର ରୋଗ ଚିନ୍ତା**

# ବିଷ ପିଇ ଜୀବନ ହାରିଲେ ମହିଳା ଗୃହରକ୍ଷୀ

ଭୁବନେଶ୍ୱର, ୬।୧୧(ସମିସ): ସ୍ୱାମୀଙ୍କ ମୃତ୍ୟୁ ପର ଠାରୁ ଏକଦମ୍ ଏକୁଟିଆ ହୋଇଯାଇଥିଲେ। ସବୁ ବେଳେ ତାଙ୍କ ଚିନ୍ତାରେ ଗୁମୁରି ଗୁମୁରି କାନ୍ଦୁଥିଲେ। ସ୍ୱାମୀଙ୍କ କଥା ଭାବି ଭାବି ଅନେକ କଥା ମୁଣ୍ଡରେ ଭର୍ତ୍ତି କରୁଥିଲେ। ମାତ୍ର ଦିନ କେଇଟା ପାଇଁ ତାଙ୍କ ବୋଉ ଗାଁ ଗଲା ବେଳେ ସବୁକିଛି ଓଲଟ ପାଲଟ ହୋଇଗଲା। ମହିଳା ହୋମ୍‌ଗାର୍ଡ ବିଷ ପିଇ ଆତ୍ମହତ୍ୟା କରିଦେଲେ।

ମୃତକ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ମଣ୍ଡପ ବସ୍ତିର ରହୁଥିଲେ ମହିଳା ହୋମ୍‌ଗାର୍ଡ ସୁଜାତା ରାଣୀ କର। ସୁଜାତାଙ୍କ ବୟସ ୨୯। ସରକାରଙ୍କ ଦ୍ୱାରା ଦିଆଯାଇଥିବା ଆବାସ ଯୋଜନା କ୍ୱାର୍ଟର୍ସରେ ସେ ରହୁଥିଲେ। ତାଙ୍କ ଝିଅ ଏବଂ ପୁଅ, ଭଣଜା ଏବଂ ଶାଶୂ ତାଙ୍କ ପାଖେ ପାଖେ ରହୁଥିଲେ। ବୁଧବାର ସେ ଘରକୁ ଫେରିଥିଲେ। ରାତିରେ ଗ୍ଲାସ୍‌ରେ କିଛି ତରଳ ପଦାର୍ଥ ସହ ବିଷ ଗୋଳି ପିଇ ଦେଇଥିଲେ। ପରିବାର ଲୋକେ କିଛି ବି ଜାଣିପାରି ନ ଥିଲେ। ବିଳମ୍ବିତ ରାତିରେ ଅଚାନକ ତାଙ୍କର ବାନ୍ତି ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଏକ ଘରୋଇ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ତାଙ୍କ ପିଲାମାନଙ୍କ ଭରଣପୋଷଣ ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ହୋମଗାର୍ଡ ସଂଘ ପକ୍ଷରୁ ଦାବି କରାଯାଇଛି।

ସୁଜାତା ଏବଂ ତାଙ୍କ ସ୍ୱାମୀ ନୟାଗଡ଼ ଜିଲ୍ଲାର ବାସିନ୍ଦା। ଉଭୟେ ପ୍ରେମ କରି ବିବାହ କରିଥିଲେ। ତାଙ୍କ ସ୍ୱାମୀ ଡ୍ରାଇଭର ଭାବେ ରାଜଧାନୀରେ କାମ କରି ପରିବାର ଲୋକଙ୍କୁ ବେଶ ଖୁସିରେ ରଖିଲେ। ଆଠ ବର୍ଷ ହେବ ଏକାଠି ରହିବା ପରେ ଗୋଟିଏ ଦିନ ସ୍ୱାମୀଙ୍କ ଅଚାନକ ମୃତ୍ୟୁ ହୋଇଥିଲା। ସ୍ୱାମୀଙ୍କ ମୃତ୍ୟୁକୁ ନେଇ ସେ ରାତି ରାତି ଅନିଦ୍ରା ହୋଇଥିବା ପରିବାର ଲୋକେ କହିଛନ୍ତି। ହୋମଗାର୍ଡ ନିଯୁକ୍ତି ପାଇବା ପରେ ଚନ୍ଦ୍ରଶେଖରପୁର ଥାନାରେ ତାଙ୍କର ପ୍ରଥମ ପୋଷ୍ଟିଂ ଥିଲା। ଥାନାରେ ସମସ୍ତଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ରହିଥିଲା।

**ତିନିମାସର ଚାକିରି, ୩ ଦିନ ହେଲା ଛୁଟିରେ ଥିଲେ**



# ୫୫୨ ଲିଟର ମଦ ଜବତ; ୩ ଗିରଫ

ଭୁବନେଶ୍ୱର, ୬।୧୧(ସମିସ): ବେଆଇନ୍ ମଦ କାରବାର ଅଭିଯୋଗରେ ଅବକାରୀ ବିଭାଗ ଥାନା ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ୩ ଜଣଙ୍କ ମଧ୍ୟରେ ୨ ଜଣ ମହିଳା ଅଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସୋନୀ ସାମଲ, ଲିଳି ବେହେରା ଏବଂ ସୂର୍ଯ୍ୟକାନ୍ତ ଗୌଡ଼। ଏମାନଙ୍କ ଠାରୁ ୫୫୨ ଲିଟର ମଦ ଜବତ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ୟୁନିଟ୍-୬ ଅଞ୍ଚଳରେ ବହୁଦିନ ହେବ ଦେଶୀ ମଦ କାରବାର ହେଉଥିଲା। ଏସମ୍ପର୍କରେ ଅବକାରୀ ବିଭାଗକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଅବକାରୀ ଥାନା ପୁଲିସ ଏକ ଟିମ୍ ଗଠନ କରି ବେଆଇନ୍ ମଦ କାରବାର ଆଡ୍ଡା ଉପରେ ଚଢ଼ଉ କରିଥିଲା। ପରେ ଅଭିଯୁକ୍ତମାନଙ୍କ ଠାରୁ ମଦ ଜବତ କରାଯାଇଥିଲା।



# ତମାଣ୍ଡୋରେ ସାଇବର ସଚେତନତା ରଥ

ଭୁବନେଶ୍ୱର, ୬।୧୧ (ସମିସ): ସାଇବର ଅପରାଧ ରୋକିବା ପାଇଁ ପୁଲିସ ପକ୍ଷରୁ ଆରମ୍ଭ ହୋଇଛି ସାଇବର ସୁରକ୍ଷା ଅଭିଯାନ। ଏହି ଅବସରରେ ତମାଣ୍ଡୋ ଥାନା ପୁଲିସ ପକ୍ଷରୁ ଗୁରୁବାର ସ୍ଥାନୀୟ ପିଏମଶ୍ରୀ ଭ୍ରମରବର ହାଇସ୍କୁଲ, ଘରୋଇ କଲେଜ, ତମାଣ୍ଡୋ ବଜାର, କଳିଙ୍ଗନଗର କେ୫ ଛକ ଓ ନୀଳକଣ୍ଠେଶ୍ୱର ମନ୍ଦିର ଛକରେ ସଚେତନତା କରାଯାଇଛି। ଉଭୟ ଅନଲାଇନ ଓ ଅଫଲାଇନ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଉଛି ପୁଲିସ। ସଚେତନତା ରଥ ମାଧ୍ୟମରେ ବୁଲି ବୁଲି ସାଇବର ଅପରାଧରୁ ବର୍ତ୍ତିବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ସାଇବର ଅପରାଧିମାନେ କିପରି ଠକେଇ କରୁଛନ୍ତି, ଠକେଇର ଶିକାର ହେବାମାତ୍ରେ କ'ଣ କରିବାକୁ ପଡ଼ିବ ସେନେଇ ସଚେତନତା ରଥ ମାଧ୍ୟମରେ ବାର୍ତ୍ତା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଭ୍ରମରବର ହାଇସ୍କୁଲର ୨୦୦ ଓ ଘରୋଇ କଲେଜର ୧୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ତମାଣ୍ଡୋ ଥାନା ଅଧିକାରୀ ବସନ୍ତ କୁମାର ଦଳେଇ ଓ ସବ୍ ଇନ୍ସପେକ୍ଟର ଉମାକାନ୍ତ ସାହୁ ପରିଚାଳନା କରିଥିଲ।



## ଘରୋଇ କଲେଜରୁ ମିଳିଲା ଛାତ୍ରଙ୍କ ମୃତଦେହ

ବଡ଼ରଘୁନାଥପୁର, ୬।୧୧(ସମିସ): ଭୁବନେଶ୍ୱର ଉପକଣ୍ଠ ବଡ଼ରଘୁନାଥପୁର ଅଞ୍ଚଳରେ ଥିବା ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଜଣେ କଲେଜ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଛାତ୍ର ହେଲେ ବିଟେକ୍ ପ୍ରଥମ ବର୍ଷର ଛାତ୍ର ସତ୍ୟସାରଥି ଦାଶ (୧୯)। ତାଙ୍କ ଘର ଭଦ୍ରକ ଜିଲ୍ଲାରେ ବୋଲି ଜଣାପଡ଼ିଛି। ଏ ନେଇ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ଅପରପକ୍ଷେ ଛାତ୍ରଙ୍କ ହତ୍ୟା କରାଯାଇଥିବା ନେଇ ସନ୍ଦେହ କରାଯାଉଥିବା ବେଳେ ଏ ନେଇ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଛି ଏବଂ ମୃତଦେହକୁ ଜବତ କରି ତଦନ୍ତ କରୁଛି।

## ଆକ୍ରମଣକାରୀ ଗୋମାଫିଆଙ୍କୁ ଗିରଫ ଦାବି

ଭୁବନେଶ୍ୱର, ୬।୧୧(ସମିସ): ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗାଇ ଆଣୁଥିବା ଦୁଗ୍ଧଚାଷୀମାନଙ୍କୁ ଆକ୍ରମଣର ପ୍ରତିବାଦ ଏବଂ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ହିତାଧିକାରୀଙ୍କୁ ଗାଇ ଯୋଗାଇଦେବା ଏବଂ ସାର୍ଟିଫିକେଟ୍ ଦେବା ନାଁରେ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି କରିଛି ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ। ମହାସଂଘର ଅଧ୍ୟକ୍ଷ ରବି ବେହେରାଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଗୃହ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଶ୍ରୀ ସାହୁ, ତୁରନ୍ତ ଭୁବନେଶ୍ୱର-କଟକ ପୋଲିସ୍ କମିସନରଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶଦେବା ସଂଗେସଂଗେ ଦୁଗ୍ଧଚାଷୀ ମହାସଂଘକୁ ଚାଷୀଙ୍କ ସୁରକ୍ଷା ପାଇଁ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ମହାସଂଘର ସମ୍ପାଦକ ନାରାୟଣ ଡାଳୁଆ, ଦୁଗ୍ଧଚାଷୀ ପିତାମ୍ବର ବେହେରା, ବୁଧନ ବେହେରା ଓ ନାରାୟଣ ବେହେରା ପ୍ରମୁଖ ସଚିବଙ୍କୁ ସ୍ମାରକପତ୍ର ଦେବାସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ବଡ଼ଘରେ ବଡ଼ ଗୁମରକଥା**

# ସମ୍ଭ୍ରାନ୍ତ ପରିବାରରେ ବଢୁଛି ଦାମ୍ପତ୍ୟ କଳି

**■ ଶିକ୍ଷିତ ପରିବାରରୁ ଆସୁଛି ୯୦ ପ୍ରତିଶତ ମାମଲା**
**■ କାଉନସେଲିଂରେ ୫୨% ଅଭିଯୋଗର ସମାଧାନ**
**■ ପ୍ରତି ମାସରେ ହାଜିରା ଦେଉଛନ୍ତି ଦମ୍ପତି**

ଭୁବନେଶ୍ୱର, ୬।୧୧ (ସମିସ): ରାଜଧାନୀରେ ପାରିବାରିକ ବିବାଦ ଏବେ ଉଗ୍ରରୂପ ଧାରଣ କଲାଣି। ପ୍ରତିଦିନ ବିଭିନ୍ନ ଥାନାକୁ ୨/୩ ସ୍ୱାମୀ ଓ ସ୍ତ୍ରୀ ବିବାଦଜନିତ ଅଭିଯୋଗ ଆସୁଛି। ପୂର୍ବରୁ ମହିଳା ଥାନାକୁ ପ୍ରତିମାସରେ ୫୦ଟି ସ୍ୱାମୀ-ସ୍ତ୍ରୀ ବିବାଦ ଜନିତ ଅଭିଯୋଗ ଆସୁଥିବାବେଳେ ଏବେ ତାହା ୧୦୦ ଛୁଇଁବାକୁ ବସିଲାଣି। କେତେକ କ୍ଷେତ୍ରରେ ମାମଲା ରୁଜୁ କରାଯାଉଥିଲେ ମଧ୍ୟ ଅର୍ଦ୍ଧାଧିକ ଅଭିଯୋଗ କାଉନସେଲିଂ ମାଧ୍ୟମରେ ସମାଧାନ କରାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେଥିରୁ ପ୍ରାୟ ୯୦ ଭାଗ ଲୋକ ଶିକ୍ଷିତ ବା ସମ୍ଭ୍ରାନ୍ତ ଶ୍ରେଣୀର।



ଭୁବନେଶ୍ୱରସ୍ଥିତ ଏକ ଘରୋଇ କଲେଜରେ ଅଧ୍ୟାପିକା ଜଣେ ଶିକ୍ଷକଙ୍କୁ ବିବାହ କରିଥିଲେ। ଆରମ୍ଭରୁ ସବୁକିଛି ଠିକ୍ ଠାକ୍ ଚାଲିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବିବାଦ ଆରମ୍ଭ ହୋଇଥିଲା। ଛୋଟ ଛୋଟ କଥାରୁ ଆରମ୍ଭ ହୋଇଥିବା ଏହି ବିବାଦ ଧୀରେ ଧୀରେ ବଡ଼ ହେବାରେ ଲାଗିଲା। ପତିପତ୍ନୀ କଳିର ପରିଣାମ ଏମିତି ହେଲା ଯେ, କେହି କାହାରି କଥାକୁ ଗ୍ରହଣ କରିଲେ ନାହିଁ। ଶେଷରେ ଅଧ୍ୟାପିକା ମହିଳା ଥାନାର ଦ୍ୱାରସ୍ଥ ହେବାପରେ ପୁଲିସ ସ୍ୱାମୀଙ୍କୁ ଡକାଇଥିଲା। ଗୋଟି ଗୋଟି କରି ଦୁଇ ପକ୍ଷଙ୍କ ଅଭିଯୋଗ ଶୁଣିଥିଲ। ତେବେ ପ୍ରାୟ ୮ ଥର କାଉନସେଲିଂ ପରେ ବିବାଦ ପ୍ରଶମିତ ହୋଇଥିଲା।

### ୩ ପ୍ରକାରର କାଉନସେଲିଂ

ପ୍ରଥମେ ଅଭିଯୋଗକାରିଣୀଙ୍କ ଠାରୁ ଅସୁବିଧା ଓ ସମସ୍ୟା ବିଷୟରେ ପଚରାଉଚୁରା କରାଯାଉଛି। ତାପରେ ସ୍ୱାମୀଙ୍କୁ ଡକାଇ ଅଭିଯୋଗ ବିଷୟରେ ପଚରାଉଚୁରା କରି ବୁଝାଉଛି ପୁଲିସ। ଏହାପରେ ଅଭିଯୋଗକାରିଣୀଙ୍କ ଶାଶୁଘର ଲୋକମାନଙ୍କୁ ମଧ୍ୟ ଥାନାକୁ ଡକାଯାଇ ବୁଝାସୁଝା କରୁଛି। ୩ଟି ପର୍ଯ୍ୟାୟରେ କାଉନସେଲିଂ କରିବା ପରେ ସମସ୍ତଙ୍କୁ ଏକାଠି କରି ବୁଝାଇବାକୁ ଉଦ୍ୟମ କରାଯାଉଛି। ଆବଶ୍ୟକ ପଡ଼ିଲେ ମହିଳାଙ୍କ ବାପଘର ଲୋକଙ୍କୁ ମଧ୍ୟ ଡକାଯାଉଛି। କେତେକ କ୍ଷେତ୍ରରେ ୨/୩ ଥର କାଉନସେଲିଂରେ ସବୁକିଛି ତୁଟି ଯାଉଥିବା ବେଳେ ଆଉକିଛି ଘଟଣା ସମାଧାନ ହେବାକୁ ସମୟ ଲାଗୁଛି। କେବଳ ସମାଧାନ ଯାଏଁ ନୁହେଁ, ତାପରେ ମଧ୍ୟ ସଂସ୍ପର୍ଶରେ ରହୁଛି ପୁଲିସ। କିଛି ଦମ୍ପତିଙ୍କୁ ନିୟମିତ ବ୍ୟବଧାନରେ ଥାନାକୁ ଆସିବାକୁ କୁହାଯାଉଛି। ଥାନାକୁ ଆସିବା ପରେ ସବୁକିଛି ଠିକ୍ ଚାଲିଛି କି ନାହିଁ, ଆଉକିଛି ସମସ୍ୟା ହେଉଛି କି ନାହିଁ, ସେନେଇ ପଚରାଉଚରା କରୁଛି।

### ଅର୍ଦ୍ଧାଧିକ ମାମଲା ଥାନାରେ ଫଇସଲା

ସାଧାରଣ ଲୋକମାନେ ସ୍ଥାନୀୟ ଥାନାରେ ଅଭିଯୋଗ କରୁଥିବାବେଳେ ବଡ଼ବଡ଼ିଆ ବା ଶିକ୍ଷିତ ଲୋକମାନେ ମହିଳା ଥାନା ଉପରେ ଭରସା କରୁଛନ୍ତି। ଅକ୍ଟୋବର ମାସର ତଥ୍ୟ ଅନୁସାରେ, ମହିଳା ଥାନାକୁ ସମୁଦାୟ ୯୧ଟି ଅଭିଯୋଗ ଆସିଛି। ବିବାଦ ନ ତୁଟି ବାରୁ ୪୪ଟି ଅଭିଯୋଗରେ ମାମଲା ରୁଜୁ କରିଛି ପୁଲିସ। ବାକି ୪୭ଟି ଅଭିଯୋଗର ପୁଲିସ କାଉନସେଲିଂ କରିଛି। ବୁଝାମଣା ଦ୍ୱାରା ୧୬ଟି ଅଭିଯୋଗରେ ସମ୍ପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ ପଡ଼ିବା ସହ ପତିପତ୍ନୀ ପୂର୍ବ ଭଳି ଜୀବନଯାପନ କରୁଛନ୍ତି। ଅବଶିଷ୍ଟ ଅଭିଯୋଗର ପର୍ଯ୍ୟାୟକ୍ରମେ କାଉନସେଲିଂ କରାଯାଇ ପାରିବାରିକ ବିବାଦକୁ ସମାଧାନ କରିବାକୁ ଉଦ୍ୟମ କରୁଛି ପୁଲିସ। ମୋଟ ୯୧ ଅଭିଯୋଗ ମଧ୍ୟରୁ ୭୯ଟି ଅଭିଯୋଗ ଶିକ୍ଷିତ ବା ବଡ଼ବଡ଼ିଆ ଶ୍ରେଣୀର ଲୋକମାନେ କରିଛନ୍ତି।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କେତକି ପତି
ଜନାର୍ଦ୍ଦନପୁର ଶାସନ, ଖପରାଖାଇ, ଆନନ୍ଦପୁର
ଆବିର୍ଭାବ - ୦୧.୦୧.୧୯୪୨
ତିରୋଧାନ - ୨୭.୧୦.୨୦୨୫
ଆଜି ଦ୍ୱାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ। ଆପଣ ସଦା ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାନ୍ତୁ।
ତୁମର ହତଭାଗ୍ୟ ପୁଅ
ଗଣେଶ ପ୍ରସାଦ ପତି ଓ ବନ୍ଧୁ ପରିବାରବର୍ଗ

ସକାଳ THE SAKALA



### କଚ୍ଚା ରାସ୍ତା ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି କସିବଣିବାସୀ

# ଗାଁ ଲୋକଙ୍କୁ ମିଳୁନି ମୌଳିକ ସୁବିଧା

କୁଆମରା, ୬।୧୧(ସମିସ): ସ୍ୱାଧୀନତା ପରେ ବି ଆଜିଯାଏ ମୟୂରଭଞ୍ଜ ଜିଲ୍ଲାର ବହୁ ଗାଁକୁ ଭଲ ରାସ୍ତାଟିଏ ନିର୍ମାଣ ହୋଇପାରିନାହିଁ। ଫଳରେ ଉକ୍ତ ଗ୍ରାମବାସୀ ଯମଯନ୍ତ୍ରଣା ଭୋଗୁଛନ୍ତି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତର କସିବଣୀ ଗାଁରେ। ନାଲୁହା ନଦୀ କୂଳରେ ଅବସ୍ଥିତ ଏହି ଗ୍ରାମରେ ପାଖାପାଖି ଶହେ ଲୋକ ବସବାସ କରନ୍ତି। ସମସ୍ତେ ଆଦିବାସୀ ସମ୍ପ୍ରଦାୟର। ଦୀର୍ଘ ବର୍ଷ ହେଲା ଏହି ଗାଁର ଲୋକେ ସବୁ କ୍ଷେତ୍ରରେ ଅବହେଳିତ ହୋଇଆସୁଛନ୍ତି। ପୂର୍ବରୁ ଏହି ଗ୍ରାମଟି ପଶୁଦା ପଞ୍ଚାୟତରେ ଥିବା ବେଳେ ୩୦ ବର୍ଷ ତଳେ ଏହା କୁଆମରା ଗ୍ରାମ ପଞ୍ଚାୟତ ସହ ମିଶ୍ରଣ ହୋଇଛି। ତେବେ ୩୦ ବର୍ଷ ତଳେ ଯାହା ଥିବା ଆଜିଯାଏ ତାହା ରହିଛି। ଏହି ଗାଁ ପ୍ରତି ସରକାରଙ୍କ ଦୃଷ୍ଟି ନ ପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଗ୍ରାମବାସୀ ମାଟିକଚ୍ଚା ରାସ୍ତାରେ ଯିବାଆସିବା କରୁଛନ୍ତି।



ବର୍ଷା ଋତୁରେ କାଦ ପଚପଚରେ ଯନ୍ତ୍ରଣା ଭୋଗୁଥିଲେ ମଧ୍ୟ କଂକ୍ରିଟ କରିବାରେ ନାଁ ଗନ୍ଧ ଧରୁନାହଁ ପ୍ରଶାସନ। ବର୍ଷ ତମାମ ନଦୀରୁ ଚୋରାରେ ବାଲି ଉଠାଯାଇ ଟ୍ରାକ୍ଟର ଯୋଗେ ଏହି ରାସ୍ତା ଦେଇ ଯାତାୟାତ କରୁଥିବାରୁ ଶୋଚନୀୟ ହୋଇରହିଛି। ରାସ୍ତା ସାରା ଖାଲଖମାରେ ଭର୍ତ୍ତି। ବିକଳ୍ପ ରାସ୍ତା ନ ଥିବାରୁ ବର୍ଷା ଋତୁରେ ଏହି ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଏ। ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବହୁବାର ପ୍ରଶାସନକୁ ନିବେଦନ କରିଥିଲେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଏପରି ନିର୍ବାଚନ ସମୟରେ କେବଳ ନେତାଙ୍କ ଦେଖାମିଳେ। ପରେ ସେମାନଙ୍କ ଆଉ ଦେଖାମିଳେନାହିଁ। ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ଗାଁକୁ ଆମ୍ବୁଲାନ୍ସ ଯାଇପାରେ ନାହିଁ। ଫଳରେ ରୋଗୀ ଓ ପ୍ରସୁତିକୁ ଗାଁମୁଣ୍ଡ ରାସ୍ତା ପର୍ଯ୍ୟନ୍ତ ଖଟିଆରେ ବୋହିବାକୁ ପଡ଼ିଥାଏ। ବିଜେପି ସରକାର ଗ୍ରାମର ବିକାଶ ଓ ଗମନାଗମନକୁ ପ୍ରାଥମିକତା ଦେଉଥିବା ବେଳେ ଏଠାରେ ଓଲଟା ଚିତ୍ର ଦେଖିବାକୁ ମିଳୁଛି। ତେବେ ଏ ଦିଗରେ ସରକାର ତୁରନ୍ତ ସମାଧାନ କରିବାକୁ ଦାବି ହେଉଛି। ଏ ନେଇ ଦୁଇ ୱାର୍ଡ଼ ମେମ୍ବର ବିରେଶ ଦାସ ଓ ନାଏବ ସରପଞ୍ଚ ଚନ୍ଦନ ସିଂଙ୍କୁ ପଚାରିବାରୁ ସେ ବହୁବାର ପଞ୍ଚାୟତ ବୈଠକରେ ରାସ୍ତା ନିର୍ମାଣ ପାଇଁ ଦାବି କରିଥିବା ପ୍ରକାଶ କରିଛନ୍ତି।

● ଗ୍ରାମାଞ୍ଚଳରେ ବଢ଼ୁଛି ଦେଶୀମଦର ଆସର

## ସଞ୍ଜ ନଇଁଲେ ମହିଳା ଓ ଛାତ୍ରୀ ଅସୁରକ୍ଷିତ

ମୋରଡ଼ା, ୬।୧୧(ସମିସ): ଗାଁ ଗାଁରେ ଏବେ ବଢ଼ୁଛି ଦେଶୀ ମଦର ଆସର। ବିଭିନ୍ନ ଛକ ବଜାରରେ ଖୋଲାଖୋଲି ଭାବେ ଏହାକୁ ବିକ୍ରୟ କରାଯାଉଛି। କିଏ ଜଳଖିଆ ଦୋକାନରେ ବିକିଲାଣି ତ ପୁଣି କିଏ ପାନ ଓ ଚା ଦୋକାନ ଆଳରେ ଦେଶୀ ମଦ ବିକ୍ରୟ କରୁଛି। ଖାଲି ସେତିକି ନୁହେଁ ଅନେକ ବ୍ୟକ୍ତି ଏହାକୁ ନିଜର ବେଉସା ଭାବେ ଆପଣାଇ ନେଇଛନ୍ତି। ଫଳରେ ସଞ୍ଜ ନଇଁଲେ ଯାତ୍ରୀ, ମହିଳା ଓ ଛାତ୍ରୀ ରାସ୍ତାରେ ଯିବାକୁ ଆଉ ସୁରକ୍ଷିତ ମଣୁଛନ୍ତି। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳର ସ୍ଥିତି ଅଧିକ ସଙ୍ଗିନ ଥିବା ଅଭିଯୋଗ ହେଉଛି। ମୋରଡ଼ା ବ୍ଲକ ଆଦିବାସୀ ବହୁଳ ଭାବେ ପରିଚିତ ଥିବାବେଳେ ଗ୍ରାମର ଅନେକ ପରିବାର ଦେଶୀ ମଦ ରାନ୍ଧୁଥିବା ବେଳେ ସଞ୍ଜ ନଇଁଲେ ଏହାକୁ ବିଭିନ୍ନ ସ୍ଥାନକୁ ଚାଲାଣ ମଧ୍ୟ କରାଯାଉଛି। ବ୍ଲକର ଦୁର୍ଗାପୁର, ହଳଦୀପାଳ, ମୋରଡ଼ା, ଚିକିଟାମାଟିଆ ଆଦି ପଞ୍ଚାୟତର ବିଭିନ୍ନ ଗାଁରେ ମଦ ରନ୍ଧା ଯାଉଥିବା ଅଭିଯୋଗ ହେଉଛି। ପୁଲିସ ଏବଂ ଅବକାରୀ ବିଭାଗ ଚଢ଼ଉ କରିବାକୁ ଦାବି ହେଉଛି।

## ଆରଆଇ ଅଫିସରୁ ଚୋରି ଅଭିଯୋଗ

ମହୁଲଡିହା, ୬।୧୧(ସମିସ): ଠାକୁରମୁଣ୍ଡା ତହସିଲ ଅନ୍ତର୍ଗତ ସାତକୋଶିଆ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଗତ ୫ ତାରିଖ ରାତିରେ କୌଣସି ଦୁର୍ବୃତ୍ତ ସାତକୋଶିଆ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟରୁ ଗୋଟିଏ ଇନଭର୍ଟର, ବ୍ୟାଟେରୀ, ୫ ପକେଟ କଳା ପଲିଥିନ ଓ ଦୁଇଟି ଗ୍ୟାସ୍ ସିଲିଣ୍ଡର ୪ଟି ଚାବି ଭାଙ୍ଗି ଦେବା ସହିତ ଲକର ଚାବି ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ରାଜସ୍ୱ ନୀରିକ୍ଷକ ଅବିନାଶ କୁମାର ନାଏକଙ୍କ ଅଭିଯୋଗ ଆଧାରରେ ମହୁଲଡିହା ଥାନା ଆଇଆଇସି ଅରୁଣ କୁମାର ଟୁଡୁଙ୍କ ନିର୍ଦ୍ଦେଶରେ ଏଏସଆଇ ସଞ୍ଜୟ କୁମାର ନାୟକ ଅନୁସନ୍ଧାନ କରୁଛନ୍ତି।

## କାର୍ତ୍ତିକ ପୂର୍ଣ୍ଣିମାରେ ସାରସକ୍ଷେତ୍ର ଜଗନ୍ନାଥ ପୀଠ ଭକ୍ତମୟ

ସାରସକଣା, ୬।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସାରସକଣା ଜଗନ୍ନାଥ ପୀଠରେ ଶ୍ରଦ୍ଧାଳୁ ଭିଡ଼ ଲାଗିଥିଲା। ଶତାଧିକ ହବିଷାଳୀ ନିକଟସ୍ଥ ନଈ ଓ ଜଳାଶୟରେ ସ୍ନାନ ଓ ବୋଇତ ବନ୍ଦାଣ ସାରି ପୀଠରେ ଆସି ପହଞ୍ଚିଥିଲେ। କ୍ଷେତ୍ର ତୁଳସୀ ଚଉରା ମୂଳେ ରଙ୍ଗୋଲିର ଚିତା ଆଙ୍କି ମାଆ ବୃନ୍ଦାବତୀ ଏବଂ ଆକାଶ ଦୀପର ପୂଜାର୍ଚ୍ଚନା କରିଥିଲେ। ନିକଟସ୍ଥ ଖେର୍ଣ୍ଣା ଗ୍ରାମର ଆବାଳ ବୃଦ୍ଧବନିତା ଏକ ପଦଯାତ୍ରାରେ ଆସି ମନ୍ଦିର ବେଢ଼ାରେ ନାମ ସଂକୀର୍ତ୍ତନ ପରିବେଷଣ ପୂର୍ବକ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଭକ୍ତି ନୈବେଦ୍ୟ ବାଢ଼ିଥିଲେ। ଶ୍ରୀଜୀଉମାନଙ୍କୁ ଲାଗି କରାଯାଇଥିବା ବାଳଭୋଗ ଦର୍ଶନାର୍ଥୀଙ୍କୁ ବିତରଣ ହୋଇଥିଲା। ପୂର୍ଣ୍ଣିମାରେ କ୍ଷେତ୍ରାଧିପତି ଶ୍ରୀଜୀଉଗଣଙ୍କ ପୂଜାର୍ଚ୍ଚନା ଓ ପୀଠର ଦେବୀଦେବତାଙ୍କ ଦର୍ଶନ ନିମନ୍ତେ ବଡ଼ି ଭୋରୁ ଅପରାହ୍ନ ୨.୩୦ ପର୍ଯ୍ୟନ୍ତ ୭ ହଜାର ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କୁ ଭକ୍ତି ନିବେଦନ କରିଥିଲେ। ପରିଚାଳନା କମିଟିର ସେବକ/ସେବିକା ବାସୁଦେବ ସାହୁ, ଜଗନ୍ନାଥ ସାହୁ, ପ୍ରଦୀପ କୁମାର ପାଳିତ, ଡଃ ଉପେନ୍ଦ୍ର ନାଥ ସାହୁ, ତପନ କୁମାର ଦଣ୍ଡପାଟ, ପ୍ରଶାନ୍ତ କୁମାର ସାହୁ, ଅତୁଲ ଚନ୍ଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ। ପରିଚାଳନା କମିଟିର ସଭାପତି ପଦ୍ମନାଭ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## କରଞ୍ଜିଆରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

କରଞ୍ଜିଆ, ୬।୧୧(ସମିସ): କରଞ୍ଜିଆରେ ଆଜି ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କରଞ୍ଜିଆ ଦୋଳ ପଡ଼ିଆଠାରୁ ଏହି ପଦଯାତ୍ରା ସହର ପରିକ୍ରମା କରିବା ପରେ ସ୍ଥାନୀୟ କଚେରୀ ଛକ ନିକଟ ଏନ୍ଏସି କଲ୍ୟାଣ ମଣ୍ଡପରେ ଶେଷ ହୋଇଥିଲା। ପରେ ଟାଉନ ବି.ଜେ.ଡି. ସଭାପତି ଗୌରୀଶଙ୍କର ସିହ୍ନାଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଜେପି ସରକାର ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇଥିବା ବକ୍ତାମାନେ କହିଥିଲେ। ସରକାରକୁ ଆସିବାର ୨୪ ଘଣ୍ଟା ମଧ୍ୟରେ ଚିଟଫଣ୍ଡ ଅର୍ଥ ଫେରସ୍ତ, ପେଟ୍ରୋଲ, ଡିଜେଲରୁ ଜି.ଏସ.ଟି. ପତ୍ୟାହାର କରିବା, ପ୍ରତି ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର ପଠାଇବା, ୩୦୦ ୟୁନିଟ ମାଗଣା ବିଜୁଳି, ପ୍ରତେକ ପଞ୍ଚାୟତରୁ ୧୦୦ ଜଣଙ୍କୁ ସରକାରୀ ଚାକିରି ଆଦି ଦେଇଥିବା ପ୍ରତିଶ୍ରୁତି ମିଥ୍ୟାରେ ପରିଣତ ହୋଇଛି ବୋଲି ଦଳୀୟ ନେତାମାନେ କହିଥିଲେ। ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍, ଏନଏସି ଅଧକ୍ଷ ପପି ପୃଷ୍ଟି, ବ୍ଲକ ଅଧକ୍ଷା ସୁଭଦ୍ରା ମାରାଣ୍ଡି, ଦଳର ବରିଷ୍ଠ ନେତା ଗିରିଧାରୀ ପୃଷ୍ଟି, ଦୁର୍ଗା ପ୍ରସାଦ ଦାସ, ପ୍ରମୋଦ ନାୟକ (ସିପୁ), ଯୁବ ନେତା ବିଭୁକଲ୍ୟାଣ ମହାନ୍ତ, ରୋହିତ ପୃଷ୍ଟି, ନମିତା ଘଣ୍ଟିଆଳି, ବିଜୟ ନାୟକଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲରମାନେ ମଧ୍ୟ ଉପସ୍ଥିତ ଥିଲେ। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅକ୍ଟୋବର ୯ରୁ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଏହି ପଦଯାତ୍ରା ଅନୁଷ୍ଠିତ ହେବ। ଏହି କ୍ରମରେ କରଞ୍ଜିଆ ଠାରେ ଜନସମ୍ପର୍କ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶେଷରେ ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଧନବାଦ୍ୟ ଅର୍ପଣ କରିଥିଲେ।




## ଆନ୍ତଃ ରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ; ମା’ ଆଦିଶକ୍ତି ଚାମ୍ପିଅନ



ବଡସାହି, ୬।୧୧(ସମିସ): ବଡସାହି ବ୍ଲକ ଭୀମଦା ପଞ୍ଚାୟତ ଚେଙ୍ଗୁଆମଙ୍ଗଳପୁର ଷ୍ଟାଡିୟମରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଏକ ଆନ୍ତଃରଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସୁନାଖଣିଆ, ବେଙ୍ଗଲ ଟାଇଗର, ହଦଗଡ଼, କେନ୍ଦୁଝର, ମିଶନ ଟାଇଗର, ବାଲେଶ୍ୱର, ମା’ ଆଦିଶକ୍ତି, ଓଡ଼ିଶା, ବ୍ଲାକ୍ କୋର୍ବା, ଜଗନ୍ନାଥ ଏଫସି, ବାରିପଦା, ହଣ୍ଟର ଏଫସି, ବାଙ୍ଗରିପୋଷି ଏବଂ ଏଜେଣ୍ଡା ଏଫ୍‌ସି ଅଂଶଗ୍ରହଣ କରିଥିଲେ। ମା’ ଆଦିଶକ୍ତି ଓ ହଣ୍ଟର ଏଫସି ଭଲ ଖେଳ ପ୍ରଦର୍ଶନ କରି ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲ ଖେଳର କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟ୍ରାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ମା’ ଆଦିଶକ୍ତି ୫-୪ ଗୋଲରେ ହଣ୍ଟର ଏଫସିକୁ ହରାଇ ଚଳିତବର୍ଷ ଚାମ୍ପଅନ ହୋଇଛି। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସଭାପତି ପ୍ରତାପ ଚନ୍ଦ୍ର ଗାୟା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିରୂପେ ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରକାଶକର ମହାପାତ୍ର, ବ୍ଲକ ଅଧକ୍ଷ୍ୟା ମିନତୀ ସିଂ, ରମଣୀ ରଞ୍ଜନ ପରିଡ଼ା, ଯାମିନୀ ନାଏକ, ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ ଓ ଅରୁଣ କୁମାର ଓତା ପ୍ରମୁଖ ଯୋଗ ଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସଂଗଠନ ପକ୍ଷରୁ ବାପି ସିଂ ସୁରିନ ଧନ୍ୟବାଦ ଦେଇଥିବା ବେଳେ ସରୋଜ କୁମାର ସିଂ, ପାଇକା ସିଂ, ଓକିଲ ସିଂ, ଧରିଅ ସିଂ, ଲକ୍ଷ୍ମୀଧର ପାତ୍ର, ଅତୁଲ୍ୟ ମହାର୍ଣ୍ଣା, ମନୋହରୀ ସିଂ, ମଳୟ ସିଂ, ବଳରାମ ସିଂ ପ୍ରମୁଖ ସହଯୋଗ କରିଥିଲେ।

## ଅଧ୍ୟାପକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଗୋରୁମହିଷାଣୀ, ୬।୧୧ (ସମିସ): ଗୋରୁମହିଷାଣୀ ଆଇରନ୍ ଜୁନିଅର କଲେଜର ଇଂରାଜୀ ଅଧ୍ୟାପକ ଅନନ୍ତ ଚରଣ ସ୍ୱାଇଁଙ୍କୁ ବିଦାୟୀକାଳନୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ଅଧକ୍ଷ ପ୍ରଦୀପ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଲେଜ ପ୍ରତିଷ୍ଠାତା ସମ୍ପାଦକ ବୃଷ୍ଟି ବିଡଜା ମଣ୍ଡଳ ଯୋଗଦେଇ ଶ୍ରୀ ସ୍ୱାଇଁଙ୍କ ଅବଦାନ ଓ ତାଙ୍କ ଅଭୁଲା ସ୍ମୃତି ଉପରେ ବକ୍ତବ୍ୟ ରଖିଥିଲେ। ପ୍ରତିଷ୍ଠାତାଙ୍କୁ ପ୍ରତି କ୍ଷେତ୍ରରେ ସହଯୋଗ ପ୍ରଦାନ କରିବା ସହିତ ସରକାରୀ ଅଫିସ ଭୁବନେଶ୍ୱର, ନୂଆଦିଲ୍ଲୀ ସ୍ଥିତ ୟୁଜିସି ଅଫିସ, ଟାଟା ପ୍ରୋଜେକ୍ଟ କାର୍ଯ୍ୟ ତଥା ପରିଚାଳନା ସମିତି, କର୍ମଚାରୀଙ୍କୁ ବ୍ୟକ୍ତିଗତ ଭାବେ ଚିକିତ୍ସାଳୟରେ ସେବା ଯୋଗାଇବା ପରି ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ସେହିପରି ଶ୍ରୀ ସ୍ୱାଇଁ ଜଣେ ଏକାଧାରରେ ଅଧ୍ୟାପକ, ଆଧ୍ୟାତ୍ମିକ (ସତସଙ୍ଗ 1), ସଙ୍ଗୀତଜ୍ଞ, ମିଷ୍ଟଭାଷୀ ଓ ସମାଜସେବୀ ଭାବେ ଜଣାଶୁଣା। ସଭାରେ ଭାରପ୍ରାପ୍ତ (+୨) ଅଧକ୍ଷ ପ୍ରଦୀପ ସାହୁ, ଭାରପ୍ରାପ୍ତ (+୩) ଅଧକ୍ଷ ସୁବ୍ରତ ଗିରି, ଅଧ୍ୟାପକ ଡ. ଦିଗମ୍ବର ଗିରି, ପୂର୍ବତନ ଅଧକ୍ଷ ନିରଞ୍ଜନ ମିଶ୍ର, ପ୍ରମୋଦ ତନ୍ତୀ, ଅଶୋକ ଶତପଥୀ, ପ୍ରକାଶ ମଣ୍ଡଳ, ତପନ ସାମଲ, ମନୋଜ ବେହେରା, ରବି ସାମଲ, ଅଧ୍ୟାପିକା ତୃଷ୍ଣା ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

ରାଇରଙ୍ଗପୁର/ବିଜାତଳା, ୬।୧୧ (ସମିସ): ବିଜାତଳା ବ୍ଲକ ଅନ୍ତର୍ଗତ ଲୁହାଶିଳା ଆରକେ ଜୁନିଅର କଲେଜ ପରିସରରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ କବି ସଂଗ୍ରାମ ଶତପଥୀ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଦୁର୍ନୀତି ମୁକ୍ତ ସମାଜ ଗଠନ ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଇତିହାସ ବିଭାଗ ଅଧ୍ୟାପକ ଅଜୟ କୁମାର ଗିରି ଛାତ୍ରଛାତ୍ରୀଙ୍କୁ ଦୁର୍ନୀତି ଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଶଶିକାନ୍ତ ନନ୍ଦ, ସଞ୍ଜୀବ କୁନାର ଗିରି, ରୂପ ନାରାୟଣ ମାଝୀ, ରମାକାନ୍ତ ପାତ୍ର, ଅନୀଲ କୁମାର ଗିରି, ପ୍ରହ୍ଲାଦ ସ୍ୱାଇଁ, ଯୋଗେଶ୍ୱର ତୁଙ୍ଗ ଓ ମାୟାଧର ସି ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଦୁର୍ନୀତି ବିରୋଧୀ ଉପାଦେୟ ଉପଦେଶମାନ ଦେଇଥିଲେ। ପରିଶେଷରେ ସମସ୍ତେ ସାଧୁତାର ଶପଥ ପାଠ କରିଥିଲେ। ନନୀକାନ୍ତ ନନ୍ଦ, ଭଜହରି ମାଝି, ନନ୍ଦ କିଶୋର ହେମ୍ବ୍ରମ, ସାଗ୍ରାମ ଟୁଡୁ, ରାମଦାସ ମାଝି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଖୁଣ୍ଟା ଥାନାରେ ଅଷ୍ଟପ୍ରହରୀ ନାମଯଜ୍ଞ



କୁଆମରା, ୬।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଖୁଣ୍ଟା ଥାନାରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ପଞ୍ଚାନନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଦୁଇ ଦିନ ଧରି ଅନୁଷ୍ଠିତ ନାମଯଜ୍ଞରେ ଦୁଇ ଜଣ ବ୍ରାହ୍ମଣଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଛି। ମଙ୍ଗଳବାର ମଧ୍ୟାହ୍ନରେ ସ୍ଥାନୀୟ ପୋଖରୀରୁ କଳସ ଶୋଭାଯାତ୍ରା ପୂଜା ମଣ୍ଡପରେ ପହଞ୍ଚିଥିଲା। ବୁଧବାର ଅପରାହ୍ନରେ ନାମ ସମାପନ ସହ ବହୁ ଭକ୍ତ ଯୋଗ ଦେଇ ପ୍ରସାଦ ସେବନ କରିଥିଲେ। ଅପରାହ୍ନ ରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ନଗର ପରିଭ୍ରମଣ ପରେ ସନ୍ଧ୍ୟାରେ ଦଧିଭଞ୍ଜନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।




### ଅସହାୟ ପିଲାଙ୍କୁ ଆବାସ ଯୋଜନା କେବେ

# ପଲିଥିନ୍ ପକା ଭଙ୍ଗାଘରେ ବିତୁଛି ଜୀବନ

କପ୍ତିପଦା, ୬।୧୧(ସମିସ): ଆଜକୁ ୧୦ବର୍ଷ ହେବ ବାପା ଚାଲିଗଲେ। ତିନି ତିନିଟା ଅନାଥ ପିଲାଙ୍କୁ ଛାଡି ପର ପୁରୁଷର ହାତଧରି ଚାଲିଗଲା ମା। ହେଲେ ଏବେ ଜୀବନ, ମରଣ ସହିତ ସଂଗ୍ରାମ କରୁଥିବା ବେଳେ ନିଜ ସଂସାରକୁ ପଛରେ ପକାଇ ପିଉସୀ ମା’ ସାହା ହେଲା। ଆଜିଯାଏଁ ମୂଲମଜୁରୀକରି ପିଲାଙ୍କ ମୁଁହରେ ଆହାର ଦେଇ ବଡ଼ କରିଛି; ହେଲେ ଜେଜେବାପା ଅମଳର ସେହି ଝାଟିମାଟିର ଘର ଏବେ ଭାଙ୍ଗିରୁଜି ଗଲାଣି। ଏବେ ବିପଦସଂକୁଳ ଅବସ୍ଥାରେ ରହିଛି। ଘରେ ପଲିଥିନଟିଏ ପକାଇ ଦେଇ ବିତୁଛି ଜୀବନ। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ଜାମବଣୀ ପଞ୍ଚାୟତ ଆମ୍ବପିଛୁଳା ଗ୍ରାମର ୮ ନଂ ୱାର୍ଡରେ। ଏହି ଗାଁରେ ବଳିଆ ମାଝିଙ୍କ ୧୦ ବର୍ଷ ତଳେ ମୃତ୍ୟୁ ଘଟିଛି। ତାଙ୍କର ୩ଟି ପିଲା ମିଶ୍ର ମାଝି(୧୮), ପୂର୍ଣ୍ଣ ମାଝୀ (୧୫) ଓ ଝିଅ ବର୍ଷା ମାଝି (୧୨)। ଏହି ତିନି ପିଲାଙ୍କୁ ନେଇ ପରିବାର। ହେଲେ ଅଜଣା ରୋଗରେ ପଡ଼ି ବଳିଆଙ୍କ ମୃତ୍ୟୁ ଘଟିବା ପରେ ତାଙ୍କ ସ୍ତ୍ରୀ ଅନ୍ୟ ଜଣକୁ ବିବାହ କରି ଚାଲିଗଲା। ତିନିଜଣ ପିଲାଙ୍କୁ ପିଉସି ମାଆ ମାୟା ହାଁସଦା ନିଜ ପରିବାର ଛାଡ଼ି ସମ୍ଭାଳିଛନ୍ତି। ଟିକେ ବଡ଼ ହେଲା ପରେ ମଝିଆଁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛି। ସାନଝିଅ ଗାଁ ସ୍କୁଲରେ ୭ମ ଶ୍ରେଣୀରେ ଏବଂ ବଡ଼ପୁଅ ପାଠ ଛାଡି କାମଧନ୍ଦା କରି ପରିବାର ପ୍ରତିପୋଷଣ କରୁଛି। ଯାହା ରୋଜଗାର ହେଉଛି ୩ପ୍ରାଣୀ କୁଟୁମ୍ବକୁ ନିଅଣ୍ଟ। ପୂର୍ବରୁ ଗୋଟିଏ ରାସନ୍ କାର୍ଡ ଥିଲା। ତାହା ଏବେ କଟି ଯାଇଛି। ସରକାରୀ ଯୋଜନାରେ କୌଣସି ସହାୟତା ପାଉ ନ ଥିବା ପରିବାର ଡହଳବିକଳ ଅବସ୍ଥାରେ ଜିବନ ବିତାଉଛନ୍ତି। ଆବାସ ଯୋଜନାରେ ଘରଟିଏ ପାଇଁ ଚାହିଁ ଚାହିଁ ବାପ ଆର ପାରିକୁ ଚାଲିଗଲା। ଦୀର୍ଘଦିନ ହେବ ସେମିତି ବିପଦ ସଂକୁଳ ଘରେ ରହୁଛନ୍ତି ପରିବାର। ଅସହାୟ ପରିବାରଙ୍କୁ ଘର ଓ ରାସନ୍ କାର୍ଡଟିଏ ଯୋଗାଇ ଦେବାପାଇଁ ନିବେଦନ କରିଛନ୍ତି ଗାଁର ବାପି ମାଝୀ, ଲମ୍ବୋଦର ମାଝି, ରାମଚନ୍ଦ୍ର ମାଝି, ପିଥୁ ସୋରେ। ଏ ନେଇ ବିଡ଼ିଓ ରେଶମା ଟେଟେଙ୍କୁ ଯୋଗାଯୋଗ କରିବାରୁ ତଦନ୍ତ କରିବା ପରେ ଯଦି ପାଇବାକୁ ଯୋଗ୍ୟ ହୁଅନ୍ତି, ତେବେ ଆବାସ ଯୋଜନାରେ ଘର ଓ ରାସନ୍ କାର୍ଡ ମିଳିବ ବୋଲି କହିଛନ୍ତି।



## ରାହାସ ପୂର୍ଣ୍ଣିମାରେ ସତ୍ୟନାରାୟଣ ପାଲା

ଶୁକ୍ଳି, ୬।୧୧ (ସମିସ): ପାଣ୍ଡରଶିଳ ଗ୍ରାମ ତଳସାହିରେ ରାହାସ ପୂର୍ଣ୍ଣିମା ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପଞ୍ଚସଖା ସଙ୍କୀର୍ତ୍ତନ ମଣ୍ଡଳୀ ହରିନାମ ଶ୍ରବଣ କରାଇବା ନିମନ୍ତେ ଗ୍ରାମ୍ୟ ଭ୍ରମଣ କରିଥିଲେ। ପୂଜକ ଲୋଚନ ଦାସ ପୂଜାର୍ଚ୍ଚନା କରିବା ପରେ ଶ୍ରୀ ସତ୍ୟନାରାୟଣଙ୍କ ପାଲା ଗାୟନ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଜିଅଳି ଗ୍ରାମର ଆଞ୍ଚଳିକ ପ୍ରଖ୍ୟାତ ପାଲା ଗାୟକ ଉମେଶ ଚନ୍ଦ୍ର ବେହେରା ତଥା ସାଥୀ ପାଲା ଗାୟନ କରିଥିଲେ। କୃଷ୍ଣଚନ୍ଦ୍ର ସାହୁ ସଂକଳ୍ପ କରିଥିବା ବେଳେ ସଙ୍କୀର୍ତ୍ତନ ମଣ୍ଡଳୀର ସମ୍ପାଦକ ବବ୍ରୁବାହନ ବାରିକଙ୍କ ପରିଚାଳନାରେ ସନାତନ ବେହେରା, ବନମାଳୀ ସାହୁ, ସୁଶାନ୍ତ କୁମାର ସାହୁ, ଚିତ୍ତରଞ୍ଜନ ଭୋଳ, ବିଭୂତି ଭୂଷଣ ଭୋଳ, ହରେକୃଷ୍ଣ ପଲେଇ, ନିଖୁନ ଭୋଳ, ରାଜୁ ଭୋଳ, ଶମ୍ଭୁନାଥ ସାହୁ, ବିଜୟ କୁମାର ସାହୁ ଉତ୍ତମ ସହଯୋଗ କରିଥିଲେ।



# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ଅନୁଗୋଳ,୬ ।୧୧(ସମିସ):



ସ୍ଥାନୀୟ ଗାନ୍ଧିମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ "ସୁରଭି' ଓ "ମଡେଲ ପାର୍ଲାମେଣ୍ଟ ପ୍ରତିଯୋଗିତା-୨୦୨୫' ଅନୁଷ୍ଠିତ ହୋଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଉଦୟ ମହାପାତ୍ର, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକଙ୍କ ସମେତ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ଆଲୋକ ଭୋଇ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ୩୨ଟି ବିଭାଗରେ କନିଷ୍ଠ, ମଧ୍ୟମ ଓ ବରିଷ୍ଠ ବର୍ଗର ମୋଟ ୫୮୮ ଛାତ୍ରଛାତ୍ରୀ, ୪୩ ଗାଇଡ ଶିକ୍ଷକ, ୫୪ ସିଆରସିସି, ସମସ୍ତ ବିଇଓ ସମେତ ୬୮୫ଜଣ ପ୍ରତିଭାଗୀ ଯୋଗଦେଇଥିଲେ । ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ନିକଟରେ ଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କାରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥିମାନଙ୍କୁ ପୁଷ୍ପଚାରା ଓ ବ୍ୟାଜ୍ ପ୍ରଦାନ ପୂର୍ବକ ସମ୍ମାନିତ କାରାଯାଇଥିଲା । ପାଠ ସହ ଶୈକ୍ଷିକ କାର୍ଯ୍ୟକ୍ରମରେ ରୁଚି ରଖିଲେ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱର ବିକାଶ ହୋଇପାରିବ ବୋଲି ମୁଖ୍ୟବକ୍ତା ପ୍ରୀତିମୟ କହିଥିଲେ । ସୁରଭି କାର୍ଯ୍ୟକ୍ରମ ଶିଶୁମାନଙ୍କୁ ମୂଲ୍ୟବୋଧଭିତ୍ତିକ ଜୀବନଶୈଳୀ ଅପଣାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ମହାପାତ୍ର କହିଥିଲେ । କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପ୍ରତିଟି ଶିଶୁ ନିଷ୍ଠା, ଏକାଗ୍ରତା ଓ କଠିନ ପରିଶ୍ରମ ଦ୍ୱାରା ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ସାହୁ କହିଥିଲେ । ଜଙ୍କ୍ ଆହାର ବଦଳରେ ଘରୋଇ ସନ୍ତୁଳିତ ଆହାର ଶିଶୁର ଶରୀର ଓ ମନର ବିକାଶରେ ସହାୟକ ହୋଇଥାଏ ବୋଲି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପାଣି ବକ୍ତବ୍ୟରେ ପ୍ରକାଶ କରିଥିଲେ ।

ସେହିପରି ଜିଲ୍ଲାର ପ୍ରଥମ ପର୍ଯ୍ୟାୟରେ ୧୧ଟି ପିଏମ୍‌ଶ୍ରୀ ବିଦ୍ୟାଳୟର ୮୮ ଜଣ ପ୍ରତିଯୋଗୀ ଜିଲ୍ଲାସ୍ତରୀୟ ମଡେଲ ପାର୍ଲାମେଣ୍ଟ ପ୍ରତିଯୋଗିତାରେ ଭାଗ ନେଇଥିଲେ । ସେଥିମଧ୍ୟରୁ ୨ ଜଣ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି । ପରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆସନ୍ତା ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଭାଗନେବେ ବୋଲି କୁହାଯାଇଛି । ଶେଷରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ଓ ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ ।

## ଶ୍ରୀ ମେଟାଲିକ୍‌ରେ ଦୁର୍ଘଟଣା; ଶ୍ରମିକ ମୃତ

ଅନୁଗୋଳ,୬ ।୧୧(ସମିସ): ଅନୁଗୋଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ଥିବା ଶ୍ରୀ ମେଟାଲିକ୍ ଆଇରନ କମ୍ପାନୀ ଭିତରେ ମଙ୍ଗଳବାର ସକାଳେ ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ମୃତକ ହେଲେ ଦେବଗଡ଼ ଜିଲ୍ଲା ହଦମୁଣ୍ଡା ଅଞ୍ଚଳର ବଳରାମ ନାୟକ । ମଙ୍ଗଳବାର ସକାଳ ପ୍ରାୟ ୬ଟାରେ କମ୍ପାନୀର ରୋଲିଂ ମିଲ୍ ସାଇଡ଼ରେ ଥିବା ଲୁହା ରଡ୍ ବଳରାମଙ୍କ ଦେହରେ ଗଳିଯାଇଥିଲା । ଫଳରେ ବଳରାମ ଗୁରୁତର ହୋଇଥିଲେ । ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା । ହେଲେ ବାଟରେ ହିନ୍ଦୋଳ ନିକଟରେ ତାଙ୍କ ମୃତ୍ୟୁ ହୋଇଛି । ଏ ସମ୍ପର୍କରେ ବଳରାମଙ୍କ ବାପା କୃପାସିନ୍ଧୁ ନାୟକ ନିଶା ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତି ସୂଚନା ଦେଇଛନ୍ତି ।

## କୃଷକ ସାଥୀଙ୍କ ବୈଠକ



କିଶୋରନଗର,୬ ।୧୧(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଆମ୍ବା ସଭାଗୃହରେ ୨୩ ପଞ୍ଚାୟତର କୃଷକ ସାଥୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଛି । କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଦୀର୍ଘ ୧୯ ବର୍ଷ ଧରି କାମ କରୁଥିଲେ ମଧ୍ୟ ସରକାର ସେମାନଙ୍କୁ ଅଣଦେଖା କରୁଛନ୍ତି ବୋଲି ମତ ପ୍ରକାଶ ପାଇଥିଲା । ସରକାରଙ୍କ ନିକଟରେ ସମସ୍ୟା ଉପସ୍ଥାପନ କରିବାକୁ ସମସ୍ତେ ମତ ପ୍ରକାଶ କରିଥିଲେ । ବ୍ଲକ ସଭାପତି ପବିତ୍ର ମୋହନ ଦେହୁରୀ ଓ ସମ୍ପାଦକ ବିଜୟ କୁମାର ସାହୁ ବୈଠକ ପରିଚାଳନା କରିଥିଲେ ।

## ମେଡିକାଲ କଲେଜରେ ବାରମ୍ବାର ବିଦ୍ୟୁତ୍ କାଟ୍

### ■ ରୋଗୀ ସମେତ ଡାକ୍ତର ହନ୍ତସନ୍ତ

ତାଳଚେର,୬ ।୧୧(ସମିସ): ତାଳଚେର ଘଣ୍ଟପଡ଼ାସ୍ଥିତ ପବିତ୍ରମୋହନ ମେଡିକାଲ କଲେଜରେ ବାରମ୍ବାର ବିଦ୍ୟୁତ୍‌କାଟ୍ ହେଉଥିବାରୁ ରୋଗୀ ସମେତ ଡାକ୍ତରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ଉକ୍ତ ଚିକିତ୍ସାଳୟରେ ଜେନେରେଟର ଉପଲବ୍ଧ ଥିଲେ ମଧ୍ୟ କୌଣସି ତ୍ରୁଟି ଯୋଗୁ ଚାଲୁ ନ ଥିବାରୁ ରୋଗୀ ଚିକିତ୍ସା ବେଳେ ହଠାତ୍ ବିଦ୍ୟୁତ୍ କାଟ ହେଲେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ଏହି ଡାକ୍ତରଖାନାକୁ ଦୈନିକ ପ୍ରାୟ ୮ ଶହରୁ ୯ ଶହ ରୋଗୀ ବହୁ ଦୂରଦୂରାନ୍ତରୁ ଆସିଥାନ୍ତି । ବିଦ୍ୟୁତ୍ କାଟ ହେଲେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ଏଠାରୁ କୋଟି କୋଟି ଟଙ୍କା ରାଜସ୍ୱ ପାଉଥିଲେ ମଧ୍ୟ ଏହି ଅଞ୍ଚଳ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରୁଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପଟେ ଏହି ମେଡିକାଲ କଲେଜ ପରିଚାଳନା ବାବଦ ରାଜ୍ୟ ସରକାର ଜିଲ୍ଲା ଖଣିଜ ପାଣ୍ଠିରୁ ୫ବର୍ଷ ପାଇଁ ୫ ଶହ କୋଟି ଟଙ୍କା ନେଇଥିଲେ ମଧ୍ୟ ଏହି ଅବ୍ୟବସ୍ଥା ପାଇଁ କିଏ ଦାୟୀ ବୋଲି ପ୍ରଶ୍ନ ଉଠିଛି । ଏଥିପ୍ରତି ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## 'ରାତିରେ ଜନ୍ତୁ ଶିକାର ଯୋଗୁଁ କଟୁଛି ବିଦ୍ୟୁତ୍'

କିଶୋରନଗର,୬ ।୧୧(ସମିସ): କିଶୋରନଗର ଅଞ୍ଚଳରେ ଏବେ ରାତିରେ କଟୁଛି ବିଦ୍ୟୁତ୍ । ଜନ୍ତୁ ଶିକାର ଯୋଗୁଁ ଏଭଳି ପରିସ୍ଥିତି ଉପୁଜୁଥିବା କହିଛନ୍ତି ବିଭାଗୀୟ କନିଷ୍ଠ ଯନ୍ତ୍ରୀ । ଏ ସମ୍ପର୍କରେ ବିଦ୍ୟୁତ ବିଭାଗ ଏସଡିଓ ଅକ୍ଷୟ କୁମାର ସାହୁଙ୍କୁ ପଚାରିବାରୁ କହିଲେ, ରାତିରେ ଜଙ୍ଗଲ ଅଞ୍ଚଳରେ ଜନ୍ତୁ ଶିକାର ଯୋଗୁଁ ବିଦ୍ୟୁତ୍ ବିଭ୍ରାଟ ସ୍ଥିତି ଲାଗି ରହୁଥିବା କହିଛନ୍ତି । ତୁରନ୍ତ ଏହି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।



## ଝଲସିଲା ବହୁ ପୁରାତନ ତୋରଣ

ତାଳଚେର,୬ ।୧୧(ସମିସ): ତାଳଚେରର ଐତିହ୍ୟ ବହୁ ପୁରାତନ ଫାଷ୍ଟଗେଟ୍ ଓ ଘୋଡ଼ାଶାଳ ତୋରଣ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିଲା । ତାଳଚେର ନଗପରପାଳ ପବିତ୍ର ଭୂତିଆଙ୍କ ଉଦ୍ୟମରେ ଏହି ଦୁଇ ଗେଟ୍‌ର ପୁନରୁଦ୍ଧାର କରାଯାଇଛି । ଏହି ଗେଟ ଦ୍ୱୟ ରାଜାରାଜୁଡ଼ା ଅମଳରୁ ନିର୍ମାଣ କରାଯାଇଥିଲା । ଯାହାକି ତାଳଚେର ଅଞ୍ଚଳର ଶୋଭା ବର୍ଦ୍ଧନ କରୁଥିଲା । ଏବେ ଏହାର ପୁନରୁଦ୍ଧାର ପରେ ଆଲୋକୀକରଣ କରାଯାଇଥିବାରୁ ଦାହା ଝଲସୁଛି । ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି । ଏ ନେଇ ଅଞ୍ଚଳବାସୀ ନଗରପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏଥିସହ ତାଳଚେରର ପୁରୁଣା ଐତିହ୍ୟ ପୋଖରୀଗୁଡ଼ିକର ପୁନରୁଦ୍ଧାର ତଥା ସୌନ୍ଦର୍ଯ୍ୟକରଣ କରିବାକୁ ଅନୁରୋଧ କରିଛନ୍ତି । ବର୍ତ୍ତମାନ ଚାଳଚେରର ଚିତ୍ରକୂଟ ପୋଖରୀ, ରାମଚନ୍ଦ୍ରବଜାର ପଞ୍ଚପାଶ୍ୱର୍ ପୋଖରୀ, ମଦନମୋହନ ପୋଖରୀ, ଜୁବୁଲି ଟାଙ୍କି ପୋଖରୀ, ବାପୁଜୀନଗର ପୋଖରୀ, ରାଣୀପାର୍କ ବସଷ୍ଟାଣ୍ଡ ପୋଖରୀ ଆଦି ଏବେ ଜରାଜୀର୍ଣ୍ଣ ହୋଇ ପଡ଼ିରହିଛି । ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏଗୁଡ଼ିକର ପୁନରୁଦ୍ଧାର କରିବାକୁ ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି ।

## ଘର ଉଚ୍ଛେଦ ନ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ

ଅନୁଗୋଳ,୬ ।୧୧(ସମିସ): ଅନୁଗୋଳ ପୌରପାଳିକା ଅଧୀନରେ ଥିବା ବ୍ରାହ୍ମଣୀଦେଇପଡ଼ାରେ ଦୀର୍ଘ ୫୦ ବର୍ଷ ହେଲା ବାସ କରି ଆସୁଥିବା ୫ ପରିବାରକୁ ଉଚ୍ଛେଦ ପାଇଁ ପୌରପାଳିକା ପକ୍ଷରୁ ନୋଟିସ ଜାରି ହୋଇଛି । ତେବେ ଘର ଉଚ୍ଛେଦ ନ କରିବା ପାଇଁ ଉକ୍ତ ପରିବାରଗୁଡ଼ିକ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅନୁରୋଧ କରିଛନ୍ତି । ସୂଚନା ଅନୁସାରେ, ବ୍ରାହ୍ମଣୀଦେଇପଡ଼ାରେ ପ୍ରାୟ ୫୦ ବର୍ଷ ହେବ ୨୦ରୁ ଅଧିକ ପରିବାର ରହି ଆସୁଛନ୍ତି । କିଛିଦିନ ତଳେ ଘର ପାଇଁ ଜାଗା ଦିଆଯିବ କହି ପୌରପାଳିକାର କିଛି କର୍ମଚାରୀ ଏହି ପରିବାରଗୁଡ଼ିକର ମହିଳାମାନଙ୍କଠାରୁ ଦସ୍ତଖତ ନେଇଥିଲେ ବୋଲି ସେମାନେ କହିଛନ୍ତି । ତେବେ ପରବର୍ତ୍ତୀ ସମୟରେ ୫ ପରିବାରର ଘର ଉଚ୍ଛେଦ ପାଇଁ ନୋଟିସ ପଠାଇଥିଲା ପୌରପାଳିକା । ଘର ପାଇଁ ଜାଗା ଦେବାକୁ ମିଛରେ କହି ଦସ୍ତଖତ ନେଇଯାଇଥିବା ସେମାନେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଅଭିଯୋଗକାରୀମାନେ ପୂର୍ବରୁ ଏ ନେଇ ଆରଡିସିଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ । ହେଲେ କୌଣସି ସୁଫଳ ନ ମିଳିବାରୁ ଗୁରୁବାର ଜିଲ୍ଲାପାଳଙ୍କୁ ଜଣାଇଛନ୍ତି । ଉଚ୍ଛେଦ ପୂର୍ବରୁ ଥଇଥାନ କରିବା ପାଇଁ ଦାବି କରିଛନ୍ତି । ଏ ସମ୍ପର୍କରେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ କହିଲେ, ଏହି ୫ ପରିବାର ପୋଖରୀ ହୁଡ଼ାରେ ରହୁଛନ୍ତି । ପୋଖରୀ ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ସେମାନଙ୍କୁ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି ।

## ମାଣବସା ଲକ୍ଷ୍ମୀପୂଜା ପାଇଁ ମାଟି ଅନୁକୂଳ



ବଇଣ୍ଡା,୬ ।୧୧(ସମିସ): କିଶୋରନଗର ବ୍ଲକ ଠେଲକନାଳି ଗ୍ରାମରେ ହେବାକୁ ଥିବା ମାଣବସା ଲକ୍ଷ୍ମୀପୂଜା ପାଇଁ ଗୁରୁବାର ମାଟି ଅନୁକୂଳ କରାଯାଇଛି । ଗ୍ରାମବାସୀମାନେ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ପଡ଼ିଆରୁ ପୂଜାର୍ଚ୍ଚନା କରି ମାଟି ସଂଗ୍ରହ କରିଥିଲେ । ପୂଜକ କ୍ଷୀରୋଦ ତ୍ରିପାଠୀ ରୀତିନୀତି ଅନୁସାରେ ପୂଜା କରିବା ପରେ ମାଟି ସଂଗ୍ରହ କରାଯାଇଥିଲା । ଏଥିରେ କର୍ତ୍ତା ଭାବେ ପବିତ୍ର ମୋହନ ସାହୁ ଯୋଗଦେଇଥିଲେ । ଶତାଧିକ ମହିଳା ସାମିଲ ହୋଇଥିଲେ । ଗ୍ରାମର ସମୀର କୁମାର ପ୍ରଧାନ, ଦିଲୀପ ସାହୁ, ଲକ୍ଷ୍ମଣ ପ୍ରଧାନ, ସୁରେଶ ସାହୁ, ଟିକିନା ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ନାବାଳିକାଙ୍କୁ ଅପହରଣ, ଦୁଷ୍କର୍ମ; ଯୁବକ ଗିରଫ

ବଇଣ୍ଡା,୬ ।୧୧(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ କରିଥିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ହେଲେ ନୁନୁକାପସି ଅଞ୍ଚଳର ଆକାଶ ବେହେରା । ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଆକାଶଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି । ନାବାଳିକା ନିଜ ଘରେ ଥିବା ବେଳେ ଆକାଶ ତାଙ୍କୁ ଅପହରଣ କରି ନେଇ ଦୁଷ୍କର୍ମ କରିଥିଲେ । ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ନାବାଳିକଙ୍କୁ ଉଦ୍ଧାର କରିବା ସହ ଆକାଶଙ୍କୁ ଗିରଫ କରିଛି ।

## ଅସୁସ୍ଥ ମାଈହାତୀର ଚିକିତ୍ସା ଜାରି



ଅନୁଗୋଳ,୬ ।୧୧(ସମିସ): ଅନୁଗୋଳ ଫରେଷ୍ଟ ଡିଭିଜନ ତାଳଚେର ରେଞ୍ଜ ଗଣ୍ଡିଗାଡ଼ିଆ ବିଟ ଅନ୍ତର୍ଗତ ବଡ଼ଖଳି ଗାଁ ନିକଟରେ ଏକ ଅସୁସ୍ଥ ହାତୀ ଠାବ ହେବା ପରେ ବୁଧବାର ବନ ବିଭାଗ ପକ୍ଷରୁ ତା'ର ଚିକିତ୍ସା ବ୍ୟବସ୍ଥା କରାଯାଇଛି । ଅନୁଗୋଳ ଓ ଢେଙ୍କାନାଳ ଫରେଷ୍ଟ ଡିଭିଜନର ରାପିଡ୍ ରେସ୍ପନ୍ସ କର୍ମଚାରୀ ଏବଂ ମୋବାଇଲ ଭେଟେନାରି ୟୁନିଟ ସହାୟତାରେ ଏହି ମାଈହାତୀର ଚିକିତ୍ସା ଜାରି ରହିଛି । ହାତୀର ସ୍ୱାସ୍ଥ୍ୟାବସ୍ଥା ମନିଟରିଂ କରାଯିବା ସହ ସମସ୍ତ ଔଷଧ ଦିଆଯାଉଛି ।

### ■ ଟାଟା ପାୱାରର ମନମୁଖି କାର୍ଯ୍ୟ

## ଓକିଲ ସଂଘ ପକ୍ଷରୁ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ



ଢେଙ୍କାନାଳ,୬ ।୧୧(ସମିସ): ଢେଙ୍କାନାଳ ଜିଲ୍ଲାରେ ଟାଟା ପାୱାରର ମନମୁଖି କାର୍ଯ୍ୟକୁ ନେଇ ଗୁରୁବାର ଜିଲ୍ଲା ଓକିଲ ସଂଘ ପକ୍ଷରୁ ଟିପିସିଓଡିଏଲ୍ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି । ସ୍ମାର୍ଟ ମିଟର ନ ବସାଇବାକୁ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ଏ ନେଇ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଗୁରୁବାର ଅପରାହ୍ନରେ ସର୍ବଦଳୀୟ ବୈଠକ ନିମନ୍ତେ ବିଭାଗ ପକ୍ଷରୁ ସ୍ଥିର କରାଯାଇଥିଲା । ବୈଠକରେ ଟିପିଡିଓସିଏଲର କୌଣସି ଅଧିକାରୀ ଉପସ୍ଥିତ ନ ଥିବାରୁ ଓକିଲ ସଂଘ କର୍ମକର୍ତ୍ତାମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଅଧିକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ମଧ୍ୟ ବିଦ୍ୟୁତ ବିଭାଗ କର୍ମଚାରୀମାନେ କାର୍ଯ୍ୟାଳୟ ଛାଡ଼ି ପଳାଇଥିଲେ । ବିଦ୍ୟୁତ ବିଭାଗ ପକ୍ଷରୁ ଜିଲ୍ଲାରେ ସ୍ମାର୍ଟ ମିଟର ବସାଇବା ପାଇଁ ବିଭିନ୍ନ ଆଳ ଦେଖାଇ ଘରେ ଘରେ ପଶି ଉପଭୋକ୍ତାମାନଙ୍କୁ ଶୋଷଣ କରି ଚାଲିଛି । ଏହାର ପ୍ରତିବାଦରେ ସର୍ବଦଳୀୟ ବୈଠକ କରାଯାଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ତଥା ଆନ୍ଦୋଳନ ନିମନ୍ତେ ସଂଘ ସଜବାଜ ହେଉଥିବା ଜଣାପଡ଼ିଛି । ବୈଠକରେ ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳ ପାତ୍ର, ପୂର୍ବତନ ସଭାପତି ସଞ୍ଜୟ କୁମାର ମିଶ୍ର, ସମାଜସେବୀ ରାମଚନ୍ଦ୍ର ପାତ୍ର, ମିଳିତ ପୂଜା କମିଟି ସଭାପତି ରୁଦ୍ରନାରାୟଣ ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### ବିଭିନ୍ନ ଅଞ୍ଚଳ ବୁଲି ଦେଖିଲେ ଜିଲ୍ଲାପାଳ

## ସହରର ଉନ୍ନତୀକରଣ ପାଇଁ ଆଲୋଚନା

ଅନୁଗୋଳ,୬ ।୧୧(ସମିସ): ଅନୁଗୋଳ ଜିଲ୍ଲାର ବିକାଶ ପାଇଁ ସର୍ବଦା ତତ୍ପର ଥିବା ଜିଲ୍ଲାପାଳ ଅବ୍ଦାଲ ଏମ ଅଖତର ଗୁରୁବାର ସହରର ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲେ । ଅମଳାପଡ଼ା, ଶିମିଳିପଡ଼ା, ମଦନମୋହନପଡ଼ା, ଚୌକନି ବନ୍ଧର ଉନ୍ନତୀକରଣ ସାଙ୍ଗକୁ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।



ଅମଳାପଡ଼ା ମାଂସ ଦୋକାନୀମାନଙ୍କୁ ସୁସଂଗଠିତ ଭାବେ ବସାଇବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । କିଆବନ୍ଧର ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଭଣ୍ଡୁବରଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପୌରପାଳିକା ପକ୍ଷରୁ ବାଇପାସ ରାସ୍ତା ନିର୍ମାଣ କରାଯିବ । ଅନୁଗୋଳ ହାଇସ୍କୁଲ ସାମନାର କିଭଳି ସୌନ୍ଦର୍ଯ୍ୟକରଣ କରାଯିବ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା । ପୁରୁଣା ସୂଚନା ଭବନ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ସହର ଭିତରେ କେନାଲ ହୁଡ଼ା କେଉଁ ଅଞ୍ଚଳରେ କେତେ ଜବରଦଖଲ ହୋଇଛି ତାହା ମଧ୍ୟ ଜିଲ୍ଲାପାଳ ବୁଲି ଦେଖିଥିଲେ ।

## ସାମାଜିକ କର୍ମୀଙ୍କ କାର୍ତ୍ତିକେଶ୍ୱର ପୂଜା ମଣ୍ଡପ ପରିଦର୍ଶନ

କଣିହାଁ,୬ ।୧୧(ସମିସ): କଣିହାଁ ବ୍ଲକର ବିଭିନ୍ନ ଗ୍ରାମରେ ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ପୂଜା ଆୟୋଜନ କରାଯାଇଛି । ବୁଧବାର କଣିହାଁ ଓ ତାଳଚେର ବିକାଶ ମଞ୍ଚର ଯୁବ ସାମାଜିକ କର୍ମୀମାନେ ମଣ୍ଡପଗୁଡ଼ିକ ପରିଦର୍ଶନ କରି ପ୍ରଭୁଙ୍କ ଆର୍ଶୀବାଦ ଗ୍ରହଣ କରିଥିଲେ । ସାମଜିକ କର୍ମୀ ହରମୋହନ ସାହୁଙ୍କ ନେତୃତ୍ୱରେ



ଡ. ଦେବେନ୍ଦ୍ର ସିଂ, ସବିତାରାଣୀ ସାହୁ, ରଶ୍ମିତା ସହୁ, ଲାଲୁ ପାଣି, କଳାକର ବେହେରା, ରାଜକିଶୋର ସାହୁ, ବରିଷ୍ଠ ସାମ୍ବାଦିକ ମନୋଜ ଶତପଥୀ ପ୍ରମୁଖ କମରେଇ ପଞ୍ଚାୟତ ଦେହୁରୀଭୂଇଁ, ବଡ଼ତ୍ରିବିଡ଼ା, ହରିଚନ୍ଦନପୁର, ଭୂଇଁପୁର ଆଦି ପୂଜା ମଣ୍ଡପରେ କାର୍ତ୍ତିକେଶ୍ୱରଙ୍କୁ ଦର୍ଶନ କରିଥିଲେ । ଏହି ଅବସରରେ ବିଭିନ୍ନ ଗ୍ରାମର ବୁଦ୍ଧିଜୀବୀଙ୍କ ସହ ବାର୍ତ୍ତାଳାପ କରି ଅଞ୍ଚଳର ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତାଘାଟ, ଶିକ୍ଷା ଓ ଶିକ୍ଷକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହାର ସମାଧାନ ପାଇଁ ଯୁବସମାଜକୁ ଆହ୍ୱାନ କରିଥିଲେ ।

## ତାଳଚେର ୱାର୍କିଂ ଜର୍ଣ୍ଣାଲିଷ୍ଟସ ଆସୋସିଏସନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ତାଳଚେର ସହର,୬ ।୧୧(ସମିସ):



ତାଳଚେର ୱାର୍କିଂ ଜର୍ଣ୍ଣାଲିଷ୍ଟସ ଆସୋସିଏସନ ପକ୍ଷରୁ ଏମସିଏଲ ସହଭାଗିତାରେ ଜାତୀୟ ପ୍ରେସ ଦିବସ ଉପଲକ୍ଷେ ପଞ୍ଚାୟତ ସମିତି ସଭାଗୃହରେ ମେଗା ସ୍ୱାସ୍ଥ୍ୟସେବା ଶିବିର ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ସମ୍ମାନିତ ଅତିଥି ଭାବେ ବିଡିଓ ସୁଶାନ୍ତ କୁମାର ବରାଳ, ଡା. ଅରବିନ୍ଦ ନନ୍ଦୀ, ଅଶୋକ କୁମାର ବେହେରା, ଡା. ବିନୟ କୁମାର ପାଢ଼ୀ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ଏପରି ସ୍ୱାସ୍ଥ୍ୟ ଶିବିର ତାଳଚେରରେ ପ୍ରଥମଥର ଆୟୋଜିତ ହୋଇଛି । ବିଶେଷକରି ଏକ ସାମ୍ବାଦିକ ସଂଘ ଏପରି ଶିବିର ଆୟୋଜନ କରିବା କେବଳ ତାଳଚେର ନୁହଁ ସମଗ୍ର ଓଡ଼ିଶାରେ ଉଦାହରଣ ସୃଷ୍ଟି କରିଛି ବୋଲି ଉପଜିଲ୍ଲାପାଳ ଜେନା କହିଥିଲେ । ତାଳଚେର ୱାର୍କିଂ ଜର୍ଣ୍ଣାଲିଷ୍ଟସ ଆସୋସିଏସନର କାର୍ଯ୍ୟକର୍ତ୍ତା ଓ ସହଯୋଗୀମାନଙ୍କୁ ସେ ସାଧୁବାଦ ଜ୍ଞାପନ କରିଥିଲେ । ଶିବିରରେ ୧୪୩ ଜଣ ବରିଷ୍ଠ ନାଗରିକ, ମହିଳା ଓ ବିଭିନ୍ନ ରୋଗରେ ପୀଡ଼ିତ ବ୍ୟକ୍ତି ଯୋଗଦେଇ ସେମନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଡାକ୍ତରଙ୍କ ପରାମର୍ଶ କ୍ରମେ ସେମାନଙ୍କୁ ବିଭିନ୍ନ ଦାମୀ ଔଷଧ ମାଗଣାରେ ପ୍ରଦାନ କରାଯାଇଥିଲା । ସଂଘ ସଭାପତି ମଦନ ମୋହନ ସାହୁ, ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ନାୟକ, ଉପଦେଷ୍ଟା ଧୀରମୋହନ ରାୟ, ଅଜୟ କୁମାର ନାୟକ, ଦେବାଶିଷ ପରିଡ଼ା, ସୌମିତ୍ର ସେନାପତି, ମନିଲ ମହାରଣା, ବିକାଶ ସାହୁ, ଶିଶିର କୁମାର ସାମଲ, ଦିଲୀପ ନାଏକ, ଜୁଲଫିକର ହୁସେନ, ନିରଞ୍ଜନ ସାମଲ, ରାଉତରାୟ ନାଏକ ଶିବିର ପରିଚାଳନା କରିଥିଲେ । ବାସୁଦେବ ପ୍ରଧାନ ଓ ରବୀନ୍ଦ୍ର ମହାରଣା ରୋଗୀଙ୍କ ପଞ୍ଜୀକରଣ କରିଥିଲେ । ସମାଜସେବୀ କ୍ଷୀରୋଦଚନ୍ଦ୍ର ସାହୁ, ଗୌରବ ରାୟ, ମାନସ ରଞ୍ଜନ ସାହୁ, ଅସିତ୍ କୁମାର ସାହୁ, କରୁଣାକର ବାଇ, ଆଶୁତୋଷ ଦାସ ସହଯୋଗ କରିଥିଲେ ।





ଭୁବନେଶ୍ୱର ବାଲିଯାତ୍ରା ଦ୍ୱିତୀୟ ସନ୍ଧ୍ୟା

# ନଚେଇ ନଚେଇ ହାଲିଆ କଲେ ସ୍ୱୟମ ପାଢ଼ୀ

ନନ୍ଦନକାନନ, ୬।୧୧(ସମିସ): ସ ମ ଭୁବନେଶ୍ୱର ବାଲିଯାତ୍ରା ମହୋ ବ ୨୦୨୫ର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ମାର୍ଗଶିର ମାସ ପ୍ରଥମ ଗୁରୁବାର ହୋଇଥିବାରୁ ଦର୍ଶକ ମାନେ ସାଧା ଖାଦ୍ୟ ଷ୍ଟଲ ଗୁଡିକରେ ଭିଡ଼ ଜମାଇଥିଲେ। ମୁଖ୍ୟ ପେଣ୍ଡାଲରେ ମନ ଅଟକି ଗଲା, ମଧୁ ବଇଁଶୀ, ମୋତେ ଆଣିଦେଲୁ ଲକ୍ଷେ ଫଗୁଣ, ତୋ ଠୁ ଆରମ୍ଭ ତୋ ଠି ଶେଷ, ତୋ ସୁର୍ମୟୀ ଆଖିରେ, ସବୁ ଅଙ୍କ ଭୁଲ ହୋଇଗଲା, ରଙ୍ଗବତୀ ରଙ୍ଗବତୀ, ବାଲାମୀ ଚାଉଳକୁ ଦକ୍ଷିଣୀ ଖାସି, ଛି ଛି ରେ ନନୀ... ଆଦି ଗୀତରେ ସ୍ୱୟମ ପାଢ଼ୀ ଲୋକଙ୍କୁ ନଚେଇ ନଚେଇ ବେଦମ କରିଦେଇଥିଲେ। ଘୋଡା ସବାରୀ, ଓଟ ଶବରୀର ମଜା ନେଇ ମା ଖୁସିକୁ ଛୁଆ ଖୁସି ହୋଇ ମଜା ନେଇଥିଲେ।

ମଞ୍ଚକୁ ଛାଡ଼ିଲେ ଦିନସାରା ବାଲିଯାତ୍ରା ପଡ଼ିଆରେ ଆଖପାଖ ସମେତ ଭୁବନେଶ୍ୱର ସହର ଏବଂ କଟକ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସାରାଦିନ ମେଳା ପରିସରରେ ଲୋକଙ୍କ ଯିବା ଆସିବା ଲାଗି ରହିଥିଲା। ମେଳା ଭିତରେ ମାଟିର, ଆତ, ଆମ୍ବ, ସେଓ, ପାଣି ଖରୁ ପଇସା ଘଡି ଆଣିଥିବା ବାଲେଶ୍ୱର ଚତୁର୍ଭୂଜ ମହାପାତ୍ର ଏଠି କି ଆସି ବହୁତ ଖୁସି ଥିବା କହିଥିଲେ। ଏଠାରେ ବେପାରୀମାନଙ୍କ ଉପରେ କେହି ଦାଦାଗିରି ଦେଖାଉ ନାହାନ୍ତି କିଏ ଜୋର ଜବରଦସ୍ତ କରୁନାହାନ୍ତି। ଘଡ଼ି ଗୋଟାକ ୦ଟଙ୍କା, ବାଉଁଶନିର୍ମିତ ଫୁଲ ଟାଙ୍ଗୁଡ଼ି ୭୦ଟଙ୍କାରେ ବିକ୍ରି କରୁଛନ୍ତି ଚତୁର୍ଭୂଜ।





## ମାର୍ଗଶିର ଗୁରୁବାର ସାଦା ଉପରେ ମାଡ଼

ବାଲିଯାତ୍ରା କାର୍ତ୍ତିକ ପୂର୍ଣ୍ଣିମାରୁ ଆରମ୍ଭ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ମାର୍ଗଶିର ମାସ ଗୁରୁବାର ପଡ଼ିଛି। ତେଣୁ ଆମିଷ ଖାଇବାକୁ ଲୋକେ ଟିକେ କୁଣ୍ଠକୁଣ୍ଠ ହେଉଛନ୍ତି। ତେବେ ଦ୍ୱିତୀୟ ଦିନରେ ସାଦା ହୋଟେଲ୍ ଏବଂ ଜଳଖିଆ ଦୋକାନରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଗୁପ୍‌ଚୁପ୍‌ଠାରୁ ଆରମ୍ଭ କରି ଦହିବରା ଆଳୁଦମ୍, ଠୁଙ୍କାପୁରିଠାରୁ ଆରମ୍ଭ କରି ଛୋଲେ ବଟୋରି ଆଦି ଜଳଖିଆ ଖାଇବା ପାଇଁ ଲୋକେ ବିଭିନ୍ନ ଷ୍ଟଲ ପାଖରେ ଭିଡ଼ ଜମାଇଥିଲେ।



## ଯୋଡ଼ି ଭାଉଜଙ୍କ କାର୍‌ଖାନା

ରାଜଧାନୀର ରାସ୍ତାକଡ଼ରେ କାର୍‌ରେ ଖାଇବା ବିକ୍ରି କରି ଏକଦା ଚର୍ଚ୍ଚାର ପରିସରକୁ ଆସିଥିବା ଯୋଡ଼ି ଭାଉଜଙ୍କ କାର୍‌ଖାନା ଏବେ ଭୁବନେଶ୍ୱର ବାଲିଯାତ୍ରା ପରିସରରେ ଦେଖିବାକୁ ମିଳିଛି। ଏଥର ଏଠାରେ ପ୍ରଥମ କରି ଖାଦ୍ୟ ଷ୍ଟଲ ଖୋଲିଛନ୍ତି ଦୁଇ ଯାଆ ହେଲେ ସ୍ନେହା ପାଣିଗ୍ରାହୀ ଓ ରଶ୍ମିତା ଦାଶ। 'ଦୁଇ ଯାଙ୍କ ପ୍ରସିଦ୍ଧ କାର୍ ଖାନା' ଷ୍ଟଲରେ ସୁସ୍ୱାଦୁ ଓଡ଼ିଆ ଖାଦ୍ୟ ସୁଲଭ ମୂଲ୍ୟରେ ଯୋଗାଇ ଦେଉଛନ୍ତି। ଚିକେନ ଚକୁଳି, ଚିକେନ ପୋଡା, ଛତୁ ପୋଡା, ଛୋଲେ ବଟୁରେ, ରସାବଳୀ, ମାଲପୁଆ ଆଦି ଖାଦ୍ୟକୁ ଲୋକେ ବେଶ ପସନ୍ଦ କରୁଥିବା କହିଥିଲେ। ବିଶେଷକରି ଖରାବେଳେ ଏବଂ ସନ୍ଧ୍ୟାରେ ତାଙ୍କ ଷ୍ଟଲରେ ଭିଡ଼ ଦେଖିବାକୁ ମିଳିଥିଲା।



## ଲକ୍ଷ୍ମୀ ବିକୁଛନ୍ତି ମାଣପେଡ଼ି

ସେମିତି ଭୁବନେଶ୍ୱର ବାଲିଯାତ୍ରାକୁ ଲକ୍ଷ୍ମୀ ନେଇକି ଆସିଛନ୍ତି ମା ଲକ୍ଷ୍ମୀଙ୍କ ମାଣ ପେଡ଼ି। ବାଉଁଶ, ବେତ ଖଡ଼ିକା ରେ ତିଆରି ସୁନ୍ଦର ସୁନ୍ଦର ପାଚିଆ, ଝାଡୁ, ଡାଲା, ଗଣ୍ଡୁଆ, କୁଲା, ମାଣ ପେଡ଼ି, ମାଣ। ଯାହାକୁ ଗାଁ ଗହଳି, ସହର ରୁ ଆସିଥିବା ଲୋକ ମାନେ ଦେଖି ଘଡିଏ ରହିବା ସହ ମୂଲଚାଲ କରି ଘରକୁ ନେଇଯାଉଛନ୍ତି। ଏଠି ବେପାର ବି ଭଲ ହୁଏ। ବର୍ଷକର ପରିଶ୍ରମର ମୂଲ୍ୟ ଭାବେ ଦି ପଇସା ରୋଜଗାର ହୁଏ। ସଂସାର ଚାଲିଯାଏ, ଆଉ ଲୋକ ମାନଙ୍କୁ ଘର ଅତି ଦରକାରୀ ଏହି ଜିନିଷ ଗୁଡିକୁ ହାତରେ ତିଆରି କରି ଯୋଗାଇଦେବା ରେ ବି ଆନନ୍ଦ ମିଳେ। ପ୍ରକୃତିରୁ ମିଳୁଥିବା ବାଉଁଶ, ବେତରୁ ଆମ ହାତ ତିଆରି ଜିନିଷ ଗୁଡିକ ବେଶ ସ୍ୱାସ୍ଥ୍ୟ ପ୍ରତି ଓ ବ୍ୟବହାରରେ ଭଲ ହୋଇଥାଏ। ତେବେ ଏବେ ତେବେ ପ୍ଲାଷ୍ଟିକ ଆଉ ଷ୍ଟିଲ୍‌ର ବ୍ୟବହାର ବଢ଼ିଲା ପରେ ଲୋକେ ଆଉ ଏଗୁଡା ବେଶୀ ବ୍ୟବହାର କରୁ ନାହାନ୍ତି ବୋଲି ଲକ୍ଷ୍ମୀ କହିଛନ୍ତି।

# ପ୍ରାକ୍ତନ ଜିଲ୍ଲାପାଳ ଭବାନୀଙ୍କୁ ଅସମ୍ମାନ!

କଟକ, ୬।୧୧(ସମିସ): କଟକର ପୂର୍ବତନ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ବାଲିଯାତ୍ରାରେ ଅସମ୍ମାନ କରାଯାଇଥିବା ଖବର ବେଶ୍ ଚର୍ଚ୍ଚା ହେଉଛି। ଗତକାଲିଠାରୁ ବାଲିଯାତ୍ରାରେ କଟକର ପ୍ରାକ୍ତନ ଜିଲ୍ଲାପାଳ ଶ୍ରୀ ଚୟନୀଙ୍କ କିଛି ଫଟୋ ଭାଇରାଲ ହେଉଛି। ସେ ଯେମିତି ନିରୀହ ଓ ସରଳ ବେଶରେ ବାଉଁଶ ବ୍ୟାରିକେଡ୍‌କୁ ଧରି ଛିଡ଼ା ହେଇଛନ୍ତି ତାହା କଟକିଆଙ୍କ ଭାବାବେଗ ଉପରେ ଆଘାତ ଦେଇଛି। ଏଭଳି ହେବା ବି ସ୍ୱାଭାବିକ। ସେ କଟକ ପାଇଁ ଯାହା ସବୁ କରି ଯାଇଛନ୍ତି ସେଥିରେ ସବୁ କଟକବାସୀ ତାଙ୍କୁ ସବୁଦିନ ମନେ ରଖିବେ।



### ପ୍ରଶାସନକୁ ଚାରିଆଡୁ ତିରସ୍କାର

ସେତେବେଳର ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଆଜିର ତାଳଦଣ୍ଡା ରୋଡ୍ ସମ୍ପ୍ରସାରଣ ରୂପ, ଏସ୍‌ସିବି ମେଡିକାଲ, ନେତାଜୀ ବସ୍ ଟର୍ମିନାଲ କାର୍ଯ୍ୟ ଆଦି ସବୁ ତାଙ୍କରି ସମୟରେ ହୋଇଛି। ଏମିତିକି ବାଲିଯାତ୍ରା ପରିଚାଳନାରେ ସଂସ୍କାର ଆଣିବାକୁ ତାଙ୍କର ଭୂମିକା ପ୍ରଶଂସନୀୟ। ତଳ ପଡ଼ିଆରେ ମେଳାର ଯେଉଁ ରୂପରେଖ ବଦଳିଛି, ତାହା ପଛରେ ପ୍ରାକ୍ତନ ଜିଲ୍ଲାପାଳ ଭବାନୀଙ୍କ ଯଥେଷ୍ଟ ଉଦ୍ୟମ ରହିଥିଲା। କିନ୍ତୁ ଏବେକାର ଜିଲ୍ଲା ପ୍ରଶାସନ ତାଙ୍କୁ ଯେଉଁଭଳି ଢଙ୍ଗରେ ସମ୍ମାନଜନକ ଭାବେ ନିମନ୍ତ୍ରଣ କରିବା କଥା ତାହା କରିନାହିଁ। ଯାତ୍ରା ପଡ଼ିଆରେ ବାଉଁଶ ବ୍ୟାରିକେଡ୍ ଧରି ଛିଡ଼ା ହେବାର ଫଟୋ ଭାଇରାଲ ହେବା ପରେ ସମ୍ପ୍ରତି ଜିଲ୍ଲା ପ୍ରଶାସନ ଉଦ୍ଦେଶ୍ୟରେ ତିରସ୍କାରର ସୁଅ ଛୁଟୁଛି।

ସମୟ ସନ୍ଧ୍ୟା ପ୍ରାୟ ୭ଟା ହେବ। ଗତକାଲି ମଞ୍ଚରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ସହିତ ମାଳମାଳ ବିଧାୟକ, ସଚିବ, ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀ ବସିଥିଲେ। ଭିଆଇପି ସିଟ୍‌ରେ ରାଜ୍ୟର ଅନେକ ବୁଦ୍ଧିଜୀବୀ, ଶିକ୍ଷାବିତ୍ ତଥା ପ୍ରତିଷ୍ଠିତ ସମ୍ମାନସ୍ପଦ ବ୍ୟକ୍ତିତ୍ୱ ମଞ୍ଚ ସମ୍ମୁଖରେ ପଡ଼ିଥିବା ଚେୟାରରେ ବସିଥିଲେ। ଜିଲ୍ଲା ପ୍ରଶାସନ ଏସବୁର ସୁପରିଚାଳନା କରୁଥିଲା। ହେଲେ ୧୫ରୁ ୨୦ମିନିଟ୍ ସମୟ ଧରି ପୂର୍ବତନ ଜିଲ୍ଲାପାଳ ବାଉଁଶ ବ୍ୟାରିକେଡ୍ ଧରି ଛିଡ଼ା ହୋଇ ରହିଲେ। ଶେଷରେ ଜିଲ୍ଲା ପ୍ରଶାସନ ଅଧିକାରୀମାନଙ୍କ ନଜର ପଡ଼ିଥିଲା ଏବଂ ସେମାନେ ତାଙ୍କୁ ଡାକି ବସାଇଥିଲେ।

# ବାମ୍ବୋ ଚିକେନ୍‌କୁ; ମାଛ ପତ୍ରପୋଡ଼ା





କଟକ, ୬।୧୧(ସମିସ): ତଳପଡ଼ିଆରେ ଖାଦ୍ୟର ସ୍ୱତନ୍ତ୍ର ଆସର ଜମୁଛି। ଯଦିଓ ଆଜି ଗୁରୁବାର ହୋଇଥିଲା, ତଥାପି ବାମ୍ବୋ ଚିକେନ୍, ବାମ୍ବୋ ବିରିୟାନୀ, ପତ୍ରପୋଡ଼ା ଚିକେନ୍, ଫ୍ରାଏଡ୍ ଚିକେନ୍ ଏବଂ ଫ୍ରାଏଡ୍ ଉଇଁଙ୍ଗ୍ ଉର୍ମି କିଚେନ୍ ପକ୍ଷରୁ ପରସା ଯାଉଛି। ଆସନ୍ତା କାଲି ଶୁକ୍ରବାର ହୋଇଥିବା ବେଳେ ଏଠାରେ ପ୍ରବଳ ଭିଡ଼ ସମାଗମ ହେବ। ସ୍ୱତନ୍ତ୍ର ଶୈଳିରେ ଏଠାରେ ଖାଦ୍ୟ ପ୍ରସ୍ତୁତି କରାଯାଉଛି। ସୁହାଇଲା ଭଳି ଦର ରହିଥିବା ବେଳେ ଏଥର ବାଲିଯାତ୍ରାରେ ସ୍ୱତନ୍ତ୍ର ଭାବେ ଖାଦ୍ୟ ପରିବେଷଣ କରାଯାଉଛି। ଖାସ୍ କରି ପତ୍ରପୋଡ଼ା ମାଛର ଦର ୮୦ଟଙ୍କା ରହିଥିବା ବେଳେ ବାମ୍ବୋ ଚିକେନ୍ ଦର ୧୨୦ଟଙ୍କା, ବାମ୍ବୋ ବିରିୟାନୀ ଦର ୨୦୦ଟଙ୍କା, ପତ୍ରପେଡ଼ୋ ଚିକେନ୍ ଦର ୧୩୦ଟଙ୍କା ଏବଂ ଫ୍ରାଏଡ୍ ଉଇଙ୍ଗସ୍ ଦର ୮୦ଟଙ୍କା ରହିଛି। ଉର୍ମି କିଚେନ୍ ପକ୍ଷରୁ ଖାଦ୍ୟର ଗୁଣବତ୍ତା ଓ ପରିଷ୍କାର ପରିଛନ୍ନତାକୁ ଗୁରୁତ୍ୱ ଦିଆଯାଉଛି ବୋଲି କୁହାଯାଇଛି।

# ବାଲିଯାତ୍ରାରେ ଭୋଟର ସହାୟତା କେନ୍ଦ୍ର



କଟକ, ୬।୧୧(ସମିସ): ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ସ୍ଥାନୀୟ ନିର୍ବାଚନ ବିଭାଗର ମିଳିତ ଆନୁକୂଲ୍ୟରେ ଐତିହାସିକ କଟକ ବାଲିଯାତ୍ରାରେ ଭୋଟର ତାଲିକାରେ ଶତପ୍ରତିଶତ ନାମ ପଞ୍ଜୀକରଣ, ମତଦାନର ମହତ୍ତ୍ୱ ଆଦି ବିଭିନ୍ନ ବିଷୟରେ ସଚେତନ କରି ଭାରତୀୟ ଗଣତନ୍ତ୍ରକୁ ଅଧିକରୁ ଅଧିକ ମଜଭୁତ କରିବାର ଉଦ୍ଦେଶ୍ୟ ନେଇ ଭୋଟର ସହାୟତା କେନ୍ଦ୍ର ପ୍ରସ୍ତୁତ କରାଯାଇଛି। ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ସୁଶାନ୍ତ କୁମାର ମିଶ୍ର ଏହି ସୁସଜ୍ଜିତ କେନ୍ଦ୍ରକୁ ଆଜି ଉଦଘାଟନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋ, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଅତିରିକ୍ତ ଶାସନ ସଚିବ ରାମଚନ୍ଦ୍ର କିସ୍କୁ, ଯୁଗ୍ମ ଶାସନ ସଚିବ ସଞ୍ଜୟ ଲୁଗୁନ, ଯୁଗ୍ମ ଶାସନ ସଚିବ ଗୋପୀନାଥ କଁଅର, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀପ୍ରସାଦ ସାହୁ, ଉପ ଶାସନ ସଚିବ ପଦ୍ମଜା ଦାସ ଅନ୍ୟ ଅଧିକାରୀମାନେ ଉଦଘାଟନ ସମୟରେ ଉପସ୍ଥିତ ଥିଲେ।

# କଟକ ରୁପା ତାରକସି ପାଭିଲିଅନ୍ ଉଦ୍‌ଘାଟିତ

କଟକ, ୬।୧୧(ସମିସ): ଐତିହାସିକ ବାଲିଯାତ୍ରାରେ ଆୟୋଜନ ହୋଇଥିବା କଟକ ରୁପା ତାରକସି ପାଭିଲିଅନ୍ ଉଦ୍‌ଘାଟିତ ହୋଇଯାଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଶାସନ ସଚିବ ତଥା କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ବୁଧବାର ଦିନ ଏହାର ଉଦ୍‌ଘାଟନ କରିଛନ୍ତି। ରୁପା ତାରକସି ପାଭିଲିୟନରେ ମୋଟ ୧୦ଟି ଷ୍ଟଲ ଖୋଲିଛି। ଏହା ନଭେମ୍ବର ୧୨ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ହସ୍ତଶିଳ୍ପ ଉପନିର୍ଦ୍ଦେଶକ ମାନଗୋବିନ୍ଦ ଜେନା, ଉପନିର୍ଦ୍ଦେଶକ ସୌମ୍ୟା ସୁରଭିତା ସିଂ ପ୍ରମୁଖ ଉପସ୍ଥିତ ଥିଲେ।



## ଲକ୍ଷ୍ମୀଧରଙ୍କ ମାଟି ସାମଗ୍ରୀର ଚାହିଦା

ବାଙ୍କୀ ତାଳବସ୍ତ ଅଞ୍ଚଳର ଲକ୍ଷ୍ମୀଧର ମୁଦୁଲି ବାଲିଯାତ୍ରା ପଡ଼ିଆରେ ମାଟିରେ ସାମଗ୍ରୀ ତିଆରି କରୁଛନ୍ତି। ସେଠାରେ ବସି ଲୋକଙ୍କ ଚାହିଦା ଓ ମନମୁତାବକ ସାମଗ୍ରୀ ପ୍ରସ୍ତୁତ କରିବା ସହ ପୋଡି ଏଥିରେ ରଙ୍ଗ ଦେଉଛନ୍ତି। ଜଣେ ଗ୍ରାହକ ସିଧାସଳଖ ବରାଦ ଦେଇ ସୁନ୍ଦର ମାଟି ସାମଗ୍ରୀ ତାଙ୍କ ଠାରୁ କ୍ରୟ କରି ପାରିବ। ସାମଗ୍ରୀ ଗୁଡିକର ମୂଲ୍ୟ ୧୦୦ଟଙ୍କାରୁ ଆରମ୍ଭ ହେଉଛି। ଏହି ମାଟି କାମ ଦେଖିବା ପାଇଁ ଗ୍ରାହକଙ୍କ ବେଶ ଭିଡ଼ ଜମୁଛି।





## ୫ ଲକ୍ଷ ଟଙ୍କିଆ କାଶ୍ମୀର ସାଲ୍

ବାଲିଯାତ୍ରାର ପଲିଶ୍ରୀ ମେଳାରେ ବିକ୍ରି ହେଉଛି ୫ଲକ୍ଷ ଟଙ୍କିଆ କାଶ୍ମିର ସାଲ। ଗୋଟିଏ ସାଲ ମୂଲ୍ୟ ୫ଲକ୍ଷ ୫୦ହଜାର ଟଙ୍କା। ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଥିଲେ ବି ସତ। ଗତ ୧୮ ବର୍ଷ ଧରି ବାଲିଯାତ୍ରାକୁ ପସରା ନେଇ ଆସୁଥିବା କାଶ୍ମୀରର ନାସିର ବେଗ ଏଥର ଏଭଳି ମୂଲ୍ୟବାନ ସାଲ ମାତ୍ର ଦୁଇଟି ଆଣିଛନ୍ତି। ତାଙ୍କ କହିବାନୁଯାୟୀ ଏହି ସାଲ୍ ଲଦାଖ ଅଞ୍ଚଳରେ ମାଇନସ ୧୫ଡିଗ୍ରୀ ସେଲସିୟସରେ ରହୁଥିବା ମେଣ୍ଢା ଲୋମରୁ ପ୍ରସ୍ତୁତ ହୋଇଛି। ହାତବୁଣା ଏହି ସାଲକୁ ତିଆରି କରିବା ପାଇଁ ଜଣେ କାରିଗରଙ୍କୁ ୩ବର୍ଷ ସମୟ ଲାଗିଥାଏ ବୋଲି ସେ କହିଛନ୍ତି। ପ୍ରତିବର୍ଷ ବାଲିଯାତ୍ରା ବେଳେ ଶୀତର ପ୍ରକୋପ ଅଧିକ ଥାଏ ଏଣୁ ସାଲ୍ ବିକ୍ରି ଭଲ ହୋଇଥାଏ। ଏଥର ୬୦୦ଟଙ୍କାରୁ ୫ଲକ୍ଷ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ସାଲ୍ ତାଙ୍କ ଷ୍ଟଲରେ ରହିଛି।

## ଅଜିମ୍‌ଙ୍କ ସୋ ପିସ୍

ମୁରଦାବାଦ ଅଞ୍ଚଳର ମହମ୍ମଦ ଅଜିମ ବାଲିଯାତ୍ରାକୁ ନେଇ ଆସିଛନ୍ତି ବ୍ରାସରେ ତିଆରି ସାମଗ୍ରୀ। ଓରମାସ୍‌ରେ ଅଜିମଙ୍କ ଷ୍ଟଲ ରହିଛି। ଏଥିରେ ୱାଲ ହ୍ୟାଙ୍ଗିଂ ସମେତ ଭଳି କି ଭଳି ସୋ ପିସ ବିକ୍ରି କରୁଛନ୍ତି। ଯାହାର ଦର ୨୫୦ ଟଙ୍କାରୁ ଆରମ୍ଭ ହୋଇ ୭ହଜାର ଟଙ୍କା ଯାଏ ରହିଛି। ନୂଆକରି ସୋ ପିସ ମଧ୍ୟରେ ରାଧାକୃଷ୍ଣ, ରୟାଲ ଏନଫିଲଡ ଗାଡି, ଉଡାଜାହାଜ ଭଳି ନୂଆ ନୂଆ ସାମଗ୍ରୀ ଆଣିଥିବାବେଳେ ଏହାର ଦର ୨୫୦୦ ଟଙ୍କାରୁ ଆରମ୍ଭ ହୋଇ ୫୦୦୦ ଟଙ୍କା ଯାଏ ରହିଛି।

# ଏମ୍‌କେସିଜି ସାଇକାଟ୍ରିକ୍ ବିଭାଗରେ ଓଡ଼ଶ ଦୌରାତ୍ମ୍ୟ





## ଶୋଇପାରୁନାହାନ୍ତି ରୋଗୀ; ଲାଲ ପଡ଼ିଯାଉଛି ଶରୀର

## ବେଡ୍ ଛାଡ଼ି ଚଟାଣରେ ଶୋଉଛନ୍ତି

## କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ବି ହେଉନି ସ୍ଥାୟୀ ପ୍ରତିକାର

ବ୍ରହ୍ମପୁର,୬।୧୧(ସମିସ): ଏମ୍‌କେସିଜି ମେଡ଼ିକାଲର ମାନସିକ ରୋଗ ବା ସାଇକାଟ୍ରିକ ବିଭାଗରେ ଗତ କିଛିମାସ ଧରି ଓଡ଼ଶ ପୋକଙ୍କ ଦୌରାତ୍ମ୍ୟରେ ରୋଗୀ କଲବଲ ହେଉଛନ୍ତି। ଯାହାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ବିଭାଗୀୟ ମୁଖ୍ୟଙ୍କ ସମେତ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ମଧ୍ୟ କରିଛନ୍ତି। ତଥାପି ଏଥିପ୍ରତି କେହି କର୍ଣ୍ଣପାତ କରୁନଥିବାରୁ ବିଭାଗରେ ସମସ୍ୟା ଲାଗି ରହିଥିବା ରୋଗୀ ଓ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଫଳରେ ରୋଗୀମାନେ ବେଡ଼ ଛାଡ଼ି ଚଟାଣରେ ଶୋଉଛନ୍ତି। ଯାହାକୁ ନେଇ ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ମେଡ଼ିକାଲର ମାନସିକ ରୋଗ ବିଭାଗରେ ଉଭୟ ପୁରୁଷ ଓ ମହିଳାଙ୍କ ନିମନ୍ତେ ୧୫ଟି ଲେଖାଏଁ ମୋଟ ୩୦ଟି ଶଯ୍ୟା ରହିଛି। ଦକ୍ଷିଣଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବହୁ ମାନସିକ ରୋଗୀ ଉତ୍ତମ ଚିକିତ୍ସା ପାଇଁ ଏଠାରେ ଚିକିତ୍ସିତ ହେଉଛନ୍ତି। ଡାକ୍ତରଖାନାରେ ରୋଗୀଙ୍କୁ ଆବଶ୍ୟକ ମୁତାବକ ସମସ୍ତ ଚିକିତ୍ସା ସେବା ପ୍ରଦାନ କରାଯାଉଥିଲେ ହେଁ ଗତ ପ୍ରାୟ ୪ମାସ ଧରି ବିଭାଗରେ ଓଡ଼ଶ ପୋକର ଚିନ୍ତା ଡ଼ାକ୍ତରଙ୍କ ଠାରୁ ଆରମ୍ଭ କରି ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଲାଗି ରହିଛି। ଓଡଶ ପୋକ ରୋଗୀଙ୍କ ଶରୀରରୁ ରକ୍ତ ଶୋଷି ନେବାରୁ ଶରୀର ଲାଲ୍ ହୋଇ ଫଳିଯାଉଥିବା ଦେଖିବାକୁ ମିଳିଛି। ରୋଗୀଙ୍କ ଶଯ୍ୟା ଓ ସେଥିରେ ପଡିଥିବା ବିଛଣା ମଧ୍ୟରେ ଏହି ପୋକ ରହିଥିବା ବେଳେ ଦିନ ହେଉ ଅଥବା ରାତି ବିଶ୍ରାମ ନେବା ସମୟରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ଶରୀରରୁ ରକ୍ତ ଶୋଷଣ କରୁଛନ୍ତି। ସ୍ଥିତି ଏଭଳି ହୋଇଛି ଯେ ବିଭାଗର ଚଟାଣରେ ମଧ୍ୟ ଓଡ଼ଶ ବୁଲୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଉଭୟ ରୋଗୀ ଓ ସମ୍ପର୍କୀୟ ଅତିଷ୍ଠ ହୋଇ ପଡ଼ିଲେଣି।

କିଛିଦିନ ପୂର୍ବେ ଏକ ଘରୋଇ ସଂସ୍ଥା ରାସାୟନିକ ବ୍ୟବହାର କରି ଓଡ଼ଶ ପୋକ ପ୍ରତିକାର ନିମନ୍ତେ ପଦକ୍ଷେପ ଗ୍ରହଣ କରିଥିଲେ। ତଥାପି କୌଣସି ସୁଫଳ ମିଳିନଥିଲା। ପୂର୍ବଭଳି ବର୍ତ୍ତମାନ ସୁଦ୍ଧା ବିଭାଗରେ ଓଡ଼ଶ ପୋକ ରୋଗୀଙ୍କ ଚିନ୍ତା ବଢାଇଛି। ଅନେକ ମାନସିକ ରୋଗୀ ନିଜ ଜୀବନ ଓ ଶରୀର ସହ କ'ଣ ଘଟୁଛି ତାହା ଜାଣିପାରୁ ନଥିବା ବେଳେ ଓଡ଼ଶ ପୋକ ରକ୍ତ ଶୋଷି କ୍ଷତ ସୃଷ୍ଟି କରୁଛି। ସମସ୍ୟାକୁ ଏମକେସିଜି ମେଡ଼ିକାଲ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତର ସହ ଗ୍ରହଣ କରି ତୁରନ୍ତ ସମାଧାନର ପନ୍ଥା ବାହାର କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଅନ୍ୟପକ୍ଷରେ ସମସ୍ୟା ସମ୍ପର୍କରେ ଏମକେସିଜି ମେଡ଼ିକାଲ ଅଧୀକ୍ଷକଙ୍କୁ ଅବଗତ କରାଯାଇଛି। ଏବଂ କିଛି ନୂତନ ଶଯ୍ୟା ଯୋଗାଣ କରି ସାମୟିକ ଭାବେ ସମସ୍ୟାର ସମାଧାନ ସହିତ ରୋଗୀଙ୍କୁ ଅନ୍ୟତ୍ର ଚିକିତ୍ସା କରାଯିବ। ଇତି ମଧ୍ୟରେ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ା. ଚନ୍ଦ୍ରଶେଖର ତ୍ରିପାଠୀ କହିଛନ୍ତି।

# ଯୁବକଙ୍କୁ ବୋମାମାଡ଼ ଘଟଣାରେ ଜଣେ ଗିରଫ

ବ୍ରହ୍ମପୁର,୬।୧୧(ସମିସ): ରାସ୍ତାରେ ଓଭରଟେକ୍ କରିବାରୁ ଜଣେ ଯୁବକଙ୍କ ଉପରକୁ ବୋମାମାଡ଼ କରିଛନ୍ତି ଦୁର୍ବୃତ୍ତ। ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ କରି ପାଟପୁର ଥାନା ଅଞ୍ଚଳର ଜଣେ ଯୁବକକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପାଟପୁର ଥାନା ଡେଙ୍ଗାଡ଼ି ଗ୍ରାମର ସୀମାଞ୍ଚଳ ପାତ୍ର (୧୮)। ଏହି ମାମଲାରେ ସୀମାଞ୍ଚଳଙ୍କ ସହଯୋଗୀ ଫେରାର ଥିବାବେଳେ ତାକୁ ମଧ୍ୟ ଖୁବଶୀଘ୍ର ଗିରଫ କରାଯିବ ବୋଲି ଲାଞ୍ଜିପଲ୍ଲୀ ଫାଣ୍ଡି ଅଧିକାରୀ ରଞ୍ଜିତ ମହାପାତ୍ର କହିଛନ୍ତି।



ସୂଚନାଯୋଗ୍ୟ ଯେ, ଆଙ୍କୁଲି ବାଇପାସ ନିକଟରେ ରହୁଥିବା ଶିବା ବାହାଦୂର ୧୫ଦିନ ପୂର୍ବେ ଏକ ବାଇକରେ ଆଙ୍କୁଲି ବାଇପାସ ଦେଇ ଘରକୁ ଯାଉଥିଲେ। ଅଭିଯୁକ୍ତ ସୀମାଞ୍ଚଳ ଓ ତାର ସହଯୋଗୀ ମଧ୍ୟ ଯାଉଥିଲେ। ସୀମାଞ୍ଚଳଙ୍କୁ ଶିବା ଓଭର ଟେକ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଉଭୟେ ଘରକୁ ଯାଇଥିଲେ। ପରେ ସୀମାଞ୍ଚଳ ତାର ସହଯୋଗୀ ସହ ମିଶି ଶିବାର ଠିକଣା ଖୋଜି ଗତିବିଧି ସମ୍ପର୍କରେ ସମସ୍ତ ତଥ୍ୟ ସଂଗ୍ରହ କରିଥିଲା। ୨ଦିନ ଧରି ଶିବାର ପିଛା କରିବା ପରେ ରବିବାର ସନ୍ଧ୍ୟାରେ ଶିବା ଆଙ୍କୁଲି ଶିଳ୍ପାଞ୍ଚଳ ସ୍ଥିତ ମୁନା ଚା' ଦୋକାନ ପଛପଟେ ଥିବାବେଳେ ସୀମାଞ୍ଚଳ ଓ ତାର ସହଯୋଗୀ ତାଙ୍କ ଉପରକୁ ବୋମାମାଡ଼ କରି ଚମ୍ପଟ ମାରିଥିଲେ। ଶିବାଙ୍କ ବଡ଼ଭାଇ ଲୋକ ବାହାଦୂର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଛି। ଅନ୍ୟପକ୍ଷରେ ଶିବାଙ୍କ ଭାଇ ସହ କୌଣସି କାରଣକୁ ନେଇ ଅଭିଯୁକ୍ତଙ୍କ ସହିତ ବଚସା ହୋଇଥିବା ପୁଲିସ ତଦନ୍ତରେ ଜଣାପଡ଼ିଛି। ଏହି ମାମଲାରେ ଅନ୍ୟଜଣେ ଅଭିଯୁକ୍ତ ଫେରାର ରହିଛି।

# ଆଜି ଜମିବ ଛାଡ଼ଖାଇ



ବ୍ରହ୍ମପୁର,୬।୧୧(ସମିସ): କାର୍ତ୍ତିକ ସରିଛି। ଲୋକେ ଛାଡ଼ଖାଇ କରିବାକୁ ବେଶ୍ ବ୍ୟାକୁଳ ଥିବା ବେଳେ ପୂର୍ଣ୍ଣିମା ପରଦିନ ଗୁରୁବାର ପଡ଼ିବାରୁ ଏହା ଫିକା ପଡ଼ିଥିଲା, କିନ୍ତୁ ଶୁକ୍ରବାର ଛାଡ଼ଖାଇ ଜମିବ। ଏଥିଲାଗି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବେପାରୀମାନେ ମଧ୍ୟ ଛେଳି, କୁକୁଡ଼ା, ମାଛ, ଚିଙ୍ଗୁଡ଼ି, ଅଣ୍ଡା ଆଦି ମହଜୁଦ ରଖିଛନ୍ତି। ଶୁକ୍ରବାର ବ୍ରହ୍ମପୁର ସହରରେ ଛାଡ଼ଖାଇ ଜମିବ ବୋଲି କୁହାଯାଇଛି। ଏଥିପାଇଁ ସହରର ସମସ୍ତ ଆମିଷ ବଜାର ଗ୍ରାହକଙ୍କ ଅପେକ୍ଷାରେ ରହିଛି। ରାଜ୍ୟର ଅନ୍ୟ ସହର ଭଳି ବ୍ରହ୍ମପୁର ସହରର ବିଭିନ୍ନ ଆମିଷ ବଜାରରେ ଆଜି ସକାଳୁ ସକାଳୁ ମାଛ, ମାଂସ, ଚିଙ୍ଗୁଡ଼ି, କଙ୍କଡ଼ା ଓ ଅଣ୍ଡା ଆଦି ବିକ୍ରି ହେବ। ଦର ଯେତେ ହେଲେ ମଧ୍ୟ ସହରବାସୀ ନିଜର ସାମର୍ଥ୍ୟ ଅନୁସାରେ ମାଛ ମାଂସ ଘରକୁ କିଣି ନେବେ। ସେପଟେ ଗତ ଏକ ମାସ ହେଲା କାର୍ତ୍ତିକ ମାସ ଯୋଗୁ ଆମିଷ ବ୍ୟବସାୟ ମାନ୍ଦା ରହିଥିଲା। ଶୁକ୍ରବାର ଛାଡ଼ଖାଇ ସାଙ୍ଗକୁ ବ୍ୟବସାୟ ଭଲ ହେବ। ଛାଡ଼ଖାଇ ଅବସରରେ ସହରର ମର୍ଦ୍ଦରାଜ ଭେଣ୍ଡିଂ ଜୋନ, ଗେଟ୍ ବଜାର, ଗିରିମାର୍କେଟ ଭଳି ବିଭିନ୍ନ ଆମିଷ ବଜାର ପ୍ରସ୍ତୁତ।

ବ୍ୟବସାୟୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସହରରେ ଶୁକ୍ରବାର ୩କ୍ୱିଣ୍ଟାଲ ଛେଳି ମାଂସ ଓ ୫କ୍ୱିଣ୍ଟାଲ କୁକୁଡ଼ା ମାଂସ ସମେତ ମାଛ, ଚିଙ୍ଗୁଡ଼ି ଆଦି ମଧ୍ୟ ଭଲ ବିକ୍ରି ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ଜଣେ ବ୍ୟବସାୟୀ କହିଛନ୍ତି ଯେ, ଗୋଟା ମାଛ କିଲୋ ପିଛା ୧୬୦ଟଙ୍କା ରହିଥିବା ବେଳେ କଟା ମାଛ କିଲୋ ପିଛା ୨୮୦ଟଙ୍କା ରହିଛି। ସେହିପରି କଙ୍କଡ଼ା କିଲୋ ପିଛା ୫୦୦ରୁ ୭୦୦ଟଙ୍କା ରହିଥିବା ବେଳେ ଚିଙ୍ଗୁଡ଼ି କିଲୋ ପିଛା ୪୦୦ଟଙ୍କା ରହିଛି। ସେହିଭଳି ଖାସି ମାଂସ କିଲୋ ପିଛା ୮୦୦ଟଙ୍କା ରହିଥିବା ବେଳେ ସାଧାରଣ ଛେଳି ମାଂସ କିଲୋ ପିଛା ୭୦୦ ରହିଛି। ସେହିଭଳି କୁକୁଡ଼ା ମାଂସ କିଲୋ ପିଛା ୨୪୦ ରହିଥିବା ବେଳେ ଦେଶୀକୁକୁଡ଼ା ୫୦୦ ଟଙ୍କା ରହିଛି।

# ନୀଳକଣ୍ଠନଗର ଶିଶୁମନ୍ଦିରରୁ ଚୋରି

ବ୍ରହ୍ମପୁର,୬।୧୧(ସମିସ): ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ନୀଳକଣ୍ଠନଗର ସରସ୍ୱତୀ ଶିଶୁମନ୍ଦିରରୁ ବଡ଼ ଧରଣର ଚୋରି ହୋଇଛି। କେହି ଦୁର୍ବୃତ୍ତ ଶିଶୁମନ୍ଦିରର କାର୍ଯ୍ୟାଳୟ ପଛପଟ ଝରକାର ଗ୍ରୀଲ ଭାଙ୍ଗି କ୍ୟାସ କାଉଣ୍ଟର ଡ୍ରରେ ଥିବା ନଗଦ ୩ଲକ୍ଷ ୬୪ହଜାର ଟଙ୍କା ଚୋରି କରି ଥିବା ଜଣାପଡିଛି। ଘଟଣାକୁ ନେଇ ଶିଶୁମନ୍ଦିରର କାର୍ଯ୍ୟାଳୟ ସହାୟକ ରାଧାଗୋବିନ୍ଦ ପୂଜାରୀ ଗୋଷାଣିନୂଆଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(ନଂ.୪୧୭/୨୫) ରୁଜୁ କରି ତଦନ୍ତ ଚଳାଇଛି।

ମଙ୍ଗଳବାର ନୀଳକଣ୍ଠନଗର ଶିଶୁମନ୍ଦିରର କର୍ମଚାରୀମାନେ କାମ ସରିବା ପରେ କ୍ୟାସ କାଉଣ୍ଟର ସହ ଆଲମିରା ବନ୍ଦ କରି ଘରକୁ ଯାଇଥିଲେ। ନଗଦ ମୋଟ ୩ଲକ୍ଷ ୩୪ହଜାର ୮୬୦ଟଙ୍କା କାଉଣ୍ଟର ଡ୍ରରେ ଗଚ୍ଛିତ ଥିଲା। ସେହିଭଳି କାର୍ଯ୍ୟାଳୟ ସହାୟକ ପୂଜାରୀଙ୍କ କ୍ୟାବିନ ଡ୍ରରେ ନଗଦ ୩୦ହଜାର ଟଙ୍କା ମଧ୍ୟ ଥିଲା। କର୍ମଚାରୀମାନେ ଘରକୁ ଯିବାପରେ କାର୍ଯ୍ୟାଳୟରେ ତାଲା ପଡିଥିଲା। ବାହାରପଟେ ସୁରକ୍ଷା କର୍ମୀ ମଧ୍ୟ ନିୟୋଜିତ ଥିଲେ। ତେବେ ବିଳମ୍ବିତ ରାତିରେ ଦୁର୍ବୃତ୍ତ କାର୍ଯ୍ୟାଳୟ ପଛପଟ ଝରକା ଗ୍ରୀଲ୍ ଭାଙ୍ଗି ପ୍ରବେଶ କରି କ୍ୟାସ କାଉଣ୍ଟରର ଆଲମିରା ଭାଙ୍ଗି ଡ୍ରରେ ଥିବା ନଗଦ ୩ଲକ୍ଷ ୩୪ହଜାର ୮୬୦ଟଙ୍କା ଓ ପୂଜାରୀଙ୍କ ଡ୍ରରୁ ନଗଦ ୩୦ହଜାର ଟଙ୍କା ଚୋରି କରି ନେଇ ଯାଇଥିଲେ। ବୁଧବାର ସକାଳୁ କାର୍ଯ୍ୟାଳୟ ସହାୟକ ପୂଜାରୀ ଓ ଆକାଉଣ୍ଟାଣ୍ଟ ଅଜୟ କୁମାର ପଣ୍ଡା ପହଞ୍ଚି କାର୍ଯ୍ୟାଳୟର ତାଲା ଖୋଲି ଭିତରକୁ ଯିବା ପରେ ଚୋରି ହୋଇଯାଇଥିବା ଜଣାପଡିଥିଲା। ତେବେ କ୍ୟାସ କାଉଣ୍ଟରରେ ଏତେ ପରିମାଣର ଟଙ୍କା ଥିବା ଜାଣିଥିବା ବ୍ୟକ୍ତିଙ୍କର ଏହି ଚୋରି ଘଟଣାରେ ସମ୍ପୃକ୍ତି ଥାଇପାରେ ବୋଲି ସନ୍ଦେହ କରାଯାଉଛି। ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି।

**ଦୁର୍ବୃତ୍ତ ଲୁଟିନେଲେ ନଗଦ ୩ଲକ୍ଷ ୬୦ହଜାର**

# ଦାଦାବଟି ମାଗିବା ନେଇ ଦମ୍ପତିଙ୍କ ନାଁରେ ମାମଲା

ବ୍ରହ୍ମପୁର, ୬।୧୧ (ସମିସ): ଖୋଡାସିଂ ପୁରୁଷୋତ୍ତମନଗରରେ ରହୁଥିବା ଜଣେ ଯୁବକଙ୍କୁ ୧୦ଲକ୍ଷ ଟଙ୍କା ଦାଦାବଟି ମଗାଯାଇଛି। ଜନୈକ ଦମ୍ପତି ଏହି ଦାଦାବଟି ମାଗିବା ସହ ଟଙ୍କା ନ ଦେଲେ ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି। ଘଟଣାକୁ ନେଇ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାପ୍ରକାରେ, ଖୋଡାସିଂ ପୁରୁଷୋତ୍ତମନଗର ୩ୟ ଲାଇନରେ ରହୁଥିବା ବିଜୟଲକ୍ଷ୍ମୀ ବକ୍ସିଙ୍କ ପୁଅ ସଦାନନ୍ଦ ଏକ ଚାହା ଦୋକାନରେ ଛିଡା ହୋଇଥିବା ବେଳେ ଏହି ଦମ୍ପତି ସେଠାରେ ପହଞ୍ଚି ସଦାନନ୍ଦଙ୍କୁ ୧୦ଲକ୍ଷ ଟଙ୍କା ବଟି ଦେବାକୁ କହିଥିଲେ। ଟଙ୍କା ନଦେଲେ ଜୀବନରୁ ମାରି ଦେବେ ବୋଲି କହିଥିଲେ। ସେହିପରି ଏହି ଦମ୍ପତି ସଦାନନ୍ଦଙ୍କ ଫଟୋ ଓ ଭିଡିଓ ଉତ୍ତୋଳନ କରି ନେଇଥିଲେ। ଘଟଣାକୁ ନେଇ ସଦାନନ୍ଦଙ୍କ ମାଆ ବିଜୟଲକ୍ଷ୍ମୀ ଥାନାରେ ଅଭିଯୋଗ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ବୋଇତ ବନ୍ଦାଣ ମହୋତ୍ସବର ଦ୍ୱିତୀୟ ରଜନୀ

# 'ସଂସ୍କୃତି ଆମ ପରିଚୟ; ସୁରକ୍ଷା ଆମର ଦାୟିତ୍ୱ'



ବ୍ରହ୍ମପୁର,୬।୧୧(ସମିସ): ଗୋପାଳପୁରରେ ଚାଲିଥିବା ବୋଇତ ବନ୍ଦାଣ ମହୋତ୍ସବ ଦ୍ୱିତୀୟ ଦିନରେ ପହଞ୍ଚିଛି। ଗଞ୍ଜାମ ଜିଲ୍ଲାପାଳ ଭି କିର୍ତ୍ତିଭାସନଙ୍କ ପୌରହିତ୍ୟରେ ଆୟୋଜିତ ମହୋତ୍ସବର ଦ୍ୱିତୀୟ ରଜନୀରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା, ସଂସ୍କୃତି, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଯୋଗଦେଇ ଓଡ଼ିଆ ସଂସ୍କୃତି ଆମ ପରିଚୟ, ଏହାର ସୁରକ୍ଷା ଆମ୍ଭ ମାନଙ୍କ ଦାୟିତ୍ୱ ବୋଲି କହିଥିଲେ। ବୋଇତ ବନ୍ଦାଣ ଉତ୍ସବ ଆମ ସଂସ୍କୃତିର ଅନ୍ୟତମ ପରିଚୟ। ଏହାକୁ ବଜାୟ ରଖିବା ଆମ୍ଭ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଡ଼ ପ୍ରମୋଦ କୁମାର ପୃଷ୍ଟି, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ୍ ଅରବିନ୍ଦ ରାଜର୍ଶିକେ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ହୁଳ ହୁଳି ଓ ପୁଚି ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଏଠାରେ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ତେଲୁଗୁ ପାଲା, ଘଟ କଳସୀ ନୃତ୍ୟ, ରଣପା ନାଚ, ଓଡ଼ିଶୀ, କୁଚିପୁଡ଼ି, ବାଘ ନାଚ ଆଦି ପରିବେଷଣ କରାଯାଇଥିଲା। ଓଡ଼ିଆ କଣ୍ଠଶିଳ୍ପୀ ସୁଜ୍ଞାନୀ ମହାପାତ୍ର, ଅନୁରାଗ ଦାସ ସଙ୍ଗୀତ ପରିବେଷଣ କରିଥିବା ବେଳେ ଆରଡିଏକ୍ସ ଡ୍ୟାନସ୍ ଗ୍ରୁପ୍ ନୃତ୍ୟ ପରିବେଷଣ କରିଥିଲେ।

# ଯୁବକକୁ ସଂଘବଦ୍ଧ ଆକ୍ରମଣ

ବ୍ରହ୍ମପୁର,୬।୧୧(ସମିସ): ଟାଟା ବେଞ୍ଚ ଛକ ନିକଟସ୍ଥ ଏକ ମଦ ଦୋକାନଠାରେ ଜଣେ ଯୁବକକୁ ୩ରୁ ୪ଜଣ ଯୁବକ ସଂଘବଦ୍ଧ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ବୁଧବାର ରାତିରେ କେଶବ ନଗର ତୃତୀୟ ଲାଇନ ନିବାସୀ ଏସ ବିଜୟ ପାତ୍ର ନାମକ ଜଣେ ଯୁବକକୁ ସ୍ଥାନୀୟ ଟାଟା ବେଞ୍ଚ ଛକ ନିକଟରେ ଥିବା ଏକ ମଦ ଦୋକାନ ନିକଟରେ ଆଙ୍କୁଲି ଅଞ୍ଚଳର କେଦାର ସମେତ ତାଙ୍କର ୩ଜଣ ସାଙ୍ଗ ମିଶି ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁବାର ସକାଳେ ଘଟଣାକୁ ନେଇ ବିଜୟ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିବାରୁ ମାମଲା ରୁଜୁକରି ପୁଲିସ ତଦନ୍ତ କରୁଛି।

# ଦୋକାନରୁ ଚୋରି ଅଭିଯୋଗ; ୨ ଗିରଫ

ବ୍ରହ୍ମପୁର,୬।୧୧(ସମିସ): ଏକ ଚା' ଦୋକାନର ତାଲା ଭାଙ୍ଗି ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ଅଭିଯୋଗରେ ଟାଉନ୍ ଥାନା ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇଜଣ ହେଲେ ଟାଉନ୍ ଥାନା ଅଞ୍ଚଳର ଶେଖ ସମୀର(୨୫) ଓ ଏମଡ଼ି ବାସିରୁଦ୍ଦିନ୍(୨୩)। ସୂଚନାଯୋଗ୍ୟ ଯେ, ଗାନ୍ଧୀନଗର ୫ମ ଲାଇନ୍ ନିବାସୀ ଦଣ୍ଡପାଣି ସାହୁ (୪୩)ଙ୍କର ଗାନ୍ଧୀନଗର ଛକରେ ଥିବା ଚା' ଦୋକାନରୁ ଗତ ୩ ତାରିଖ ରାତିରେ କୌଣସି ଦୁର୍ବୃତ୍ତ ତାଲା ଭାଙ୍ଗି ନଗଦ ୧୦ରୁ ୧୨ହଜାର ଟଙ୍କା, ସିଗାରେଟ୍ ଓ ପୁଡ଼ିଆ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଯାଇଛନ୍ତି। ୪ ତାରିଖରେ ଦୋକାନ ଖୋଲିବା ପରେ ଏନେଇ ଦଣ୍ଡପାଣି ଜାଣି ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସିସିଟିଭି ଫୁଟେଜ ଆଧାରରେ ପୁଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ଟାଉନ ଥାନା ଏଏସଆଇ ଜି. ସାଇ କିରଣ ଉପରୋକ୍ତ ଦୁଇ ଅଭିଯୁକ୍ତକୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

# ଦିବ୍ୟଜୀବନ ସଂଘ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବ୍ରହ୍ମପୁର,୬।୧୧(ସମିସ): ଦିବ୍ୟ ଜୀବନ ସଂଘ ମହିଳା ଶାଖା ପକ୍ଷରୁ ପବିତ୍ର କାର୍ତ୍ତିକ ମାସ ଉପଲକ୍ଷେ ୧୪ଦିନ ବ୍ୟାପି ଚାଲିଥିବା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଉଦ୍‌ଯାପତି ହୋଇଯାଇଛି। କାର୍ଯ୍ୟକ୍ରମ ଜରିଆରେ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ, ପ୍ରବଚନ, ହରି ହାଟ, ଗୀତ ଯଜ୍ଞ, ନାମ ଯଜ୍ଞ, ନାରାୟଣ ସେବା, ବସ୍ତ୍ର ବଣ୍ଟନ ଆଦି ହୋଇଥିଲା। ଏଥିରେ ପାରାୟଣ ବ୍ୟାସ ଭାବେ ଜଗତସିଂହପୁରର ସୀତାରାମ ମହାରାଜ, ଅରୁଣ କୁମାର ଦାଶ, ଶ୍ରୀନିବାସ ପାତ୍ର, ଲକ୍ଷ୍ମୀ ପାତ୍ର, ତାରାବାଇ ସିଂହ, ଗୋବିନ୍ଦ ନାହାକ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ବିଶିଷ୍ଟ ପ୍ରବଚିକା ଭାବେ ପୁରୀର ସାଧ୍ୱୀ ଅନୁପମା ଓ ନିମାପଡ଼ାର ସାଧ୍ୱୀ ନିରୁପମା ଯୋଗ ଦେଇ ପୂଜ୍ୟ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ଦିବ୍ୟତା, ଅଲୌକିକତାର ସହିତ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀ ରାମଚନ୍ଦ୍ର ଭଗବାନଙ୍କ ଆଦର୍ଶ ଓ ପବିତ୍ର ଭାଗବତ କଥାମୃତ ବିଷୟରେ କହିଥିଲେ। ରବୀନ୍ଦ୍ରନାଥ ଦାସଙ୍କ ତତ୍ତ୍ୱାବଧାନରେ "କଳି ଯୁଗ କେବଳଂ ନାମ ଆଧାର', ଜ୍ଞାନକୁ ଆଧାର କରି ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ନୂତନ ବର୍ଷର କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା। ଏ ଅବସରରେ ୨୦୦ରୁ ଅଧିକ ନାରାୟଣ, ଦୃଷ୍ଟିହୀନ ଓ କୁଷ୍ଠରୋଗୀଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦିବ୍ୟ ଜୀବନ ସଂଘ ଦକ୍ଷିଣାଞ୍ଚଳ ସମନ୍ୱୟ ସମିତିର କୋଷାଧ୍ୟକ୍ଷ ଶାନ୍ତିଭୂଷଣ ପଣ୍ଡା ସମେତ ରୀନା ପାଢ଼ୀ, ସୁରେଶଚନ୍ଦ୍ର ବରାଡ,



ମୁନା ପାଣିଗ୍ରାହୀ, ଅଲେଖ ବେହେରା, ମମତା ମହାପାତ୍ର, ପାପା, ସନ୍ତୋଷିନୀ, ସୁଜାତା ପଟ୍ଟନାୟକ, ପ୍ରମିଳା ମହାରଣାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଘ ପକ୍ଷରୁ କଳାବ୍ୟାଜ୍ ପରିଧାନ

ବ୍ରହ୍ମପୁର,୬।୧୧(ସମିସ): ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଘ ପକ୍ଷରୁ ୮ଦଫା ଦାବି ନେଇ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରାଯାଇଛି। ଏହାକୁ ସମର୍ଥନ ଜଣାଇ ବିଜୁ ପଟ୍ଟନାୟକ ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଡ଼ାକ୍ତର ଛାତ୍ରଛାତ୍ରୀ ପ୍ରତିବାଦ କରିଛନ୍ତି। ଗୁରୁବାର ଚିକିତ୍ସାଳୟର ବହିର୍ବିଭାଗ ସମ୍ମୁଖରେ ବିଭିନ୍ନ ଦାବି ନେଇ ଏହି ପ୍ରତିବାଦ କରାଯାଇଥିଲା। ନୂଆ ସ୍ଥାୟୀ ଆୟୁଷ ମେଡିକାଲ ଅଫିସର ପୋଷ୍ଟ ସୃଷ୍ଟି କରିବା, ଉଚ୍ଚଶିକ୍ଷା ସୁବିଧା ବୃଦ୍ଧି, ହାଉସ ସର୍ଜନମାନଙ୍କ ପାଇଁ ଡାଇନାମିକ ଷ୍ଟାଇପେଣ୍ଡ ବୃଦ୍ଧି, କଲେଜର ଶାସକ ମଣ୍ଡଳୀର ପୁର୍ନଗଠନ, ରାଜ୍ୟ ସରକାରୀ ଯୋଜନା ନିରାମୟ, ଗୋପବନ୍ଧୁ ଜନ ଆରୋଗ୍ୟ ଆଦିରେ ଆୟୁଷକୁ ସମ୍ମିଳିତ କରିବା ଓ ଆୟୁଷ୍ ଚିକିତ୍ସା ନିମନ୍ତେ ସଚେତନତା ଓ ପ୍ରଚାର କରିବା ଭଳି ୮ଦଫା ଦାବି ରହିଥିଲା। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଛାତ୍ରମାନେ ପ୍ରତିବାଦ ଜାରି ରଖିବେ ବୋଲି କହିଛନ୍ତି। ପ୍ରତିବାଦରେ ଆୟୁଷ୍ମାନ ମିଶ୍ର, ସିଦ୍ଧାର୍ଥ ପଣ୍ଡା, ଡ଼ା. ଜ୍ୟୋତି ପ୍ରକାଶ, ଡ଼ା. ଚିଦାନନ୍ଦନ, ସୌରଭ ଶ'ଙ୍କ ସମେତ ବହୁ ଡ଼ାକ୍ତର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




# ନିଷ୍ଟ ବିଶ୍ୱବିଦ୍ୟାଳୟରେ ବୈଷୟିକ ଶିକ୍ଷା କର୍ମଶାଳା 'ସଂକଳ୍ପ' ଉଦ୍‌ଘାଟିତ

ବ୍ରହ୍ମପୁର,୬।୧୧(ସମିସ): ଗୋଲନ୍ଥରା ସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟରେ ଦୁଇଦିନିଆ ବୈଷୟିକ ଶିକ୍ଷା କର୍ମଶାଳା "ସଂକଳ୍ପ" ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ସୁକାନ୍ତ କିଶୋର ମହାପାତ୍ର, କୁଳପତି ଡ଼. ପ୍ରିୟଦର୍ଶନ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ କଗ୍ନିଜେଣ୍ଟ କମ୍ପାନୀର ଉପସଭାପତି ତଥା ଭୁବନେଶ୍ୱର କେନ୍ଦ୍ର ମୁଖ୍ୟ ସତୀଶ ପ୍ରଧାନ, ସମ୍ମାନୀତ ଅତିଥି ଭାବେ ଏମ୍ସ ଜାମ୍ମୁକାଶ୍ମୀରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ସଚ୍ଚିଦାନନ୍ଦ ମହାନ୍ତି ଯୋଗ ଦେଇଥିଲେ। ପରାମର୍ଶଦାତା ଅଧ୍ୟାପକ ପ୍ରଫେସର ସ୍ୱାଧୀନ ମିଶ୍ର, ମିଟୁ ବରାଳ, ଛାତ୍ର ସଭାପତି ଶୁଭମ ମିଶ୍ର, ଛାତ୍ର ସଚିବ ଫୈଜାନ ଅହମ୍ମଦ ଏବଂ କୋଷାଧ୍ୟକ୍ଷା ସୌମ୍ୟାଶ୍ରୀ ରଥ ମଞ୍ଚାସୀନ ଥିଲେ। ଏହି ଅବସରରେ ଏମ୍ସ ଜମ୍ମୁ ଏବଂ କାଶ୍ମୀରର ନିର୍ଦ୍ଦେଶକ ଡକ୍ଟର ସଚ୍ଚିଦାନନ୍ଦ ମହାନ୍ତି ଇଞ୍ଜିନିୟରିଂ ହେଉ କିମ୍ବା ମେଡ଼ିସିନ ସମାଜ ଲାଗି ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ନବସୃଜନ' ଉପରେ ଧ୍ୟାନ ଦେବାକୁ ଉତ୍ସାହିତ କରିଥିଲେ। କଗ୍ନିଜେଣ୍ଟ କମ୍ପାନୀର ଉପସଭାପତି ଶ୍ରୀ ପ୍ରଧାନ କହିଥିଲେ ଯେ, ଛାତ୍ରଛାତ୍ରୀମାନେ କେବଳ ମହାନ ମହତ୍ତ୍ୱାକାଂକ୍ଷା ପାଇଁ ଲକ୍ଷ୍ୟ ରଖିବା ଅପେକ୍ଷା ବାସ୍ତବ-ବିଶ୍ୱ ସମସ୍ୟାର ସମାଧାନ ପାଇଁ ନବସୃଜନଶୀଳ ଭାବରେ ଚିନ୍ତା କରିବାକୁ ଆହ୍ୱାନ କରିଥିଲେ। ଏ ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ବିଭିନ୍ନ କ୍ଲବ ତରଫରୁ ବୈଷୟିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନସିଏସ କ୍ଲବ, ଇଏଚସି କ୍ଲବ, ଏଡି, ଇନୋଭା, ୟୁରେକା, ଏନସିସି, ଏନଏସଏସ, ଏନସିସି, ଆରଇସି, ଏକ୍ସଏଲ, ମଲ୍ଟିମିଡିଆ, ଏନଏମଏସ, ଡ୍ୟାନ୍ସ, କେଟ, ଗୁଗୁଲ, ଫୋଟୋ ଫକ୍ସ, ମ୍ୟାନେଜେମେଣ୍ଟ, ମିଡିଆ ମୁଭେର କ୍ଲବ ପରି ବହୁ କ୍ଲବ ଅଂଶଗ୍ରହଣ କରିଥିଲେ।




ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରସିଦ୍ଧ ବଲିଉଡ୍ ଗାୟକ ଅମିତ ମିଶ୍ର, ଡିଜେ ରିକ୍ସ ସାମିଲ ହୋଇଥିଲେ। ଭାରପ୍ରାପ୍ତ କୁଳସଚିବ ଡ. ବିଷ୍ଣୁକର ନାୟକ, ଡ.ପ୍ରୀତି ରଞ୍ଜନ ସାହୁ, ଡ. ମାନବେନ୍ଦ୍ର ପାତ୍ର, ଡ଼. ସସ୍ମିତା ପାଢ଼ୀ, ପ୍ର ପୁର୍ଣ୍ଣେନ୍ଦୁ ମିଶ୍ର, ଡ. ହରିକୃଷ୍ଣ ଗନ୍ତାୟତ, ଡ଼. ବ୍ରଜ କିଶୋର ମିଶ୍ର, ଡ଼. ଗାୟତ୍ରୀ ପଣ୍ଡା, ଡ଼. ଚାରୁଲତା ପଲାଇ, ଡ଼. ବରାଦ ପ୍ରସାଦ ସେଠି, ଡ. ରତିକାନ୍ତ ନାୟକ, ଡ. ଆକାଂକ୍ଷା ପଟ୍ଟନାୟକ, ପ୍ର ଦୁର୍ଗା ମାଧବ ପାଢ଼ୀ, ପିତାମ୍ବର ସାହୁ, ପ୍ର ସରୋଜ ପାଢ଼ୀ, ସଂଜିତ ମହାନ୍ତି, ସୌମ୍ୟା ମୁଦୁଲି, ସନ୍ତୋଷ ନାୟକ, ପ୍ରଣୟ ରଥ, ସୁରେଶ ମହାପାତ୍ର, ସଚିନ୍ଦ୍ର ମହାପାତ୍ର, ଦିଲ୍ଲୀ ଡ଼ମ୍ବୁରୁ ରେଡ଼ି, ଚିନି ନରେଶ, ବାସୁଦେବ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

୬/୧୧/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୬୫,୮୮୦/- ସୁନା: ୪୮.୩୦୦ ଗ୍ରାମ୍ ରୁପା: ୬୬.୫୦୦ ଗ୍ରାମ୍





ଜିଲ୍ଲାସ୍ତରୀୟ ଛାୟା ସଂସଦ

# ସଂସଦୀୟ ଜ୍ଞାନ ଆହରଣ କଲେ ଛାତ୍ରଛାତ୍ରୀ




ପୁରୀ,୬।୧୧(ସମିସ): ସ୍ଥାନୀୟ ଟାଉନ୍ ହଲ୍‌ଠାରେ ପୁରୀ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ବିଦ୍ୟାଳୟମାନଙ୍କର "ମକ୍ ପାର୍ଲିଆମେଣ୍ଟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ପିଏମ୍‌ଶ୍ରୀ ବିଦ୍ୟାଳୟ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ସମୁଦାୟ ୧୭ଟି ଭିନ୍ନ ଭିନ୍ନ ବିଦ୍ୟାଳୟରୁ ମୋଟ୍ ୬୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସାଧୁବାଦ ଜଣାଇବା ସହ ଏପରି କାର୍ଯ୍ୟକ୍ରମ ବିଦ୍ୟାଳୟମାନଙ୍କରେ ଆୟୋଜିତ ହେଲେ ପିଲାମାନେ ପାର୍ଲିଆମେଣ୍ଟର ଆୟୋଜନ, ପରିଚାଳନା, କାର୍ଯ୍ୟକାରିତା ତଥା ସଂସଦ ଓ ବିଭାଗୀୟ ମନ୍ତ୍ରୀମାନଙ୍କ ଦେଶ ପାଇଁ ଅବଦାନ ସମ୍ପର୍କରେ ଉପଯୁକ୍ତ ଧାରଣା ପାଇ ଭବିଷ୍ୟତରେ ଦେଶ ଓ ଜାତି ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ ବୋଲି ମତପୋଷଣ କରିଥିଲେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ପିଲାମାନଙ୍କ ଅଭିନୟ ଓ କାର୍ଯ୍ୟକଳାପର ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା ଯୋଗଦେଇ ଏପରି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀ ନିଜକୁ ସଂଯତ ଓ ଶୃଙ୍ଖଳିତ କରିବା ସହ ସଂସଦୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଜ୍ଞାନ ଆହରଣ କରି ଦେଶ ପାଇଁ ନିଜକୁ ନିୟୋଜିତ କରିପାରିବେ ବୋଲି ମତପୋଷଣ କରିଥିଲେ। ଛାତ୍ରଛାତ୍ରୀମାନେ ପାର୍ଲିଆମେଣ୍ଟର ୩ଟି ଅଧିବେଶନ ଯଥା- ପ୍ରଶ୍ନକାଳ, ଶୂନ୍ୟକାଳ ଓ ବିଲ୍ ଆଗତ ସମ୍ପର୍କରେ ପ୍ରଶ୍ନୋତ୍ତର ଓ ତର୍ଜମା ମାଧ୍ୟମରେ ଅଭିନୟ ପ୍ରଦର୍ଶନ କରିଥିଲେ, ଯାହାକି ଅତ୍ୟନ୍ତ ପ୍ରଶଂସନୀୟ ଥିଲା। ଜୁରୀ ରୂପେ ସେବାନିବୃତ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା, କଳାକାର ଭରତ କୁମାର ନାୟକ, ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ରାୟଗୁରୁ ଓ ରାଜନୀତି ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ନିହାର ରଞ୍ଜନ ପଟ୍ଟନାୟକ ଯୋଗଦେଇ ସମୁଦାୟ ୬୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ରାଜ୍ୟସ୍ତର ପାଇଁ ମନୋନୀତ କରିଥିଲେ।

## ହୋଟେଲରୁ ପର୍ଯ୍ୟଟକଙ୍କ ମୃତଦେହ ଉଦ୍ଧାର

ପୁରୀ,୬।୧୧(ସମିସ): ହୋଟେଲ ରୁମ୍‌ରୁ ପର୍ଯ୍ୟଟକଙ୍କ ମୃତଦେହ ଜବତ କରିଛି ଟାଉନ୍ ଥାନା ପୁଲିସ। ତେବେ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଟାଉନ ଥାନା ଅନ୍ତର୍ଗତ ଖୁଣ୍ଟିଆ ସାହିରେ ଥିବା ରାଧାରାଣୀ ନିବାସ ନାମକ ଏକ ହୋଟେଲରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଉଛନ୍ତି ରାଉରକେଲା ନେତାଜୀ ନଗରର ଚିନ୍ମୟ ସାମଲ। ହୋଟେଲ ରୁମ୍‌ରେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିବା ପରେ ଏନେଇ ପୁଲିସକୁ ଖବର ଦିଆଯାଇଥିଲା। ଖବର ପାଇ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ଛାନ୍‌ଭିନ୍ ଆରମ୍ଭ କରିଥିବା ଜଣାପଡ଼ିଛି। ପୁଲିସ ଶବକୁ ବ୍ୟବଚ୍ଛେଦ ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟର ଶବ ବ୍ୟବଚ୍ଛେଦ ଗୃହକୁ ପଠାଇଛି। ତେବେ ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

**ପୁରୀ ବୁଲିବାକୁ ଆସିଥିବା ଜଣେ ପର୍ଯ୍ୟଟକଙ୍କ ଶବକୁ ଜବତ କରିଛି ପୁଲିସ**

ମିଳିଥିବା ସୂଚନା ଅନୁସାରେ, ବୁଧବାର ରାତିରେ ଚିନ୍ମୟ ତାଙ୍କର ଜଣେ ସାଙ୍ଗଙ୍କ ସହିତ ପୁରୀ ଆସି ଉକ୍ତ ହୋଟେଲରେ ରହିଥିଲେ। ତେବେ ଗୁରୁବାର ହୋଟେଲ ସଫେଇ କର୍ମଚାରୀ ରୁମ୍ ସଫା କରିବା ପାଇଁ ଗଲାବେଳେ ଚିନ୍ମୟଙ୍କ ମୃତଦେହ ମୁହଁ ମାଡ଼ି ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଘଟଣା ଦେଖିବା ପରେ ହୋଟେଲ ପକ୍ଷରୁ ଏନେଇ ପୁଲିସକୁ ଖବର ଦିଆଯାଇଥିଲା। ଖବର ପାଇ ଟାଉନ ଥାନା ଅଧିକାରୀ ହୋଟେଲରେ ପହଞ୍ଚି ତଦନ୍ତ ଆରମ୍ଭ କରୁଛନ୍ତି। ମୃତ ଚିନ୍ମୟ ସାମଲଙ୍କ ସହିତ ଆସିଥିବା ତାଙ୍କ ସାଙ୍ଗ ରୁମ୍‌ରେ ନ ଥିବାବେଳେ ତାଙ୍କୁ ପୁଲିସ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନାହିଁ। ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ।

## ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ଅନୁସରଣୀୟ

ପୁରୀ,୬।୧୧(ସମିସ): ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଅନ୍ତର୍ଗତ ଉଦ୍‌ବୋଧନୀ ଶାଖା ଦ୍ୱାରା ଶ୍ରୀସଦାଶିବ ପରିସରରେ ଏକ ବକ୍ତୃତା କାର୍ଯ୍ୟକ୍ରମ ପରିସରର ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସର୍ବଦର୍ଶନ ବିଭାଗର ପ୍ରାକ୍ତନ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ ବକ୍ତା ଭାବେ ଯୋଗଦେଇ ସ୍ୱାମିଜୀଙ୍କ ଦର୍ଶନ ଓ ଚିନ୍ତନ ବର୍ତ୍ତମାନ ଯୁବ ସମାଜର ଅନୁସରଣୀୟ। ରାଷ୍ଟ୍ରର ଉନ୍ନତି ପାଇଁ ପ୍ରତ୍ୟେକ ଯୁବକ ନିଜକୁ ବଳିଦାନ ଦେବାର ସମୟ ଆସିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ସନ୍ଦର୍ଭରେ ପ୍ରଫେସର ଅନୁପମା ପୃଷ୍ଟି, ପ୍ରଫେସର ନିର୍ମଳା ପାଣିଗ୍ରାହୀ, ପ୍ରଫେସର ଲଳିତ କୁମାର ସାହୁ ପ୍ରମୁଖ ସଂସଦର ଆଜୀବନ ସଦସ୍ୟ ବୃନ୍ଦ ଯଥା- ପ୍ରଫେସର ମହେଶ୍ୱର ଦାଶ, ପ୍ରଫେସର ବୃନ୍ଦାବନ ପାତ୍ର, ଡ. ମୀନାରାଣୀ ସାହୁ, ଡ. ହରପ୍ରିୟା ଦାଶ, ଡ. କମଳାକାନ୍ତ ମିଶ୍ର, ଡ. ଜ୍ୟୋତି ପ୍ରକାଶ ନନ୍ଦ, ଡ. ନନ୍ଦିଘୋଷ ମହାପାତ୍ର, ଡ. ପ୍ରଦୀପ କୁମାର ସାହୁ, ଡ. ସନ୍ଦୀପ ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ପ୍ରଫେସର ଲଳିତ କୁମାର ସାହୁ ଅଧ୍ୟକ୍ଷତା କରିଥିବାବେଳେ ଉଦ୍‌ବୋଧନୀର ଜିଲ୍ଲା ସମ୍ପାଦକ ପ୍ରଫେସର ବସନ୍ତ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଡ. ସନ୍ଦୀପ ଚାଟାର୍ଜୀ ସଭା ସଞ୍ଚାଳନ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଡ. ଜ୍ୟୋତି ପ୍ରକାଶ ନନ୍ଦ। ଏଥିରେ ଶାନ୍ତି ମନ୍ତ୍ର ପାଠ ତଥା ବନ୍ଦେ ମାତରମ୍‌ର ପବିତ୍ର ଧ୍ୱନି ଶୁଣିବାକୁ ମିଳିଥିଲା।

ଇଚ୍ଛାଶକ୍ତିର ଅଭାବ

# ଖଜାକୁ ପରିଚୟ ଦେବାରେ ପଛଘୁଞ୍ଚା

ପୁରୀ, ୬।୧୧ (ସମିସ): ଜିଆଇ (ଭୌଗୋଳିକ ସୂଚକାଙ୍କ) ମାନ୍ୟତା ହିଁ ଉତ୍ପାଦକୁ ସ୍ୱୀକୃତି ଦେଇଥାଏ। ଏହି ମାନ୍ୟତା ପାଇବା ପରେ ସମ୍ପୃକ୍ତ ଉତ୍ପାଦର ଚାହିଦା ଆହୁରି ବଢ଼ିବା ସହ ଏହା ଉପରେ ନିର୍ଭର କରୁଥିବା ବ୍ୟକ୍ତିବିଶେଷ ବି ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ଉପକୃତ ହୋଇଥା'ନ୍ତି। ହେଲେ ଜିଆଇ ମାନ୍ୟତା ପାଇଁ ଓଡ଼ିଶାର ବହୁ ଉତ୍ପାଦ ବା ସାମଗ୍ରୀ ହକ୍‌ଦାର ଥିଲେ ହେଁ ଏ କ୍ଷେତ୍ରରେ ଯେଉଁଭଳି ଭାବେ ଉଦ୍ୟମ ହେବା କଥା ତାହା ହେଉନାହିଁ। ହାତଗଣତି କିଛି ବ୍ୟକ୍ତି ଏଥିପାଇଁ ଉଦ୍ୟମ ଚଳାଇଛନ୍ତି। ଫଳରେ ଆମ ରାଜ୍ୟର ଅନେକ ଉତ୍ପାଦକୁ ପଛରେ ପକାଇ ଅନ୍ୟ ରାଜ୍ୟ ବାଜି ମାରି ନେଉଛନ୍ତି। ପୁରୀ ଖଜା ଏକ ବଳିଷ୍ଠ ଉଦାହରଣ। ଖଜା ଆମର ବୋଲି ଓଡ଼ିଆଙ୍କର ଯେଉଁ ହକ୍ ରହିଥିଲା ୭ ବର୍ଷ ହେଲାଣି ସେହି ହକ୍‌କୁ ଛଡ଼ାଇ ନେଇଛି ବିହାର। ବିହାରର ସିଲାଓ ଖଜାକୁ ୨୦୧୮ରୁ ମିଳିସାରିଛି ଜିଆଇ ମାନ୍ୟତା। ବିଡ଼ମ୍ବନା ହେଉଛି ସବୁ ତଥ୍ୟ ପ୍ରମାଣ ଥାଇ ମଧ୍ୟ ଇଚ୍ଛାଶକ୍ତିର ଅଭାବରୁ ପୁରୀ ଖଜାକୁ ଏଯାଏ ମାନ୍ୟତା ମିଳିନି। ଖଜାକୁ ନେଇ ନିଜର ପରିବାର ପ୍ରତିପୋଷଣ କରୁଥିବା ବ୍ୟକ୍ତି ହୁଅନ୍ତୁ ବା ସରକାରୀ ବାବୁ ଏ କ୍ଷେତ୍ରରେ ପଛଘୁଞ୍ଚା ଦେଉଛନ୍ତି। ଯେଉଁଭଳି ଭାବେ ସେମାନଙ୍କର ଉଦ୍ୟମ ରହିବା କଥା ତାହା ରହୁନାହିଁ। ଫଳରେ ପୁରୀ ଖଜା କେବଳ ସେହି କିଣାବିକାରେ ହିଁ ସୀମିତ ରହିଯାଇଛି। କେବେ ମିଳିବ ପୁରୀ ଖଜାକୁ ମାନ୍ୟତା ତାହା ପ୍ରତିଟି ଓଡ଼ିଆ ଓ ଜଗନ୍ନାଥପ୍ରେମୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଖଜା ଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ। ମହାପ୍ରଭୁଙ୍କ ଶୁଖିଲି ଭୋଗ ହିସାବରେ ଖଜା, ଗଜା, ଜଗନ୍ନାଥ ବଲ୍ଲଭ ଅତି ପ୍ରିୟ। ଠାକୁରଙ୍କ ଛପନ ଭୋଗ ମଧ୍ୟରେ ଖଜା ହେଉଛି ଅନ୍ୟତମ। କାହିଁ କେବେଠାରୁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଖଜା ଭୋଗ ଲାଗିଆସୁଛି। ପୁରୀରେ ହିଁ ଏହାର ଉତ୍ପତ୍ତି, ଯେଉଁଥିପାଇଁ ପୁରୀ ଖଜାର ସ୍ୱାତନ୍ତ୍ରତା ରହିଛି। ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଫେରିବା ବେଳେ ସାଥିରେ ଖଜାକୁ ହିଁ ନେଇ ଯାଇଥା'ନ୍ତି। ଆମ ଖଜା କେବଳ ଓଡ଼ିଶା ନୁହେଁ, ଭାରତର ବିଭିନ୍ନ ରାଜ୍ୟରେ ପ୍ରସିଦ୍ଧ। ବାହାରୁ ଆସୁଥିବା ଶ୍ରଦ୍ଧାଳୁଙ୍କର ଖଜା ପ୍ରତି ସ୍ୱତନ୍ତ୍ର ଆକର୍ଷଣ ରହିଛି। ହେଲେ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ବହୁ ପ୍ରାଚୀନ ପୁରୀ ଖଜାକୁ କିପରି ଜିଆଇ ମାନ୍ୟତା ମିଳିବ ସେ ଦିଗରେ ପ୍ରଚେଷ୍ଟା ହୋଇନି। ଖଜା ବ୍ୟବସାୟକୁ କୌଳିକ ବୃତ୍ତି ଭାବେ ଆପଣାଇଥିବା ବ୍ୟବସାୟୀ ନା ଅନ୍ୟ କେହି ବି ଉଦ୍ୟମ କରିନାହାନ୍ତି। କୌଣସି ଉତ୍ପାଦର ଜିଆଇ ମାନ୍ୟତା ପାଇଁ ଉପଯୁକ୍ତ ତଥ୍ୟ ପ୍ରମାଣ ସହ ଆବେଦନ କରିବାକୁ ପଡ଼ିଥାଏ। ଏଥିଲାଗି ସମ୍ପୃକ୍ତ ଉତ୍ପାଦ ଉପରେ ନିର୍ଭର କରୁଥିବା ବ୍ୟକ୍ତି



ପ୍ରଥମେ ଆଗେଇ ଆସିବା ଦରକାର। ୨୦୧୮ରେ ପୁରୀ ଖଜାକୁ ଜିଆଇ ମାନ୍ୟତା ପାଇଁ ଅଳ୍ପ ସମୟ ଲାଗି ସ୍ୱର ଉଠିଥିଲା। ସେହି ସମୟରେ ବିହାର ନାଳନ୍ଦା ଜିଲ୍ଲାର ସିଲାଓ ଖଜାକୁ ମିଳିଥିଲା ଜିଆଇ ମାନ୍ୟତା। ସେମାନେ ୨୦୧୭ରେ ଆବେଦନ କରିଥିବାବେଳେ ତାଙ୍କୁ ୨୦୧୮ ଅଗଷ୍ଟ ମାସରେ ମାନ୍ୟତା ମିଳିଥିଲା। ସେହିପରି ଗୋଆର ଖାଜେକୁ ମଧ୍ୟ ଏହି ମାନ୍ୟତା ମିଳିଛି। ସେମାନେ ୨୦୧୯ ଜୁଲାଇରେ ଆବେଦନ କରିଥିବାବେଳେ ଠିକ୍ ବର୍ଷକ ପରେ ୨୦୨୦ ଜୁଲାଇରେ ଜିଆଇ ମାନ୍ୟତା ପାଇଥିଲେ। ଏଠାରେ ପ୍ରଶ୍ନ ଉଠୁଛି ଉଭୟ ବିହାରର ସିଲାଓ ଖଜା ଓ ଗୋଆର ଖାଜେଠାରୁ ପୁରୀ ଖଜା ବହୁ ପୁରୁଣା। ହେଲେ ଏହାକୁ ଜିଆଇ ମାନ୍ୟତା ପାଇଁ କେହି କାହିଁକି ଉଦ୍ୟମ କରୁନାହାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୁରୀରେ ଶହ ଶହ ସଂଖ୍ୟାରେ ଖଜା ବ୍ୟବସାୟୀ ରହିଛନ୍ତି। ଏହି ବ୍ୟବସାୟ ଉପରେ ହଜାର ହଜାର ପରିବାର ନିର୍ଭର କରୁଛନ୍ତି। ହେଲେ କେହି ଏହାର ମାନ୍ୟତା ପାଇଁ ଆଗ୍ରହ ଦେଖାଉ ନାହାନ୍ତି। ସରକାରୀସ୍ତରରେ ବି ଯେଉଁଭଳି ପ୍ରୟାସ ହେବା କଥା ତାହା ହୋଇନାହିଁ।

ପୂର୍ବରୁ ମଧ୍ୟ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ପୁରୀ ଖଜା ଶିଳ୍ପର ସମସ୍ତ ଉଦ୍ୟୋଗୀଙ୍କୁ ନେଇ ଏକ ଶିଳ୍ପପୁଞ୍ଜ (କ୍ଲଷ୍ଟର) ଗଠନ ନିଷ୍ପତ୍ତି ହୋଇଥିଲା। ଏଥିସହ ଖଜାର ପ୍ରସ୍ତୁତି ପ୍ରଣାଳୀକୁ ଭୌଗୋଳିକ ସୂଚକାଙ୍କ ଅଧିନିୟମ ୧୯୯୯ ଅନୁଯାୟୀ ପଞ୍ଜୀକରଣ କରାଗଲେ ପୁରୀ ଖଜାର ପ୍ରସ୍ତୁତି ପ୍ରଣାଳୀକୁ କେହି ନକଲ କରିପାରିବେ ନାହିଁ ବୋଲି ସହମତି ପ୍ରକାଶ ପାଇଥିଲା। ହେଲେ ସେହି ନିଷ୍ପତ୍ତି କେବଳ ନିଷ୍ପତ୍ତିରେ ହିଁ ରହିଯାଇଛି। ଏ ପର୍ଯ୍ୟନ୍ତ ପୁରୀ ଖଜାକୁ ତା' ସ୍ୱାତନ୍ତ୍ରତାର ସ୍ୱୀକୃତି ମିଳିପାରିନାହିଁ। ପୁରୀକୁ ଭକ୍ତ, ପର୍ଯ୍ୟଟକ ଆସୁଛନ୍ତି। ଘରକୁ ଫେରିବାବେଳେ ଖଜା କିଣି ନେଉଛନ୍ତି। ବ୍ୟବସାୟୀ ବି ଦି ପଇସା ଲାଭ କରିବା ପରେ ଅଧିକ କିଛି ଆଶା କରୁନାହିଁ। ଏହାରି ଭିତରେ ପୁରୀ ଖଜା କେବଳ ସେହି କିଣାବିକାରେ ହିଁ ସୀମିତ ରହିଯାଇଛି।



ସମୁଦ୍ରରୁ ମତ୍ସ୍ୟଜୀବୀମାନେ ମାଛ ମାରି ଫେରୁଛନ୍ତି

## ମାନସଙ୍କ ସ୍ୟାଣ୍ଡ ଆନିମେସନରେ 'ବନ୍ଦେ ମାତରମ୍'

ପୁରୀ,୬।୧୧(ସମିସ): ଭାରତର ପ୍ରସିଦ୍ଧ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ଦେଶପ୍ରୀତି ସଙ୍ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ବାଲୁକା ଆନିମେସନ୍ ପ୍ରସ୍ତୁତ କରିଛନ୍ତି। ଏହି ଆନିମେସନରେ ମାନସ ସୁନ୍ଦର ଭାବେ 'ବନ୍ଦେ ମାତରମ୍' ଗୀତର ଯାତ୍ରାକୁ ଚିତ୍ରିତ କରିଛନ୍ତି। ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଏହି ଅମର ଗୀତ କିପରି ଭାରତୀୟ ସ୍ୱାଧୀନତା ଆନ୍ଦୋଳନକୁ ପ୍ରେରିତ କଲା ତାହା ଏହି କଳାକୃତିରେ ସ୍ପଷ୍ଟ ଭାବେ ଦେଖାଇଛନ୍ତି। ଏହି ସୃଜନ ହେଉଛି ଚଟ୍ଟୋପାଧ୍ୟାୟଙ୍କ ପ୍ରତି ତାଙ୍କ ଅମରକୃତିକୁ ଏକ ଶ୍ରଦ୍ଧାଞ୍ଜଳି। ୨ ମିନିଟ୍ ୩୦ ସେକେଣ୍ଡର ଏହି ବାଲୁକା ଆନିମେସନ ମାନସ ତାଙ୍କ ପୁରୀସ୍ଥିତ ସ୍ୟାଣ୍ଡ ଆନିମେସନ୍ ଷ୍ଟୁଡିଓରେ ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ତାଙ୍କୁ ଦୁଇ ଦିନ ସମୟ ଲାଗିଥିଲା। ଏହି ସୃଜନଶୀଳ ପ୍ରୟାସ ମାଧ୍ୟମରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଶିଳ୍ପୀ ମାନସ ପୁନର୍ବାର ତାଙ୍କ ଶିଳ୍ପୀୟ ପାରଦର୍ଶିତା ଓ ଭାରତର ସମୃଦ୍ଧ ସାଂସ୍କୃତିକ ଓ ଦେଶ ଭକ୍ତିମୟ ଐତିହ୍ୟ ପ୍ରତି ଗଭୀର ଶ୍ରଦ୍ଧା ଦେଖାଇଛନ୍ତି।

## ଶ୍ରୀମଦ୍ ଭଗବତ ସପ୍ତାହ ଓ କଥାମୃତ ଉଦ୍‌ଯାପିତ

ପୁରୀ,୬।୧୧(ସମିସ): କପିଳେଶ୍ୱରପୁର ନିକଟସ୍ଥ ମଠକାଙ୍କୁଡ଼ାଠାରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପବିତ୍ର ପାଦୁକା ପୀଠରେ ଗୋଷ୍ଠାଷ୍ଟମୀଠାରୁ ରାସ ପୂର୍ଣ୍ଣିମା ପର୍ଯ୍ୟନ୍ତ ଆୟୋଜିତ ବାର୍ଷିକ ଶ୍ରୀମଦ୍ ଭଗବତ ସପ୍ତାହ ଓ କଥାମୃତ ମହୋତ୍ସବ ସାତଦିନ ବ୍ୟାପୀ ଭାଗବତ ପାଠ, ପ୍ରବଚନ ଓ ଲୀଳା ଅଭିନୟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଆ ଭାଗବତକାର ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପାଦୁକା ପୀଠର ସଭାପତି ବାଳକୃଷ୍ଣ ରାଉତ ଉଦ୍‌ଯାପନୀ ସନ୍ଧ୍ୟାରେ ସଭାପତିତ୍ୱ କରିଥିଲେ। ଶେଷ ଦିବସରେ ଲୀଳା ଅଭିନୟ ଥିଲା ରାଜା ପରୀକ୍ଷିତଙ୍କ ମୁକ୍ତି ତଥା ମୋକ୍ଷ ଲାଭ କଥା। ଏହି ଲୀଳାକୁ ଗୁରୁ ଅନନ୍ତ ବେହେରା ଗ୍ରାମର କଳାକାରମାନଙ୍କୁ ନେଇ ବଡ଼ ସୁନ୍ଦର ଅଭିନୟ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଗୁରୁ ନୀଳାମ୍ବର ତ୍ରିପାଠୀ ତାଙ୍କ ସାଥୀମାନଙ୍କ ସହ ପୁରାତନ ରଚନାରୁ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ମଞ୍ଚରେ ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ, କବି ଜାନକୀ ବଲ୍ଲଭ ଦାଶ, ବନଖଣ୍ଡ ବିଭାଗର କର୍ମଚାରୀ ଦୀନବନ୍ଧୁ ବାରିକ, ପ୍ରିୟପତ୍ରର ସମ୍ପାଦକ ବିପିନ ବିହାରୀ ଦଳାଇ ଏବଂ କାଉନ୍‌ସିଲର ସୁପ୍ରିୟା ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଯଜ୍ଞରେ ପୂର୍ଣ୍ଣାହୁତି ପରେ କଳସ ବିସର୍ଜନ ଶୋଭାଯାତ୍ରା ବାହାରିଥିଲା। ସନ୍ଧ୍ୟାରେ ମଞ୍ଚ ବନ୍ଦାପନା କରାଯାଇଥିଲା। ଯୁବକ ସଂଘର ସ୍ୱେଚ୍ଛାସେବୀ ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସଭା ପରିଚାଳନା କରିଥିଲେ ସମ୍ପାଦକ ପ୍ରଭାକର ସାହୁ ଏବଂ ପ୍ରଶାନ୍ତ ତ୍ରିପାଠୀ।

## ସୋସିଆଲ ମିଡିଆରେ ଭାଇଗିରି ଭାଇରାଲ୍

ପୁରୀ,୬।୧୧(ସମିସ): ସୋସିଆଲ ମିଡିଆରେ ଭାଇରାଲ ହୋଇଛି ଭାଇଗିରି। ଖୁଲମ୍‌ଖୁଲା ମାଡ଼ମାରି ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ କରୁଛନ୍ତି ଅସାମାଜିକ ଯୁବଗୋଷ୍ଠୀ। ଭିଡିଓରେ କିଛି ଯୁବକ ଆଉ କିଛି ଯୁବକଙ୍କୁ ନିଷ୍ଠୁର ମାଡ଼ ମାରୁଥିବା ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ ମାଡ଼ ମରାଯିବା ଭିଜୁଆଲ୍‌କୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରାଯାଉଛି। ଆଉ ଏକ ଭିଡିଓରେ ୨/୩ ଜଣ ମିଶି ଜଣଙ୍କୁ ମାଡ଼ ମାରୁଛନ୍ତି ଓ ଜଣେ ଯୁବକ ମାରଣାସ୍ତ୍ର ଧରି ଆଉ ଜଣଙ୍କୁ ଆକ୍ରମଣ କରୁଛନ୍ତି। ଗୋଇଠା, ଚାପୁଡ଼ା ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ସେହିପରି ଆଉ ଏକ ଭିଡିଓରେ କିଛି ଯୁବକ ପୁରୀ ନୀଳାଦ୍ରି ପାର୍କରେ ଦୁଇଜଣ ଯୁବକଙ୍କୁ ନିର୍ଘୁମ୍ ମାଡ଼ ମାରିବା ସହ କିଛି ଯୁବତୀଙ୍କ ସମ୍ମୁଖରେ କାନଧରି ଦୁଇ ଯୁବକଙ୍କୁ ଆଣ୍ଠେଇବାକୁ କହୁଛନ୍ତି। ଦୁଇ ଯୁବତୀଙ୍କ ସାମ୍ନାରେ ଦୁଇ ଯୁବକ ତଳେ ଆଣ୍ଠୁଆ ବସିଥିବାବେଳେ ସେମାନଙ୍କୁ ମଧ୍ୟ ମାଡ଼ ମରାଯାଉଛି ଓ ଯୁବତୀଦ୍ୱୟ ମଧ୍ୟ ଏହାକୁ ଦେଖୁଛନ୍ତି। ତେବେ କମେଣ୍ଟମରାକୁ ନେଇ କିଛି ଯୁବକ ଦୁଇ ଯୁବକଙ୍କୁ ମାଡ଼ମାରି ଆଣ୍ଠେଉଛନ୍ତି ନା ଘଟଣା ଆଉକିଛି ତାହା ସ୍ପଷ୍ଟ ହୋଇନାହିଁ। ଭାଇଗିରି ଦେଖାଇବାକୁ ଯାଇ ଏଭଳି ମାଡ଼ମରା ଭିଡିଓ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରାଯାଉଥିବା ଅନୁମାନ କରାଯାଉଛି। ତେବେ ତୁରନ୍ତ ପୁରୀ ପୁଲିସ ଏହାର ତଦନ୍ତ କରିବାକୁ ଦାବି ହେଉଛି।

## ଓଡ଼ିଶା ଧ୍ୟାନ ମହାଯଜ୍ଞ ଉଦ୍‌ଯାପିତ

ପୁରୀ,୬।୧୧(ସମିସ): 'ଧ୍ୟାନଯୋଗ ଟ୍ରଷ୍ଟ' ପକ୍ଷରୁ ପୌର ସଦନଠାରେ ଆୟୋଜିତ ତ୍ରିଦିବସୀୟ ଓଡ଼ିଶା ଧ୍ୟାନ ମହାଯଜ୍ଞ-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ସିଦ୍ଧ ମହାବୀର ସଙ୍ଗୀତ ପରିଷଦ ପକ୍ଷରୁ ଶ୍ରୀଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ରଚନାରୁ




ଗୁରୁ ସତ୍ୟପ୍ରିୟ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଶ୍ରୀଶ୍ରୀ ଜଗନ୍ନାଥାଷ୍ଟକମ୍ ସମବେତ କଣ୍ଠରେ ପରିବେଷଣ କରାଯାଇଥିଲା। ଏଥିସହ ଲିଙ୍ଗରାଜ କଳାନିକେତନ ଅନୁଷ୍ଠାନ ପକ୍ଷରୁ ନୃତ୍ୟାଚାର୍ଯ୍ୟ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ମାର୍ଗଦର୍ଶନରେ ଓଡ଼ିଶୀ 'ଦଶାବତାର' ଗୁରୁ ମନୋଜ କୁମାର ପ୍ରଧାନ ଏବଂ ଗୁରୁ ଜଗନ୍ନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ପରିବେଷିତ ହୋଇ ଉପସ୍ଥିତ କଳାପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମକୁ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଏହି ଆଧ୍ୟାତ୍ମିକ ସମାରୋହରେ ବିଶିଷ୍ଟ ଧ୍ୟାନୀ ତଥା ପରିବେଶବିତ୍ ପରିଣିତା ପତ୍ରୀ, ବ୍ରହ୍ମଶ୍ରୀ ପ୍ରେମନାଥ ଜୀ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର, ମାଧବୀ ଧାତ୍ରିକା, ଦେବଯାନୀ ଗିରି, ଅଭିପ୍ସା ଦାଶ, ଅନିନ୍ଦିତା ପୂଜାରୀ, ତାପସ ଦାସ ମହାପାତ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏଥିସହିତ କାର୍ଯ୍ୟକ୍ରମର ସଞ୍ଚାଳକ ଓ ଗୁରୁମାନଙ୍କୁ ଉତ୍ତରୀୟ ଏବଂ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିରଞ୍ଚି ନାରାୟଣ ସାମଲଙ୍କ ଦ୍ୱାରା ସମ୍ପାଦିତ ଦ୍ୱିମାସିକ ଆଧ୍ୟାତ୍ମିକ ପତ୍ରିକା 'ଧ୍ୟାନ ଯୋଗ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଧ୍ୟାନଯୋଗ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଇପ୍‌ସିତା ପୂଜାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଦେଶ ବିଦେଶରୁ ବହୁ ଧ୍ୟାନୀ ପ୍ରତିନିଧି ଉପସ୍ଥିତ ଥିଲେ।

**ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ**

ଜୟନ୍ତୀ ଓ ପୁଣ୍ୟତିଥିରେ ଅତିଥିଙ୍କ ସ୍ମୃତି ବନ୍ଦନା

# ଆଦିକବି ଓ ପଣ୍ଡିତ ନୀଳକଣ୍ଠ ଚିରସ୍ମରଣୀୟ

ପୁରୀ,୬।୧୧(ସମିସ): ନୀଳକଣ୍ଠଙ୍କ ପତିତପାବନ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସର୍ବୋଦୟ ନଗର ସାଇ ମନ୍ଦିର ସନ୍ନିକଟ ଶଙ୍କର ଭବନରେ ଆଦିକବି ସାରଳା ଦାସଙ୍କ ଜୟନ୍ତୀ ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୫୮ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ କବି, ରାଜିନୀତିଜ୍ଞ ତଥା ସମାଜସେବୀ ଶଙ୍କର ପରିଡ଼ାଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇ ସ୍ମୃତିଚାରଣ କରାଯାଇଥିଲା। ଏହି ସଭାରେ ପତିତପାବନ ସାହିତ୍ୟ ସଂସଦର ସଭାପତି ପ୍ରାଧ୍ୟାପକ ଡ. ବଳରାମ ଦାଶ ଅଧ୍ୟକ୍ଷତା କରି କହିଲେ ସାରଳା ଦାସ ଥିଲେ ଓଡ଼ିଆ ଜାତିର ଚିରସ୍ମରଣୀୟ। ଓଡ଼ିଆ ମହାଭାରତ, ବିଲଙ୍କା ରାମାୟଣ, ଲକ୍ଷ୍ମୀନାରାୟଣ ବଚନିକା ଓ ଚଣ୍ଡୀ ପୁରାଣ ଲେଖି ଓଡ଼ିଆ ସାହିତ୍ୟ ଜଗତକୁ ସମୃଦ୍ଧ କରିଛନ୍ତି। ପଣ୍ଡିତ ନୀଳକଣ୍ଠ ମଧ୍ୟ କୋଣାର୍କ କାବ୍ୟ ଦାସ ନାୟକ ଓ ଅନ୍ୟାନ୍ୟ




କାବ୍ୟ ରଚନା କରି ଓଡ଼ିଆ ସାହିତ୍ୟରେ ଚହଳ ସୃଷ୍ଟି କରି ଯଶସ୍ୱୀ ହୋଇଛନ୍ତି।

ମୁଖ୍ୟଅତିଥି ରୂପେ ଏସ୍‌ସିଏସ୍ କଲେଜର ପୂର୍ବତନ ଉପାଧ୍ୟକ୍ଷ ପ୍ରଫେସର ଡ. ଶଙ୍କର୍ଷଣ ଦାଶ କହିଲେ, ଉଭୟ ସାହିତ୍ୟିକ ପଣ୍ଡିତ ନୀଳକଣ୍ଠ ଓ ଆଦିକବି ସାରଳା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଜଗତକୁ ସାରସ୍ୱତ କୃତୀ ମାଧ୍ୟମରେ ସମୃଦ୍ଧ କରିଛନ୍ତି। ଏଥିସହ ଓଡ଼ିଆ ସାହିତ୍ୟର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ମୁଖ୍ୟବକ୍ତା ଭାବେ ଇଂ. ଗିରିଜା ଶଙ୍କର ପାଢ଼ୀ ଯୋଗଦେଇ କହିଲେ, ସତ୍ୟବାଦୀ ବନ ବିଦ୍ୟାଳୟ ଥିଲା ନୀଳକଣ୍ଠଙ୍କ ସାଧନାର ପୀଠ। ଓଡ଼ିଆ ଭାଷାର ପ୍ରଚାରପ୍ରସାର ପାଇଁ ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ପୁସ୍ତକ ଲେଖି ସ୍ମରଣୀୟ ହୋଇରହିଛନ୍ତି। ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ଡ. କମଳାକାନ୍ତ ମିଶ୍ର, ଡ. ସ୍ମିତା ଦାସ, ସମାଜସେବୀ ବାସୁଦେବ ସାହୁ, ଇଂ. ମୀନକେତନ ମିଶ୍ର ଯୋଗଦେଇ କବି ସାରଳା ଦାସଙ୍କ ରଚିତ କୃତୀ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରି ଓଡ଼ିଆ ସାହିତ୍ୟର ବିକାଶରେ ଉଭୟେ ପ୍ରମୁଖ ବିଦ୍ଧାଣି ବୋଲି ପ୍ରତିପାଦନ କରିଥିଲେ। ଧନ୍ୟବାଦ ଦେଇଥିଲେ ସମ୍ପାଦକ ଆଧ୍ୟାପକ ପଣ୍ଡିତ ଦୟାନିଧି ପଣ୍ଡା। ଅନ୍ୟମାନଙ୍କ ମଧ୍ୟରେ ଡ. ଶଶୀକାନ୍ତ ରଥ, ରମେଶ ପ୍ରସାଦ ସିଂ, ଅନ୍ନପୂର୍ଣ୍ଣା ରଥ, ଗୌରୀ ଦେବୀ, ପୂର୍ଣ୍ଣ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ୧୧ କେଭି ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଅସ୍ତରଙ୍ଗ,୬।୧୧(ସମିସ): ଅସ୍ତରଙ୍ଗ ବ୍ଲକ୍ ଝାଡ଼ଲିଙ୍ଗ ପଞ୍ଚାୟତ ବାହୁଡିଆ ଗ୍ରାମରେ ଗୁରୁବାର ସକାଳୁ ଘଟିଛି ଏକ ଅଭାବନୀୟ ଘଟଣା। ଜଣେ ୨୨ ବର୍ଷୀୟ ଯୁବକ ସନ୍ଦୀପ ନାୟକ ଘର ସାମ୍ନାରେ ଥିବା ଏକ ଚାକୁଣ୍ଡା ଗଛରୁ ଶୁଖିଲା ଡାଳ ଭାଙ୍ଗୁଥିବାବେଳେ ନିକଟରେ ଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଅସ୍ତରଙ୍ଗ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।



ସୂଚନା ମୁତାବକ, ସନ୍ଦୀପ ଡ୍ରାଇଭର ଭାବେ ବାହାରେ କାମ କରୁଥିଲେ। ତାଙ୍କ ବାପା ସ୍ୱାଧୀନ ନାୟକ ଜଣେ ରାଜମିସ୍ତ୍ରି। ସନ୍ଦୀପଙ୍କ ଆଉ ଏକ ଭାଇର ଛୋଟବେଳୁ ମୃତ୍ୟୁ ହୋଇଯାଇଛି। ବର୍ତ୍ତମାନ ପରିବାରରେ ସନ୍ଦୀପ, ତାଙ୍କ ସାନ ଭଉଣୀ, ବାପା-ମାଆ ଥିଲେ। କିନ୍ତୁ ଆଜି ସନ୍ଦୀପଙ୍କ ମୃତ୍ୟୁ ପରିବାରେ ଶୋକର ଛାୟା ଖେଳାଇ ଦେଇଛି। ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଅଭିଯୋଗ କରିବା ପରେ ଗଛ ଡାଳ ସଫେଇ ହୋଇ ନ ଥିଲା। ଗୁରୁବାର ସକାଳୁ ସେ ନିଜେ ଘର ସାମ୍ନାରେ ଥିବା ଚାକୁଣ୍ଡା ଡାଳ ସଫେଇ କରୁଥିବାବେଳେ ଏହି ଦୁର୍ଘଟଣାର ଶିକାର ହୋଇଛନ୍ତି। ତାଙ୍କ ପାର୍ଥିବ ଶରୀର ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ବିଦ୍ୟୁତ୍ ବିଭାଗ ପକ୍ଷରୁ କ୍ଷତିପୂରଣ ଦାବି କରିଛନ୍ତି ସମ୍ପର୍କୀୟ ଓ ଅଞ୍ଚଳବାସୀ।

# ଦେଉଳସାହିରେ କାର୍ତ୍ତିକେଶ୍ୱର ପୂଜା



ଓଳାଭର, ୬।୧୧(ସମିସ): ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭର ପଞ୍ଚାୟତ ଦେଉଳସାହି ଗ୍ରାମରେ ବାବା କାର୍ତ୍ତିକେଶ୍ୱର ପୂଜା ୧୭ ବର୍ଷରେ ଉପନୀତ ହୋଇଛି। ୪ ତାରିଖରେ ଆରମ୍ଭ ହୋଇଥିବା ଏହି ପୂଜା ଆସନ୍ତାକାଲି ଶେଷ ହେବ। ଏହି ପୂଜାରେ ସସ୍ତ୍ରୀକ ପୀତମ୍ବର ନାଥ, ସାବିତ୍ରୀ ନାଥ ସଂକଳ୍ପ କରୁଛନ୍ତି। ପଣ୍ଡିତ ଚକ୍ରଧର ପଣ୍ଡା, ଅଞ୍ଜନ ପଣ୍ଡା ପୂଜକ ଅଛନ୍ତି। ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବାବେଳେ ବାବା କାର୍ତ୍ତିକେଶ୍ୱର ପୂଜା କମିଟି କର୍ମକର୍ତ୍ତା ଓ ଗ୍ରାମବାସୀ ପୂଜାକୁ ପରିଚାଳନା କରୁଛନ୍ତି।

# ୧୨ରୁ ରାଜସ୍ୱ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡ଼ା,୬।୧୧(ସମିସ): ଜିଲ୍ଲାରେ ପ୍ରଥମ ଥରପାଇଁ ଆରମ୍ଭ ହେବାକୁ ଯାଉଛି ରାଜସ୍ୱ ସଂକ୍ରାନ୍ତ ଅଭିଯୋଗ ଶୁଣାଣି ଶିବିର। କୌଣସି ବ୍ୟକ୍ତିଙ୍କ ଜମିଜମା କିମ୍ବା ଅନ୍ୟକୌଣସି ତହସିଲ ବା ରାଜସ୍ୱ ସଂକ୍ରାନ୍ତୀୟ ଅଭିଯୋଗ ଥାଏ, ତେବେ ନିର୍ଦ୍ଧାରିତ ଦିନ ଆସି ନିଜ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ ଦାଖଲ କରିପାରିବେ ବୋଲି ଜିଲ୍ଲାପାଳ କହିଛନ୍ତି। ଏହି ଅଭିଯୋଗ ଶିବିରରେ ନିଜେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ। ଆସନ୍ତା ୧୨ ତାରିଖରେ ରାଜନଗର ତହସିଲ କାର୍ଯ୍ୟାଳୟ, ୧୩ରେ କେନ୍ଦ୍ରାପଡ଼ା ତହସିଲ କାର୍ଯ୍ୟାଳୟ, ୧୪ରେ ଗରଦପୁର, ୧୫ରେ ଆଳି, ୧୮ ରେ ଡେରାବିଶ, ୧୯ ରେ କନିକା ତହସିଲ କାର୍ଯ୍ୟାଳୟ, ୨୦ରେ ପଟ୍ଟାମୁଣ୍ଡାଇ ତହସିଲ, ୨୬ରେ ମହାକାଳପଡ଼ା ତହସିଲ ଓ ୨୮ ରେ ମାର୍ଶାଘାଇ ତହସିଲଦାର କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ ଘଟିକାରୁ ୧ ଘଟିକା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

# ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ତାଲିମ ଶିବିର ଉଦ୍‌ଘାଟିତ




ଡେରାବିଶ,୬।୧୧(ସମିସ): ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ଆଜି ଓଡ଼ିଶା ଯୁବ ରେଡ୍‌କ୍ରସ ଆନୁକୂଲ୍ୟରେ ଆୟୋଜିତ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ସଭାରେ ଅଧ୍ୟକ୍ଷ ଅକ୍ଷୟ ବଳ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଯୁବ ରେଡ୍‌କ୍ରସର ରାଜ୍ୟ କାର୍ଯ୍ୟକାରୀ ଅଧିକାରୀ ଗୋପାଳ ମିଶ୍ର ଯୋଗଦେଇ ଶିବିରାର୍ଥୀଙ୍କୁ ବିପର୍ଯ୍ୟୟର ପୂର୍ବ ପ୍ରସ୍ତୁତି ଓ ସଚେତନ ରହିବାର କୌଶଳ ସମ୍ପର୍କରେ କହିଥିଲେ। ଜିଲ୍ଲା କାର୍ଯ୍ୟକାରୀ ଅଧିକାରୀ ରତ୍ନାକର ସେଠୀ ଓ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ସାନ୍ତନୁ ଜେନା, ଜିଲ୍ଲା ସଂଯୋଜକ ବିକାଶ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଚାନ୍ଦୋଳ କଲେଜ ଯୁବ ରେଡ୍‌କ୍ରସର କାର୍ଯ୍ୟକାରୀ ଅଧିକାରୀ ଅଧ୍ୟାପକ ପ୍ରଭାକର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୫୮ଟି ମହାବିଦ୍ୟାଳୟରୁ ଯୁବ ରେଡ୍‌କ୍ରସର ସ୍ୱେଚ୍ଛାସେବୀ ଓ ସଂଯୋଜକ ଯୋଗ ଦେଇଛନ୍ତି। ମହାବିଦ୍ୟାଳୟର ଅନ୍ୟତମ କାର୍ଯ୍ୟକାରୀ ଅଧିକାରିଣୀ ସୁକନ୍ୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପକ ବିନୟ ଷଡ଼ଙ୍ଗୀ, ସଂଜୟ ନାୟକ, ରମାକାନ୍ତ ଦାସ, ସୌଭାଗ୍ୟ ପ୍ରଧାନ, ଶଶୀଭୂଷଣ ଜେନା, ବରଦା ଜେନା, ଦେବାଶିଷ ମହନ୍ତ, ପ୍ରତାପ ଜେନା, ବିଶ୍ୱରଞ୍ଜନ ମିଶ୍ର, ଅଧ୍ୟାପିକା ଶ୍ରୀମତୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୩ ହଜାର ଲିଟର ପୋଡ଼ା ମୋବିଲ ଜବତ; ବେପାରୀ ଅଟକ

ପଞ୍ଚୁପାଣ୍ଡବ,୬।୧୧(ସମିସ): ଡେରାବିଶ ଥାନା ଅଧୀନସ୍ଥ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରୁ ୩ ହଜାର ଲିଟର ପୋଡ଼ା ମୋବିଲ ଜବତ ହୋଇଥିବାବେଳେ ବେପାରୀକୁ ଅଟକ ରଖାଯାଇଛି। ବଜାର ଗ୍ରାମର ମୀନକେତନ ନାଥଶର୍ମାଙ୍କ ପୁଅ ରଘୁନାଥ ଶର୍ମା ଦୀର୍ଘଦିନ ଧରି ଏହି ବେପାର କରୁଥିଲେ। ଏ ଖବର ପାଇ ନିକିରାଇ ଥାନା ଆଇଆଇସି ପଦ୍ମାଳୟା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ସୁଜିତ ପାତ୍ର, କନଷ୍ଟେବଳ ଜିତେନ୍ଦ୍ର ଦାସ ଓ ହାବିଲଦାର ବସନ୍ତ ବେହେରା ଘଟଣାସ୍ଥଳରେ ପହଞ୍ଚି ପୋଡ଼ା ମୋବିଲ ଜବତ କରି ଥାନାକୁ ନେଇଥିବା ଜଣାପଡ଼ିଛି।

# ଶୁଦ୍ଧିକ୍ରିୟା ପାଇଁ ସହାୟତା



ମହାକାଳପଡ଼ା,୬।୧୧(ସମିସ): ମହାକାଳପଡ଼ା ବ୍ଲକ୍ ବାରଡାଙ୍ଗ ପଞ୍ଚାୟତ ଭିତରସୋବଳା ଗ୍ରାମର ସନ୍ନ୍ୟାସୀ ମଲ୍ଲିକଙ୍କ ୮ ଦିନ ପୂର୍ବେ ଅକାଳ ବିୟୋଗ ଘଟିଥିଲା। ଶୁଦ୍ଧିକ୍ରିୟା ପାଇଁ ପରିବାର ନିକଟରେ ଅର୍ଥର ଅଭାବ ଥିବା ଅନୁଭବ କରି ସୋବଳା ଗ୍ରାମର ସ୍ୱେଚ୍ଛାସେବୀ ସଂଗଠନ ସଦାଶିବ ହେଲ୍‌ପ ଫାଉଣ୍ଡେସନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସଂଗଠନ ପକ୍ଷରୁ ତପନ ରାଉଳ, ବିପିନ ପଳାଇ, ପାପୁନା ଦାସ, ନଳେଜ ବାରିକ, ବିକ୍ରମ ପାତ୍ର, ସାଗର ଚୌଧୁରୀ, ନିରଞ୍ଜନ ରାଉତ, ନିଲ ଚୌଧୁରୀ, ଗୌତମ ସାମଲ ପ୍ରମୁଖ ଅସହାୟ ପରିବାରକୁ ଭେଟି ସହାୟତା ପ୍ରଦାନ କରିଛନ୍ତି।

# ପାଟକୁରାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଗରଦପୁର,୬।୧୧(ସମିସ):





ଗରଦପୁର ବ୍ଲକ୍ ବ୍ରହ୍ମପୁରଠାରୁ ପାଖଡ଼ ପର୍ଯ୍ୟନ୍ତ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ଏକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ୧୮ଟି ପଞ୍ଚାୟତରୁ ହଜାର ହଜାର ସଂଖ୍ୟକ ବିଜେଡି କର୍ମୀ ଓ ମହିଳା ଯୋଗ ଦେଇଥିଲେ। ବିଜେଡି, ନବୀନ ଜିନ୍ଦାବାଦ୍ ଓ ଶଙ୍ଖ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା ପାଟକୁରା। ପ୍ରଥମେ ଶ୍ରୀ ମହାପାତ୍ର ବ୍ରହ୍ମପୁରଠାରେ ପହଞ୍ଚିବା ପରେ ମହିଳା ଓ ଦଳୀୟ କର୍ମୀମାନେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେଠାରୁ ପାଖଡ ପର୍ଯ୍ୟନ୍ତ ଏକ ପଦଯାତ୍ରା ବାହାରି ଥିଲା। ବିଧାୟକ ଅରବିନ୍ଦ ତାଙ୍କ ଜନସଂପର୍କ ପଦଯାତ୍ରାରେ କହିଥିଲେ, ଶାସନରେ ଯେଉଁ ସରକାର ଥାଉ, ଆମେ ଲୋକଙ୍କ ସେବା କରିବୁ। ବିଜେଡି ହେଉଛି ବିକାଶର ଦଳ। ବିଜେପି ସରକାର ଗଠନ ଦିନରୁ ଲୋକ ଅଣନିଶ୍ୱାସୀ ହୋଇଛନ୍ତି। ସାଧାରଣ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଗତ ୨ ବର୍ଷରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇନାହିଁ। ଏହି ସରକାର ରଙ୍ଗ ମରାରେ ଶେଷ ହେବ। ପୁଣି ବିଜେଡି ଲେଖିବାକୁ ଯାଉଛି ଆଉଏକ ନୂଆ ଅଧ୍ୟାୟ। ଓଡ଼ିଆ ଲୋକଙ୍କ ପ୍ରଥମ ପସନ୍ଦ ହୋଇଛି ବିଜେଡି। ପାଟକୁରା ବିକାଶରେ ଯେକେହି ପ୍ରତିବନ୍ଧକ ସାଜିବ, ଆମେ ଛାଡ଼ିବୁନି। ବିଜେଡି ସମୟରେ ବିକାଶ ହୋଇଛି, ଆଗକୁ ଅଲବତ ହେବ।

ସେ ଆହୁରି କହିଥିଲେ, ଦଲାଲ ଓ ଟାଉଟରଙ୍କୁ ସାବାଡ କରିବାକୁ ରଣନୀତି ଗଢ଼ାଯାଇଛି। ତହସିଲ, ବ୍ଲକ, ଥାନା ସ୍ତରରେ ବିଜେଡି କର୍ମୀ ଆଲର୍ଟ ଅଛନ୍ତି। ସାଧାରଣ ଲୋକଟି ନ୍ୟାୟ ପାଇବାରୁ ବଞ୍ଚିତ ନ ହେଉ, ସେଥିପାଇଁ ଆମେ ସ୍ୱତନ୍ତ୍ର ଟିମ୍ ଗଢ଼ିଛୁ। ଅଫିସର ରାଜ ଖତମ କରିବାକୁ ମାଷ୍ଟରପ୍ଲାନ୍ ତିଆରି ହେଉଛି। ଆଗାମୀ ଦିନରେ ଘରେ ଘରେ ପହଞ୍ଚିବ ବିଜେଡି। ଲୋକଙ୍କ ସମସ୍ୟା ଓ ସମାଧାନ ହେବ ପ୍ରାଥମିକତା। ରାସନ, ଆବାସ ଓ ଭତ୍ତାରୁ କେହି ବଞ୍ଚିତ ହେବେନି। ପାଟକୁରା ଅଞ୍ଚଳରେ ରାସ୍ତାଘାଟ ଓ ପାଣି ସମସ୍ୟାର ୮୦ ପ୍ରତିଶତ ସମାଧାନ ହୋଇଛି। ଅବଶିଷ୍ଟ ୨୦ ପ୍ରତିଶତ ଆଗାମୀ ଏକ ବର୍ଷରେ ସରିବ ବୋଲି ସେ କହିଲେ। ପାଟକୁରା ଲୋକଙ୍କୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ମିଳିବା ନେଇ ମଧ୍ୟ ପ୍ରୟାସ ଆରମ୍ଭ ହୋଇଛି। ପ୍ରତି ପଞ୍ଚାୟତରେ ଅଭିଯୋଗ ବକ୍ସ ଲଗାଯିବ। ଯେଉଁଠାରେ ସାଧାରଣ ଲୋକ ତାଙ୍କ ସମସ୍ୟା ଲେଖି ଦେଲେ, ତାହାର ସମାଧାନ ତୁରନ୍ତ ହେବ। ଗରିବ ଓ ଅନୁନ୍ନତ ଶ୍ରେଣୀ ପାଇଁ ଶିକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ କରାଯିବ ବୋଲି ବିଧାୟକ ଆଶ୍ୱାସନ ଦେଇଛନ୍ତି।

ଏଥିସହ ପାଖଡ ପଞ୍ଚାୟତର ଶୀତଳପାଟଣାଠାରେ ପହଞ୍ଚିବା ପରେ ଶୀତଳପାଟଣାଠାରୁ ସିଙ୍ଗିଟିଆ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ସୁଦୃଢ଼ୀକରଣ୍ ନିମନ୍ତେ ୩ କୋଟି ଦଶ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ରାସ୍ତାର ଶିଳାନ୍ୟାସ କରିଥିଲେ। ଏହି ପଦଯାତ୍ରାରେ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ବିଧାୟକଙ୍କ ପ୍ରତିନିଧି କ୍ଷିତୀସ ଦାସ, ସରପଞ୍ଚ ପ୍ରଭାତ ନଳିନୀ ଜେନା, ପୂର୍ବତନ ସରପଞ୍ଚ ଶୈଳେନ୍ଦ୍ର ମହାନ୍ତି, ସମିତି ସଭ୍ୟ ବାସୁଦେବ ବେହେରା, ସରପଞ୍ଚ ରଞ୍ଜନ ନାୟକ, ସରପଞ୍ଚ ଶ୍ରୀରାଧା ବନଜାବାସିନୀ ଜେନା, ସରପଞ୍ଚ ବନୀତା ସ୍ୱାଇଁ, ପ୍ରତାପ ସ୍ୱାଇଁ, ସୁକାନ୍ତ ନାୟକ, ସମିତି ସଭ୍ୟ ବ୍ରଜକିଶୋର ସାହୁ, କ୍ଷୀରୋଦ ମହାନ୍ତି, ସରପଞ୍ଚ ଅନୀତା ମହାଳି, ସରପଞ୍ଚ ଅନୁସୟା ବେହେରା, ସରପଞ୍ଚ ଅମୀୟ ନାୟକ, ପ୍ରଭାସ ସାହୁ, ପ୍ରକାଶ ସାହୁ, ରମାକାନ୍ତ ବେହେରା, ସମିତି ସଭ୍ୟ ଦିଲ୍ଲୀପ ସାହୁ, ସମିତି ସଭ୍ୟ ରାକେଶ ମହାପାତ୍ର, ଗଙ୍ଗାଧର ମିଶ୍ର, ଭାଗବତ ସ୍ୱାଇଁ, ପୀତାମ୍ବର ସାହୁ, କିଶୋର ମହାପାତ୍ର, ବିପ୍ଳବ ଜେନା, ନିଗମାନନ୍ଦ ଦାସ, ହିମାଂଶୁ ଦାସ, ଗୋଲେଖ ଚନ୍ଦ୍ର ସ୍ୱାଇଁ, ଅବନୀ ମହାପାତ୍ର, ସରପଞ୍ଚ ସଞ୍ଜୁକ୍ତା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମଦନପୁରରେ ବ୍ଲକ୍‌ସ୍ତରୀୟ 'ସୁରଭି'

ପଟ୍ଟାମୁଣ୍ଡାଇ,୬।୧୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ମଦନପୁର ମହାବୀର ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶିକ୍ଷାଧିକାରୀ ଅଜିତ ବାରିକଙ୍କ ପୌରୋହିତ୍ୟ ଓ ଶିକ୍ଷକ ନେତା ସିଆରସିସି ମଳୟ ଜେନାଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ



ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟବକ୍ତା, ଶିକ୍ଷା ପ୍ରଶିକ୍ଷକ ଅସୀମା ବେହୁରା, ପଟ୍ଟାମୁଣ୍ଡାଇ ବ୍ଲକ୍ ବିଆରସିସି ପ୍ରେମବାଳା ମହାପାତ୍ର, ସହକାରୀ ଶିକ୍ଷାଧିକାରୀ ସୁନୀତି ଦାଶ, ମୋ ସ୍କୁଲ ସଭାପତି ମାଧବ ପରିଡା, ସଂସାରଫଳ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ, ସମିତିସଭ୍ୟ ପର୍ଶୁରାମ ବେହେରା, ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ଜେନା, ସାମ୍ବାଦିକ ଭାସ୍କର ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି ସଂଘମିତ୍ରା ନାୟକ ସ୍ୱାଗତ ଭାଷଣ, ସିଆରସିସି ନମିତା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସିଆରସିସି ଆଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ପଟ୍ଟାମୁଣ୍ଡାଇ ବ୍ଲକ୍ ବିଆରସିସି ପ୍ରେମବାଳା ମହାପାତ୍ରଙ୍କ ପୌରୋହିତ୍ୟ ଓ ସିଆରସିସି ମଳୟ ଜେନାଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବ୍ଲକ୍ ଶିକ୍ଷାଧିକାରୀ ଅଜିତ ବାରିକ ମୁଖ୍ୟଅତିଥି, କଷଣଅଣ୍ଡା ହାଇସ୍କୁଲ ପୂର୍ବତନ ପ୍ରଧାନଶିକ୍ଷକ ସଚିତ୍ର ବେହୁରା ମୁଖ୍ୟବକ୍ତା, ମଦନପୁର ହାଇସ୍କୁଲ ପୂର୍ବତନ ପ୍ରଧାନଶିକ୍ଷକ ବିଜୟ ବେହେରା, ଶିକ୍ଷାବିତ ସୁରେଶ ଜେନା, ମଦନପୁର ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରହ୍ଲାଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି ଅରବିନ୍ଦ ବଳ ସ୍ୱାଗତ ଭାଷଣ ଓ ସିଆରସିସି ବିଭୁରଞ୍ଜନ ସାହୁ ଅତିଥି ପରିଚୟ, ସିଆରସିସି ଶୁଭଶ୍ରୀ ମାଝୀ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାକୁ ପୂର୍ବତନ ସିଆରସିସି ରଞ୍ଜନ ସାହୁ, ପ୍ରଦୀପ ତରାଇ, ସଞ୍ଜୟ ସାହୁ, ନିଶିକାନ୍ତ ମାଝୀ, ତ୍ରିଲୋଚନ ସ୍ୱାଇଁ, ସୁକାନ୍ତ ସ୍ୱାଇଁ, ଶକୁନ୍ତଳା ବେହେରା ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସାର୍ଟିଫିକେଟ୍ ପ୍ରଦାନ କରିଥଲେ।

# ଫିରିକିଦଣ୍ଡି କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ



ରାଜନଗର,୬।୧୧(ସମିସ): ଫିରିକିଦାଣ୍ଡି ଗ୍ରାମ ହନୁମାନଜୀଉ ମନ୍ଦିର ପୀଠରେ ୧୪ତମ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହୋଇଛି। ଏ ଅବସରରେ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସମାଜସେବୀ ମନ୍ମଥ ମଲ୍ଲିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମାଜସେବୀ କୈଳାସ ମହାନ୍ତି, ଫିରିକିଦାଣ୍ଡି ପ୍ରାଥମିକ କୃଷି ସେବା ସମବାୟ ସମିତି ସଭାପତି ଅରୁଣ ପାତ୍ର, ଶିକ୍ଷାବିତ ତ୍ରିଲୋଚନ ସ୍ୱାଇଁ, ସୁଧୀର ଜେନା ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏ ଅବସରରେ ପୂଜକ ଲକ୍ଷ୍ମୀକାନ୍ତ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଧୀର ବେହୁରା ସଭା ପରିଚାଳନା କରିଥିବାବେଳେ ଶୈଳେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଜୋର୍ ଧରିଲା ହାତୀମଣ୍ଡା ବ୍ଲକ୍ ଗଠନ ଦାବି




ଗୋବିନ୍ଦପୁର,୬।୧୧(ସମିସ): ଆଳି ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁରରେ ସାତ୍ତ୍ୱିକ ମଣ୍ଡପରେ ଆଳି ଧୋୟାଞ୍ଚଳର ୧୧ଟି ପଞ୍ଚାୟତକୁ ନେଇ ପ୍ରସ୍ତାବିତ ହାତୀମଣ୍ଡା ବ୍ଲକ୍ ଗଠନ କରାଯିବା ଦାବି ଜୋର୍ ଧରିଲା। ଏ ନେଇ ଆୟୋଜିତ ବୈଠକରେ ଜନପ୍ରତିନିଧି, କୃଷକ, ଶ୍ରମିକ ଓ ଯୁବକ ଯୋଗଦେଇଥିଲେ। ଚନ୍ଦ୍ରଭାନୁ କରଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଦଳମତ ନିର୍ବିଶେଷରେ ସମସ୍ତେ ସେମାନଙ୍କ ମତ ରଖିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଧନରଞ୍ଜନ ବୋଷ୍ କହିଥିଲେ, ଆମ ଅଞ୍ଚଳର ମୌଳିକ ସମସ୍ୟା ଦୂର ହୋଇନାହିଁ। ଏବେ ଆମେ ସଂଗ୍ରାମ କରି ଆମର ହକ୍ ହାସଲ କରିବାକୁ ଆହ୍ୱାନ ଦେଇଥିଲେ। ନୂତନ ବ୍ଲକ୍ ଗଠନ ହେଲେ ଅଞ୍ଚଳର ସମସ୍ୟା ଦୂର ହୋଇପାରିବ ବୋଲି ପ୍ରାକ୍ତନ ସରପଞ୍ଚ ନିଖିଳ ସାମଲ ଦୃଢ଼ତାର ସହ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ମଲ୍ଲିକ, ବିଜୟ ସାମଲ, ଶରତ ନାୟକ, ଆଶାଲତା ପଟ୍ଟନାୟକ, ପ୍ରମୋଦ ରାଉତ, ଅଜୟ ସାମଲ, ସୁରେନ୍ଦ୍ର ପରିଡ଼ା, ପ୍ରକାଶ ମିଶ୍ର, କୈଳାସ ବେହୁରିଆ, ଦିବାକର ସାହୁ, ବିକ୍ରମ ଧଳ, ସୁରେନ୍ଦ୍ର ପୁହାଣ ପ୍ରମୁଖ ଯୋଗ ଦେଇଥିଲେ।

# କଟକ ବାଲିଯାତ୍ରା ପ୍ରଜ୍ଞାପନ ମେଢ଼କୁ ସ୍ୱାଗତ

କେନ୍ଦ୍ରାପଡ଼ା, ୬।୧୧(ସମିସ): ଐତିହାସିକ କଟକ ବାଲିଯାତ୍ରାର ସାମୁଦ୍ରିକ ନୌବାଣିଜ୍ୟ ଇତିହାସ ଓ ସାଂସ୍କୃତିକ ମହତ୍ତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟ ନେଇ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ସ୍ୱତନ୍ତ୍ର ପ୍ରଜ୍ଞାପନ ମେଢ଼କୁ ବୁଧବାର କେନ୍ଦ୍ରାପଡ଼ାରେ ସ୍ୱାଗତ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀଙ୍କ ସମେତ ଅନ୍ୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ରହି ତିନିମୁହାଣି ଛକରେ ମେଢ଼କୁ ସ୍ୱାଗତ କରିଥିଲେ।

# ଗହୀରମଥାରୁ ଗିଲ୍‌ନେଟର ଜବତ, ୧୬ ମତ୍ସ୍ୟଜୀବୀ ଗିରଫ




ରାଜନଗର,୬।୧୧(ସମିସ): ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବାବେଳେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଚଢ଼ଉ କରି ଗୋଟିଏ ଗିଲନେଟର ଜବତ କରିବା ସହ ୧୬ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଏସିଏଫ୍ ମାନସ ଦାସଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ମହନ୍ତ ମଲ୍ଲିକଙ୍କ ନେତୃତ୍ୱରେ ବନ ବିଭାଗ ପାଟ୍ରୋଲିଂ ଟିମ ଗହୀରମଥାର ବରୁଣେଇ ନିକଟରେ ଭରବି-୨ ନାମକ ଗିଲନେଟରକୁ ଜବତ କରିଥିଲେ। ଏଥିରୁ ୫୦ କେଜି ମାଛ, ୧ଟି ଜିପିଏସ, ୨ଟି ଭିଏଚଏଫ,୧ଟି ଫିସଫାଇଣ୍ଡର, ଗିଲ୍ ନେଟ୍ ୩ଟି, କୋଡ୍ ନେଟ୍ ୧ଟି, ଇଲିଶ ଜାଲ ୧ଟି, କାଣି ଜାଲ ୧ଟି ଜବତ କରାଯାଇଛି। ମତ୍ସ୍ୟଜୀବୀ ଚନ୍ଦନ ମଲ୍ଲିକ, ଦିବାକର ମଲିକ, ବୁଦ୍ଧିରାମ ମଲିକ, କମଳାକାନ୍ତ ମଲିକ, ପ୍ରଶାନ୍ତ ମଲିକ, ବିଶ୍ୱରଞ୍ଜନ ମଲିକ, ବାବୁଲି ମଲିକ, ଭାଗୀରଥି ମଲିକ, ସେକ ହବିବୁଲ, ସୋରେନ ମାଝୀ, ପ୍ରଶାନ୍ତ ମଲିକ, ଦିଲ୍ଲୀପ ମଲିକ, ଅନନ୍ତ ଦେ, ଲକ୍ଷଣ ଟୁଡୁ, ନନ୍ଦଦୁଲାଲ ଜେନା, ନରେନ୍ଦ୍ର ମଲିକ ପ୍ରମୁଖଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନ୍ ୧୯୭୨ରେ ମୋକଦ୍ଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ମତ୍ସ୍ୟଜୀବୀ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବୋଲି ଜଣାପଡ଼ିଛି।

# ସାମ୍ବାଦିକ କରୁଣାକର କରଙ୍କ ସ୍ମୃତିସଭା

ଡେରାବିଶ,୬।୧୧(ସମିସ): ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଯୁବକ ସଂଘ କାର୍ଯ୍ୟାଳୟରେ କେନ୍ଦ୍ରାପଡ଼ା ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ବରିଷ୍ଠ ସାମ୍ବାଦିକ କରୁଣାକର କରଙ୍କ ସ୍ମୃତିରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଓୟୁଜେ କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ବରିଷ୍ଠ ସାମ୍ବାଦିକ ପରେଶ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ




ପ୍ରାଧ୍ୟାପକ ପ୍ରଭାକର ସାମଲ, ମୁଖ୍ୟବକ୍ତା ଭାବେ ଓୟୁଜେର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଆଶିଷ ସେନାପତି, ସମ୍ମାନିତ ଅତିଥି ଭାବେ ସଂଘର ଜିଲ୍ଲା ସଂଯୋଜକ ସୋମନାଥ ସାହୁ ଯୋଗଦେଇ ସ୍ୱର୍ଗତ କରଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବେବର୍ତ୍ତା ଅଜୟ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସଂଘ ସଦସ୍ୟ ଖୁର୍ସିଦ ଆଲମ ଖାଁ, ଧରଣୀଧର ପ୍ରଧାନ, ନିଳାଦ୍ରୀ ତ୍ରିପାଠୀ, ସେକ୍ ସାବିର, ସତ୍ୟଜିତ ଲେଙ୍କା, ଗୋଲରାହାଟର ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତ ପ୍ରମୁଖ ଯୋଗଦେଇଥିଲେ। ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜ୍ୟୋତିର୍ମୟ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ସଂଘର ଜିଲ୍ଲା କୋଷାଧ୍ୟକ୍ଷ ପ୍ରମୋଦ ପ୍ରଧାନ ସଭା ପରିଚାଳନାରେ ସହଯୋଗ କରିଥିଲେ।

# ବିଭିନ୍ନ ମଣ୍ଡପରେ କାର୍ତ୍ତିକେଶ୍ୱର ପୂଜା

ରାଜନଗର,୬।୧୧(ସମିସ): ରାଜନଗର ବ୍ଲକ୍‌ର ବିଭିନ୍ନ ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା ହେଉଛି। ଗାଁର ବିଭିନ୍ନ କ୍ଲବ୍ ଓ ଅନୁଷ୍ଠାନର ନିମନ୍ତ୍ରଣ ରକ୍ଷା କରି ରାଜନଗର ନିର୍ବାଚନମଣ୍ଡଳୀର ଶ୍ରୀରାମ ସେନା ସଭାପତି ସାରଦା ପ୍ରସାଦ ରାଉତ ସଦସ୍ୟଙ୍କ ସହ ପୂଜା ମଣ୍ଡପ ବୁଲି ଦର୍ଶନ କରି ଆଶୀର୍ବାଦ ଲାଭ କରିଛନ୍ତି।

# ଜାତୀୟ ଉଦ୍ୟାନରେ କଇଁଛ ସୁରକ୍ଷା ସଚେତନତା

ରାଜନଗର,୬।୧୧(ସମିସ): ରାଜନଗର ବନଖଣ୍ଡ ଅଧୀନ କନିକା ରେଞ୍ଜ କାର୍ଯ୍ୟାଳୟରେ କଇଁଛ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏସିଏଫ୍ ମାନସ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନତା ଶିବିରରେ ମୁଖ୍ୟଅତିଥି ଭାବେ ଲୁଣା ଜଙ୍ଗଲ ବନଖଣ୍ଡ ଅଧିକାରୀ ଭରଦରାଜ ଗାଁଓଙ୍କର ଯୋଗଦେଇ ଅଲିଭ୍‌ରିଡ୍‌ଲେ କଇଁଛଙ୍କୁ କିପରି ସୁରକ୍ଷା ଦିଆଯିବ ଟ୍ରଲର ମାଲିକ, ବୋଟ ମାଲିକ ଓ ମତ୍ସ୍ୟଜୀବୀଙ୍କୁ ନେଇ ସଚେତନତା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଣୀ ବୈଜ୍ଞାନିକ ଡ. ଶିବପ୍ରସାଦ ପରିଡା ଅଲିଭରିଡଲେ କଇଁଛଙ୍କ ଉପରେ ଉପାଦେୟ ଓ ଉପକାରିତା ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିଥିଲେ। ଶିବିରରେ ଭଦ୍ରକ ବନଖଣ୍ଡର ବନ କର୍ମଚାରୀ, ତାଳଚୁଆ ଟ୍ରଲର ମାଲିକ, ବୋଟ୍ ମାଲିକ ଓ ପାରମ୍ପରିକ ମତ୍ସ୍ୟଜୀବୀ ଯୋଗ ଦେଇଥିଲେ। ଫରେଷ୍ଟର ପ୍ରଶାନ୍ତ ସିଂ ଧନ୍ୟବାଦ ଦେଇଥିଲେ। ଶିବିରକୁ ଫରେଷ୍ଟର ନବୀନ ମଲିକ, ଲକ୍ଷ୍ମୀଧର ବାରିକ, ଫରେଷ୍ଟ ଗାର୍ଡ ବବୁଲ ପରିଡା, ଶୁଭ୍ରଜିତ ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ।

## ଶାସନ ପଞ୍ଚାୟତରେ ଷ୍ଟ୍ରିଟ୍ ଲାଇଟ ଦୁର୍ନୀତି ଘଟଣା

# କନିଷ୍ଠ ଯନ୍ତ୍ରୀଙ୍କ ସଂପୃକ୍ତି ଥିଲେ, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ବିଡିଓ

ପଟ୍ଟାମୁଣ୍ଡାଇ,୬।୧୧(ସମିସ):

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ପଞ୍ଚାୟତରେ ଷ୍ଟ୍ରିଟ୍‌ଲାଇଟ ଲଗାଇବାରେ ଦୁର୍ନୀତି ହୋଇଥିବା ଅଭିଯୋଗର ବିଭାଗୀୟ ତଦନ୍ତ କରାଯାଇଛି। ଦୁର୍ନୀତିରେ କନିଷ୍ଠ ଯନ୍ତ୍ରୀଙ୍କ ସଂପୃକ୍ତି ପ୍ରମାଣିତ ହେଲେ ତାଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ପଟ୍ଟାମୁଣ୍ଡାଇ ବିଡିଓ। ପଞ୍ଚାୟତବାସୀଙ୍କ ପକ୍ଷରୁ ଷ୍ଟ୍ରିଟଲାଇଟ ଦୁର୍ନୀତିକୁ ନେଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଗତ ମଙ୍ଗଳବାର ଅନୁଷ୍ଠିତ ହୋଇଥିବା ଅନଶନ ବିଡିଓଙ୍କ ହସ୍ତକ୍ଷେପ ଫଳରେ ପ୍ରତ୍ୟାହୃତ ହୋଇଛି।

ସୂଚନା ମୁତାବକ, ଶାସନ ଛକରୁ ମାଳିପୁର ମାର୍କେଟ ପର୍ଯ୍ୟନ୍ତ ଅଞ୍ଚଳକୁ ୨୦ଟି ଲାଇଟ୍ ଖୁଣ୍ଟ ମାଧ୍ୟମରେ ଆଲୋକୀକରଣ କରିବାକୁ ସରକାରଙ୍କ ଯୋଜନା ଥିବାବେଳେ ଏଥିପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ସରକାରଙ୍କ ପକ୍ଷରୁ ୯ଲକ୍ଷ ୭୦ହଜାର ଟଙ୍କା ବ୍ୟୟ କରାଯାଇଥିଲା। ଏଷ୍ଟିମେଟ ହିସାବରେ ପ୍ରକଳ୍ପ ସ୍ଥାନରେ କୌଣସି ଆଲୋକୀକରଣ କାର୍ଯ୍ୟ ଏପରିକି ଲାଇଟ୍ ଖୁଣ୍ଟ ଲଗା ନ ଯାଇ ବ୍ଲକ କନିଷ୍ଠ ଯନ୍ତ୍ରୀ ରତନେସ ପାଣ୍ଡେଙ୍କ ନାମରେ ମିଥ୍ୟା ବିଲ କରି ସରକାରୀ ଅନୁଦାନ ଅର୍ଥକୁ କନିଷ୍ଠ ଯନ୍ତ୍ରୀ ହଡପ କରିଥିବା ପଞ୍ଚାୟତବାସୀ ଅଭିଯୋଗ କରିଥିଲେ। ପଞ୍ଚାୟତରେ ହୋଇଥିବା ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟରେ ମଧ୍ୟ ଦୁର୍ନୀତି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ପଞ୍ଚାୟତବାସୀ ବିଡିଓ ଶୀତଲ ଅଗ୍ରୱାଲଙ୍କ ନିକଟରେ ଲିଖିତ ଅଭିଯୋଗ କରି ତଦନ୍ତ ଦାବି କରିଥିଲେ। ବିଡିଓ ଏକ ତଦନ୍ତ ଟିମ୍ ଗଠନ ମଧ୍ୟ କରିଛନ୍ତି। ତେବେ ଶାସନ ଛକଠାରୁ ମାଳିପୁର ମାର୍କେଟ ପର୍ଯ୍ୟନ୍ତ କୌଣସି ଷ୍ଟ୍ରିଟଲାଇଟ୍ ଲାଗି ନ ଥିବା ବିଡିଓ ତାଙ୍କ ତଦନ୍ତ ସମୟରେ ଜାଣିବାକୁ ପାଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଗତ ମଙ୍ଗଳବାର ସରକାରୀ କାର୍ଯ୍ୟରେ ବିଡିଓ ବାହାରେ ଥିବାରୁ ଅନଶନ ସ୍ଥଳରେ ପହଞ୍ଚି ପାରି ନ ଥିଲେ। ଆନ୍ଦୋଳନ ଜାରି ରହିଥିବା ଜାଣିବାକୁ ପାଇବା ପରେ ବିଡିଓ ଅପରାହ୍ନରେ ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିଥିଲେ। ବିଡିଓଙ୍କ ସହିତ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ ପ୍ରମୁଖ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ବିଡିଓ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ଅନ୍ଧାରରେ ଥିବା ଶାସନ ଛକଠାରୁ ମାଳିପୁର ମାର୍କେଟ ପର୍ଯ୍ୟନ୍ତ ଆଲୋକିକରଣ ବ୍ୟବସ୍ଥା ୩ ମାସ ମଧ୍ୟରେ କରିବା ପାଇଁ ଆନ୍ଦୋଳନକାରୀଙ୍କୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ।

ଅନ୍ୟପକ୍ଷରେ କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣାର ତଦନ୍ତ ବିଡିଓ ନିଜ ଆଡୁ କରିବେ ବୋଲି ସୂଚନା ଦେଇଥିଲେ। ବିଡିଓଙ୍କ ହସ୍ତକ୍ଷେପ ଫଳରେ ଶାସନ ପଞ୍ଚାୟତରେ ଦୀର୍ଘଦିନ ଧରି ଚାଲିଥିବା ସମସ୍ୟାର ସମାଧାନ ହୋଇପାରିଥିବାରୁ ପଞ୍ଚାୟତବାସୀ ବିଡିଓଙ୍କୁ କୃତଜ୍ଞତା ଜଣାଇଥିଲେ। ବିଡିଓଙ୍କ ଅଫିସ ଚାମ୍ବର ମଧ୍ୟରେ ଆନ୍ଦୋଳନକାରୀଙ୍କ ଏକ ପ୍ରତନିଧି ମଣ୍ଡଳୀ ସହିତ ବିଡିଓ ଓ ଅନ୍ୟାନ୍ୟ ପଦାଧିକାରୀଙ୍କ ଆଲୋଚନା ଚାଲିଥିଲାବେଳେ କୌଣସି ଅନୁମତି ନ ନେଇ ବିବାଦୀୟ କନିଷ୍ଠ ଯନ୍ତ୍ରୀ ରତ୍ନେଶ୍ ପାଣ୍ଡେ ବିଡିଓଙ୍କ ଚାମ୍ବର ମଧ୍ୟକୁ ଧସେଇ ପଶିବା ସହିତ ଅସୌଜନ୍ୟ ବ୍ୟବହାର କରିବା ଘଟଣାର ବିଡିଓ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଦେବେ ବୋଲି କହିଛନ୍ତି। ଏ ଘଟଣା ସମ୍ପର୍କରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ଲିଖିତ ଭାବେ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ଜଣାଇ ଦିଆଯିବା ସହିତ କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏହି ଘଟଣା ସମ୍ପର୍କରେ ଜିଲ୍ଲାପାଳ ଯଦି ତଥ୍ୟ ମାଗନ୍ତି, ଯାହା ଘଟଣା ଘଟିଥିଲା ଜିଲ୍ଲାପାଳଙ୍କୁ ତଥ୍ୟ ପ୍ରଦାନ କରାଯିବ ବୋଲି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ କହିଛନ୍ତି। ଯଦି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ ହୁଏ, ପୁଲିସ ସିସି ଟିଭି ଆଧାରରେ ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଆଇଆଇସି ବନ୍ଦନା ପାତ୍ର କହିଛନ୍ତି। ଏହି ଘଟଣା ପାଇଁ ରତନେସ ପାଣ୍ଡେଙ୍କ ଅଡୁଆ ବଢ଼ିବାରେ ଲାଗିଥିବାବେଳେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି।



# ମାଡ଼ିଗଲାଣି ଗଛଲତା; ବିପଦ ଡାକୁଛି ଫ୍ଲାଏଓଭର









ଭୁବନେଶ୍ୱର, ୬।୧୧(ସମିସ): ଯୁଆଡ଼ ଚାହିଁବେ ସିଆଡ଼ ମାଡ଼ି ଗଲାଣି ଅନାବନା ଗଛ ଆଉ ଲତା। ଯେ କେହି ଦେଖିବ ଭ୍ରମରେ ପଡ଼ିଯିବ ଏହା ଭୁବନେଶ୍ୱର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ଫ୍ଲାଏଓଭର ବ୍ରିଜ ନା ଚାରଣ ଭୂମି। କେଉଁଠି ଅନାବନା ଗଛ ଉଙ୍କି ଉଠିବା ଯୋଗୁଁ ରାସ୍ତା, ବ୍ରିଜରେ ଫାଟ ଦେଖା ଗଲାଣି ତ ଆଉ କେଉଁଠି ସ୍ଥିତି ସଙ୍ଗୀନ ହେଲାଣି। ହେଲେ ଏଥିପ୍ରତି କାହାର ନିଘା ନାହିଁ। ବିଭାଗ ତା କାମ ସାରି ହାତ ଟେକି ଦେଇଛି।

କେଉଁଠି ବ୍ରିଜ୍ ଯୋଡ଼େଇ ଫାଟକୁ ମେଲା କରି ଗଛ ବାହାରିଛି ତ କେଉଁଠି ଶାଖା ପ୍ରଶାଖା ମେଲାଇ ଫ୍ଲାଏଓଭର୍‌ରେ ମାଡିଗଲାଣି। ଗଛ ପ୍ରାରମ୍ଭରୁ ଉଠିବା ସମୟରେ ତାକୁ ଓପାଡ଼ିବା ଆବଶ୍ୟକ। ନଚେତ ଏହାର ଚେର ମୋଟା ହେବା ପରେ ଓଭର୍‌ବ୍ରିଜ୍‌ରେ ଫାଟ ସୃଷ୍ଟି କରିବ। ବର୍ଷା ପାଣି ସେହି ଫାଟରେ ପଶି ବ୍ରିଜ୍‌କୁ ଦୁର୍ବଳ କରିଥାଏ। ଏହା ପରେ କିଛି ବି ଅଘଟଣ ଘଟିବାର ଆଶଙ୍କା ବୃଦ୍ଧି ପାଇଛି। ରସୁଲଗଡ଼ଠୁ ଆରମ୍ଭକରି ଜୟଦେବବିହାର, ବୋମିଖାଲ, ସତ୍ୟନଗର, ସିଆର୍‌ପି, ଫାୟାର ଷ୍ଟେସନ୍, ବରମୁଣ୍ଡାରୁ କଳିଙ୍ଗବିହାର ଯାଏଁ ଜାଗା ଜାଗାରେ ଏହି ଭଳି ଅନାବନା ଗଛ ଫ୍ଲାଏଓଭର୍ ପାଇଁ ବିପଦ ସାଜିବାକୁ ଯାଉଛି। ସମୟ ଅନ୍ତରାଳେ ବ୍ରିଜ୍ ଯୋଡେଇ ଫାଟରୁ ଉଠିଥିବା ଗଛକୁ କଟା ଯାଉନି କି ମୂଳରୁ ଉତ୍ପାଟନ ମଧ୍ୟ କରାଯାଉନି। ଫଳରେ ବିଭିନ୍ନ ରାସ୍ତା ଦେଇ ଯାଇଥିବା ଫ୍ଲାଏଓଭର୍‌ରେ ଏହା ମାଡିଚାଲିଛି। ଏଥିପାଇଁ ରକ୍ଷଣାବେକ୍ଷଣର ଦାୟିତ୍ୱରେ ଥିବା ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ମଧ୍ୟ ଏପରି ସ୍ଥିତି ବିଷୟରେ ଅଜ୍ଞ ନ ଥିବା ପରିଲକ୍ଷିତ ହେଉଛି। ଏନେଇ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କୁହନ୍ତି, ସାଧାରଣତଃ ବର୍ଷା ପବନରେ ହେଉ ବା ଚଢେଇମାନେ ବର, ଓସ୍ତ ଭଳି ଗଛର ଫଳ ଖାଇ ସାରିବା ପରେ ଯେଉଁଠି ବସି ମଳତ୍ୟାଗ କରନ୍ତି, ସେଠାରେ ମଞ୍ଜିରୁ ଗଛ ଉଠିଥାଏ। ଏଥିପାଇଁ ଗଛକୁ କୌଣସି ପାଣି ବା ରକ୍ଷଣାବେକ୍ଷଣ ଦରକାର ହୋଇନଥାଏ। ବର୍ଷା ପାଣି ଏବଂ ବାୟୁମଣ୍ଡଳରୁ ଆର୍ଦ୍ରତା ଓ ଜଳ ମିଳିଯାଏ। ଯେଉଁଥିପାଇଁ ଏହା ସହଜରେ ବଢ଼ି ଚାଲେ। ଏହାକୁ ମୂଳରୁ ନଉପାଡିଲେ, ଗଛର ଚେର ବଢ଼ି ବଢ଼ି ଫ୍ଲାଏଓଭର୍‌ରେ ମାଡିଚାଲେ। ଯାହା ଭବିଷ୍ୟତରେ ଏଥିରେ ଫାଟ ସୃଷ୍ଟି କରିବା ସହ ଫ୍ଲାଏଓଭରକୁ ଦୁର୍ବଳ କରିଥାଏ। ତେଣୁ ଏନ୍‌ଏଚ୍‌ଏଆଇ ପକ୍ଷରୁ ସମୟ ସମୟରେ ସେସବୁ ଗଛକୁ ସଫା କରାଯିବା ଉଚିତ୍।

ଅନ୍ୟପଟେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ ଫ୍ଲାଏଓଭରର ମରାମତି କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ ପାଇଁ ମେଣ୍ଟେନାନ୍ସ ଟିମ୍ ରହିଛି। ଯେ ନିୟମିତ ବ୍ୟବଧାନରେ ତଦାରଖ କରୁଛନ୍ତି। ଫ୍ଲାଏଓଭରରେ କେଉଁ କେଉଁ ସ୍ଥାନରେ ଗଛ ଉଠିଛି ସେ ବିଷୟରେ ଏବେ ସୂଚନା କିଛି ଆସିନି, ଯଦିଓ ହୋଇଛି କେଉଁଠି ସେଥିପାଇଁ ମେନଟେନାନ୍ସ ଟିମ୍‌କୁ ଅବଗତ କରାଯିବ ଏବଂ ସଫା କରାଯିବ ବୋଲି ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି।

## ଶ୍ରୀ ଗୁରୁ ଭାଗବତ ଉତ୍ସବରେ ରାଜ୍ୟପାଳ



ଭୁବନେଶ୍ୱର, ୬।୧୧(ସମିସ): ଶ୍ରୀଗୁରୁ ଭାଗବତ ଟ୍ରଷ୍ଟ, ସାଇଧାମ, ଟଙ୍କପାଣି ରୋଡ୍ ପକ୍ଷରୁ ବୁଧବାର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଶ୍ରୀଗୁରୁ ଭାଗବତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଯୋଗ ଦେଇଥିଲେ। ସେହିପରି ଶ୍ରୀ ଗୁରୁ ଭାଗବତ ପଛରେ ଥିବା ଦୂରଦର୍ଶୀ ଡ. ଚନ୍ଦ୍ରଭାନୁ ଶତପଥୀ ଧନ୍ୟବାଦର ପାତ୍ର ବୋଲି ଅଭିହିତ କରିଥିଲେ। ଏହି ଅବସରରେ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ, ପ୍ରଫେସର ହରେକୃଷ୍ଣ ଶତପଥୀ ଶ୍ରୀ ଗୁରୁ ଭାଗବତ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀଗୁରୁ ଭଗବତଂ ପୁସ୍ତକର (୨ୟ ଖଣ୍ଡ) ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଯୁଗ୍ମ ଶ୍ରମ ଆୟୁକ୍ତ ଏବଂ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କୁ ଦୁଇଦିନିଆ ପ୍ରଶିକ୍ଷଣ




ଭୁବନେଶ୍ୱର, ୬।୧୧(ସମିସ): ଭୁବନେଶ୍ୱରସ୍ଥିତ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପରିସରରେ ଅବସ୍ଥିତ ରାଜ୍ୟ ଶ୍ରମ ସଂସ୍ଥାନ ସମ୍ମିଳନୀ କକ୍ଷରେ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଯୁଗ୍ମ ଶ୍ରମ ଆୟୁକ୍ତ ଏବଂ ପ୍ରଭାଗୀୟ ଶ୍ରମ ଆୟୁକ୍ତମାନଙ୍କୁ ନେଇ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ମଚାରୀ କ୍ଷତିପୂରଣ ଆଇନ, ୧୯୨୩: ଗ୍ରାଚୁଇଟି ପ୍ରଦାନ ଆଇନ, ୧୯୭୨ ଓ ସର୍ବନିମ୍ନ ମଜୁରୀ ଆଇନ, ୧୯୪୮ରେ ମାମଲା ଶୁଣାଣି ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅତିରିକ୍ତ ଶାସନ ସଚିବ ରାଜେଶ କୁମାର ଅଗ୍ରୱାଲ୍ ଉଦ୍‌ଘାଟନ କରି ଉପସ୍ଥିତ ଅଧିକାରୀମାନଙ୍କୁ ନିଷ୍ଠା ଓ ସ୍ୱଚ୍ଛତାର ସହ କାମ କରି ସମାଜର ବିଭିନ୍ନ ବର୍ଗର ଶ୍ରମିକମାନଙ୍କୁ ଦ୍ରୁତ ନ୍ୟାୟ ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶ୍ରମ ଆୟୁକ୍ତ, ଓଡ଼ିଶା ଘାସିରାସ ଟୁଡୁ ସମସ୍ତ ଅଧିକାରୀମାନଙ୍କୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରୁ ଫାଇଦା ନେଇ କାର୍ଯ୍ୟ କ୍ଷେତ୍ରରେ ପ୍ରତିଫଳିତ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଯୁଗ୍ମ ଶ୍ରମ ଆୟୁକ୍ତ ନରେଶ ଚନ୍ଦ୍ର ସାହୁ, ଅତିରିକ୍ତ ଶ୍ରମ ଆୟୁକ୍ତ ମଦନ ମୋହନ ପାଇକ ପ୍ରମୁଖ ରାଜ୍ୟ ଶ୍ରମ ସଂସ୍ଥାନର ଏଭଳି ପ୍ରୟାସ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଯୁଗ୍ମ ଶ୍ରମ ଆୟୁକ୍ତ ବିଶ୍ୱଜିତ ମହନ୍ତ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ। ଏହି ଅବସରରେ କର୍ମଚାରୀ କ୍ଷତିପୂରଣ ମାମଲାକୁ ନେଇ ପ୍ରସ୍ତୁତ ଏକ ଟ୍ରେନିଙ୍ଗ ହ୍ୟାଣ୍ଡବୁକ୍‌କୁ ଅତିଥିମାନେ ଲୋକାର୍ପଣ କରିଥିଲେ।

● ଭୁବନେଶ୍ୱର ଉତ୍ତର ମହୋତ୍ସବ

## ଦ୍ୱିତୀୟ ସନ୍ଧ୍ୟାରେ ମଣ୍ଟୁ ଛୁରିଆଙ୍କ ସମ୍ବଲପୁରୀ ଗୀତ



ନନ୍ଦନକାନନ, ୬।୧୧(ସମିସ): ଚନ୍ଦ୍ରଶେଖପୁର କ୍ଲବ ଟାଉନ୍ ପଡ଼ିଆରେ ଭୁବନେଶ୍ୱର ଉତ୍ତର ମହୋତ୍ସବର ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟା ଧୁମଧାମରେ ଯାଇଛି। ମଣ୍ଟୁ ଛୁରିଆ ରଙ୍ଗାରଙ୍ଗ ସଙ୍ଗୀତ ପରିବେଷଣ ରେ ଦର୍ଶକ ଫୁଲ ମଜା ନେଲେ। ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ସାଂସଦ ଡ଼ ପ୍ରସନ୍ନ କୁମାର ପାଟଶାଣୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପରିଚୟ ଫାଉଣ୍ଡେସନର ପ୍ରତିଷ୍ଠାତା ସଭାନେତ୍ରୀ ଡ଼ ରୋଜାଲିନ ପାଟଶାଣୀ ମିଶ୍ର ଯୋଗଦେଇ ଉତ୍ତର ମହୋତ୍ସବ ଆୟୋଜନକୁ ପ୍ରଶଂସା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସମରେନ୍ଦ୍ର ସାହୁ, ସଂଯୋଜକ ସରୋଜକାନ୍ତ ମଲ୍ଲିକ, କୁନା ଜେନା ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ସ୍ୱାକ୍ଷର ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ସମ୍ବଲପୁରୀ ଗୀତ ଗାଇଥିଲେ।

## ବିଧାନସଭା ପରିସରରେ ପଣ୍ଡିତ ନୀଳକଣ୍ଠ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୬।୧୧(ସମିସ): ପଣ୍ଡିତ ନୀଳକଣ୍ଠ ଦାସଙ୍କର ଶ୍ରାଦ୍ଧଦିବବସ ଅବସରରେ ବିଧାନସଭା ପରିସରରେ ଆୟୋଜିତ ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ, ଉତ୍କଳ ସମ୍ମିଳନୀ, ପୂଜ୍ୟପୂଜା ସଂସଦ ଓ ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତିର କର୍ମକର୍ତ୍ତା, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଶ୍ରୀ ରୋଜାଲିନ୍ ସାହୁ ସଂଯୋଜନା କରିଥିଲେ।




## ମୂଲ୍ୟବୋଧ ଆଧାରିତ ଶିକ୍ଷା ଜରିଆରେ ଯୁବକଙ୍କୁ ସଶକ୍ତ କରିବା ସଂକ୍ରାନ୍ତ କର୍ମଶାଳା




ଭୁବନେଶ୍ୱର, ୬।୧୧(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ କୃଷି ଶିକ୍ଷା ସଦନଠାରେ ମୂଲ୍ୟବୋଧ ଆଧାରିତ ଶିକ୍ଷା ଜରିଆରେ ଯୁବକମାନଙ୍କୁ ସଶକ୍ତ କରିବା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପୋଲିସର କମିସନର ସୁରେଶ ଦେବଦତ୍ତ ସିଂ ଯୋଗ ଦେଇ ସାମାଜିକ ଗଣମାଧ୍ୟମରେ ହେଉଥିବା ସାଇବର ଫ୍ରଡ ଉପରେ ଆଲୋଚନା କରିବା ସହ ଯୁବଗୋଷ୍ଠୀ ଏଥିରୁ ସତର୍କ ରହିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଡେପୁଟି କମିସନର ଜଗମୋହନ ମୀନା ମଧ୍ୟ ଛାତ୍ରଛାତ୍ରୀଙ୍କୁ ସାଇବର ଫ୍ରଡର ବିଭିନ୍ନ ଦିଗ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ଅବସରରେ ଶିକ୍ଷା ଓ ଅନୁସନ୍ଧାନର ଛାତ୍ର କଲ୍ୟାଣ ଅଧ୍ୟକ୍ଷ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଉଚ୍ଚ ଶିକ୍ଷାରେ ମାନବୀୟ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଉପରେ ମତ ରଖିଥିଲେ। ମନର ଶକ୍ତି ଜୀବନର ଶକ୍ତି ଉପରେ ଫିଲ୍ ଆଲିଆଭ କ୍ଲିନିକାଲ ଟ୍ରଷ୍ଟି ନିବେଦିତା ମହାନ୍ତି କହିଛନ୍ତି ଯେ ଆମ ମନ ଓ ଶରୀରକୁ ନିୟନ୍ତ୍ରଣ କରିପାରିଲେ ହିଁ ଆମେ ଆଗକୁ ବଢ଼ିପାରିବ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଛାତ୍ରଛାତ୍ରୀଙ୍କୁ ସାଇବର ଫ୍ରଡ ଉପରେ ସତର୍କ ରହିବା ସହ ସାମାଜିକ ମୂଲ୍ୟବୋଧ ଆହରଣ ଉପରେ ମତ ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ଓୟୁଏଟିସ୍ଥିତ ଭୁବନେଶ୍ୱରର ସମସ୍ତ ମହାବିଦ୍ୟାଳୟ ସମେତ ଭବାନୀପାଟଣା, ଚିପିଲିମାର କୃଷି, ଉଦ୍ୟାନ କୃଷି ଓ ରଙ୍ଗେଇଲୁଣ୍ଡା ଫିସେରି ମହାବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଅନଲାଇନ ମାଧ୍ୟମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ଅଧ୍ୟକ୍ଷ ପ୍ରଫେସର ସୁଶେନ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇ ଆରମ୍ଭ କରିଥିବା ବେଳେ ଡ଼. ଚକ୍ରଧର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ଡିନ ପିଜିଏଫ କମ ଡିଆରଇ ପ୍ରଫେସର ଚନ୍ଦ୍ରମଣି ଖଣ୍ଡା ଧନ୍ୟବାଦ ଦେଇଥିଲେ।

## ସ୍ୱର୍ଗତ ଲୁଲୁ ମହାପାତ୍ରଙ୍କ ନବମ ଶ୍ରାଦ୍ଧ ଦିବସ



ଭୁବନେଶ୍ୱର, ୬।୧୧(ସମିସ): ବିଶିଷ୍ଟ ରାଜନେତା ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନବମ ଶ୍ରାଦ୍ଧବାର୍ଷିକୀ ଭୁବନେଶ୍ୱରସ୍ଥିତ ଚେତନା କଲେଜ ଅଫ୍ ସ୍ପେଶାଲ୍ ଏଜୁକେସନ ଠାରେ ପାଳିତ ହୋଇଯାଇଛି। ଅମିୟ କୁମାର ଦାସ ଫାଉଣ୍ଡେସନ ଏବଂ କଳିଙ୍ଗ ଯୁବ ସେନାର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚେତନା ଅନୁଷ୍ଠାନର ଦିବ୍ୟାଙ୍ଗମାନଙ୍କୁ ଖାଦ୍ୟ ପ୍ରଦାନ ଏବଂ କଳିଙ୍ଗ ଯୁବ ସେନାର ଥିବା ଗୋଶାଳାରେ ଗାଇମାନଙ୍କୁ ଖାଦ୍ୟ ବଣ୍ଟନ କରାଯିବା ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିସହିତ ସ୍ୱର୍ଗତ ଲୁଲୁ ମହାପାତ୍ରଙ୍କୁ ସମସ୍ତେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଛାତ୍ର ସଂଗଠନର ଦାୟିତ୍ୱ ନେଇ ଛାତ୍ର ସମାଜକୁ ଆଗେଇ ନେବାରେ ଲୁଲୁଙ୍କର ରହିଥିଲା ବଳିଷ୍ଠ ଭୂମିକା ବୋଲି ଏହି କାର୍ଯ୍ୟକ୍ରମରେ କହିଛନ୍ତି ଅମୀୟ ଦାସ। ଆହୁରି ମଧ୍ୟ ମୋର ଜୀବନ ଥିବା ପର୍ଯ୍ୟନ୍ତ ମୋର ପ୍ରିୟ ବନ୍ଧୁ ସ୍ୱର୍ଗତ ଲୁଲୁ ମହାପାତ୍ରଙ୍କର ଶ୍ରଦ୍ଧାଞ୍ଜଳି ଦେଇଆସୁଥିବି ବୋଲି ସେ କହିଛନ୍ତି। ଆଜିର କାର୍ଯ୍ୟକ୍ରମରେ ଚେତନାର ସମସ୍ତ କର୍ମଚାରୀମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ ଯୁବ ସେନାର ପ୍ରତିଷ୍ଠାତା ଚନ୍ଦ୍ରଶେଖର ଦାସଙ୍କ ସମେତ ସ୍ମୃତି ରଞ୍ଜନ ଲେଙ୍କା, ଶୁଭଜିତ୍ ପଟ୍ଟନାୟକ ପ୍ରମୁଖ ସଦସ୍ୟ ଉପସ୍ଥିତ ରହିଥିଲେ।

## ବିନ୍ଦୁସାଗର ଘାଟ ସଫେଇ କଲେ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା




ଭୁବନେଶ୍ୱର, ୬।୧୧(ସମିସ): କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଭସାଯାଇଥିବା କଦଳୀ ପାଟୁଆ, କାଗଜ, ସୋଲ, ଫୁଲ ଆଦି ଡଙ୍ଗାରେ ବିନ୍ଦୁସାଗର ପରିପୂର୍ଣ୍ଣ ହୋଇଯାଇଥିଲା। ତେଣୁ ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ପବିତ୍ର ବିନ୍ଦୁସାଗର ଘାଟ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ କର୍ମକର୍ତ୍ତାମାନଙ୍କୁ ନେଇ ବିନ୍ଦୁ ସାଗରର ଘାଟ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଦୀପକ ମହାପାତ୍ର, ଉପସଭାପତି ସମରେନ୍ଦ୍ର ସାହୁ, ମନୋଜ ବେହେରା, ସୁରେଶ ବାରିକ, କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ଶିବ ପ୍ରସାଦ ବେହେରା, ଶିବ ନାରାୟଣ ରାୟ, ମହାମାୟା ସ୍ୱାଇଁ, ଦାଶରଥି ଗରାବଡୁ, ଜିତେନ୍ଦ୍ର ନନ୍ଦ ସହଯୋଗ କରିଥିଲେ।

## ମା' ଜାଗୁଳାଇ ଦେବୀଙ୍କ ନୂତନ ଗୃହ ପ୍ରତିଷ୍ଠା

ଯାଁଳା, ୬।୧୧(ସମିସ): ଜଟଣୀ ବ୍ଲକ ପଞ୍ଚପଲ୍ଲୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମକୁଣ୍ଡଳ ଗ୍ରାମର ଗ୍ରାମଦେବତୀ ମା' ଜାଗୁଳାଇ ଦେବୀଙ୍କ ନୂତନ ଗୃହ ପ୍ରତିଷ୍ଠା ପବିତ୍ର ରାସ ପୂର୍ଣ୍ଣମୀ ଦିନ ସମ୍ପନ୍ନ ହୋଇଛି। ରବୀନ୍ଦ୍ର କୁମାର ଜେନା ଓ କର୍ତ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜଟଣୀ ନିର୍ବାଚନ ମଣ୍ଡଳୀର ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ, ବିଧାୟକ ପ୍ରତିନିଧି ଦିପକ୍ କୁମାର ଜେନା, ସରପଞ୍ଚ ବନଜା ଜେନା ମଧ୍ୟ ଏହି ଉତ୍ସବରେ ସାମିଲ ହୋଇଥିଲେ। ଗ୍ରାମର କିଛି ଉଦୀୟମାନ ଯୁବକ ତୁଷାରକାନ୍ତ ଜେନା, ନିହାର ରଞ୍ଜନ ବସ୍ତୀ, ଧିରେନ୍ଦ୍ର ରଣସିଂହ, ଶ୍ରୀମନ୍ତ କୁମାର ଜେନା, ସତ୍ୟ ରଞ୍ଜନ ଜେନା, ଦେବନ୍ଦ୍ର ସାମନ୍ତରାୟ, ଜ୍ୟୋତି ରଞ୍ଜନ ଜେନା, ଆଶ୍ୱିନୀ ରାଉତରାୟ, ମାନସ ପ୍ରଧାନ, ପ୍ରଭାକର ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ।

## ଆଜି ଛାଡ଼ଭିଡ଼; ଅପେକ୍ଷାରେ ବେପାରୀ

ଭୁବନେଶ୍ୱର, ୬।୧୧(ସମିସ): ମାଣବସା ଗୁରୁବାର ପାଇଁ ଫିକା ପଡ଼ିଲା ଛାଡ଼ଖାଇ ଆମିଷ ବ୍ୟବସାୟ। ସକାଳୁ ସକାଳୁ ଆମିଷ ମାର୍କେଟ ଖୋଲିଥିଲେ ବି ଗ୍ରାହକ ଆସିନଥିଲେ। କେବଳ ବିଭିନ୍ନ ହୋଟେଲ ପାଇଁ ଆମିଷ ବିକ୍ରି ହୋଇଥିବା ଜଣାପଡ଼ିଛି। ମାର୍ଗଶିର ମାସର ପ୍ରଥମ ଗୁରୁବାର ଛାଡ଼ଖାଇ ପଡୁଥିବାରୁ ରାଜଧାନୀର ଆମିଷ ହାଟ ଶୂନଶାନ୍ ହୋଇଥିବା ବେଳେ ଆସନ୍ତା କାଲି ପ୍ରବଳ ଗହଳି ଜମିବ ବୋଲି ବ୍ୟବସାୟୀମାନେ ଆଶାବ୍ୟକ୍ତ କରିଛନ୍ତି। ଏଥିପାଇଁ ବିଭିନ୍ନ ପ୍ରକାର ଆମିଷ ବରାଦ ବି ସରିଛି। କେଉଁଠାରେ ଗୁରୁବାର ସନ୍ଧ୍ୟାରେ ଟନ୍ ଟନ୍ ମାଛ ଗାଡ଼ି ପହଞ୍ଚିଛି ତ ଆଉ କେଉଁଠି ବଡ଼ି ଭୋରୁ ଛେଳି ଓ କୁକୁଡ଼ା ଭର୍ତ୍ତି ଗାଡ଼ି ପହଞ୍ଚିବ ବୋଲି ବ୍ୟବସାୟୀମାନେ କହିଛନ୍ତି।

# ଆଧୁନିକ କଂସେଇଖାନାରେ ତାଲା; ରାସ୍ତାକଡ଼ରେ ଛେଳିକଟା

ଭୁବନେଶ୍ୱର, ୬।୧୧(ସମିସ): ରାସ୍ତାକଡ଼ରେ ମାଂସ କଟା ନ ହୋଇ ଅତ୍ୟାଧୁନିକ ବ୍ୟବସ୍ଥିତ ଢଙ୍ଗରେ କଟାଯିବାକୁ ଅତ୍ୟାଧୁନିକ ଶୈଳୀରେ ନିର୍ମିତ ହୋଇଥିଲା ମାଂସକଟା କଂସେଇଖାନା। ହେଲେ ପରିଚାଳନାଗତ ତ୍ରୁଟି ଯୋଗୁଁ ୮ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କଂସେଇ ଖାନା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଫଳରେ ଏବେ ରାସ୍ତାକଡ଼ରେ ମାଂସ କଟାଯାଉଛି। ଯେଉଁ ବୀଭତ୍ସ ଦୃଶ୍ୟ ରାସ୍ତା ଯାଉଥିବା ବିଦ୍ୟାଳୟ ଛାତ୍ରଛାତୀଙ୍କ ସମେତ ସାଧାରଣ ଲୋକଙ୍କୁ ବ୍ୟଥିତ କରୁଛି।

■ ଗ୍ରାହକ ଓ ବ୍ୟବସାୟୀଙ୍କୁ ସୁହାଉନି ବ୍ୟବସ୍ଥା

■ ସୁପ୍ରିମକୋର୍ଟଙ୍କ କଟକଣାକୁ ବ୍ୟବସାୟୀଙ୍କ ଫୁ



୨୦୧୭ ମସିହାରେ ଗାଡ଼କଣରେ ୧୮ ହଜାର ବର୍ଗଫୁଟ୍ ସ୍ଥାନରେ ନିର୍ମାଣ ହୋଇଥିଲା ମାଂସ କଟା କଂସେଇଖାନା। ଏଠାରେ ଆଧୁନିକ ଜ୍ଞାନକୌଶଳରେ ୧୫୦ଟି ଛେଳି କାଟିବାର ବ୍ୟବସ୍ଥା ରହିବା ସହ ସେଥିରୁ ବାହାରୁଥିବା ବର୍ଜ୍ୟ ପ୍ରକ୍ରିୟାକରଣ ବ୍ୟବସ୍ଥା ରହିଥିଲା। ଆଗକୁ ସହରର ଅନ୍ୟ ୫ଟି ସ୍ଥାନ ଯଥା: ବାଣୀବିହାର, ପାଣ୍ଡରା, ଡୁମୁଡୁମା ଓ ଘାଟିକିଆ ଆଦି ସ୍ଥାନରେ ଏହିଭଳି ଆଧୁନିକ କଂସେଇଖାନା ସ୍ଥାପନ ପାଇଁ ଯୋଜନା ରହିଥିଲା। କିନ୍ତୁ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏପଟେ ସହରର ବିଭିନ୍ନ ସ୍ଥାନରେ ରାସ୍ତାକଡ଼ରେ ମାଂସ କଟାଯାଉଛି। ରାଜଧାନୀରେ ମୋଟ ୫୦୦ରୁ ଉର୍ଦ୍ଧ୍ୱ ମଟନ ଦୋକାନ ରହିଥିବା ବେଳେ ଏଠାରେ ପ୍ରତିଦିନ ହଜାରେ ଛେଳି କଟାଯାଉଛି। ରାସ୍ତା କଡ଼ରେ ଖୁଲମଖୁଲା ଭାବେ ବ୍ୟବସାୟୀମାନେ ମାଂସ କାଟୁଥିବା ବେଳେ କେତେକ ଶିକ୍ଷାନୁଷ୍ଠାନ ନିକଟରେ ମଧ୍ୟ ମାଂସକଟା ଦୃଶ୍ୟ ଛାତ୍ରଛାତ୍ରୀଙ୍କ ମାନସିକ ସ୍ତରରେ କୁପ୍ରଭାବ ପକାଉଥିବା ଅଭିଯୋଗ ହେଉଛି। କିନ୍ତୁ ସେ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।

ତେବେ ଏନେଇ ଜଣେ ଖାସି ମାଂସ ବ୍ୟବସାୟୀ କହିଛନ୍ତି ଯେ, ଏହି ଅତ୍ୟାଧୁନିକ କଂସେଇ ଖାନାରେ ଖାସି ପିଛା ବ୍ୟବସାୟୀଙ୍କୁ ୧୫୦ଟଙ୍କା ସହ ଟ୍ରାନ୍ସପୋର୍ଟ ଚାର୍ଜକୁ ମିଶାଇଲେ ବ୍ୟବସାୟୀଙ୍କୁ କ୍ଷତି ସହିବାକୁ ପଡ଼ିଲା। ଏପଟେ ମାଂସ ଦର ବୃଦ୍ଧି କରିବା ଦ୍ୱାରା ଗ୍ରାହକ ବି ଆସିଲେ ନାହିଁ। ତେଣୁ ବ୍ୟବସାୟୀମାନେ ଏଠାରେ କଟାଇ ନେବାକୁ ମନ ବଳାଉନାହାଁନ୍ତି। ଆବଶ୍ୟକ ପରିମାଣରେ ଛେଳି କଟା ଯାଉ ନ ଥିବାରୁ ମେସିନ୍ ମଧ୍ୟ କାମରେ ଆସୁନି।

### ପ୍ରଶିକ୍ଷଣ ଅଭାବରୁ ଚାଲିପାରୁନି ମେସିନ୍

ସେହିପରି ଏସମ୍ପର୍କରେ ଓଡ଼ିଶା ନନଭେଜ୍ ଟ୍ରେଡର୍ସ ଫେଡେରେସନ ପକ୍ଷରୁ କୁହାଯାଇଛି, ଏଠାରେ ଅଟୋମେଟିକ୍ ମେସିନ୍ ମାଧ୍ୟମରେ ଚମଡ଼ା ଛଡ଼ାଇବା ଠାରୁ ଆରମ୍ଭ କଟାଯିବା ଯାଏ ସମସ୍ତ ବ୍ୟବସ୍ଥା ରହିଛି। ଏପର୍ଯ୍ୟନ୍ତ ମେସିନ୍ ଚଳାଇବା ଓ ପରିଚାଳନା କରିବାକୁ ପ୍ରଶିକ୍ଷଣ ଦିଆଯାଇ ନାହିଁ। ଏପର୍ଯ୍ୟନ୍ତ ଥରେ ମାତ୍ର ବ୍ୟବସାୟୀଙ୍କୁ ଡକାଯାଇ ଡେମୋ ଦେଖାଯାଇଥିଲା। କିନ୍ତୁ ମେସିନ୍‌ରେ ଯେତିକି ସମୟ ଲାଗୁଛି ତା ଠାରୁ କମ୍ ସମୟରେ ବ୍ୟବସାୟୀମାନେ ମାଂସ କାଟୁଥିବା ଜଣାପଡ଼ିଥିଲା। ତେଣୁ ସଠିକ୍ ଭାବେ ମେସିନ୍ ଚଳାଇବା ପ୍ରଶିକ୍ଷଣ ପ୍ରଦାନ କରାଗଲେ ବ୍ୟବସାୟୀମାନେ ମେସିନ ଉତ୍ତମ ଭାବେ ପରିଚାଳନା କରିପାରନ୍ତେ।

# ଜିଲ୍ଲାରୁ ୧୧୭ ତୀର୍ଥଯାତ୍ରୀ ଅଯୋଧ୍ୟା ଅଭିମୁଖେ



ଭଦ୍ରକ/ଭଣ୍ଡାରୀପୋଖରୀ, ୬।୧୧(ସମିସ): ପର୍ଯ୍ୟଟନ ବିଭାଗର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଦଳଙ୍କୁ ନେଇ ଯାଉଥିବା ବସ୍‌କୁ ପତାକା ଦେଖାଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଶୁଭାରମ୍ଭ କରିଛନ୍ତି। ଏହି ତୀର୍ଥଯାତ୍ରୀମାନେ ଆସନ୍ତାକାଲି ବାଲେଶ୍ୱର ଷ୍ଟେସନ୍‌ରୁ ଅଯୋଧ୍ୟା ଓ ବାରଣାସୀ ଭଳି ପ୍ରସିଦ୍ଧ ତୀର୍ଥସ୍ଥାନ ଭ୍ରମଣରେ ଯିବେ। ଏଥିପାଇଁ ଭଦ୍ରକ ଜିଲ୍ଲାରୁ ୧୧୭ ଜଣ ତୀର୍ଥଯାତ୍ରୀ ବାଲେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଆଜି ଭଦ୍ରକଠାରେ ଏହି ଯାତ୍ରାର ଶୁଭାରମ୍ଭ କରି ବରିଷ୍ଠ ନାଗରିକମାନଙ୍କ ସୁସ୍ଥ ଓ ସୁରକ୍ଷିତ ତୀର୍ଥଯାତ୍ରା ପାଇଁ ଶୁଭେଚ୍ଛା ଉପ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଥିଲେ।

ଜିଲ୍ଲାପାଳ ଦୀଲିପ ରାଉତରାଏ, ଏସ୍‌ପି ମନୋଜ କୁମାର ରାଉତ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟପଟେ, ଭଣ୍ଡାରିପୋଖରୀ ବ୍ଲକ୍ ପ୍ରଶାସନ ପକ୍ଷରୁ ୧୪ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଦଳ ଥିରେ ସାମିଲ ହୋଇଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାନ୍ତ୍ୱନା ଦାସଙ୍କ ସଂଯୋଜନାରେ ତୀର୍ଥଯାତ୍ରୀ ୧୪ ତୀର୍ଥଯାତ୍ରୀଙ୍କୁ ଭଦ୍ରକ ରେଳ ଷ୍ଟେସନ ପଠାଯାଇଥିଲା। ଏହି ଉତ୍ସବକୁ ବ୍ଲକ ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ ମୁଖ୍ୟଅତିଥି ଭାବେ ଶୁଭାରମ୍ଭ କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟ ବଦ୍ରିନାରାୟଣ ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ହୃଦାନନ୍ଦ ଜେନା, ସମାଜସେବୀ ପ୍ରଣବ ରାଉତ, ଦକ୍ଷିଣବାଡ ସରପଞ୍ଚ ପ୍ରତିନିଧି କାର୍ତ୍ତିକ ଜେନା, କର୍ମଚାରୀ ସୁଧାଂଶୁ ପାଢୀ ସଫଳ ଯାତ୍ରାର କାମନା କରିଥିଲେ। ଯାତ୍ରୀମାନେ ଭଦ୍ରକରୁ ରେଳ ଯୋଗେ ଅଯୋଧ୍ୟା ଓ ବାରଣାସୀ ଭ୍ରମଣ କରି ଅଗାମୀ ୧୩ ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାଯାଇଛି।

## ସୋସୋ କଲେଜ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ଧାରଣା



ହାଟଡ଼ିହୀ,୬।୧୧(ସମିସ): ବେଆଇନ୍ ଭାବେ ଫାଇନ୍ ଆଦାୟକୁ ନେଇ ସୋସୋ କଲେଜ ସମ୍ମୁଖରେ ଛାତ୍ରଛାତ୍ରୀମାନେ ଧାରଣାରେ ବସିଥିଲେ। ସୋସୋ କଲେଜରେ ସେମିଷ୍ଟାର ପରୀକ୍ଷା ପାଇଁ ଫର୍ମ ପୂରଣ ବେଳେ କିଛି ଛାତ୍ରଛାତ୍ରୀଙ୍କଠାରୁ ବେଆଇନ୍ ଭାବେ କଲେଜ କର୍ତ୍ତୃପକ୍ଷ ହଜାରେ ଟଙ୍କା ଲେଖାଏଁ ଫାଇନ୍ ଆଦାୟ କରୁଛନ୍ତି। ଶତକଡା ୭୫ ପ୍ରତିଶତ ଉପସ୍ଥାନ ନଥିବା ହେତୁ ଏହି ଜରିମାନା ଆଦାୟ କରାଯାଉଥିବା କଲେଜ କର୍ତ୍ତୃପକ୍ଷ କହୁଥିବା ବେଳେ କୌଣସି ରସିଦ୍ ଦେଉ ନଥିବାରୁ ଛାତ୍ରଛାତ୍ରୀଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇବା ସହ ଧାରଣା ଦେଇଥିଲେ। କଲେଜ ଅଧ୍ୟକ୍ଷ କହୁଛନ୍ତି ଯେ ୟୁନିଭର୍ସିଟିର ନିର୍ଦ୍ଦେଶ ଅନୁଯାୟୀ ଆମେ ଏପରି ନିଷ୍ପତ୍ତି ନେଉଛୁ। ଧାରଣାରେ ବସିଥିବା ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଶୂନ୍ ଥିବାରୁ କଲେଜ୍ ଫାଇନ୍ ଆଦାୟ କରୁଛି ବୋଲି କହିଛନ୍ତି।

## ଆରଡି-ଭଦ୍ରକ ରାସ୍ତା ନିର୍ମାଣରେ ଅନିୟମିତତା; ୭ରେ ପ୍ରତିବାଦ



ଅସୁରାଳି,୬।୧୧(ସମିସ): ଆଖଣ୍ଡଳମଣି-ଭଦ୍ରକ ୩୫ ନମ୍ବର ରାଜ୍ୟ ରାଜପଥରେ ୪ ବର୍ଷ ଧରି ରାସ୍ତା ପ୍ରଶସ୍ତୀକରଣ ଓ ମରାମତିରେ ଅନିୟମିତତା ଯୋଗୁଁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ଦୁର୍ଘଟଣା ମଧ୍ୟ ଘଟୁଛି। ଧାମନଗର ବ୍ଲକର ବେତାଳିଗାଁ ବଜାରରେ ଗୁରୁବାର ସନ୍ଧ୍ୟାରେ ଏହାର ପ୍ରତିବାଦ କରିବା ପାଇଁ ଏକ ରୂପରେଖ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ଏକ ରାସ୍ତାରୋକକୁ କିପରି ସଫଳ କରାଯିବ ସେଥିପାଇଁ ପୂର୍ବତନ ସରପଞ୍ଚ ଅନିଲ ଦାସଙ୍କ ସଭାପତିତ୍ୱ ଓ ପୂର୍ବତନ ସମିତିସଭ୍ୟ ରମେଶଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ବୈଠକରେ ଆଲୋଚନା କରାଯାଇଥିଲା। ବରିଷ୍ଠ ସିପିଏମ୍ ନେତା ଚନ୍ଦ୍ରଶେଖର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ବରିଷ୍ଠ ଆଇନଜୀବୀ ଶଶିଭୂଷଣ ପଣ୍ଡା, ଭାଗୀରଥି ମହାନ୍ତି, ରବୀନ୍ଦ୍ର କୁମାର ବେହୁରିଆ, କାଶୀନାଥ ମହାନ୍ତି, ମାର୍କଣ୍ଡ ଜେନା, ଆଲୋକ ସ୍ୱାଇଁ, ମାନସରଞ୍ଜନ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରାସ୍ତା ସମସ୍ୟା ନେଇ ବିଭିନ୍ନ ସ୍ଥାନରେ ପ୍ରତିବାଦ କରାଯାଉଥିଲେ ବି ପୂର୍ତ୍ତ ବିଭାଗ ଅଧିକାରୀ ଓ କର୍ମଚାରୀ ନିରବରେ ବସିଛନ୍ତି। ଠିକାଦାରଙ୍କଠାରୁ ଆରମ୍ଭ କରି ଶାସକ ଦଳର ବିଧାୟକ ତଥା ମନ୍ତ୍ରୀ ଏବଂ ନେତା ରାସ୍ତା ପାଇଁ ତତ୍ପରତା ପ୍ରକାଶ କରୁ ନାହାଁନ୍ତି। ମେଗା ପ୍ରକଳ୍ପରୁ ପାନୀୟଜଳ ଯୋଗାଇ ଦେବାକୁ କହି ଏହି ରାଜପଥକୁ ଖୋଳି ଛାରଖାର କରି ଦେଉଛନ୍ତି। ଏପରି ଅନୀତି ବିରୁଦ୍ଧରେ ଦଳମତ ନିର୍ବିଶେଷରେ ଧାମନଗର ବ୍ଲକର ପାଳସାହି ପଞ୍ଚାୟତର ଜନସାଧାରଣ ରାସ୍ତାକୁ ଓହ୍ଲାଇବେ। ୧୦ ଦିନ ପୂର୍ବରୁ ଜିଲ୍ଲା ପ୍ରଶାସନକୁ ଆସନ୍ତା ୭ ତାରିଖ ଶୁକ୍ରବାର ସୁଦ୍ଧା ସମସ୍ୟାର ସମାଧାନ ନହେଲେ ରାସ୍ତାରୋକ କରିବା ନେଇ ଲିଖିତ ଭାବେ ଅବଗତ କରାଯାଇଛି।

## ବିଦ୍ୟାଳୟରେ ଚୋରି; ତଦନ୍ତ ଆରମ୍ଭ

ଧାମନଗର, ୬।୧୧(ସମିସ): ଧାମନଗର ଅଞ୍ଚଳରେ ବିଭିନ୍ନ ମନ୍ଦିର ଓ ଧାର୍ମିକ ଅନୁଷ୍ଠାନ ବିଭିନ୍ନ ସମୟରେ ଚୋରି ହେଉଥିବା ବେଳେ ଗୁରୁବାର ବିଳମ୍ବିତ ରାତିରେ ଧାମନଗର ଥାନା ଅନ୍ତର୍ଗତ କଲ୍ୟାଣୀ ଉଚ୍ଚ ବିଦ୍ୟାଳୟରେ ଚୋରି ହୋଇଥିବା ଜଣାଯାଇଛି। ଏହି ଘଟଣା ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ମାତ୍ରେ ଆଇଆଇସି ରଞ୍ଜନ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ନରେନ୍ଦ୍ର ରାଉତ ବିଦ୍ୟାଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। ବିଦ୍ୟାଳୟ ସ୍ମାର୍ଟ କ୍ଲାସରୁମରୁ ୨ଟି ଏଲଇଡି ଟିଭି ସହିତ କିଛି ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି। ଏହି ଚୋରି ଘଟଣାର ତଦନ୍ତ ଆରମ୍ଭ ହୋଇଛି ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଯଥାଶୀଘ୍ର ଧରାଯିବ ବୋଲି ଆଇଆଇସି ଶ୍ରୀ ସେଠୀ ସୂଚନା ଦେଇଛନ୍ତି।

## ଉପମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ବିକାଶ କାର୍ଯ୍ୟର ସମୀକ୍ଷା

ଭଦ୍ରକ, ୬।୧୧ (ସମିସ): ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କ ଭଦ୍ରକ ଗସ୍ତ ପରିପ୍ରେକ୍ଷୀରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଛି। ପ୍ରଥମେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୧୧୭ ଜଣ ବରିଷ୍ଠ ନାଗରିକଙ୍କୁ ୩ଟି ବସ୍‌ରେ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହାପରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ଓ ସରକାରୀ ଯୋଜନା ସଂପର୍କରେ ଏକ ବୈଠକ ଜିଲ୍ଲା ସଦଭାବନା ସଭାଗୃହରେ ଯୋଗଦେଇଥିଲେ। ଜିଲ୍ଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ କୁମାର ଦତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତୀ, ଡେପୁଟୀ କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଏବଂ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ପ୍ରଥମେ ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା ହୋଇଥିଲା। ଏଥିରେ ଏସ୍‌ପି ଶ୍ରୀ ରାଉତ ଜିଲ୍ଲାରେ ବିଭିନ୍ନ ପର୍ବପର୍ବାଣୀକୁ ଶାନ୍ତିଶୃଙ୍ଖଳା ସହିତ ପାଳନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିବାର ସୂଚନା ପ୍ରଦାନ କରିଥିଲେ।

ବିଶେଷ କରି ଐତିହାସିକ କାଳୀପୂଜା ଓ ଧାମନଗର ଉର୍ସରେ ହୋଇଥିବା ପ୍ରବଳ ଜନସମାଗମକୁ



ଅତି ସୁସଂଗଠିତ ଭାବରେ ପରିଚାଳନା କରାଯାଇଥିଲା, ଯାହାଫଳରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନଥିଲା। ଏହାଛଡ଼ା ମହିଳାଙ୍କ ଉପରେ ହେଉଥିବା ନିର୍ଯାତନାକୁ ରୋକିବା ପାଇଁ ପ୍ରତ୍ୟେକ ଥାନାରେ ଏକ ମହିଳା ଶକ୍ତି କେନ୍ଦ୍ର କ୍ରିୟାଶିଳ ଅଛି। ମିଶନ ଶକ୍ତି କାଫେ ସମସ୍ତ ବ୍ଲକ ଏବଂ ଜିଲ୍ଲା ମୁଖ୍ୟାଳୟରେ ଅବିଳମ୍ବେ କାର୍ଯ୍ୟାନ୍ୱିତ କରିବା ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ଥାପନ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମସ୍ତ ଅଙ୍ଗନବାଡିର ନିଜସ୍ୱ ଗୃହ ଉପଲବ୍ଧି କରିବାପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା, ସୁଭଦ୍ରା ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କୁ ସଠିକ ତଦନ୍ତ କରି ବାଦ ଦେବା, ଶିଶୁ ସୁରକ୍ଷା ଯୋଜନାରେ ଉଦ୍ଧାର ହେଉଥିବା ଶିଶୁଙ୍କୁ ଶିଶୁ ପରିଚର୍ଯ୍ୟା ସଂସ୍ଥା ମାଧ୍ୟମରେ ଉପଯୁକ୍ତ ଶିକ୍ଷା ପ୍ରଦାନ ସହିତ ସେମାନଙ୍କୁ ଥଇଥାନ କରିବା ଦିଗରେ ପଦକ୍ଷେପ, ମିଶନ ବାତ୍ସଲ୍ୟ ଓ ଯଶୋଦା ଯୋଜନାକୁ ଠିକଭାବରେ କାର୍ଯ୍ୟକାରୀ କରିବା, ଶିଶୁ ହେଲ୍ପଲାଇନ ନମ୍ବର ୧୦୯୮ ଓ ପୁଲିସ ହେଲ୍ପଲାଇନ ନମ୍ବର ୧୧୨କୁ ବହୁଳଭାବରେ ଜନସମାଗମ ହେଉଥିବା ସ୍ଥାନ ବସ ଷ୍ଟାଣ୍ଡ, ରେଲୱେ ଷ୍ଟେସନ, ଅଟୋ ଷ୍ଟାଣ୍ଡ ଇତ୍ୟାଦିରେ ପ୍ରଚାର ପ୍ରସାର କରିବା, ପର୍ଯ୍ୟଟନ ପ୍ରକଳ୍ପ ଯଥା ଚାରବାଟିଆରେ ଏକ ପାର୍କ, କାନ୍ତ କବି ଲକ୍ଷ୍ମୀକାନ୍ତ ମେମୋରିଆଲ ପାର୍କ, ବିରଞ୍ଚି ନାରାୟଣ ମନ୍ଦିର, ପାଳିଆବିନ୍ଧାର ଉନ୍ନତିକରଣ, ଗୋହିରାଟିକିରିରେ ଏକ ପାର୍କ, ଲାଇବ୍ରେରୀ, ଇଣ୍ଟରପ୍ରିଟେସନ୍ କେନ୍ଦ୍ର, ବାବା ଆଖଣ୍ଡଳମଣୀ ମନ୍ଦିରର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ, ମା'ଭଦ୍ରକାଳୀଙ୍କ ପୀଠର ଉନ୍ନତିକରଣ, ରକ୍ତତୀର୍ଥ ଇରମର ପାରିପାର୍ଶ୍ୱିକ ଉନ୍ନତିକରଣ, ଜିଲ୍ଲାର ବିଭିନ୍ନ ରାସ୍ତା ପ୍ରକଳ୍ପର ଅଗ୍ରଗତି, ଆରଡି ରାସ୍ତାର ସଂପ୍ରସାରଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ସ୍ଥାପନ କରିବା ଆଦି ବିଭିନ୍ନ କାର୍ଯ୍ୟର କାର୍ଯ୍ୟକାରୀ ଓ ଅଗ୍ରଗତି ଉପରେ ଗୁରୁତ୍ୱ ପ୍ରଦାନ କରି ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଯେପରି ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁ ଜନସାଧାରଣଙ୍କ ପାଖରେ ପହଞ୍ଚିପାରିବ ସେଥିପ୍ରତି ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**ପଥର ପ୍ୟାକିଂରେ ଅନିୟମିତତା; ନଦୀକୁ ଧସିଲାଣି ବନ୍ଧ**

## ଗୋଟିଏ ବର୍ଷରେ ୨ଟି ପ୍ରୋଜେକ୍ଟରୁ କୋଟିଏରୁ ଅଧିକ ଖର୍ଚ୍ଚ



ଅସୁରାଳି, ୬।୧୧(ସମିସ): ଧାମନଗର ବ୍ଲକ ପାଳସାହି ପଞ୍ଚାୟତର ତୋଟାସାହି ନିକଟରେ ସପ୍ତାହେ ତଳେ ବୈତରଣୀ ନଦୀ ମଧ୍ୟକୁ ପ୍ରାୟ ୧୦୦ ଫୁଟର ମାଟି ଅତଡା ଖସିଥିଲା। ଜଳ ସମ୍ପଦ ବିଭାଗର ଅଧିକାରୀମାନେ ସେହି ସ୍ଥାନକୁ ଯାଇ ନଦୀବନ୍ଧ ଉପରେ କେଇଖଣ୍ଡ ପୁରୁଣା ବାଉଁଶ ଖୁଣ୍ଟ ପୋତି ସେଥିରେ ତାର ବାନ୍ଧି ନିରବ ହୋଇ ବସିଛନ୍ତି। ୨/୩ ଦିନ ମଧ୍ୟରେ ମାଟି ଧସିବା ସ୍ଥାନରେ ମରାମତି କାର୍ଯ୍ୟ କରାଯିବ ବୋଲି ବିଭାଗୀୟ ଜେଇ ଆତଙ୍କିତ ହୋଇ ପଡିଥିବା ଗ୍ରାମର ଲୋକଙ୍କୁ କହିଥିଲେ। ମରାମତି କାର୍ଯ୍ୟ ଏ ଯାଏଁ ନଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ ସେମାନେ ନଦୀରେ ହୋଇଥିବା ପଥର ପ୍ୟାକିଂରେ ସମ୍ପୂର୍ଣ୍ଣ ଅନିୟମିତତା ହୋଇଥିବା ଓ ଏହାର ଭିଜିଲାନ୍ସ ତଦନ୍ତ କରାଯିବା ନେଇ ସେମାନେ ଦାବି କରିଛନ୍ତି। ୬ ମାସ ତଳେ ହେଉଥିବା ଏହି ପଥର ପ୍ୟାକିଂ ସଠିକ ଭାବରେ ହେଉ ନଥିବାରୁ ସେମାନେ ଏହା ଧସିବା ନେଇ ଆଶଙ୍କା କରିଥିଲେ। ତତ୍କାଳୀନ ଜେଇଙ୍କୁ ଅନିୟମିତତା ସମ୍ପର୍କରେ କହିଥିଲେ। ସେ ସଠିକ କାମ ହେବ ବୋଲି ମିଥ୍ୟା ପ୍ରତିଶ୍ରୁତି ଦେଇଥିବା ଅଭିଯୋଗ କରିଛନ୍ତି। ତେବେ ପଥର ପ୍ୟାକିଂ ପାଇଁ ୩ ଗୋଟି ଟେଣ୍ଡର କରାଯାଇଥିଲା। ଏହାର ଅଟକଳ ପ୍ରାୟ ୨ କୋଟି ବୋଲି କୁହାଯାଉଛି। ୨ଟି ଟେଣ୍ଡରରେ କାମ ଶେଷ ହୋଇଥିବା ବେଳେ ଆଉ ଗୋଟିଏ କାମ ପାଇଁ ଠିକାଦାର ବନ୍ଧ ଉପରେ କେବଳ କେଇଟ୍ରିପ ପଥର ପକାଇଛନ୍ତି ଓ ଚଳିତ ବର୍ଷ ସେହି କାମ ଶେଷ କରିବାର ମସୁଧା ରଖିଛନ୍ତି। ଯେଉଁ ୨ଟି ପଥର ପ୍ୟାକିଂ ପ୍ରୋଜେକ୍ଟରେ କାମ ସରିଛି ଏବଂ ଅର୍ଥ ହେରଫେର ହୋଇଥିବା କୁହାଯାଉଛି। ଏହି କାର୍ଯ୍ୟ ପାଇଁ କେତେ ଟଙ୍କାର ଟେଣ୍ଡର ହୋଇଛି ଓ କେତେ ମିଟର ଲମ୍ବର କାର୍ଯ୍ୟ କରାଯାଇଛି, ତାହାର ଫଳକ ଲଗା ଯାଇନି। ତେବେ ଫଳକ ନମାରି ଠିକାଦାର କେମିତି ବିଲ୍ କଲେ ଗ୍ରାମବାସୀ ଏନେଇ ପ୍ରଶ୍ନ କରିଛନ୍ତି। ପଥର ପ୍ୟାକିଂ ନିମ୍ନମାନର ହୋଇ ଥିବାରୁ ବର୍ଷେ ନପୁରୁଣୁ ଏହା ବିଭିନ୍ନ ସ୍ଥାନରେ ଦବିବା ସହ କେତେକ ସ୍ଥାନରେ ପଥର ଖସି ପଡିଛି। ଏବେ ଏହା ଗାଁ ପ୍ରତି ବିପଦ ସୃଷ୍ଟି କରିଛି। ଗ୍ରାମବାସୀ ଆସନ୍ତା ସପ୍ତାହରେ ଭଦ୍ରକ ଜିଲାପାଳଙ୍କୁ ସାକ୍ଷାତକରି ଏ ବିଷୟରେ ଅବଗତ କରାଇବେ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଜେଇ ବିମଳ କୁମାର ବେହେରାଙ୍କୁ ପଚାରିବାରୁ କହିଛନ୍ତି, ପଥର ପ୍ୟାକିଂ ଦବିଛି ଓ କେତେକ ସ୍ଥାନରେ ଖସି ପଡିଥିବା ବାବଦରେ ସେ ଜାଣିଛନ୍ତି; ଯେହେତୁ ସମସ୍ତ କାମ ସରିନି, ତା'ର ମରାମତି କାର୍ଯ୍ୟ ନିଶ୍ଚିତ କରାଯିବ।

## ମହିମାଶ୍ରମରେ କାର୍ତ୍ତିକ ପୂର୍ଣ୍ଣିମା ମହାଯଜ୍ଞ

ଅସୁରାଳି, ୬।୧୧(ସମିସ): କଲ୍ୟାଣୀ ଅଲେଖ ମହିମା ଆଶ୍ରମର ପବିତ୍ର ପରିସରରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଏକଦିନିଆ ମହାଯଜ୍ଞ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଗତ ୧୦୦ ବର୍ଷ ଧରି ଅବିରତ ଭାବେ ଚାଲିଆସୁଥିବା ଏହି ଆଧ୍ୟାତ୍ମିକ ଅନୁଷ୍ଠାନ ଏବେ ଏକ ଐତିହାସିକ ପରମ୍ପରାର ରୂପ ନେଇଛି। ଯଜ୍ଞ ଅନୁଷ୍ଠାନ କାର୍ତିକ ପୂର୍ଣ୍ଣିମା ପୂର୍ବଦିନ ଆରମ୍ଭ ହୋଇ ନାମସଙ୍କୀର୍ତନ ଓ ଧାର୍ମିକ କାର୍ଯ୍ୟକ୍ରମ ସହ ଆଶ୍ରମ ପରିସର ଶୁଭ ଉତ୍ସାହରେ ସମାପନ ହୋଇଥିଲା। ପୂର୍ଣ୍ଣିମା ଦିନ ଭୋରୁ ଯଜ୍ଞର ପୂର୍ଣ୍ଣ ଆହୁତି ଦିଆଯାଇ ବିଶେଷ ପୂଜା ପାଳନ କରାଯାଇଥିଲା। ଏହି ଅବସରରେ ଦୂରରୁ ଆସିଥିବା ଶ୍ରଦ୍ଧାଳୁମାନେ ଆଶ୍ରମର ଦିବ୍ୟ ପରିବେଶରେ ଅଂଶଗ୍ରହଣ କରି ଧାର୍ମିକ ଆନନ୍ଦ ଉପଭୋଗ କରିଥିଲେ। ପ୍ରସାଦ ବଣ୍ଟନ ଓ ନାମସଙ୍କୀର୍ତନ ମାଧ୍ୟମରେ ଆଶ୍ରମର ଶାନ୍ତିମୟ ଓ ଆଧ୍ୟାତ୍ମିକ ଚେତନା ଅନୁଭୂତି ଦେଖିବାକୁ ମିଳିଥିଲା।

## ବିଶ୍ୱେଶ୍ୱର ପୀଠରେ ଭଜନ ସନ୍ଧ୍ୟା



ବାରିକପୁର, ୬।୧୧(ସମିସ): ପବିତ୍ର କାର୍ତିକ ପୂର୍ଣ୍ଣିମା ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରହଣିଆ ପଞ୍ଚାୟତ ରାଢୋ ବିଶ୍ୱେଶ୍ୱର ପୀଠରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ପୀଠରେ ନବଦିନ ବ୍ୟାପି ବାର୍ଷିକ ଶୈବ ପୁରାଣ ପାଠ ହୋଇଥିଲା। କାର୍ତିକ ପୂର୍ଣ୍ଣିମା ଦିନ ପାଠ ଉତ୍ସବ ଉଦଯାପିତ ହୋଇଥିବା ବେଳେ ସନ୍ଧ୍ୟାରେ ଆୟୋଜକ କମିଟି ପକ୍ଷରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଏଥିରେ ମଞ୍ଜୁରୀ ରୋଡଠାରୁ ଆସିଥିବା ବାବା ଭଜନ ଟ୍ରୁପ ପକ୍ଷରୁ ସଙ୍ଗୀତ ପରିବେଷଣ ହୋଇଥିଲା। ଦୃଷ୍ଟିବାଧିତ ଶିଶୁ କଳାକାର ହରିହର ବାରିକଙ୍କ ଭଜନ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମବାସୀ ସମେତ ବୋହୁ ଜନସାଧାରଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱେଶ୍ୱର ପୂଜା କମିଟି ସଦସ୍ୟ ଅଜୟ କୁମାର ନାୟକ, ହେମନ୍ତ ଦାସ, ଗୋଲଖ ଚନ୍ଦ୍ର ରାଉତ, ବିଶ୍ୱନାଥ ନାୟକ, ମନୋଜ ନାୟକ, ବିଜୟ ନାୟକ, ନାରାୟଣ ବେହେରା, ଦୁର୍ଯୋଧନ ଲେଙ୍କା, ସନ୍ତୋଷ ଦାସ, ଯଶୋବନ୍ତ ବିନ୍ଧାଣି, ଗୋପାଳ କୁଅଁର, ଅରୁଣ ଲେଙ୍କା, ବିଳାଶଚନ୍ଦ୍ର ନାୟକ, ଶିଶିର ନାୟକ, ପ୍ରଶାନ୍ତ କୁମାର ନାୟକ, ନିଶିକାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଆଇରନ ବୋଝେଇ ଟ୍ରକ୍ ଧକ୍କାରେ ଯୁବକ ଗୁରୁତର

ବାସୁଦେବପୁର, ୬।୧୧(ସମିସ): ବାସୁଦେବପୁର-ଧାମରା ରାସ୍ତାର କୃଷ୍ଣପୁର ଛକରେ କୋଇଲା ବୋଝେଇ ଟ୍ରକ ଧକ୍କାରେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କଟକ ରେଫର କରାଯାଇଛି। ଧାମରା ବନ୍ଦରକୁ ପ୍ରତିଦିନ ଶହ ଶହ ଆଇରନ ବୋଝେଇ ଟ୍ରକ ଯାତାୟାତ କରୁଛି। ଟ୍ରକ ଚାଳକଙ୍କ ବେପରୁଆ ଗାଡି ଚାଳନା ଯୋଗୁଁ ମଣିଷଠାରୁ ଗୋରୁଗାଈଙ୍କ ମୁଣ୍ଡ ଗଡୁଛି। କୃଷ୍ଣପୁର ଛକ ଆଗ ରାସ୍ତାର କୃଷ୍ଣପୁର ଗ୍ରାମର ସୌମ୍ୟରଞ୍ଜନ ମହାକୁଡ ରାସ୍ତା ପାରି ହେଉଥିବା ସମୟରେ ପଛରୁ ଆଇରନ ଟ୍ରକ(ଓଡି -୨୨ ଆର/୩୧୧୩) ଧକ୍କା ଦେଇଥିଲା।

**ଐତିହ୍ୟ ଜରାଜୀର୍ଣ୍ଣ, ପରିତ୍ୟକ୍ତ**

## ପରିଚୟ ଖୋଜୁଛି ଅଲୋଡ଼ା 'ପଦ୍ମପୋଖରୀ'

ବନ୍ତ/ଆଗରପଡ଼ା, ୬।୧୧(ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ପୁରୁଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ପୁରୁଷଣ୍ଡ ଗ୍ରାମରେ ଥିବା ବହୁ ପୁରାତନ ପଦ୍ମପୋଖରୀ ଅବହେଳିତ ଅବସ୍ଥାରେ ପଡ଼ିଛି। ବିଭାଗୀୟ ଉଦାସୀନତା ଯୋଗୁଁ ଅଲୋଡ଼ା ହୋଇ ପଡ଼ିଥିବା ପଦ୍ମପୋଖରୀ ତାର ପରିଚୟ ଖୋଜିବାରେ ଲାଗିଛି। ୨୦୧୫ରେ ଗ୍ରାମାଞ୍ଚଳର ବିକାଶ ସକାଶେ



ପ୍ରଧାନମନ୍ତ୍ରୀ ଆରମ୍ଭ କରିଥିଲେ ସାଂସଦଙ୍କ ପୋଷ୍ୟଗ୍ରାମ ଗ୍ରହଣ ଯୋଜନା। ଦେଶର ସାଂସଦଙ୍କୁ ପର୍ଯ୍ୟାୟକ୍ରମେ ନିଜ ଅଞ୍ଚଳରେ ଥିବା ଗୋଟିଏ ଗୋଟିଏ ପଞ୍ଚାୟତକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରି ଏହାର ସାମଗ୍ରୀକ ବିକାଶ ପ୍ରତି ଧ୍ୟାନ ଦେବାକୁ କୁହାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ଏହି ଘୋଷଣାକୁ ଆଧାରକରି ତତ୍କାଳୀନ ଭଦ୍ରକ ସାଂସଦ ସ୍ୱର୍ଗତ ଅର୍ଜ୍ଜୁନ ଚରଣ ସେଠୀ ବନ୍ତ ବ୍ଲକ ପୁରୁଷଣ୍ଡ ପଞ୍ଚାୟତକୁ ପ୍ରଥମ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରିଥିଲେ। ଗ୍ରାମର ବିକାଶ ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରି ନିଜ ହାତ ପାଣ୍ଠିରୁ ଅର୍ଥ ମଧ୍ୟ ମଂଜୁର କରିଥିଲେ; କିନ୍ତୁ ଐତିହ୍ୟସମ୍ପନ୍ନ ଉକ୍ତ ପଦ୍ମପୋଖରୀର ପରିଚୟକୁ ଉଜ୍ଜୀବିତ କରାଇପାରି ନଥିଲେ। ଦିନ ଥିଲା ଯେତେବେଳେ କୌଣସି ନଳକୂପ ନଥିଲା ଲୋକେ ଏହି ପୋଖରୀର ପାଣିକୁ ପାନୀୟଜଳ ରୂପେ ବ୍ୟବହାର କରିବା ସହ ଲୋକେ ଏଠାରେ ଗାଧୋଉଥିଲେ ମଧ୍ୟ। ତତ୍‌ସଙ୍ଗେସଙ୍ଗେ ପଶୁ ପକ୍ଷୀ ସେମାନଙ୍କ ତୃଷ୍ଣା ମେଣ୍ଟାଉଥିଲେ। ସମୟକ୍ରମେ ପୋଖରୀକୁ ସଫା କିମ୍ବା ପୁନରୁଦ୍ଧାର କରା ନଯିବାରୁ ଏହା ଏବେ ଦଳ ଓ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ଅପରିଷ୍କାର ପରିବେଶ ସୃଷ୍ଟି କରୁଛି। ଗ୍ରାମର ବହୁ ପ୍ରସିଦ୍ଧ ପାରକେଶ୍ୱର ମନ୍ଦିର (ବୁଢ଼ା ମହାଦେବ)ଙ୍କ ପ୍ରାୟ ୪ ଏକର ଜମିରେ ଏହି ପୁରାତନ ପଦ୍ମପୋଖରୀ ଅବସ୍ଥିତ। ପୋଖରୀଟି ଅବିଭକ୍ତ ପୁରୁଷଣ୍ଡ ପଞ୍ଚାୟତରେ ଥିବାବେଳେ ପଞ୍ଚାୟତ ବିଭାଜନ ପରେ କିଛି ଅଂଶ ବିଟିପୁର ପଞ୍ଚାୟତରେ ରହିଛି। ଗ୍ରାମର ଆରମ୍ଭରେ ପୋଖରୀଟି ରହିଥିବାରୁ ଦୁଇ ପଞ୍ଚାୟତ ବାସିନ୍ଦା ଏଠାରେ ପୂଜାକାର୍ଯ୍ୟ ଓ ଶୁଦ୍ଧିକ୍ରିୟା କରିଥାନ୍ତି। ଉକ୍ତ ପୋଖରୀ ଜଳ ମନ୍ଦିରର ବିଭିନ୍ନ କାର୍ଯ୍ୟରେ ଲାଗିଥାଏ। ପରବର୍ତ୍ତୀ ସମୟରେ ଉକ୍ତ ପୋଖରୀ ପଞ୍ଚୟତ ଅଧୀନକୁ ଯିବାପରେ ଏଠାରେ ମାଛ ଚାଷ ଆରମ୍ଭ ହୋଇଥିଲା। ବ୍ୟବସାୟ ଦୃଷ୍ଟିକୋଣରୁ ଏହା ଲୋକଙ୍କ ନିତ୍ୟ ବ୍ୟବହାର୍ଯ୍ୟ ରୂପେ ଆଉ ବ୍ୟବହାର ଯୋଗ୍ୟ ହୋଇପାରିଲା ନାହିଁ। ପରବର୍ତ୍ତୀ ସମୟରେ ପୋଖରୀର ଆୟତନ ତୁଳନାରେ ପୋଖରୀର ନିଲାମ ମୂଲ୍ୟ ବଢ଼ିବାରେ ଲାଗିଲା। ତେଣୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟକୁ ଆଖିଆଗରେ ରଖି କେହିବି ନିଲାମ ଧରୁ ନ ଥିବା ଜଣାପଡ଼ିଛି। ୨୦୨୨-୨୩ ଆର୍ଥିକ ବର୍ଷରୁ ୨୦୨୪-୨୫ ୩ବର୍ଷ ପର୍ଯ୍ୟନ୍ତ ନିଲାମ ମଧ୍ୟ ବନ୍ଦ ରହିଥିଲା। ଚଳିତ ବର୍ଷ ନିଲାମ ମୂଲ୍ୟ ୧ଲକ୍ଷ୧୫ହଜାର୫୦୦ଟଙ୍କା ଧାର୍ଯ୍ୟ କରାଯାଇଥିଲେ ସୁଦ୍ଧା କେହିବି ନିଲାମ ଧରିବାକୁ ଆଗ୍ରହ ପ୍ରକାଶ କରୁ ନଥିବା ଜଣାପଡ଼ିଛି। ସେହିପରି ନିଲାମ ମୂଲ୍ୟ ଅତ୍ୟଧିକ ହେବା ଯୋଗୁଁ ଉକ୍ତ ପଞ୍ଚାୟତ ଅନ୍ତର୍ଗତ ପାଣଗଡ଼ିଆ ଓ କଚେରି ପୋଖରୀ ମଧ୍ୟ ନିଲାମ ହୋଇପାରୁ ନଥିବା ଜଣାପଡ଼ିଛି। ଗୋଟିଏ ପଟେ ମୂଲ୍ୟ ବୃଦ୍ଧି ଯୋଗୁଁ ଏହା ନିଲାମ ହୋଇପାରୁ ନଥିବା ବେଳେ ଅପରପକ୍ଷରେ ପୋଖରୀକୁ ସଫା କରାଯାଉ ନଥିବାରୁ ଦଳରେ ପରିପୂର୍ଣ୍ଣ ହୋଇ ଏହା ଖେଳ ପଡ଼ିଆର ଭ୍ରମ ସୃଷ୍ଟି କରିବା ସହ ଏହାର ଜଳ ଦେହରେ ଲାଗିଲେ ଚର୍ମ ରୋଗ ସୃଷ୍ଟି କରୁଛି। ତେଣୁ ବିଭାଗୀୟ ଅଧିକାରୀ ଐତିହ୍ୟ ହରାଇବସିଥିବା ପଦ୍ମପୋଖରୀର ପୁରାତନ ପରିଚୟକୁ ଉଜ୍ଜିବୀତ ରଖିବା ପାଇଁ ଚେଷ୍ଟିତ ହେବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହେଉଛି।

### ସେମାନେ ଯାହା କହନ୍ତି...



ପଞ୍ଚାୟତ ପ୍ରଶାସନ ପକ୍ଷରୁ ପୋଖରୀର ଉନ୍ନତିକରଣ ପାଇଁ ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ। ଏହା କରିଦେଲେ ବିଭାଗ ପକ୍ଷରୁ ପୋଖରୀର ଉନ୍ନତିକରଣରେ କିପରି ପଦକ୍ଷେପ ନିଆଯାଇପାରିବ ସେଥିପାଇଁ ଚେଷ୍ଟା କରିବି।

- ସୀତାକାନ୍ତ ରାଉତ, ବିଡିଓ, ବନ୍ତ



ପୋଖରୀର ଦଳ ଆଦି ସଫା କରିବା ପାଇଁ ସେପରି କୌଣସି ଯୋଜନା ସରକାରଙ୍କର ନାହିଁ। ପୁନରୁଦ୍ଧାର ପାଇଁ ଯୋଜନା ଅଛି। ଏଥିପାଇଁ ଅର୍ଥ ମଂଜୁର ହୋଇପାରିବ।

- ପ୍ରଜ୍ଞା ପରମିତା ମହାନ୍ତି, କନିଷ୍ଠଯନ୍ତ୍ରୀ, ପୁରୁଷଣ୍ଡ ପଞ୍ଚାୟତ



ଏଥିବାବଦରେ ଅର୍ଥ ମଧ୍ୟ ମଂଜୁର ହେବା ସମ୍ଭାବନା ନାହିଁ। ଅଗାମୀ କିଛି ଦିନ ମଧ୍ୟରେ ଧାର୍ଯ୍ୟ ନିଲାମ ଅର୍ଥରେ ପରିବର୍ତ୍ତନ ଆଣିବା ପାଇଁ ପଞ୍ଚାୟତ ପକ୍ଷରୁ ବିହିତ ପଦକ୍ଷେପ ନେବା ସହ ଏକ ପ୍ରସ୍ତାବ ପାରିତ କରି ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପ୍ରେରଣ କରାଯିବାକୁ ସ୍ଥିର କରାଯାଇଛି।

- ବୀରକିଶୋର ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ



ପଞ୍ଚାୟତରେ ପୋଖରୀକୁ ସଫା କରିବା ବାବଦରେ ଅର୍ଥ ନ ଥିବାରୁ ସେ କୋ÷ଣସି ପଦକ୍ଷେପ ନେଇ ପାରୁନାହାନ୍ତି। ଏହାର ନିଲାମ ରାଶିରେ ପରିବର୍ତ୍ତନ ଅଣାଯାଇପାରିଲେ କିଛି ପଦକ୍ଷେପ ନିଆ ଯାଇପାରିବ।

- ପ୍ରକାଶ ବିଶ୍ୱାଳ, ସରପଞ୍ଚ, ପୁରୁଷଣ୍ଡ

### ନଭେମ୍ବର ପ୍ରଥମ ସପ୍ତାହ ସରିଲା

# ହୋଇନି କ୍ରୟସମିତି ବୈଠକ, ଅଭାବୀ ବିକ୍ରି ଆଶଙ୍କାରେ ଚାଷୀ

- ସରିଲାଣି ଛୋଟ ଧାନ ଅମଳ
- ୧୦ ସୁଦ୍ଧା ମଣ୍ଡି ଖୋଲିବ
- କଟ୍‌ନୀଛଟ୍‌ନୀ ବନ୍ଦ
- ବର୍ଷାଜନିତ ଆକଳନ ଓ କ୍ଷତିପୂରଣ

ସମ୍ବଲପୁର, ୬।୧୧ (ସମିସ)

ଚଳିତ ଖରିଫ୍‌ରେ ମୌସୁମୀ ଅନ୍ୟବର୍ଷ ତୁଳନାରେ ଆଗୁଆ ଆସିଥିବାରୁ ଚାଷ ବି ଆଗରୁ ହୋଇଛି। ଜିଲ୍ଲାର ଜଳସେଚିତ ଓ ଅଣଜଳସେଚିତ ଅଞ୍ଚଳରେ ଅଳ୍ପଦିନିଆ ଓ ମଧ୍ୟମକାଳୀନ ଧାନଫସଲ ଅମଳ ଆରମ୍ଭ ହୋଇଗଲାଣି। କେତେକ ଅଞ୍ଚଳରେ ଛୋଟଧାନ ଅମଳ ସରି ମଧ୍ଯଗଲାଣି। ଧାନ ସଂରକ୍ଷଣର କୌଣସି ସୁବିଧା ନଥିବାରୁ ଧାନ ଖଳାରେ ପଡ଼ିରହୁଛି। ଅଦିନିଆ ବର୍ଷାରେ ନଷ୍ଟ ମଧ୍ୟ ହେଉଛି। ନଭେମ୍ବର ପ୍ରଥମ ସପ୍ତାହ ସରିବାକୁ ବସିଛି। ତେବେ, ଖରିଫ୍ ଧାନକ୍ରୟକୁ ନେଇ ସରକାର କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ କରାଯାଉନାହିଁ। ଖରିଫ୍ ଧାନ କ୍ରୟ ସମିତି ବୈଠକ ଆୟୋଜନ ନହେବାରୁ ମଣ୍ଡି କେବେ ଖୋଲିବ ତାହାକୁ ନେଇ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଶୀଘ୍ର ଜିଲ୍ଲାସ୍ତରୀୟ ଖରିଫ୍ ଧାନକ୍ରୟ ସମିତି ବୈଠକ ଡକାଯାଇ ୧୦ ତାରିଖ ସୁଦ୍ଧା ମଣ୍ଡି ଖୋଲିବାର ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ଖରିଫ୍‌ରେ ନଭେମ୍ବର ୬ ତାରିଖ ଜିଲ୍ଲାସ୍ତରୀୟ ଧାନସଂଗ୍ରହ କମିଟି (ଡିଏଲ୍‌ପିସି) ବୈଠକ କରାଯାଇ ଧାନ କ୍ରୟବିକ୍ରୟ ଦିବସ ଧାର୍ଯ୍ୟ କରାଯାଇଥିଲା।

ନଭେମ୍ବର ପ୍ରଥମ ସପ୍ତାହ ସରିଥିବାବେଳେ ଛୋଟ ଧାନ ଅମଳ ପ୍ରାୟତଃ ସରିଲାଣି। ଅନ୍ୟ କିସମ ଧାନଫସଲ ଅମଳକ୍ଷମ ହେବାସହ କେତେକସ୍ଥାନରେ ଅମଳ ଆରମ୍ଭ ମଧ୍ୟ ହୋଇଗଲାଣି। ତେବେ ସରକାର କିମ୍ବା ଜିଲ୍ଲା ପ୍ରଶାସନ ଖରିଫ୍ ଧାନ କ୍ରୟବିକ୍ରୟ ସକାଶେ ମଣ୍ଡି ଖୋଲିବାକୁ ନେଇ ନୀରବ ରହିଛନ୍ତି। ଅମଳ ହୋଇଥିବା ଧାନ ରଖିବା ପାଇଁ ଚାଷୀ ସକାଶେ କୌଣସି ଗୋଦାମ ସୁବିଧା ଉପଲବ୍ଧ କରାଯାଇନାହିଁ। ପୁଣି ମଝିରେ ମଝିରେ



ଲଘୁଚାପଜନିତ ବର୍ଷା ଚାଷୀ ସକାଶେ ବାଧକ ହେଉଛି। ଶୀଘ୍ର ମଣ୍ଡି ଖୋଲା ନଗଲେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବ। ଚଳିତବର୍ଷ ଆଗୁଆ ମୌସୁମୀ ଯୋଗୁଁ ଚାଷ କାର୍ଯ୍ୟ ଆଗୁଆ ହୋଇଥିଲା। ଧାନକିଣା ବିଳମ୍ବିତ ହେଲେ ଚାଷୀ ମଣ୍ଡି ବାହାରେ ଧାନ ବିକ୍ରୟ କରିବାକୁ ବାଧ୍ୟ ହେବ। ଏହାଦ୍ୱାରା ବହୁସଂଖ୍ୟକ ଚାଷୀଙ୍କୁ ଇନପୁଟ ଅର୍ଥରାଶିରୁ ବଞ୍ଚିତ କରିବା ସହ ଅଭାବୀ ବିକ୍ରି ଜନିତ କ୍ଷତିରେ ପକେଇବ। ସରକାର ଓ ଯୋଗାଣ ବିଭାଗ ଉପନିର୍ବାଚନରେ ମାତିଥିବାବେଳେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁ ଯାଉଛି। ସ୍ଥାନୀୟ ନେତା, ବିଧାୟକ, ପଞ୍ଚାୟତସ୍ତରୀୟ ଜନନେତାମାନେ ମଧ୍ୟ ନୀରବତା ଅବଲମ୍ବନ କରୁଛନ୍ତି।

ଅନ୍ୟପକ୍ଷରେ ଗତଦିନରେ ବାତ୍ୟା 'ମୋନ୍ଥା' ଯୋଗୁଁ ଅମଳକ୍ଷମ ଫସଲ ନଷ୍ଟ ଏବଂ ଏଯାବତ୍ ତାହାର ଆକଳନ ସମ୍ପୂର୍ଣ୍ଣ ହୋଇନଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ପୁଣି ଅଗଷ୍ଟ ମାସରେ ହୋଇଥିବା ସାଟେଲାଇଟ୍ ସର୍ଭେର ରିପୋର୍ଟ ନଭେମ୍ବରରେ ପ୍ରକାଶିତ କରିବାଦ୍ୱାରା ଚାଷ ହୋଇଥିବା ଜମିକୁ ନେଇ ସରଜମିନ ତଦନ୍ତ ରିପୋର୍ଟ ଆସିବାରେ ବିଳମ୍ବ ହେବ ଏବଂ ଚାଷୀ ଧାନବିକ୍ରିରୁ ବଞ୍ଚିତ ହେବ ବୋଲି ଚାଷୀ ସଙ୍ଗଠନ ପକ୍ଷରୁ କୁହାଯାଇଛି।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ସଭାପତି ବ୍ୟୋମକେଶ ଠାକୁର ଓ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଶୀଘ୍ର ଜିଲ୍ଲାସ୍ତରୀୟ କ୍ରୟ ସମିତି ବୈଠକ ଡକାଯାଇ ୧୦ ତାରିଖ ସୁଦ୍ଧା ମଣ୍ଡି ଖୋଲିବାର ବ୍ୟବସ୍ଥା କରାଯିବାକୁ ଦାବି କରିଛନ୍ତି। ଏହାସହ ଗତବର୍ଷ ପରି କଟ୍‌ନୀଛଟ୍‌ନୀ ନହେବା, ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ନହୋଇ ଜଣେ ବି ଚାଷୀ ଯେମିତି ଇନ୍‌ପୁଟ ରାଶିରୁ ବଞ୍ଚିତ ନହୁଏ, ବର୍ଷାଜନିତ କ୍ଷୟକ୍ଷତିର ସଠିକ ଆକଳନ ସହ ଶୀଘ୍ର କ୍ଷତିପୂରଣ ଦେବା ବ୍ୟବସ୍ଥା କରାଯିବା ଏବଂ ସାଟେଲାଇଟ ସର୍ଭେକୁ ଆଳ କରି ଚାଷୀଙ୍କୁ ମଣ୍ଡିରେ ଭାଗନେବାର ମସୁଧାରୁ ସରକାର ଦୂରେଇ ରହିବାକୁ ଦାବି କରାଯାଇଛି। ଦାବିଗୁଡ଼ିକ ପୂରଣ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାନଗଲେ ଜିଲ୍ଲାସ୍ତରୀୟ କୃଷକ ଆନ୍ଦୋଳନ ସହ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ଦାଦନ ଯାଇ ମୃତ୍ୟୁ

# ଅର୍ଥାଭାବରୁ ଗାଁକୁ ଆସିପାରିଲାନି ଶବ

**କୁଚିଣ୍ଡା, ୬।୧୧(ସମିସ):** ସମ୍ବଲପୁର ଜିଲ୍ଲା ବାମରାସ୍ଥିତ ପଣ୍ଡରିପଥରଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ତାମିଲନାଡୁରେ ମୃତ୍ୟୁ ଘଟିଥିବା ବେଳେ ଶବ ଆଣିବାକୁ ଯାଇଥିବା ତାଙ୍କ ପରିବାର ଲୋକ ଅର୍ଥାଭାବରୁ ଖାଲି ହାତରେ ଫେରିଛନ୍ତି।ସୂଚନା ଅନୁସାରେ ପଣ୍ଡରିପଥର ଗ୍ରାମର ବଳରାମ ମଲ୍ଲିକଙ୍କ ପୁଅ ସରୋଜ ମଲ୍ଲିକ ଗତ ପ୍ରାୟ ଏକ ବର୍ଷ ପୂର୍ବରୁ ବାପା ଓ ଗ୍ରାମର ଅନ୍ୟ କେତେକଙ୍କ ସହ ମିଶି ତାମିଲନାଡୁ ରାଜ୍ୟର ମଦୁରାଇକୁ କାମ କରିବା ପାଇଁ ଯାଇଥିଲେ।ସେଠାରେ ଶ୍ରମିକମାନଙ୍କୁ ଅକଥନୀୟ ନିର୍ଯାତନା ଦିଆ ଯାଉଥିବା ବେଳେ ତାଙ୍କ ବାପା ଓ ସାଙ୍ଗ ସାଥୀମାନେ କିଛି ମାସ ପୂର୍ବରୁ ଘରକୁ ଫେରି ଆସିଥିଲେ। ଅନ୍ୟଅଟେ ସରୋଜକୁ ତାଙ୍କ ମାଲିକ ଛାଡ଼ି ନଥିଲେ। ଗତ ୨୯ ତାରିଖ ଦିନ ସେ ଅସୁସ୍ଥ ଥିବା ନେଇ ତାଙ୍କ କମ୍ପାନୀ ପକ୍ଷରୁ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ପୁଅକୁ ଦେଖିବା ପାଇଁ ତାଙ୍କ ପରିବାର ଲୋକ ତାମିଲନାଡୁ ଯିବା ପାଇଁ ସଜବାଜ୍ ହେଉଥିବା ବେଳେ ହଠାତ ସରୋଜଙ୍କ ମୃତ୍ୟୁ ଖବର ପାଇ ପରିବାର ଲୋକ ଭାଙ୍ଗି ପଡ଼ିଥିଲେ।ସୂଚନା ପାଇ ତାଙ୍କ ପିତା ମାଦୁରାଇକୁ ଯାଇଥିବା ବେଳେ ଅର୍ଥାଭାବ ଯୋଗୁଁ ଶବ ଆଣିବା ସମ୍ଭବ ହୋଇନଥିଲା।ଏପରି ପରିସ୍ଥିତିରେ ତାଙ୍କ ମାଲିକ ମଧ୍ୟ ତାଙ୍କୁ କୌଣସି ପ୍ରକାର ସହଯୋଗ କରିନଥିଲା। ସବୁ ପ୍ରାକର ଚେଷ୍ଟା ସତ୍ତ୍ୱେ ମୃତଦେହ ଗାଁକୁ ଆଣିବା ସମ୍ଭବ ନ ହେବାରୁ ଶେଷରେ ନିରୁପାୟ ହୋଇ



ବଳରାମ ନିଜ ପୁଅର ଅନ୍ତିମ ସଂସ୍କାର ମଦୁରାଇରେ ହିଁ କରି ଦେଇଥିଲେ। ପୁଅର ଶବ ଗାଁକୁ ନ ଆସିବାରୁ ତାଙ୍କ ପରିବାର ସଦସ୍ୟ ଶେଷ ଦର୍ଶନରୁ ବଞ୍ଚିତ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି। ପୀଡିତ ପରିବାର ଅତି ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ସହଯୋଗ ଯୋଗାଇବାକୁ ସାଧାରଣରେ ଦାବି ହୋଇଛି।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସୁରକ୍ଷାରେ ଅବହେଳା ଅଭିଯୋଗ



**ସମ୍ବଲପୁର, ୬।୧୧ (ସମିସ) :** ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଂକ୍ରାମକ ରୋଗ ୱାର୍ଡରେ ଗତକାଲି କେତୋଟି ଷଣ୍ଢ ପ୍ରବେଶ କରିଥିଲେ। ପ୍ରାୟ ଅଧଘଣ୍ଟା ଧରି ରୋଗୀ ଓ ରୋଗୀ ପରିଜନ ମାନେ ଷଣ୍ଢମାନଙ୍କୁ ବାହାରକୁ ତଡ଼ିବାକୁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏନେଇ ଆଜି ସୁରକ୍ଷା ବ୍ୟବସ୍ଥାରେ ଅବହେଳା ହୋଇଥିବା ସଚେତନ ନାଗରିକମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।

ଅଭିଯୋଗ ପତ୍ର ଅନୁଯାୟୀ, ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସଂକ୍ରାମକ ୱାର୍ଡରେ ଗତକାଲି ଷଣ୍ଢ ପ୍ରବେଶ କରିଥିଲେ, ଯାହା ରୋଗୀ ସୁରକ୍ଷା, ସଂକ୍ରାମକ ନିୟନ୍ତ୍ରଣ ଏବଂ ହସ୍ପିଟାଲ ପରିଚ୍ଛନ୍ନତା ପ୍ରତି ଏକ ଗମ୍ଭୀର ବିପଦ ସୃଷ୍ଟି କରିଥିଲା। ସୁରକ୍ଷାର ଏପରି ଗୁରୁତର ଉଲ୍ଲଂଘନ ହସ୍ପିଟାଲ ପରିସରରେ ଶୃଙ୍ଖଳା ବଜାୟ ରଖିବା ପାଇଁ ଦାୟୀ ଆଉଟସୋର୍ସିଂ ହାଉସକିପିଂ ଏବଂ ସୁରକ୍ଷା ସଂସ୍ଥାର ସମ୍ପୂର୍ଣ୍ଣ ଅବହେଳାକୁ ପ୍ରତିଫଳିତ କରେ। ଏହା କାହାରିକୁ ଆଘାତ ସହ ସଂକ୍ରାମକ ଭଳି ସମ୍ବେଦନଶୀଳ କ୍ଷେତ୍ରକୁ ପ୍ରଦୂଷିତ କରିପାରେ। ଏହା ସ୍ପଷ୍ଟ ଯେ ଉପଯୁକ୍ତ ପରିଧି ଏବଂ ଗେଟ୍ ନିୟନ୍ତ୍ରଣ ସୁନିଶ୍ଚିତ କରିବା ପାଇଁ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ସଂସ୍ଥା ଏହାର ଚୁକ୍ତିଭିତ୍ତିକ ଦାୟିତ୍ୱ ପାଳନ କରିବାରେ ବିଫଳ ହୋଇଛି। ଏଣୁ ଚୁକ୍ତିନାମାର ସର୍ତ୍ତାବଳୀ ଅନୁଯାୟୀ ଦଣ୍ଡ ଲାଗୁ ଏବଂ ଆଉଟସୋର୍ସିଂ ସଂସ୍ଥା ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରତିନିଧି ଦଳରେ ବିଜେପି ସାଧାରଣ ସମ୍ପାଦକ ଅନୀଲ ବେହେରା, ଅନାମିକା କ୍ଲବର ବରିଷ୍ଠ ସଭ୍ୟ ସରୋଜ ସାହୁ, ଉତ୍କଣ୍ଠା ସମ୍ପାଦକ ସଞ୍ଜିବ କୁମାର ମିଶ୍ର, ସମାଜସେବୀ ରଞ୍ଜିତ କୁମାର ରଥ ପ୍ରମୁଖ ସାମିଲ ଥିଲେ।

# ୧୦ କେଜି ଗଞ୍ଜେଇ, ୨ ଗିରଫ

**ରେଢ଼ାଖୋଲ, ୬।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍‌ଏସି ଅନ୍ତର୍ଗତ କେନ୍ଦୁକଟାଗ୍ରାମ ନିକଟ ଛକରେ ୧୦ କେଜି ଗଞ୍ଜେଇ ସହିତ ଦୁଇ ଜଣ ଯୁବକଙ୍କୁ ରେଢ଼ାଖୋଲ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଗିରଫ ଯୁବକମାନେ ରାଜ୍ୟଝାରଖଣ୍ଡ ଜିଲ୍ଲା ରାମଗଡ଼ପାତ୍ରଟୁ ଅଞ୍ଚଳର ଅନିଲ କୁମାର ମଣ୍ଡଳ(୨୮) ଏବଂ ରାଜ୍ୟ ବିହାର ଜିଲ୍ଲା ପଶ୍ଚିମଚମ୍ପାରଣ ଥାନା ସିକ୍ତା ହରିପୁର ଅଞ୍ଚଳର ବିଜୟ କୁମାର (୩୨)। ସୂଚନା ଯୋଗ୍ୟ ଯେ କେନ୍ଦୁକଟା ଗ୍ରାମ ନିକଟ ଛକରେ ରେଢ଼ାଖୋଲ



ପୁଲିସ ପକ୍ଷରୁ ବେଆଇନ ଗଞ୍ଜେଇ ଚୋରା ଚାଲାଣ ଖବର ପାଇ ରେଢ଼ାଖୋଲ ଏସ୍‌ଆଇ ଚିତ୍ତରଞ୍ଜନ ମେହେର, ଏଏସ୍‌ଆଇ ବିଭୂତି ଭୂଷଣ ପ୍ରଧାନ, କର୍ମଚାରୀ ଘାସିରାମ କଡରାକ, ଧିରେନ୍ କୁମୁରା ସମେତ ଅନ୍ୟ ପୁଲିସ କର୍ମଚାରୀ କେନ୍ଦୁକଟା ଛକ ନିକଟରେ ଦୁଇ ଅଭିଯୁକ୍ତଙ୍କୁ ଧରିଥିଲେ। ଦୁଇ ଯୁବକଙ୍କ ଠାରୁ ୨ଟି ବସ୍ତାରେ୧୦କେଜି ଗଞ୍ଜେଇ ଜବତ କରାଯାଇଥିଲା।ଏ ସଂକ୍ରାନ୍ତରେ ରେଢ଼ାଖୋଲ ପୁଲିସ କେସ ନଂ ୩୦୧/୨୫ରେ ମାମଲା ରୁଜୁ କରି ଦୁଇ ଯୁବକଙ୍କୁ କୋର୍ଟ ଚାଲାଣ କରିଛି।

# ଟ୍ୟାଲେଣ୍ଟ ସର୍ଚ୍ଚରେ ଜିଏମ୍‌ୟୁର ଗିରିଜାନନ୍ଦ ପ୍ରଥମ

**ସମ୍ବଲପୁର, ୬।୧୧ (ସମିସ) :** ଓଡ଼ିଶା କମର୍ସ ଆସୋସିଏସନ୍ (ଓସିଏ) ଦ୍ୱାରା ଆୟୋଜିତ ଟ୍ୟାଲେଣ୍ଟ ସର୍ଚ୍ଚ ପରୀକ୍ଷାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ସ୍ନାତକ ପଞ୍ଚମ ସେମିଷ୍ଟାରର ଛାତ୍ର ଗିରିଜାନନ୍ଦ ନାୟକ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ପରୀକ୍ଷାର ପ୍ରଥମ ପର୍ଯ୍ୟାୟ ଓଡ଼ିଶାର ୧୨ଟି ଜୋନ୍ ଏବଂ ୨୭ଟି କେନ୍ଦ୍ରରେ ଆୟୋଜିତ ହୋଇଥିଲା, ଯେଉଁଥିରେ ୧୨୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଥମ ପର୍ଯ୍ୟାୟରୁ ଗିରିଜାନନ୍ଦ ନାୟକଙ୍କୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରୁ ଚୟନ କରାଯାଇ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆୟୋଜିତ ଅନ୍ତିମ ପର୍ଯ୍ୟାୟ ପରୀକ୍ଷାରେ ଅଂଶଗ୍ରହଣ ପାଇଁ ପଠାଯାଇଥିଲା। ନଭେମ୍ବର ୨ ତାରିଖରେ



ଓଡ଼ିଶା କମର୍ସ ଆସୋସିଏସନ୍‌ର ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ଏହି ଅନ୍ତିମ ପରୀକ୍ଷାରେ ୨୬ ଜଣ ଛାତ୍ର ମନୋନୀତ ହୋଇଥିଲେ। ସେଠାରେ ଗିରିଜାନନ୍ଦ ନାୟକ ପ୍ରଥମ ସ୍ଥାନରେ ରହି ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଓଡ଼ିଶା କମର୍ସ ଆସୋସିଏସନ୍ ତାଙ୍କୁ ଟ୍ରଫି, ପୁସ୍ତକ, ସର୍ଟିଫିକେଟ୍ ଏବଂ ନଗଦ ପୁରସ୍କାରରେ ସମ୍ମାନିତ କରିଛି। ଏଥିପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଆଜି ଜିଲ୍ଲାର କେତେକ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବନ୍ଦ

**ସମ୍ବଲପୁର, ୬।୧୧ (ସମିସ :** ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. ଲପଙ୍ଗା ଗ୍ରୀଡ୍ ସବଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ଲପଙ୍ଗା, କଟରବଗା, କିଲାସମା, ରେଙ୍ଗାଲି ଶିଳ୍ପାଞ୍ଚଳ, ଟାମ୍ପରକେଲା, ତେଲକୋଇଲି ଆଦି ଅଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳରେ ଆସନ୍ତାକାଲି ନଭେମ୍ବର ୭ ତାରିଖ (ଶୁକ୍ରବାର) ସକାଳ ୮ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ। ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିବା ସହ ଉକ୍ତ ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତା ତଥା ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

# ବାମରା ହରିପଡ଼ାରେ ମିଶନ ପର୍ବ



**କୁଚିଣ୍ଡା, ୬।୧୧(ସମିସ):** ସମ୍ବଲପୁର ଜିଲ୍ଲା ବାମରାସ୍ଥିତ ହରିପଡ଼ା ଚର୍ଚ୍ଚରେ ଗତ ୨ ଦିନ ଧରି ଚାଲିଥିବା ମିଶନ ପର୍ବ ଉଦ୍‌ଯାପିତ ହୋଇଯାଇଛି। ମଧୁପୁର ପାଷ୍ଟୋରେଟ ଆନୁକୂଲ୍ୟରେ ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ହରିପଡ଼ା ଜିଇଏଲ ଚର୍ଚ୍ଚରେ ଆୟୋଜିତ ମିଶନ ପର୍ବରେ ରେଙ୍ଘାପଡ଼ା, ନୂଆପଡ଼ା, ପାରୀମୁଣ୍ଡା ଓ ସଙ୍କୋବାହାଲ ସମେତ ବିଭିନ୍ନ ଅଞ୍ଚଳରୁ ଭାଇ ଭଉଣୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ମଧୁପୁର ପାରିସ ଅଧ୍ୟକ୍ଷ ଏସ୍‌କେ ଟୋପ୍ପୋ ଯୋଗଦେଇ ଯୀଶୁଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗରେ ଚାଲିବା ପାଇଁ ଆହ୍ୱାନ ଦେଇଥିଲେ। ରାତିରେ ସାମୂହିକ ପ୍ରାର୍ଥନା। ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହରିପଡ଼ା ଚର୍ଚ୍ଚ ପ୍ରଚାରକ ମନସୁଖ ଟୋପ୍ପୋ, ସଭାପତି ବିମଲ ବୁଡ଼, ସମ୍ପାଦକ ଜୋନସନ ତିର୍କି, ଉପସଭାପତି ନବୀନ କୁମାର ସୋଏ, କୋଷାଧ୍ୟକ୍ଷ ଇସ୍ରାଏଲ ମାଡକିଙ୍କ ସହ ହରିପଡ଼ା ଚର୍ଚ୍ଚର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ■ ଅନ୍ତଃମହାବିଦ୍ୟାଳୟ କବାଡ଼ି ପ୍ରତିଯୋଗିତା

# ମହିଳା ମହାବିଦ୍ୟାଳୟ ଦଳ ଉପବିଜେତା

**ସମ୍ବଲପୁର, ୬।୧୧ (ସମିସ) :** ସମ୍ବଲପୁର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ଆନ୍ତଃମହାବିଦ୍ୟାଳୟ ମହିଳା କବାଡ଼ି ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ୍‌ରେ ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା ଦ୍ୱାରା ପରାଜିତ ହୋଇ ସରକାରୀ ମହିଳା ମହାବିଦ୍ୟାଳୟ, ସମ୍ବଲପୁର ଉପବିଜେତା ହୋଇଛନ୍ତି। କୁସୁମ ଦଳାଇଙ୍କ ଅଧିନାୟକତ୍ୱରେ ସମୁଦାୟ ୧୧ ଜଣ ଛାତ୍ରୀ ଏହି ଟୁର୍ଣ୍ଣାମେଣ୍ଟରେ ମହାବିଦ୍ୟାଳୟ ପକ୍ଷରୁ ଭାଗ ନେଇଥିଲେ। ଖେଳ ପ୍ରଶିକ୍ଷିକା ମେଜର ସରିତା ନାୟକ ଦଳର ମ୍ୟାନେଜର ତଥା କୋଚ୍ ଭାବରେ ଛାତ୍ରୀମାନଙ୍କୁ ସହାୟତା ପ୍ରଦାନ କରିଥିଲେ। କବିତା ଶଗଡ଼ିଆ, ନିହାରିକା ବାଗ, ମାନସୀ ଭୋଇ, ପଦ୍ମିନୀ କୁମୁରା, ପ୍ରିୟଙ୍କା ରଣବିଡ଼ା, ଜିଜ୍ଞାସା ମେହେର, ନିଳିମା ଖମାରୀ, ହିତେଶ୍ୱରୀ ଘୁଟା, ସନ୍ଧ୍ୟା ମୁଣ୍ଡା ଏବଂ




ସାନିଆ ମୁଣ୍ଡା ଅନ୍ୟତମ ଖେଳାଳୀ ଭାବରେ ଦଳର ସଦସ୍ୟ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ସେମିଫାଇନାଲରେ ସମ୍ବଲପୁର ମହିଳା ମହାବିଦ୍ୟାଳୟ ତୋରା ମହାବିଦ୍ୟାଳୟକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଏହି କୃତିତ୍ୱ ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ତଥା ଅଧ୍ୟାପକ ଅଧ୍ୟାପିକାମାନେ ଅଭିନନ୍ଦନ ଜଣାଇଛନ୍ତି।

# ଫସଲ କାଟ ପରୀକ୍ଷଣ ପାଇଁ ଜିଲ୍ଲାସ୍ତରୀୟ ତାଲିମ



**ସମ୍ବଲପୁର, ୬।୧୧ (ସମିସ) :** ଜିଲ୍ଲା ପରିଷଦ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଆଜି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଫସଲ କାଟ ପରୀକ୍ଷଣ ପାଇଁ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲାର ସମସ୍ତ ୧୩୮ ଗ୍ରାମ ପଞ୍ଚାୟତରେ ଖରିଫ ଧାନ ପାଇଁ ଫସଲ କାଟ ପରୀକ୍ଷଣ କରିବା ପାଇଁ ରାଜସ୍ୱ, କୃଷି ଏବଂ ପରିସଂଖ୍ୟାନ ବିଭାଗର କ୍ଷେତ୍ର ଅଧିକାରୀମାନଙ୍କୁ ତାଲିମ ଦିଆଯାଇଥିଲା। ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଯୋଜନାର ଗୁରୁତ୍ୱ ଏବଂ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେବାସହ ସମ୍ବେଦନଶୀଳତାକୁ ବିଚାର କରି ଧାନ ଫସଲର ଫସଲ କାଟ ପରୀକ୍ଷଣକୁ ସଠିକ ଭାବେ କରିବାକୁ ସମସ୍ତ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ରଙ୍କନିଧି ନାୟକ ଫସଲ ବୀମା ଅଧୀନରେ ଫସଲ କାଟ ପରୀକ୍ଷଣର ପ୍ରକ୍ରିୟା ଏବଂ ପଦ୍ଧତିକୁ ବିସ୍ତୃତ ଭାବେ ଆଲୋଚନା କରିବାସହ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ପ୍ରକାଶ କୁମାର ଦେଓ ପରିଚାଳନା କରିଥିଲେ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କେତକି ପତି
ଜନାର୍ଦ୍ଦନପୁର ଶାସନ, ଖପରାଖାଇ, ଆନନ୍ଦପୁର
ଆବିର୍ଭାବ - ୦୧.୦୧.୧୯୪୨
ତିରୋଧାନ - ୨୭.୧୦.୨୦୨୫

ଆଜି ଦ୍ୱାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ। ଆପଣ ସଦା ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାନ୍ତୁ।

ତୁମର ହତଭାଗ୍ୟ ପୁଅ
ଗଣେଶ ପ୍ରସାଦ ପତି ଓ ବନ୍ଧୁ ପରିବାରବର୍ଗ

### ମାଣ୍ଡିଆ ସକାଶେ ନାହିଁ ଉପଯୁକ୍ତ ବଜାର

# ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସରେ ପ୍ରଦର୍ଶନୀ

ସମ୍ବଲପୁର, ୬।୧୧ (ସମିସ)

ମାଣ୍ଡିଆ ଏକ ପୁଷ୍ଟିକର ଖାଦ୍ୟ ହେବାସହ ଦୈନନ୍ଦିନ ଜୀବନରେ ଏହାର ବ୍ୟବହାରକୁ ପ୍ରାଧାନ୍ୟ ଦିଆଯାଉଛି। ମିଲେଟ୍ ମିଶନ ଜରିଆରେ ସରକାର ମାଣ୍ଡିଆର ପ୍ରଚାର ପ୍ରସାର କରୁଛନ୍ତି। ସେଥିପାଇଁ ସମ୍ବଲପୁର ଜିଲ୍ଲାର ୫ଟି ବ୍ଲକରେ ମାଣ୍ଡିଆ ଚାଷ କରାଯାଉଛି। କିନ୍ତୁ ଏଥିପାଇଁ ଆବଶ୍ୟକ ବଜାର ଉପଲବ୍ଧ ହେଉନଥିବା ଅଭିଯୋଗ ହେଉଛି। ସମ୍ବଲପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ କହିଛନ୍ତି, ମାଣ୍ଡିଆ ବ୍ୟବହାର କରି ଆମେ ପିଠାପଣା କରୁଛୁ। ପୂର୍ବ ସରକାର ମାଣ୍ଡିଆର ବ୍ୟବହାରକୁ ନେଇ ବିଭିନ୍ନ ଯୋଜନା ଆରମ୍ଭ କରିଥିଲେ। ତେବେ, ମାଣ୍ଡିଆର ବିକ୍ରୟ ପାଇଁ ବଜାର ପାଉନାହାନ୍ତି ଚାଷୀ। ସରକାର ବଜାର ବ୍ୟବସ୍ଥା ଯୋଗାଇଦେଲେ ପଡ଼ିଆ ପଡ଼ି ରହୁଥିବା ଜମି ଗୁଡ଼ିକରେ ଚାଷ କରିବା ପାଇଁ ଲୋକେ ଇଚ୍ଛୁକ ହୁଅନ୍ତେ ବୋଲି ସେ କହିଛନ୍ତି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମାଣ୍ଡିଆ ଦିବସର ମହତ୍ତ୍ୱ ବିଷୟରେ ଆଲୋଚନା କରି ସମସ୍ତଙ୍କୁ ମାଣ୍ଡିଆର ବ୍ୟବହାର ଓ ଚାଷକୁ ଅଧିକ ପ୍ରସାରିତ କରିବା ଓ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ପ୍ରୟାସ କରିବାକୁ ଗୁରୁତ୍ୱାରୋପ କରିଥିଲେ।

ଆଜି ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ୨୦୨୫ ଉପଲକ୍ଷେ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ' ପ୍ରାଙ୍ଗଣରେ ପ୍ରଦର୍ଶନୀ ଏବଂ ସଭା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ



ଅଧ୍ୟକ୍ଷା କୁମୁଦିନୀ ନାୟକ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ବିଭୂତି ଭୂଷଣ ପଟେଲ, ରେଢ଼ାଖୋଲ ବିଧାୟକଙ୍କ ପ୍ରତିନିଧି ହୀରାଲାଲ ବେହେରା, ମୁଖ୍ୟବକ୍ତା ଭାବେ ଟିଟିଲାଗଡ଼ ଡିଏଭି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଶିବ ପ୍ରସାଦ ବେହେରା ମଞ୍ଚାସୀନ ଥିଲେ। ମାଣ୍ଡିଆ ଦିବସ -୨୦୨୫ ଅବସରରେ




ସମ୍ବଲପୁର ଜିଲ୍ଲାରେ ମାଣ୍ଡିଆ ଚାଷ ଓ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା କୃଷକ, ସଂଗଠନ ଓ ମହିଳା ସଂଘମାନଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ଶ୍ରେଷ୍ଠ ମାଣ୍ଡିଆ କୃଷକରେ ତାଇନସର ପଞ୍ଚାୟତର ଥିଆବେର୍ନାର ଦୀନବନ୍ଧୁ କିସାନ, ଶ୍ରେଷ୍ଠ ସଂରକ୍ଷକ କୃଷକ (ବେଷ୍ଟ କଷ୍ଟୋଡିଆନ୍ ଫାର୍ମର)ରେ ଜମନକିରା ବ୍ଲକର ଚୈତନ୍ୟ କିସାନ, ଶ୍ରେଷ୍ଠ ଏଫ୍.ଏ.ରେ ଜମନକିରା ବ୍ଲକର ସମ୍ବଲପୁର ଇଣ୍ଟିଗ୍ରେଟେଡ ଡେଭେଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍, ଶ୍ରେଷ୍ଠ ଏଫ୍.ପି.ଓ.ରେ କୁଚିଣ୍ଡାର ଧରଣୀଧରା ଚିଲି ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍. ଶ୍ରେଷ୍ଠ ମହିଳା ସ୍ୱୟଂସହାୟକ ଗୋଷ୍ଠୀରେ ଗୋବିନ୍ଦପୁର ଗ୍ରାମପଞ୍ଚାୟତର ବିଜୟା ସ୍ୱୟଂସହାୟକ ଗୋଷ୍ଠୀକୁ ପୁରସ୍କୃତ କରାଯାଇଥିଲା।

### ସହରରେ ଅଖାଦ୍ୟର ପସରା

# ଖାଦ୍ୟ ନିରାପତ୍ତା ଅଧିକାରୀ ନିଖୋଜ !

**ସମ୍ବଲପୁର, ୬।୧୧(ସମିସ):**ଅଧିକାରୀଙ୍କ ସମ୍ବଲପୁରରେ ନିଯୁକ୍ତି। କିନ୍ତୁ ବାବୁ ରହୁଛନ୍ତି କଟକରେ। ମଝି ମଝିରେ ଆସି ସହରର କିଛି ସ୍ଥାନରେ ଚଢ଼ଉ କରୁଛନ୍ତି।ସମ୍ବଲପୁର ମହାନଗର ନିଗମରେ ନିଯୁକ୍ତ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ନାଁରେ ଆସିଛି ଏଭଳି ଅଭିଯୋଗ। ଦଶହରା, ଦୀପାବଳି ସରିଲା। କିନ୍ତୁ ସମ୍ବଲପୁର ସହରର ୩-୪ଟି ସ୍ଥାନକୁ ଛାଡ଼ି କେଉଁଠି ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ଉ ହେଲାନି।କେବଳ ଲୋକ ଦେଖାଣିଆ କିଛି ସ୍ଥାନରେ ଚଢ଼ଉ କରି ବାବୁ ଛୁ ମାରିଲେ। ସମ୍ବଲପୁରରେ ନିଯୁକ୍ତି ପାଇଥିଲେ ମଧ୍ୟ ସେ ଏଠାରେ ରହୁନଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ କରିଛନ୍ତି ଖୋଦ୍ ଏସଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ। ନିୟମିତ ରହୁନଥିବାରୁ ତାଙ୍କୁ ଅନେକ ସମୟରେ ଖୋଜା ପଡ଼େ ହେଲେ ଦେଖାମିଳେନି। କେବଳ ବଡ଼ ହାକିମ ଡାକିଲେ ବାବୁ କଟକରୁ ଆସନ୍ତି।ନହେଲେ ସମ୍ବଲପୁରରେ ତାଙ୍କ ପାଦ ପଡ଼େନି ବୋଲି ସେ କହିଛନ୍ତି। ଅନ୍ୟପଟେ, ଏବେ ସହରର ବହୁ ଉଠା ଖାଦ୍ୟ ଦୋକାନୀ ଓ ମିଠା ଦୋକାନ ବଢ଼ିଯାଇଛି। ପାଷ୍ଟଫୁଡ୍ ନାଁ ଲୋକଙ୍କୁ ବାସି ଖାଦ୍ୟ ଦିଆଯାଉଛି। ରଙ୍ଗ ମାରି ନାଲି କରି ଚିକେନ୍, ପନିର ସହ ଅନ୍ୟ ଖାଦ୍ୟ ସାମଗ୍ରୀ ବି ହେଉଛି। କିନ୍ତୁ ଏହାକୁ ଦେଖିବାକୁ କେହି ନାହାନ୍ତି। ଖାଦ୍ୟ ନିରାପତ୍ତା ବିଭାଗରେ ଜଣେ ଅଧିକାରୀ ଅଛନ୍ତି। ସେ ବି ମାସରେ ୨୦ ଦିନ ସମ୍ବଲପୁରରେ ରହୁନାହାନ୍ତି। ତେଣୁ ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ଚୁଲିକୁ ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ ହେଲେ ଲୋକଦେଖାଣିଆ ଚଢଉ କରି ଜରିମାନା ଆଦାୟ କରାଯାଉଛି।

### ଦାବି ପୂରଣ ନେଇ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ

# ଆନ୍ଦୋଳନରେ ଆୟୁଷ ଛାତ୍ରଛାତ୍ରୀ ଓ ହାଉସ୍ ସର୍ଜନ

**ସମ୍ବଲପୁର, ୬।୧୧(ସମିସ)**




ଗୁରୁବାର ଠାରୁ ସମସ୍ତ ସରକାରୀ ଆୟୁଷ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି। ସମ୍ବଲପୁରସ୍ଥିତ ଓଡ଼ିଶା ମେଡିକାଲ କଲେଜ ଅଫ ହୋମିଓପାଥିକ ଆଣ୍ଡ ରିସର୍ଚ୍ଚରେ ମଧ୍ୟ ପ୍ରଭାବ ଦେଖିବାକୁ ମିଳିଛି। ସମସ୍ତ ଛାତ୍ରଛାତ୍ରୀ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି। ଦ୍ୱନ୍ଦରେ ପଡ଼ି ଏଭଳି ନିଷ୍ପତି ନେଇଥିବା କହିଛନ୍ତି। ଆଠଦଫା ଦାବି ପୂରଣ ନେଇ ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସଚିବଙ୍କୁ ଜଣାଇଥିଲେ ହେଁ କୌଣସି ସୁଫଳ ମିଳିପାରିନଥିଲା। ତେଣୁ ଆୟୁଷ ଏହି ପ୍ରତିବାଦ ଜାରି ରଖିଛନ୍ତି। ସରକାର ଏ ସମ୍ବନ୍ଧରେ କୌଣସି ଉତ୍ତର ନ ରଖିବା ପର୍ଯ୍ୟନ୍ତ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ଛାତ୍ର ସଂଘ ସଭାପତି ପଳାଶ ରଞ୍ଜନ ପାଲ କହିଛନ୍ତି।

# କୁନ୍ତରା ଗ୍ରାମ୍ୟ ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

**କୁଚିଣ୍ଡା, ୬।୧୧(ସମିସ):** ଗୋକୁଳ ପାର୍ବତୀ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି।ଡଃ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପୂର୍ବତନ ଅଧ୍ୟକ୍ଷ ବିରଞ୍ଚିନାରାୟଣ ପଟେଲ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ଅଧ୍ୟକ୍ଷ ଗୌରିଶଙ୍କର ପଟେଲ ଓ ଦୁର୍ଯ୍ୟୋଧନ ମେହେର ଯୋଗଦେଇ ମହାବିଦ୍ୟାଳୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଘଟଣାର ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ପୂର୍ବତନ ଅଧ୍ୟକ୍ଷ ଗଗନ ଚନ୍ଦ୍ର ପଣ୍ଡାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କୁ ନିଜର ଶୃଙ୍ଖଳା ଓ ଅଧ୍ୟବସାୟ ବଳରେ ଭବିଷ୍ୟତରେ ନିଜକୁ ସମାଜରେ ଏକ ବଳିଷ୍ଠ ବ୍ୟକ୍ତିତ୍ୱ ଭାବରେ ପ୍ରତିଷ୍ଠିତ କରିପାରିବେ ସେ ଦିଗରେ ଛାତ୍ର ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।କାର୍ଯ୍ୟକ୍ରମକୁ ଅଧ୍ୟାପିକା ଦୀପିକା ବେହେରା ସଂଯୋଜନା କରିଥିଲେ।ଓଡ଼ିଆ ବିଭାଗର ଅଧ୍ୟାପିକା ରତ୍ନମଞ୍ଜରୀ ସାହୁ ପ୍ରତିଷ୍ଠା ଦିବସର ବିବରଣୀ ପାଠ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ତଥା ସମସ୍ତ ଛାତ୍ରଛାତ୍ରୀ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ। ସଂସ୍କୃତ ଅଧ୍ୟାପକ ତରୁଣ କୁମାର ପୃଷେଠ କାର୍ଯ୍ୟକ୍ରମର ମୁଖ୍ୟ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ରାଜନୀତି ବିଜ୍ଞାନର ବିଭାଗୀୟ ମୁଖ୍ୟ ଯୋଗୀନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।




# ଫିକା ପଡ଼ିଲା ଛାଡ଼ଖାଇ

**ସମ୍ବଲପୁର, ୬।୧୧ (ସମିସ)** :ବୁଧବାର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମହାନଦୀରେ ଡଙ୍ଗା ଭସାଇବା ସହ ଠାକୁର ଦର୍ଶନ କରି ପବିତ୍ର ଧର୍ମ ମାସ କାର୍ତ୍ତିକ ଶେଷ ହୋଇଛି। ସାଧାରଣତଃ ଏହା ପରଦିନ ଛାଡ଼ଖାଇ ପାଳନ କରାଯାଇଥାଏ। ଆମିଷ ବେପାରୀଙ୍କ ଜୋରସୋରରେ ବେପାର ହୋଇଥାଏ। ସମସ୍ତେ ଯାଇ ଦୋକାନ ସାମ୍ନାରେ ଭିଡ଼ କରିଥାନ୍ତି। ତେବେ ଚଳିତବର୍ଷ କାର୍ତ୍ତିକ ପୂର୍ଣ୍ଣିମାର ପରଦିନ ମାଣବସା ଗୁରୁବାର ପଡ଼ିଛି। ସମ୍ବଲପୁରର ଘରେ ଘରେ ଆଜି ମାର୍ଗଶୀର ମାସର ପ୍ରଥମ ମାଣବସା ଗୁରୁବାର ପାଳିତ ହୋଇଯାଇଛି। ଘରଦ୍ୱାର ଲିପାପୋଛା କରି ଝୋଟି ପକାଇ ଶଙ୍ଖ ହୁଳହୁଳି ନାଦରେ ମହିଳାମାନେ ମା’ ଲକ୍ଷ୍ମୀଙ୍କ ଆବାହନ କରିଛନ୍ତି। ବଜାରରେ ଫୁଲ ଓ ପୂଜା ଅନ୍ୟ ସାମଗ୍ରୀ ସହ ଧାନର ଶିକା ବା ଧାନଝରା ମିଳୁଥିବାବେଳେ ଲୋକେ ଠାକୁର ଘରେ ତାହାକୁ ସ୍ଥାପନ କରିଛନ୍ତି। ଲୋକେ ପିଠାପଣା କରି ଘରେ ଘରେ ଠାକୁର ପୂଜା କରି ତାହାକୁ ମାନିଛନ୍ତି। ଆଜି ଛାଡ଼ଖାଇ ବଜାର ଫିକା ପଡ଼ିଯାଇଛି। ଅନ୍ୟବର୍ଷ ଭଳି ଦିନତମାମ ସେମାନଙ୍କ ବ୍ୟବସାୟ ହୋଇପାରିନାହିଁ। କାର୍ତ୍ତିକ ପୂର୍ଣ୍ଣିମା ଏବଂ ମାଣବସା ଗୁରୁବାର ପ୍ରତ୍ୟେକ ଓଡ଼ିଆ ହିନ୍ଦୁ ପରିବାରରେ ଏକ ସ୍ୱତନ୍ତ୍ର ମହତ୍ତ୍ୱ ରଖୁଥିବାରୁ ଲୋକେ ଆଜି ଧାର୍ମିକ କାର୍ଯ୍ୟରେ ଲିପ୍ତ ରହିଥିବା ଦେଖାଯାଇଛି।

# କଳା ସଂସ୍କୃତି ପରମ୍ପରାର ଉତ୍ସବ ନାବକେଲି ସମ୍ପନ୍ନ

**ସମ୍ବଲପୁର, ୬।୧୧(ସମିସ):** ଡଙ୍ଗାପାଳ ଗ୍ରାମର କଳା ସଂସ୍କୃତି ପରମ୍ପରାର ଉତ୍ସବ ନାବକେଲି ଉଦ୍‌ଯାପିତ ହୋଇଛି। ଉତ୍ସବକୁ ବିବିସିସି କ୍ଲବ୍ ଡଙ୍ଗାପାଳ ଓ ଉତ୍ସବ ପରିବାର ସୋସିଆଲ ଆଣ୍ଡ କଲଚରାଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହୋଇଥିଲା। ଯାତ୍ରା କମିଟି ସଭାପତି ଜୟନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିକାଶ ଫାଉଣ୍ଡେସନର ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ ମୁଖ୍ୟଅତିଥି, ରେଢାଖୋଲ ଏସ୍‌ଡିପିଓ ପ୍ରଶାନ୍ତ ମେହେର, ବରିଷ୍ଠ ବିଜେପି ନେତା ଦେବେନ୍ଦ୍ର ମହାପାତ୍ର, ନାରୀନେତ୍ରୀ ସୁସ୍ମିତା ରାଣୀ ଦେହୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।ମେଧାବୀ ଛାତ୍ରୀ ସମିତା ପ୍ରଧାନ, ମେଧାବୀ ଛାତ୍ର ସୁକାନ୍ତ ଭୋଇ, ହକିରେ ଅନୁକରଣ ଡୁଙ୍ଗଡୁଙ୍ଗ, ମିନାକ୍ଷୀ ମାଝୀ, ତୀରନ୍ଦାଜ ଚନ୍ଦୁ ନାଗ, ମିଶାର ଖାନ ଟପନୋ, ଲଭଲି ନାଏକ, ସୁସ୍ମିତା ହରୋ ଓ ବ୍ଲକ ସ୍ତରୀୟ ନବୋଦୟ, ମେଧା ବୃତ୍ତି ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଟପର ସମୀକ୍ଷା ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ମୁଗ୍ଧା ଦାସ ମଞ୍ଚ ପରିଚାଳନା କରିଥିଲେ। କଣ୍ଠ ଶିଳ୍ପୀ ଉମାକାନ୍ତ ବାରିକ ଓ ଆଶିଷ କୁମାରଙ୍କ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସମ୍ପାଦକ ବଣ୍ଟି ପ୍ରଧାନ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଦିବ୍ୟ କିଶୋର ପ୍ରଧାନ, କ୍ଲବ ସଭାପତି ସିପନ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ଟଙ୍କଧର ପ୍ରଧାନ, ନିଶାନ୍ତ ପ୍ରଧାନ ପ୍ରମୁଖଙ୍କ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ୨୦୦ତମ ବର୍ଷରେ ପଦାର୍ପଣ ଯୁଯୁମୁରା ରାସୋତ୍ସବ। ସଭାପତି ଭୂପେନ୍ଦ୍ର ସିଂହ, ସମ୍ପାଦକ ବୀରେନ୍ଦ୍ର ନାୟକ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ଉତ୍ସବ ପାଳନ କରାଯାଇଥିଲା। ସ୍ଥାୟୀ ସଭାପତି ଶ୍ରୀ ସିଂଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନ ସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି, ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା ମୁଖ୍ୟ ବକ୍ତା, ଶିକ୍ଷାବିତ ବନମାଳୀ ମିଶ୍ର, ସ୍ଥାନୀୟ ସରପଞ୍ଚ ବାସନ୍ତୀ ପ୍ରଧାନ, କେନ୍ଦୁଲିଭ୍ ରେଞ୍ଜର ସଞ୍ଜୟ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ କୁମୁରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାସୋତ୍ସବର ଇତିହାସ, ଐତିହ୍ୟ, ଲୋକପରମ୍ପରା ଓ ସଂସ୍କୃତି ସମ୍ପର୍କିତ ତଥ୍ୟ ସମ୍ମିଳିତ ଏକ ସ୍ମାରକ ସ୍ମରଣିକାକୁ ମୁଖ୍ୟ ଅତିଥି ଶ୍ରୀ ଭୋଇ ଉନ୍ମୋଚିତ କରିଥିଲେ। ସ୍ଥାନୀୟ କଳାକାର, ସାହିତ୍ୟିକ ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ପରେ ବିକାଶ ଫାଉଣ୍ଡେସନର ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ ଉତ୍ସବରେ ଯୋଗ ଦେଇଥିଲେ। ୫ ଦିନ ଧରି ଆୟୋଜିତ ଉତ୍ସବର ପ୍ରତିଦିନ ସର୍ମଦା, ସଞ୍ଚାର, କୃଷ୍ଣଗୁରୁ, ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।



# ମୁକ୍ତେଶ୍ୱର ମନ୍ଦିରରେ ଭକ୍ତଙ୍କ ସମାବେଶ

**ଜମନକିରା, ୬।୧୧(ସମିସ):** ମୁକ୍ତେଶ୍ୱର ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ହଜାର ହଜାର ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା। ଭୋରୁ ପୂଜା ରିତି ନୀତିରେ ପୂଜ ଶେଷ ହେବା ପରେ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ମୁକ୍ତେଶ୍ୱର ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ସନ୍ଧ୍ୟାରେ ସ୍ୱତନ୍ତ୍ର ଭାବରେ ଦୀପ ସଜାଇ ମନ୍ଦିର ଶୋଭା ବର୍ଦ୍ଧନ କରାଯାଇଥିଲା।ସଭାପତି ପିକେ କାନ୍ନାପାନ, ସାଲେକରାମ ପଧାନ, ରମେଶ ସାହୁ, ଆଦି ପ୍ରସାଦ ସାହୁ ପ୍ରଭୃତି ଯୋଗ ଦେଇଥିଲେ। ସେହିପରି ଶଗଡ଼େଶ୍ୱର, ଦେବେଶ୍ୱର, ଭୂତେଶ୍ୱର ମନ୍ଦିରରେ ମଧ୍ୟ ଭିଡ ଜମି ଥିଲା।



# ଭଗବତ୍ ପଠନ ଓ ସତ୍‌ସଙ୍ଗ

**ଜମନକିରା, ୬।୧୧ (ସମିସ):** ଜମନକିରା ଦଶ ଘରିଆ କ୍ଲବ୍ ଠାରେ କାର୍ତ୍ତିକ ମାସ ଆରମ୍ଭରୁ ପ୍ରତି ଦିନ ସନ୍ଧ୍ୟା ସମୟରେ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ କେଶବ ଚନ୍ଦ୍ରଙ୍କ ପୂଜା ସହ ଭଗବତ୍ ପଠନ ଓ ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି। କ୍ଷିତି ଜ୍ୟୋତି ଆଶ୍ରମ ଜମନକିରା ଶାଖା ପରିଚାଳକ ଛତୁ କଲେତ୍, ଉପପରିଚାଳକ ଅଶ୍ୱିନୀ ଜୟପୁରିଆ, ସଂଗଠକ ସୁରେନ୍ଦ୍ର ବୁଦା, କିଶୋର ବାଗ, ରବୀନ୍ଦ୍ର ଭଞ୍ଜ, ଅଶୋକ ଜାମଡାଳିଆ ଓ ପଡ଼ାର ସମସ୍ତଙ୍କ ମିଳିତ ଉଦ୍ୟମରେ ସମାପନ ହୋଇଥିଲା।



# ବ୍ଲକ୍‌ସ୍ତରୀୟ ଟ୍ୟାଲେଣ୍ଟ ହଣ୍ଟ ଶିବିର

**ଜମନକିରା, ୬।୧୧ (ସମିସ):** ଜମନକିରା ବ୍ଲକ ପ୍ରାଙ୍ଗଣ ମିଶନ ଶକ୍ତି ସଭା ଗୃହରେ ବ୍ଲକସ୍ତରୀୟ ଟ୍ୟାଲେଣ୍ଟ ହଣ୍ଟ ଶିବିର ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ମମତା ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଙ୍ଗନବାଡି ୱାର୍କର, ଗ୍ରାମ ଓ ବିଦ୍ୟାଳୟର କିଶୋରୀମାନେ ଅଂଶ ଗ୍ରହଣ କରି ଗୀତ, ନୃତ୍ୟ ଏବଂ ଚିତ୍ରାଙ୍କନ ମାଧ୍ୟମରେ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ବବଲି ପ୍ରଧାନ, ଶଶାଙ୍କ ଶେଖର ଗଗରାଇ, ଛୋଟେଲାଲ ସାହୁ ଯୋଗ ଦେଇଥିଲେ।



# ଜିଲ୍ଲାସ୍ତରୀୟ ଛାୟା ସଂସଦ ପ୍ରତିଯୋଗିତା



**ସମ୍ବଲପୁର, ୬।୧୧ (ସମିସ) :** ସମଗ୍ର ଶିକ୍ଷା ସମ୍ବଲପୁର ଆନୁକୂଲ୍ୟରେ ଗୁରୁବାର ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲଠାରେ ଜିଲ୍ଲାସ୍ତରୀୟ ଛାୟା ସଂସଦ ପ୍ରତିଯୋଗିତା ଅନୁଷ୍ଠିତ ହେଇଯାଇଛି। ଏଥିରେ ଜିଲ୍ଲାର ୧୩ଟି ପିଏମ୍‌ଶ୍ରୀ ହାଇସ୍କୁଲରୁ ମନୋନୀତ ହେଇଆସିଥିବା ୫୨ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ସାଂସଦ ଭାବରେ ଆଦ୍ୟାଶା ମହାକୁଡ଼, ଅର୍ଚ୍ଚିତା ସାହୁ ଓ ଦିପ୍ତୀରଞ୍ଜନ ସାମନ୍ତ ଯୋଗ୍ୟ ବିବେଚିତ ହୋଇ ଜିଲ୍ଲା ପ୍ରେକ୍ଷାଳୟ ତପସ୍ୱିନୀରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ପୁରସ୍କୃତ ହୋଇଥିଲେ। ବିଚାରକ ଭାବରେ ବରିଷ୍ଠ ସାମ୍ବାଦିକ ଶିବ ଶଙ୍କର ନନ୍ଦ, ଅଧ୍ୟାପକ ପ୍ରଦୀପ ମିଶ୍ର, ଅଧ୍ୟାପକ ପ୍ରଶାନ୍ତ ପ୍ରଧାନ ଓ ଶିକ୍ଷକ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଉପସ୍ଥିତ ଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୁଚିଣ୍ଡା ବିଧାୟକଙ୍କ ପ୍ରତିନିଧି ବିଭୂତି ଭୂଷଣ ପଟେଲ ଓ ରେଢ଼ାଖୋଲ ବିଧାୟକଙ୍କ ପ୍ରତିନିଧି ହୀରାଲାଲ ବେହେରା ସମ୍ମାନିତ ଅତିଥି ଥିଲେ। ଛାୟା ସଂସଦ ପ୍ରତିଯୋଗିତା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ନେତୃତ୍ୱର ବିକାଶ ଓ ଉତ୍ତର ଦାୟିତ୍ୱ ପ୍ରତି ସଚେତନ କରିବାରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମଞ୍ଚ ସଞ୍ଚାଳନ କରିଥିଲେ ବରିଷ୍ଠ ଶିକ୍ଷକ ରାମକୃଷ୍ଣ ରଥ। ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ଲୋକିତା ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଛାୟା ସଂସଦ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ସମଗ୍ର ଶିକ୍ଷାର ସଂଯୋଜକ ପୁରୁଷୋତ୍ତମ ପ୍ରହରାଜ। ଜାତୀୟସ୍ତରରେ ଅଂଶଗ୍ରହଣ କରିଥିବା ଛାତ୍ରୀ ଅଙ୍କିତା ଗାଙ୍ଗୁଲି, ଶିକ୍ଷୟିତ୍ରୀ ଅନୁପମା ପଣ୍ଡା ତଥା ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମର ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’

**ସମ୍ବଲପୁର, ୬।୧୧ (ସମିସ)**

ଜିଲ୍ଲା ପ୍ରେକ୍ଷାଳୟ ‘ତପସ୍ୱିନୀ’ରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହେଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧ୍ୟକ୍ଷତା କରିଥିଲେ। ସମ୍ବଲପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ମୁଖ୍ୟଅତିଥି, ଡିଏଭି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା ଏବଂ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, କୁଚିଣ୍ଡା ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପ୍ରତିନିଧି ବିଭୂତି ଭୂଷଣ ପଟେଲ, ରେଢାଖୋଲ ବିଧାୟକଙ୍କ ପ୍ରତିନିଧି ହୀରାଲାଲ ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଭାରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଡଃ ବେହେରା ଛାତ୍ରଛାତ୍ରୀମାନେ ନିଜ ପ୍ରତିଭା ପ୍ରଦର୍ଶନ କରି ନିଜର ପରିଚୟ ସୃଷ୍ଟି କରିବା ଲାଗି ପ୍ରୟାସ କରିବା ଉଚିତ ବୋଲି କହିଥିଲେ। ଜିଲ୍ଲାପାଳ ଶ୍ରୀ ବୋନ୍ଦର କହିଲେ ଯେ, ସମ୍ବଲପୁର ଜିଲ୍ଲାର କଳା, ଐତିହ୍ୟ ଓ ସଂସ୍କୃତିର ଏକ ମହାନ ପରଂପରା ରହିଛି। ଲୁକ୍କାୟିତ ପ୍ରତିଭାର ବିକାଶ କରିବା ଲାଗି ଜିଲ୍ଲାସ୍ତରରେ ଛାତ୍ରଛାତ୍ରୀ ମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲଠାରେ ୯ଟି ବ୍ଲକରୁ ମନୋନୀତ ହୋଇ ଆସିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ ଲିଖନ, କୁଇଜ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ବକ୍ତବ୍ୟ ପ୍ରଦାନ, ଗୀତ, ନୃତ୍ୟ, ହସ୍ତାକ୍ଷର ଓ ଏମଡିଏମ ଶିଳ୍ପକଳା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ୩୫୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଆଜି ଅପରାହ୍ଣରେ ଜିଲ୍ଲା ପ୍ରେକ୍ଷାଳୟ ‘ତପସ୍ୱିନୀ’ଠାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ ମୁଖ୍ୟଅତିଥି ଏବଂ ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷା ଗୀତାଞ୍ଜଳି ଭୋଇ, ଶିକ୍ଷାବିତ ଅରବିନ୍ଦ ମହାପାତ୍ର ଓ ପ୍ରଫେସର ଶିବପ୍ରସାଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅବିନାଶ ସାହୁ, ରାଖି ମହାପାତ୍ର, ସତ୍ୟନାରାୟଣ ସାହୁ, ଅସୀମ ପ୍ରଧାନ ପ୍ରମୁଖ ମଞ୍ଚ ସଞ୍ଚାଳନ କରିଥିଲେ। ଉତ୍ସବକୁ ସମଗ୍ର ଶିକ୍ଷା ସଂଯୋଜକ ଅରୁଣ କୁମାର ଦାଶ ପରିଚାଳନା କରିଥିବାବେଳେ ବିଭିନ୍ନ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ, ପ୍ରଧାନଶିକ୍ଷକ ତଥା ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।




### ଚକ୍ରଧର ଧିର ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟ

# ସିରୋଲକୁ ହରାଇ ମଶାଣିମୁଣ୍ଡା ଚାମ୍ପିଅନ



**କେସିଙ୍ଗା, ୬।୧୧(ସମିସ):** କେସିଙ୍ଗା ବ୍ଲକ ସିରୋଲ ଠାରେ ଚାଲିଥିବା ଷଷ୍ଠ ବାର୍ଷିକ ଚକ୍ରଧର ଧିର୍ ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବ ସିରୋଲ ‘ସହଜ’ ସେଣ୍ଟର ଖେଳ ପଡ଼ିଆରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି।ଉକ୍ତ ଟୁର୍ଣ୍ଣାମେଣ୍ଟରେ ସ୍ୱର୍ଗତ ଚକ୍ରଧର ଧିରଙ୍କ ପୁଅ ଭାଗବତ ପ୍ରସାଦ ଧିର ଏବଂ, କ୍ଷିରୋଦ୍ର ବାଗ ଆନୁଷ୍ଠାନିକ ଭାବେ ବାପାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଖେଳ କୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅଞ୍ଚଳର ୧୦ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ, ଫାଇନାଲ ମ୍ୟାଚ୍ ମାଁ ଖଲିଗଡ଼େନ ସିରୋଲ ଏବଂ ମଶାଣିମୁଣ୍ଡା ମଧ୍ୟରେ ହୋଇଥିଲା। ମଶାଣିମୁଣ୍ଡା ଦଳ ବିଜୟୀ ହୋଇଥିବା ବେଳେ ଟ୍ରଫି ସହିତ ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା।ସେହିପରି ଉପବିଜେତା ସିରୋଲ ମାଁ ଖଲିଗଡ଼େନ ଦଳକୁ ମଧ୍ୟ ନଗଦ ଅର୍ଥ ରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ରାଜ୍ୟ ସ୍ତରୀୟ ଭଲିବଲ ଖେଳାଳି ରାହୁଲ ସେନାପତି, ସନି ଦେଓଲ ଖେଳ ପରିଚାଳନା କରିଥିବା ବେଳେ। କ୍ଷିରୋଦ ବାଗ, ମାନସ ରଞ୍ଜନ ମାଝୀ, ଲକ୍ଷ୍ମଣ ବଛା, ରାଜ ବାଗ, ଜୟେ ଅମ୍ବେ ଗୋଲ୍ଡ ଆର୍ଟସ କେସିଙ୍ଗା ଏବଂ ଭୋପାଲ ଟେଣ୍ଟ ହାଉସ ସିରୋଲର ବିଶେଷ ସହଯୋଗ ରହିଥିଲା।

ସକାଳ THE SAKALA



### ପ୍ରାୟୋଜିତ ଆନ୍ଦୋଳନ ଘଟଣା

# ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ

ହାଟଡ଼ିହୀ,୬।୧୧(ସମିସ)

ବଞ୍ଝୋ ବରାହୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଗୋପୀନାଥଜୀଉ ହାଇସ୍କୁଲ ଆମ୍ରୋକୁ ବଦଳି କରାଯାଇଥିବା ବେଳେ ସମ୍ପୃକ୍ତ ଶିକ୍ଷକଙ୍କ କିଛି ସମର୍ଥକ ଅଭିଭାବକ ଏବଂ ଛାତ୍ରଛାତ୍ରୀ ଗତ ୩ ତାରିଖ ପୂର୍ବ ପ୍ରସ୍ତୁତି ଅନୁଯାୟୀ, ପ୍ରାୟୋଜିତ ଭାବେ ଧାରଣାରେ ବସି ଶିକ୍ଷକଙ୍କ ବଦଳି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯାହାକୁ ନେଇ ଶିକ୍ଷକଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଜଣେ ଶିକ୍ଷକ ଶିକ୍ଷାଧିକାରୀଙ୍କ ବଦଳି ନିର୍ଦ୍ଦେଶକୁ ବେଖାତିର ବା ଅବହେଳା ପ୍ରଦର୍ଶନ କରି ପିଲାଙ୍କ ଦ୍ୱାରା ବଦଳିକୁ ସ୍ଥଗିତ କରିବା ନେଇ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ଟାୟାର ଜାଳି ଗ୍ରାମ୍ୟରାସ୍ତା ଅବରୋଧ କରିବା କେତେଦୂର ଯଥାର୍ଥ ବୋଲି ମୁଖ୍ୟ ପ୍ରସଙ୍ଗ ପାଲଟିଛି। ଧାରଣା ଦିନ ଯାଇଥିବା ତହସିଲଦାର ଏହାର ଅନୁଧ୍ୟାନ କରିବା ପରେ ଏହା ଏକ ପ୍ରାୟୋଜିତ ଧାରଣା ବୋଲି କହିଥିବା ବେଳେ ସ୍କୁଲ ସଭାପତି ମଧ୍ୟ ଏହାକୁ ସମ୍ପୂର୍ଣ୍ଣ ପ୍ରାୟୋଜିତ ବୋଲି କହିଥିଲେ। ଏତେସବୁ ଘଟଣା ପରେ ମଧ୍ୟ ସମ୍ପୃକ୍ତ ଶିକ୍ଷକ ଜଣକ ମାଣ୍ଡିଆ ଲଡୁ ଓ ଛାତ୍ରବୃତ୍ତି ବଣ୍ଟନରେ ଅନିୟମିତତା କରି ଅନ୍ୟତ୍ର ବଦଳି ହୋଇଥିବା ବେଳେ ଏହି ବିବାଦୀୟ ଶିକ୍ଷକଙ୍କ ବିରୋଧରେ ବିଇଓ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୂର୍ଯ୍ୟପ୍ରକାଶ ସେଠୀଙ୍କ ନାମରେ ମାଣ୍ଡିଆ ଲଡୁ ଓ ଛାତ୍ରବୃତ୍ତି ପ୍ରଦାନ ଅନିୟମିତତାକୁ ନେଇ ସ୍କୁଲ ସଭାପତିଙ୍କ ସମେତ ସଦସ୍ୟାମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ, ବ୍ଲକ୍ ଶିକ୍ଷାଧିକାରୀ ରାଜୀବ ଦଳେଇଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଟିମ ଭାରପ୍ରାପ୍ତ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଦ୍ୱାରା ଅନିୟମିତତାର ତଦନ୍ତ କରାଯାଇ ତଦନ୍ତ ରିପୋର୍ଟ ଶିକ୍ଷାଧିକାରୀଙ୍କ ନିକଟରେ ଦାଖଲ କରିଥିଲେ। ଏହା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ହାଟଡିହୀ ବ୍ଲକ ଶିକ୍ଷାଧିକାରୀ ରାଜୀବ ଦଳେଇ ଦୃଷ୍ଟାନ୍ତ ମୂଳକ ଭାବେ ଚିଠି ନଂ ୩୮୨୬ ତା ୩୧/୧୦/୨୫ ଅନୁସାରେ ସମ୍ପୃକ୍ତ ଶିକ୍ଷକ ଶ୍ରୀ ସେଠୀଙ୍କ ନାମରେ ବଦଳି ନିର୍ଦ୍ଦେଶ ଜାରି କରି ଶିକ୍ଷକ ଜଣକୁ ବଞ୍ଝୋ ବରାହୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଆମ୍ରୋ ଗୋପୀନାଥଜୀଉ ଉଚ୍ଚ ବିଦ୍ୟାଳୟକୁ ବଦଳି କରିଛନ୍ତି। ସମ୍ପୃକ୍ତ ଶିକ୍ଷକ ରିଲିଭ ହୋଇଥିଲେ ସୁଦ୍ଧା ସେ ଆଜିଯାଏଁ ବଦଳି ହୋଇ ଯାଇଥିବା ସ୍କୁଲରେ ଯୋଗଦାନ କରି ନଥିବା ଜାଣିବାକୁ ମିଳିଛି। ଏଭଳି ଘଟଣା ଉପରେ ଆନନ୍ଦପୁର ଉପଜିଲ୍ଲାପାଳ ଓ ଜିଲ୍ଲାପାଳ କେନ୍ଦୁଝର ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ସାପ୍ତାହିକ ହାଟରେ ଜୁଆଖେଳ ଓ ମହୁଲି ମଦ ବିକ୍ରି

ନାରଦପୁର, ୬।୧୧(ସମିସ): ଚମ୍ପୁଆ ଥାନା ଅନ୍ତର୍ଗତ ରିମୁଳି ଫାଣ୍ଡିର ଆଙ୍ଗୁଳିଆ (ଶୁକ୍ରବାର) ଓ ହୀରାପୁର (ଶନିବାର) ସାପ୍ତାହିକ ହାଟରେ ଜୁଆଖେଳ ସମେତ ଦେଶୀ ମହୁଲି ମଦ ବିକ୍ରି ଚାଲିଛି। ଏନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଏହି ହାଟରେ ଦୀର୍ଘଦିନ ହେବ ବେଆଇନ ଭାବେ ଜୁଆଖେଳ ଅନାୟସରେ ଚାଲିଛି। ଏହାଦ୍ୱାରା ଆଖପାଖ ଗାଁରୁ ସଉଦା କରିବାକୁ ଆସି ଏହି ଜୁଆ ଖେଳରେ ବଶବର୍ତ୍ତୀ ହୋଇ ସର୍ବସ୍ୱାନ୍ତ ହେଉଥିବା ଅଭିଯୋଗ ହେଉଛି। ଏହି ଜୁଆଖେଳ ସହିତ ହାଟରେ ଦେଶୀ ମହୁଲି ମଦ ପିଇ ମଦୁଆମାନେ ଅଶ୍ଳୀଳ ଭାଷା କହୁଥିବାରୁ ହାଟରେ ଝିଅ ବୋହୂମାନେ ଲାଜରେ ଯାଆସ କରି ପାରୁନାହାନ୍ତି। ଏଥିପ୍ରତି ତୁରନ୍ତ ପୁଲିସ ପ୍ରଶାସନ ଦୃଷ୍ଟିଦେଇ ଜୁଆ ଖେଳ ଓ ମଦକୁ ବନ୍ଦ କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

## ହାତୀର ଲାଙ୍ଗୁଡ଼ ଟାଣି ବର୍ତ୍ତିଗଲେ ୨ ଯୁବକ

ତୁରୁମୁଙ୍ଗା, ୬।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡା ସେକ୍ସନ ଅଞ୍ଚଳକୁ ଏକ ଦନ୍ତା ଗତକାଲି ବିଳମ୍ବିତ ରାତିରେ ପଶି ଆସି ଗୋରାସ କଣ୍ଟିଡିହା ଗ୍ରାମର ଖିଲାରାମ ସୋରେନ ଏବଂ ଖଡିକାପଦା ହୁଡ଼ି ସାହିରେ ଦୁଃଖବନ୍ଧୁ ମାଝୀ ନୂଆଗାଁ ବୁଧୁ ସାହିର ଆକାଶ ମୁଣ୍ଡାଙ୍କ ଘର ଭାଙ୍ଗିଥିବା ବେଳେ ଆଜି ଅପରାହ୍ନରେ ଏହି ହାତୀଟି କଟାବେଡା ଜଙ୍ଗଲରେ ଡେରା ପକାଇଥିବା ସମୟରେ କିଛି ଯୁବକ ହାତୀକୁ ବିରକ୍ତ କରୁଥିଲେ। ହାତୀର ଲାଙ୍ଗୁଡ଼କୁ ଟାଣୁଥିବା ଏକ ଭିଡିଓ ଭାଇରାଲ ହୋଇଛି। ଏହି ଭାଇରାଲ ଭିଡିଓରେ ହାତୀର ଲାଙ୍ଗୁଡ଼ ଟାଣିବା ସମୟରେ ହାତୀ ମଧ୍ୟ ଲାତ ମାରୁଥିବା ଦେଖିବାକୁ ମିଳିଛି। ତେବେ ହାତୀର ଲାତ ମାଡ଼ରେ ଦୁଇ ଜଣ ଯୁବକ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ବନ ବିଭାଗର ତାଗିଦ ସତ୍ତ୍ୱେ ମଧ୍ୟ ଅମାନିଆ ଯୁବକ ହାତୀ ଚଲାପଥ ଅବରୋଧଠାରୁ ଆରମ୍ଭ କରି ହାତୀଙ୍କୁ ମାଡ଼ ମାରିବାକୁ ପଛାଉ ନାହାନ୍ତି।

## ମହିଳାଙ୍କୁ ଅସଦାଚରଣ; ଥାନାରେ ମାମଲା

ଆନନ୍ଦପୁର ୬।୧୧(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ଚିକିତ୍ସାଳୟ ପରିସରରେ ଜଣେ ମହିଳାଙ୍କୁ ଅଶୋଭନୀୟ ବ୍ୟବହାର କରିବା ଘଟଣରେ ଉତ୍ତେଜନା ପ୍ରକାଶ ପାଇଛି। ଏ ସମ୍ପର୍କରେ ଥାନାରେ ରିପୋର୍ଟ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପୁଲିସ କେସ୍ ନଂ ୩୩୪ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ମଦନପୁର ଗ୍ରାମର ଅନିତା କୁଅଁର ତାଙ୍କ ସ୍ୱାମୀ ସମ୍ବିତ କୁଅଁର ଓ ତାଙ୍କ ପୁଅଙ୍କ ସହିତ ସନ୍ଧ୍ୟା ସାତଟା ସମୟରେ ସାଇଁକୁଳ ଚିକିତ୍ସାଳୟକୁ ଆସିଥିଲେ। କୌଣସି କାରଣ ନଥାଇ ସେଠାରେ ପୂର୍ବରୁ ଉପସ୍ଥିତ ଥିବା ସାଇଁକୁଳ ଗ୍ରାମର ବଳରାମ ପରିଡ଼ା ଉକ୍ତ ମହିଳାଙ୍କୁ ଅସଦାଚରଣ କରିବା ସହ ସ୍ୱାମୀ ଓ ପୁଅଙ୍କୁ ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ସେଠାରୁ କୌଣସି ପ୍ରକାରେ ଖସିଯାଇ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି।

## ସଞ୍ଜୟଙ୍କ ସ୍ମରଣିକା ଉନ୍ମୋଚିତ



ହାଟଡ଼ିହୀ,୬।୧୧(ସମିସ): ହାଟଡ଼ିହୀ ବ୍ଲକ ୩୬ ନମ୍ବର ଜୋନର ପୂର୍ବତନ ଜିଲ୍ଲାପରିଷଦ ସ୍ୱର୍ଗତ ସଞ୍ଜୟ କୁମାର ରାଉତଙ୍କ ନାମକୁ ଚିରୋସ୍ମରଣ ରଖିବାକୁ ସୌରଭମୟ ସଞ୍ଜୟ ସ୍ମରଣ ନାମକ ଏକ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ପ୍ରାଣବଲ୍ଲଭ ପାଢ଼ୀ, ରାଧାଗୋବିନ୍ଦ ଦାସ, ପୂର୍ବତନ ସମିତିସଭ୍ୟ ଅକ୍ଷୟ ବରାଳ, ପୂର୍ବତନ ସରପଞ୍ଚ ଛବିନ୍ଦ୍ର ନାୟକ, ବିଶିଷ୍ଟ କବି ଡ ଅଶୋକ ପୁହାଣ, ଶିକ୍ଷାବିତ୍ ଗିରିଧାରୀ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଶଶାଙ୍କ ଶେଖର ପୁହାଣ, ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ପୂର୍ବତନ ଆନନ୍ଦପୁର ପୌରାଧ୍ୟକ୍ଷ ଶାନ୍ତନୁ ସେଠୀ, ପୂର୍ବତନ ବିଧାୟକ ମାୟାଧର ଜେନା, ମାର୍କଣ୍ଡ ଚରଣ ଓଝା, ସରପଞ୍ଚ ପ୍ରଶାନ୍ତ ରାଉତ, ପ୍ରଶାନ୍ତ ପଟ୍ଟନାୟକ, ପଦ୍ମନାଭ ଜେନା, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଜିଲ୍ଲା ପରିଷଦ କୌଶଲ୍ୟା ସେଠୀ, କୀର୍ତ୍ତନ ନାୟକ, ସନ୍ତୋଷ ପଣ୍ଡା, ସନାତନ ଓଝା, ଚିନ୍ତାମଣି ରାଉତ, ବିକ୍ରମ ଦେବ ରାଉତରାୟ, ରବୀନ୍ଦ୍ର କୁମାର ରାଜ, ମହେନ୍ଦ୍ର କୁମାର ମହାପାତ୍ର, ଚୈତନ୍ୟ ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ସଞ୍ଜୟ ରାଉତଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିବା ସହ "ସୌରଭମୟ ସଞ୍ଜୟ ସ୍ମରଣ' ପୁସ୍ତକକୁ ଉନ୍ମୋଚନ କରିଥିଲେ। ବଡ଼ଭାଇ ସୁଧାଂଶୁ ରାଉତ, ସୋମନାଥ ରାଉତ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ● ମହିଳା ଫରେଷ୍ଟ ଗାର୍ଡଙ୍କୁ ଧମକ ମାମଲା

## ଅଭିଯୁକ୍ତଙ୍କୁ ଗିରଫ ନକଲେ ଆନ୍ଦୋଳନକୁ କରିବ କୁଡୁମି ସେନା



ତୁରୁମୁଙ୍ଗା, ୬।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ତୋଣ୍ଡ ବିଟ୍‌ର ମହିଳା ଫରେଷ୍ଟ ଗାର୍ଡ ଦେବଜାନି ମହାନ୍ତଙ୍କୁ ଗୁରୁବାର କେନ୍ଦୁଝର ନରଣପୁର ବାସଭବନରେ ଓଡ଼ିଶା କୁଡୁମୀ ସେନା ରାଜ୍ୟ ସଭାପତି ଦିବ୍ୟସିଂହ ମହାନ୍ତଙ୍କ ନେତୃତ୍ୱରେ କୁଡୁମି ସେନା ସଦସ୍ୟ ଭେଟିଛନ୍ତି। ସୋସିଆଲ ମିଡ଼ିଆରେ ଭାଇରାଲ ହେଇଥିବା ଭିଡିଓରେ ପାଟଣା ବ୍ଲକ ସାଂସଦଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଲେଇ ମରଣାନ୍ତକ ଆକ୍ରମଣ କରିବା ସଙ୍ଗେ ସଙ୍ଗେ ତାଙ୍କୁ ଜୀବନରେ ମାରିଦେବା ଏବଂ ଗଣଦୁଷ୍କର୍ମର ଧମକ ଦେଇଥିବା ଅଭିଯୋଗ ହୋଇଛି। ବାଲି ଗାଡି ଛଡାଇ ନେଇ ପଳାଇଥିବା ନେଇ ମହିଳା ବନରକ୍ଷୀ ଘଟଗାଁ ଥାନାରେ ଅଭିଯୋଗ କରିଛନ୍ତି। ଆଜକୁ ୬ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ କିମ୍ବା ବନ ବିଭାଗ କୋଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିବାରୁ ଏହାର ପ୍ରତିବାଦରେ କୁଡୁମୀ ସମାଜ ଆନ୍ଦୋଳନକୁ ଓହ୍ଲାଇବ ବୋଲି ପ୍ରଶାସନକୁ ଚେତାବନୀ ଦେଇଛି। କୁଡୁମି କେନ୍ଦୁଝର ଜିଲ୍ଲା ସଭାପତି ତ୍ରିଲୋଚନ ମହାନ୍ତ, ଉପଦେଷ୍ଟା ରତ୍ନାକର ମହାନ୍ତ, ଅଭିମନ୍ୟୁ ମହାନ୍ତ, ରାଜ୍ୟ ସମ୍ପାଦକ ଗୋପାଳ ମହାନ୍ତ ହରିଚନ୍ଦନପୁର ବ୍ଲକ ସଭାପତି ନାରାୟଣ ମହାନ୍ତ ସମ୍ପାଦକ ପଦ୍ମନାଭ ମହାନ୍ତ ପ୍ରମୁଖ ମହିଳା ବନରକ୍ଷୀଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ।

## ଏକତା ପଦଯାତ୍ରା ପ୍ରସ୍ତୁତି ବୈଠକ

ଚମ୍ପୁଆ,୬।୧୧(ସମିସ): ଚମ୍ପୁଆ ଉପଜିଲ୍ଲାପାଳଙ୍କ ସଭାଗୃହଠାରେ ଆସନ୍ତା ୧୮ ତାରିଖ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକ ଉପଲକ୍ଷେ ଏକ ଏକତା ପଦଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଉପଜିଲ୍ଲାପଳ ଉମାକାନ୍ତ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ, ପୋଲିସ ପ୍ରଶାସନ ସ୍ଥାନୀୟ ବୁଦ୍ଧିଜିବି, ବରିଷ୍ଠ ନାଗରିକ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ସହକାରୀ ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରୀୟ ବିଦ୍ୟାଳୟଠାରୁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ୬ କିମି ରାସ୍ତାରେ ପଦଯାତ୍ରା କରାଯିବ। ରାସ୍ତାରେ ଜଳପାନ ପାଇଁ ନିକଲସନ ବନବିଦ୍ୟାଳୟ ଖେଳ ପଡିଆ ଓ ନେହରୁ ଷ୍ଟାଡିୟମଠାରେ ବ୍ୟବସ୍ଥା କରାଯିବ। ସକାଳ ୮ରୁ ପଦଯାତ୍ରା ଆରମ୍ଭ ହେବ। ରାସ୍ତାକଡରେ ଚନ୍ଦ୍ରଶେଖର କଲେଜ, କେରଳା ସ୍କୁଲ, ମହିଳା ମହାବିଦ୍ୟାଳୟ, ନିକଲସନ ବନବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମହତାବ ଉଚ୍ଚ ବିଦ୍ୟାଳୟ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀ ଯୋଗ ଦେବା ସହିତ ପୁଷ୍ପ ମାଲ୍ୟ ଅର୍ପଣ କରିବେ। ବ୍ଲକ କାର୍ଯ୍ୟାଳୟ ନିକଟରେ ମାଆମାନେ ଓ ସ୍ୱୟଂସହାୟକ ଗୋଷ୍ଠୀ ଏକତା ଯାତ୍ରାକୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହିତ ଏକତା ଯାତ୍ରାରେ ଯୋଗ ଦେବେ। ଶେଷରେ ଆଦର୍ଶ ବିଦ୍ୟାଳୟଠାରେ ଏକ ସଭାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯିବ। ଏସଡିପିଓ ରଶ୍ମିରଂଜନ ସାହୁ, ବିଜେପି କର୍ଡିନେଟର ଅଗ୍ନି ମହାନ୍ତ, ଚମ୍ପୁଆ ତହସିଲଦାର ସଜତ ମାର୍କେ, ପିଏଆଇଟିଏଡି ରାମକୃଷ୍ଣ ଗଣ୍ଡ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଡେପ୍ୟୁଟି କଲେକ୍ଟର ଫୁଲାଇ ବେସ୍ରା ସମେତ ବହୁ ଅଧିକାରୀ ଯୋଗ ଦେଇଥିଲେ।

## ସୋସୋ କଲେଜ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ଧାରଣା



ହାଟଡ଼ିହୀ,୬।୧୧(ସମିସ): ବେଆଇନ୍ ଭାବେ ଫାଇନ୍ ଆଦାୟକୁ ନେଇ ସୋସୋ କଲେଜ ସମୁଖରେ ଛାତ୍ରଛାତ୍ରୀମାନେ ଧାରଣାରେ ବସିଥିଲେ। ସୋସୋ କଲେଜରେ ସେମିଷ୍ଟାର ପରୀକ୍ଷା ପାଇଁ ଫର୍ମ ପୂରଣ ବେଳେ କିଛି ଛାତ୍ରଛାତ୍ରୀଙ୍କଠାରୁ ବେଆଇନ୍ ଭାବେ କଲେଜ କର୍ତ୍ତୃପକ୍ଷ ହଜାରେ ଟଙ୍କା ଲେଖାଏଁ ଫାଇନ୍ ଆଦାୟ କରୁଛନ୍ତି। ଶତକଡା ୭୫ ପ୍ରତିଶତ ଉପସ୍ଥାନ ନଥିବା ହେତୁ ଏହି ଜରିମାନା ଆଦାୟ କରାଯାଉଥିବା କଲେଜ କର୍ତ୍ତୃପକ୍ଷ କହୁଥିବା ବେଳେ କୌଣସି ରସିଦ୍ ଦେଉ ନଥିବାରୁ ଛାତ୍ରଛାତ୍ରୀଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇବା ସହ ଧାରଣା ଦେଇଥିଲେ। କଲେଜ ଅଧ୍ୟକ୍ଷା କହୁଛନ୍ତି ଯେ ୟୁନିଭର୍ସିଟିର ନିର୍ଦ୍ଦେଶ ଅନୁଯାୟୀ ଆମେ ଏପରି ନିଷ୍ପତ୍ତି ନେଉଛୁ। ଧାରଣାରେ ବସିଥିବା ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଶୂନ୍ ଥିବାରୁ କଲେଜ୍ ଫାଇନ୍ ଆଦାୟ କରୁଛି ବୋଲି କହିଛନ୍ତି।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ



ବଡ଼ବିଲ,୬।୧୧(ସମିସ): ଖଣି ସହର ବଡ଼ବିଲ ବିକାଶ ମହଲ ପରିସରରେ ଆୟୋଜିତ ହେଇଥିବା ତିନିଦିନିଆ ସାଂସଦ ଖେଳ ମହୋତ୍ସବ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଏସଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ, ପୌର ନିର୍ବାହୀ ଅଧିକାରୀ ରମେଶଚନ୍ଦ୍ର ନାୟକ, ତହସିଲଦାର ରାକେଶ କୁମାର ପଣ୍ଡା, ଯୋଡା ବିଡିଓ ଦାନୀସ ବେହେରା, କେନ୍ଦୁଝର ଜିଲ୍ଲା ବିଜେପି ସଭାପତି ତଥା ସମାଜସେବୀ ଶୁକଦେବ ମହାନ୍ତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କ୍ରୀଡ଼ା ଉତ୍ସବରେ ବଡ଼ବିଲ ଓ ଯୋଡ଼ା ଅଞ୍ଚଳର ଉଭୟ ସରକାରୀ ଏବଂ ବେସରକାରୀ ୭୦ଟି ବିଦ୍ୟାଳୟର ପ୍ରାୟ ୨୦୦୦ ଛାତ୍ରଛାତ୍ରୀ ଫୁଟବଲ, କ୍ରିକେଟ, ଭଲିବଲ, ଲଙ୍ଗଜମ୍ପ, ହାଇଜମ୍ପ ଖୋଖୋ ଓ କବାଡ଼ି ଖେଳରେ ଭାଗ ନେଇଥିଲେ। ବିକଶିତ ଭାରତ ପାଇଁ ଏକ ସୁସ୍ଥ ସମାଜ ଗଠନ ଉଦ୍ଦେଶ୍ୟରେ ଏହାର ଆୟୋଜନ କରାଯାଇଛି ବୋଲି ଅତିଥିମାନେ ମତ ରଖିଥିଲେ। ଯୁବ ସମାଜ ସୁସ୍ଥ ରହିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ। ପ୍ରତିଯୋଗୀମାନେ ପାଠ ପଢିବା ସହ ସୁସ୍ଥ ଶରୀର ଗଠନ ଦିଗରେ ଧ୍ୟାନ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

## ରାଜନଗର ବାଲିଯାତ୍ରା ଉଦ୍‌ଘାଟିତ




ତୁରୁମୁଙ୍ଗା, ୬।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ଗ୍ରାମର ହାଇସ୍କୁଲ ପଡ଼ିଆରେ ବୁଧବାର ସନ୍ଧ୍ୟାରେ ବାଲିଯାତ୍ରା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ପ୍ରତିନିଧି ଦିଲ୍ଲୀପ କୁମାର ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ମା' ତାରିଣୀଙ୍କ ଫାଟୋଚିତ୍ରରେ ପୁଷ୍ପମାଲ୍ୟ ଓ ଦୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ସୁଧାଂଶୁ ଶେଖର ନାଏକ, ବାଲିଯାତ୍ରା କମିଟି ସଭାପତି ତୃପ୍ତିରଞ୍ଜନ ସିଂହ, ସମ୍ପାଦକ ବସନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଝର ଓଆର ୦୯ ମେଲୋଡି ପକ୍ଷରୁ ମେଲୋଡି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ସଚ୍ଚିଦାନନ୍ଦ ମହାକୁଡ଼ ପରିଚାଳନା କରିଥିଲେ। ଏହି ବାଲିଯାତ୍ରା ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ୮ ଦିନ ଧରି ଚାଲିବାକୁ ଥିବାବେଳେ ମିନାବଜାର ବୁଲିବା ସହ ଚଟପିଟି ଖାଦ୍ୟ ସାଙ୍ଗକୁ ଦୋଳିର ମଜା ନେଉଛନ୍ତି ଲୋକେ। ଶାନ୍ତିଶୃଙ୍ଖଳା ପାଇଁ କମିଟି ବ୍ୟାପକ ପଦକ୍ଷେପ ନେଇଛି।

## ମୀନାରାଣୀ ସାହୁଙ୍କ ପରଲୋକ



ଆନନ୍ଦପୁର, ୬।୧୧(ସମିସ): ଆନନ୍ଦପୁର ପୌରାଞ୍ଚଳ ୧୪ ନମ୍ବର ୱାର୍ଡ ଘସିପୁରାର ବିଶିଷ୍ଟ ବ୍ୟବସାୟୀ ସ୍ୱର୍ଗତ ରଘୁନାଥ ସାହୁଙ୍କ ପତ୍ନୀ ମୀନାରାଣୀ ସାହୁ (୬୩)ଙ୍କ ପରଲୋକ ହୋଇଛି। ସେ ବହୁଦିନ ହେଲା ଅସୁସ୍ଥ ଥିଲେ। ଆଜି ଭୋରରେ ନିଜ ବାସଭବନରେ ଦେହାନ୍ତ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ଦୁଇପୁଅ ଚନ୍ଦନ, ରାଜେନ୍ଦ୍ର ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଶ୍ମଶାନ ରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନପୁଅ ରାଜେନ୍ଦ୍ର ମୁଖାଗ୍ନି ଦଇଥିଲେ। ପରିବାର ପକ୍ଷରୁ ଦୟାନିଧି ସାହୁ, ନିତ୍ୟାନନ୍ଦ ସାହୁ, ରବୀନ୍ଦ୍ର ସାହୁ, ଦାମୋଦର ସାହୁ, ନବଘନ ସାହୁ, କ୍ଷେତ୍ରବାସୀ ସାହୁ, ରାମଚନ୍ଦ୍ର ସାହୁ, ନିରଞ୍ଜନ ସାହୁ, ପଞ୍ଚାନନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ଘସିପୁରା ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

## ହଦଗଡ଼ ପିଏମ୍‌ଶ୍ରୀ ଜେଏନ୍‌ଭିରେ ଜିଲ୍ଲାପାଳ

ହାଟଡ଼ିହୀ,୬।୧୧(ସମିସ): କେନ୍ଦୁଝର ଜିଲ୍ଲା ହଦଗଡ଼ଠାରେ ଥିବା ପିଏମ୍‌ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ଆନନ୍ଦପୁର ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ କେଳୁଚରଣ ଦଳାଇ, ବ୍ଲକ ଶିକ୍ଷାଧିକାରୀ ରାଜୀବ ଦଳାଇ, ଆଦର୍ଶ ବିଦ୍ୟାଳୟ ସୁନ୍ଦରପାଳର ଅଧ୍ୟକ୍ଷା ଲିନାଲିସା ସାମନ୍ତରାୟ, ସରକାରୀ ଉଚ୍ଚବିଦ୍ୟାଳୟ ତ୍ରିଲୋଚନପୁରର ପ୍ରଧାନଶିକ୍ଷକ ଧନୁର୍ଜୟ ମହାନ୍ତ, ପିଟିସି ସଦସ୍ୟ ପ୍ରଫୁଲ୍ଲ କୁମାର ସାହୁ, ସୁଲୋଚନା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଛୋଟ ଛୋଟ ପିଲାମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପିଜିଟି ଇଂରାଜୀ ରେଜିସ୍ କୁଜୁର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଅଧ୍ୟକ୍ଷ ଅଧିର କୁମାର ନାୟକ, ଉପାଧ୍ୟକ୍ଷ ଉପେନ୍ଦ୍ରନାଥ ମଲିକ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟକ୍ଷ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ପାଠ୍ୟକ୍ରମ ଏବଂ ସହପାଠ୍ୟକ୍ରମ କାର୍ଯ୍ୟକଳାପରେ ବିଦ୍ୟାଳୟର ସଫଳତା ବିଷୟରେ ଅବଗତ କରାଇବା ସହ ଛାତ୍ରମାନଙ୍କ ସୁରକ୍ଷା, ସେମାନଙ୍କର ସ୍ୱାସ୍ଥ୍ୟ ଏବଂ ପରିମଳ, ପାନୀୟ ଜଳ ସଙ୍କଟ, ଉଚ୍ଚ-ମା ଆଲୋକ, ଖେଳ ପଡ଼ିଆର ବିକାଶ ଏବଂ ସଂପ୍ରସାରଣ, ଆଭ୍ୟନ୍ତରୀଣ ରାସ୍ତା ଆଦି ବିଷୟରେ ଅବଗତ କରାଇଥିଲେ। ଜିଲ୍ଲାପାଳ ବ୍ୟକ୍ତିଗତ ଭାବରେ ଖେଳ ପଡ଼ିଆ, ଏମ୍‌ପି ହଲ୍, ଶ୍ରେଣୀଗୃହ, ପାଠାଗାର ପରିଦର୍ଶନ କରି ଛାତ୍ର ଏବଂ କର୍ମଚାରୀଙ୍କ ସହିତ ଆଲୋଚନା



କରିଥିଲେ। ସେ ନିକଟ ଭବିଷ୍ୟତରେ ସମସ୍ତ ସମ୍ଭାବ୍ୟ ସାହାଯ୍ୟ ପାଇଁ ବିଦ୍ୟାଳୟ ପ୍ରଶାସନକୁ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଗଡ଼ଚଣ୍ଡୀ ହାଇସ୍କୁଲ ପକ୍ଷରୁ ରାଣୀଙ୍କୁ ସମ୍ବର୍ଦ୍ଧନା

ହାଟଡ଼ିହୀ,୬।୧୧(ସମିସ)



ଡ଼ାକ୍ତରୀ ପଢ଼ିବାକୁ ଚୟନ ହୋଇଥିବା ହାଟଡ଼ିହୀ ବ୍ଲକ ବୀଣାପାଟିଆ ଗ୍ରାମର ସ୍ୱର୍ଗତ ସାଲଖାନ୍ ହେମ୍ବ୍ରମଙ୍କ ଗରିବ ଆଦିବାସୀ ପରିବାରର ଝିଅ ରାଣୀ ହେମ୍ବ୍ରମଙ୍କୁ ସୁନ୍ଦରାପାଳସ୍ଥିତ ଗଡ଼ଚଣ୍ଡୀ ହାଇସ୍କୁଲରେ ସମ୍ବର୍ଦ୍ଧିତ କରାଯାଇଛି। ବାପା ସାଲଖାନଙ୍କ ଦେହାନ୍ତ ପରେ ରାଣୀ ଦିନମଜୁରି ଲାଗି ସପରିବାର ଚଳିଆସୁଥିଲେ। ମାଟ୍ରିକ ପରୀକ୍ଷାରେ ୮୧ ପ୍ରତିଶତ ନମ୍ବର ରଖି ମାଟ୍ରିକ ଟପ୍ପର ହୋଇଥିବା ରାଣୀ ଡ଼ାକ୍ତରୀ ପଢ଼ିବାକୁ ମନୋନୀତ ହେବାପରେ ଏବେ ଚାରିଆଡୁ ତାଙ୍କ ନିକଟକୁ ଶୁଭେଚ୍ଛା ଓ ଅଭିନନ୍ଦନ ଆସିବା ସହ ବିଭିନ୍ନ ମଞ୍ଚରୁ ସେ ସମ୍ବର୍ଦ୍ଧିତ ହେଉଛନ୍ତି। ଗଡ଼ଚଣ୍ଡୀ ହାଇସ୍କୁଲର ପୂର୍ବତନ ଛାତ୍ରୀ ଭାବେ ରାଣୀ ହେମ୍ବ୍ରମଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ହାଇସ୍କୁଲର ସଭାପତି ସୁଧାଂଶୁ ଭୂଷଣ ମଲ୍ଲିକ ରାଣୀଙ୍କୁ କିଛି ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମଟି ପ୍ରଧାନଶିକ୍ଷକ ଶରତ କୁମାର ଶାସନୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା ବେଳେ ଶିକ୍ଷୟିତ୍ରୀ କବିତାରଣୀ ଆୟଚ, ଶିକ୍ଷକ ଦୁଷ୍ମନ୍ତ କୁମାର ଦଳାଇ, ସତ୍ୟବ୍ରତ ସାମଲ, ରାମଚନ୍ଦ୍ର ବେହେରା, ରମେଶ କୁମାର ପ୍ରଧାନ, ଯୁଧିଷ୍ଠିର ପରିଡା, ପଦ୍ମନାଭ ପଣ୍ଡା, ସ୍କୁଲ କର୍ମଚାରୀ ପ୍ରୀତମ ନାୟକ, ପ୍ରଭାକର ବେହେରା, ବଳରାମ ମଲ୍ଲିକ ପ୍ରମୁଖ ରାଣୀଙ୍କ ଜୀବନଯାତ୍ରାର ଉତ୍ତୋରୋତ୍ତର କାମନା କରି ଆଶୀର୍ବାଦ ଦେଇଥିଲେ।

ସକାଳ THE SAKALA



# ଇବ୍ କଲୋନୀ କାର୍ତ୍ତିକ ପୂଜା ସମ୍ପନ୍ନ

ଇବଥର୍ମାଲ,୬।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବନ୍ଧବାହାଲ ସ୍ଥିତ ଇବ କଲୋନୀ କାର୍ତ୍ତିକ ପୂଜା କମିଟି ଆନୁକୂଲ୍ୟରେ ଗତ ୧ ତାରିଖରୁ ଚାଲିଥିବା କାର୍ତ୍ତିକ ପୂଜା ଗୁରୁବାର ଭସାଣୀ ପରେ ସମ୍ପନ୍ନ ହୋଇଛି। ଗତ ୧ ତାରିଖରେ କଳସ ଯାତ୍ରା କରାଯାଇ ଜଗନ୍ନାଥ ମନ୍ଦିର ସ୍ଥିତ ନରେନ୍ଦ୍ର ପୋଖରୀରୁ ମହିଳାମାନେ କଳସରେ ଜଳ ଆଣିଥିଲେ। ଏଥିରେ ପ୍ରଭୁ କାର୍ତ୍ତିକ ଓ ଦେବୀ ନୀଳାଦ୍ରିଙ୍କ ବିଗ୍ରହ ସ୍ଥାପନ କରାଯାଇଥିଲା। ରୀତିନୀତି ମତେ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରାହୋଇଥିଲା। ୫ତାରିଖ ସନ୍ଧ୍ୟାରେ ବରଗଡ଼ ଜିଲ୍ଲାର ତୁଳା ଗାଁ ମଲିପଡାର କାମିନୀ ବାଗ ଓ ଦଳ ତଥା ସୋନପୁର ଜିଲ୍ଲା କେନ୍ଦୁପଡା ଗାଁର ସ୍ମିତା କୁମ୍ଭାର ଓ ଦଳ ମଧ୍ୟରେ ବୈଠକ କୀର୍ତ୍ତନ କରାଯାଇଥିଲା। କର୍ତ୍ତା ଭାବେ ସୂର୍ଯ୍ୟକାନ୍ତୀ କଣ୍ଟା ଓ ସ୍ୱାମୀ ପୁରେନ୍ଦ୍ର କଣ୍ଟା କାର୍ଯ୍ୟ ନିର୍ବାହ କରିଥିଲେ। କମିଟି ସଭାପତି ବିନୋଦ ବାଗ, ସମ୍ପାଦକ ଗୁରୁପ୍ରସାଦ କାରାଲି, ଦୁଃଖବନ୍ଧୁ ସିଂ, ଲାଲା କାରାଲି, କାର୍ତ୍ତିକେଶ୍ୱର କରାଲି, ରବୀନ୍ଦ୍ର ସିଂ, ଅରବିନ୍ଦ ଯାଦବ, ନରେନ୍ଦ୍ର ଛଞ୍ଚାଣ, ମହେନ୍ଦ୍ର କଣ୍ଟା, ହେମନ୍ତ କଣ୍ଟା, ଲିଙ୍ଗ ଓରାମ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପରଶଖଣ୍ଡିରେ ବୟସ୍କଙ୍କୁ କମ୍ବଳ ବଣ୍ଟନ



ପାଇକମାଲ,୬।୧୧(ସମିସ): ପାଇକମାଲ ବ୍ଲକ୍ ଛେତଗାଁ ପଞ୍ଚାୟତ ପରଶଖଣ୍ଡି ଗାଁରେ କାର୍ତ୍ତିକ ପୂର୍ଣ୍ଣମୀ ଦିନ ବେଣୁଧର ରେନ୍ଧିଆ ଓ ବିନୋଦିନୀ ରେନ୍ଧିଆଙ୍କ ଦ୍ୱାରା କମ୍ବଳ ଓ ଚାଉଳ ବଣ୍ଟନ କରାଯାଇଛି। ଏହି ଅବସରରେ ସମ୍ବିତ ମହାଲିଙ୍ଗ, ତ୍ରିନାଥ ବିସ୍ରି, ଉତ୍ତମ ବାରିକ, ନୂଆଧର ସୁନା, ଅଞ୍ଜୁ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଦେବଗଡ଼,୬।୧୧(ସମିସ): ଦେବଗଡ଼ ଥାନାଞ୍ଚଳ ତିଲେଇବଣି ବିଟ ହାଉସ ଅଧୀନ କଣ୍ଟେଇକୋଳି ଗାଁର ବୁଲାଣି ନିକଟରେ ଗୁରୁବାର ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ହେଲେ ରିଆମାଳ ଥାନାଞ୍ଚଳର କୁମୁରାପାଲି ଗାଁର ତନ୍ମୟ ସାହୁ(୨୩)। ଆହତ ଯୁବକ ହେଲେ ସେହି ଗାଁର ରାଜକିଶୋର ନାୟକ। ଆଜି ସଂଧ୍ୟାରେ ତନ୍ମୟ ଓ ରାଜ କିଶୋର ବାଇକ ଯୋଗେ ଦେବଗଡରୁ ନିଜ ଘରକୁ ଫେରୁଥିଲେ। କଣ୍ଟେଇକୋଳି ଗାଁର ବୁଲାଣି ନିକଟରେ ଭାରସାମ୍ୟ ହରାଇ ରାସ୍ତାରେ ଛିଟିକି ପଡିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ତନ୍ମୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରାଜ କିଶୋରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନାପାଇ ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଆସନ୍ତାକାଲି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ୧୧ ବାର୍‌ହା ଶିକାରୀ ଗିରଫ

## ହୁକିଂ ସାମଗ୍ରୀ ସହ ୩ ମୃତ ବାର୍‌ହା ଜବତ

ଦେବଗଡ଼, ୬/୧୧(ସମିସ)

ଦେବଗଡ଼ ବନଖଣ୍ଡ ଦେବଗଡ଼ ସେକ୍ସନ କଳାମାଟି ବିଟ ଅଧୀନ ସୁନାମୁଣ୍ଡା ଗ୍ରାମରେ ବେଆଇନ ବନ୍ୟଜନ୍ତୁ ଶିକାର ଅଭିଯୋଗରେ ଗୁରୁବାର ଦେବଗଡ଼ ବନବିଭାଗ ପକ୍ଷରୁ ୧୧ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ବେଆଇନ ହୁକିଂରେ ବ୍ୟବହୃତ ସାମଗ୍ରୀ ସହ ୩ ମୃତ ବାର୍‌ହା ଜବତ କରାଯାଇଛି। ବନବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାତ୍ରି କାଳୀନ ପାଟ୍ରୋଲିଂ ସମୟରେ ସୁନାମୁଣ୍ଡା ଗ୍ରାମରେ ଶିକାର ପାଇଁ ବେଆଇନ ଭାବେ ବିଦ୍ୟୁତ ତାର ସଂଯୋଗ କରାଯାଇଥିବା ସୂଚନା ମିଳିଥିଲା।



ଖବର ପରେ ବନ ବିଭାଗ ପକ୍ଷରୁ ସେହି ସ୍ଥାନରେ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ବନ କର୍ମଚାରୀ ମାନେ ଘଟଣା ସ୍ଥଳରେ ୧୧ ଜଣ ଶିକାରୀଙ୍କୁ କାବୁ କରିଥିଲେ। ଗିରଫ ବନ୍ୟ ଜନ୍ତୁ ଶିକାରୀ ମାନେ ସୁନାମୁଣ୍ଡା ଗ୍ରାମର ସୁଶାନ୍ତ କଲୋ (୩୨), ସୁଜିତ ସାହୁ (୩୫), ବୈରାଗୀ ବେହେରା(୨୦), ଜିତୁ ବେହେରା (୨୦), ଶୁକ୍ର ନାଏକ (୨୭), କଳାମାଟି ଗ୍ରାମର ଦର୍ଶନ ବୁଢ଼ା (୪୫), ଦେବଗଡ଼ ପୌରାଞ୍ଚଳର ଦେବେନ୍ଦ୍ର ପାତ୍ର (୨୫), ଝରାଗୋଗୁଆର ସଞ୍ଜୟ ବେହେରା (୩୨), ଉତ୍ତମ ପେଣ୍ଟେଇ (୨୦), ଓ ସୁନୀଲ ମୁଣ୍ଡା (୨୬) ଏବଂ ସୁଳିଆ ଗ୍ରାମର ରାଜକିଶୋର ନାଏକ (୪୫) ବୋଲି ଜଣାପଡ଼ିଛି।

ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜପୁର କଟାପାଲିର ସମାଜସେବୀଙ୍କ ମୃତ୍ୟୁ

ଝାରସୁଗୁଡ଼ା,୬।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲାର ରାଜପୁର କଟାପାଲି ଠାରେ ବାସ କରୁଥିବା ସ୍ୱର୍ଗତ ଭାଗିରଥି ବେହେରାଙ୍କ ୯୧ ବର୍ଷ ବୟସରେ ମୃତ୍ୟୁ ହୋଇଯାଇଛି। ରାଜପୁର ପଞ୍ଚାୟତ ନୂତନ ଭାବେ ଗଠନ ପରେ ୧୫ ବର୍ଷରୁ ଊର୍ଦ୍ଧ୍ୱ ସଭ୍ୟ ଭାବେ କାର୍ଯ୍ୟ କରିଥିଲେ। ସମାଜର ଉନ୍ନତି ଓ ଗଠନ ମୂଳକ କାର୍ଯ୍ୟ କରିବା ସହିତ ରାଜପୁର କଟାପାଲି ସ୍କୁଲର କାର୍ଯ୍ୟକରୀ କମିଟିର ସଭାପତି ରହି ସୁନାମ ଅର୍ଜନ କରିଥିଲେ। ତାଙ୍କର ପୁରାଣ ପାଠ ଶୁଣିବା ପାଇଁ ସବୁଦିନେ ଶ୍ରୋତା ମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଥିଲା। ଗତକାଲି ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ବାସଗୃହକୁ ଆସି ଶେଷ ଦର୍ଶନ କରିଛନ୍ତି। ତାଙ୍କର ଦୁଇପୁଅ, ଦୁଇ ପୁତ୍ରବଧୂ ନାତି ନାତୁଣୀ, ଅଣ ନାତି ମୃତ୍ୟୁଶଯ୍ୟା ନିକଟରେ ରହିଥିଲେ। ଅପରାହ୍ଣରେ ତାଙ୍କ ମର ଶରୀରକୁ ସ୍ଥାନୀୟ ଶଶ୍ମାନକୁ ନିଆ ଯାଇଥିଲା। ତାଙ୍କ ପୁତ୍ର ବିଜୟ ବେହେରା ମୁଖାଗ୍ନୀ ଦେଇଥିଲେ।



# ଶିକ୍ଷଣ ଶିବିର 'ଉନ୍ମେଷ' ଉଦ୍‌ଯାପିତ

ଝାରସୁଗୁଡ଼ା,୬।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ଟିଆରଏଲ, କ୍ରୋସାକି, ବେଲପାହାଡର ମିଳିତ ଆନୁକୂଲ୍ୟରେ ଜୁବଲି ହଲ, ଗୁମାଡେରାଠାରେ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ' ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୧୦୦ ଜଣ ଏ୧ ଆକାଂକ୍ଷୀ ଛାତ୍ରଛାତ୍ରୀଙ୍କୁ ନେଇ ଏହି ଦ୍ୱିତୀୟ ତ୍ରିଦିବସୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆ ଏଥିରେ ସଭାପତିତ୍ୱ କରିଥିଲେ। ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନିଜ ଛାତ୍ର ଜୀବନ ଠାରୁ ପ୍ରଶାସନିକ ଅଧିକାରୀ ହେବା ପର୍ଯ୍ୟନ୍ତ ସାଉଁଟିଥିବା ଅଭିଜ୍ଞତାଗୁଡିକୁ ଛାତ୍ରଛାତ୍ରୀଙ୍କ ସହ ବାଣ୍ଟିଥିଲେ। ମାଟ୍ରିକ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ ତଥା ଗୁଣାତ୍ମକ ଶିକ୍ଷା ପ୍ରାପ୍ତି ପାଇଁ ମାର୍ଗଦର୍ଶନ କରିଥିଲେ। ଛାତ୍ରଛାତ୍ରୀ ମଧ୍ୟ ଜିଲ୍ଲାପାଳଙ୍କ ସହିତ ସିଧାସଳଖ ଆଲୋଚନା କରି ଖୁସି ବ୍ୟକ୍ତ କରିଥିଲେ। ଝାରସୁଗୁଡ଼ା ବିଇଓ ଅନିଲ ପଟେଲ, କୋଲାବିରା ବିଇଓ ପ୍ରକାଶ ସାହୁ, ଲଖନପୁର ବିଇଓ ରାଜେନ୍ଦ୍ର ପ୍ରସାଦ ସାହୁ, ଲଇକେରା ବିଇଓ ହିମାଂଶୁ ବାଗ ଓ ଟିଆର୍‌ଏଲ୍ କ୍ରୋସାକି ବେଲପାହାଡର ପିଆର




ଆଣ୍ଡ ସିଏସଆର ଜେନେରାଲ ମ୍ୟାନେଜର ଡ.ସନ୍ତୋଷ ମିଶ୍ର, ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସଭାରେ ଗିରିଧରଲାଲ୍ ଉଚ୍ଚ ବିଦ୍ୟାଳୟ ବେଲପାହାଡର ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲ ମଞ୍ଚ ପରିଚାଳନା କରିଥିଲେ। ଲଖନପୁର ବିଇଓ ରାଜେନ୍ଦ୍ର ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ପ୍ରାତଃକାଳରେ ଯୋଗ ପ୍ରଶିକ୍ଷକ ମହେନ୍ଦ୍ର ପଧାନଙ୍କ ଦ୍ୱାରା ପ୍ରତିଦିନ ଯୋଗ ଶିକ୍ଷା ଦିଆଯାଉଥିଲା। ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ପ୍ରଶ୍ନପତ୍ର ପ୍ରସ୍ତୁତ ପୂର୍ବକ ମୂଲ୍ୟାୟନ କରାଯାଇ ଛାତ୍ରଛାତ୍ରୀଙ୍କର ବିଷୟଭିତ୍ତିକ ଦ୍ୱନ୍ଦ ଦୂର କରାଯାଇଥିଲା। ଆସନ୍ତା ଡିସେମ୍ବର ମାସରେ ଏହାର ତୃତୀୟ କର୍ମଶାଳା ଆୟୋଜନ କରାଯିବ ବୋଲି ସୂଚନା ରହିଛି। ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଅଭିବୃଦ୍ଧି ନିମନ୍ତେ ସବୁବେଳେ ସେମାନଙ୍କ ଯୋଗାଯୋଗରେ ରହି ବିଷୟ ଭିତ୍ତିକ ଦ୍ୱନ୍ଦ ଦୂର କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ଗଡତିଆ ସାଧନକର୍ମୀ ମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାର ସଫଳ ରୂପାୟନ ପାଇଁ ଅଭିଜ୍ଞ ବିଷୟ ଶିକ୍ଷକ ସଚିନ୍ଦ୍ର ପଟେଲ, ରମେଶ ଖମାରି, ଟୁନାରଣା, କୁଶ ସା, ପ୍ରମୋଦ ପଟେଲ, ବିପ୍ଳବ ପାତ୍ର, ରଞ୍ଜନ ପଧାନ, ବିଜୟ ତ୍ରିପାଠୀ, ସାରିକା ତ୍ରିପାଠୀ, ଜୟଶଙ୍କର ନାଗ, ଗୋବର୍ଦ୍ଧନ ସା, ଭାରତୀ ଭୋଇ, ଅରୁଣ ଭୋଇ, ଶିବଶଙ୍କର ମେହେର, ସବିତା ସାହୁ, ସୁଜିତ ପଧାନ, ପିଣ୍ଟୁ ପଧାନ ପ୍ରମୁଖଙ୍କୁ ସାଧନକର୍ମୀ ଭାବେ ନିଯୁକ୍ତ କରାଯାଇଛି।

# ବୈଜ୍ଞାନିକଙ୍କ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଉଦ୍‌ବୋଧନ

ପଦ୍ମପୁର,୬।୧୧(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପଦ୍ମପୁରରେ ବିଶ୍ୱ ବୈଜ୍ଞାନିକ ଶିବେଶକୁ. ଜସ୍ ପେସିଫ ଶିଶୁ ଭାଇ ଭଉଣୀମାନଙ୍କୁ ବିଶ୍ୱ ବ୍ରହ୍ମାଣ୍ଡ ଗଠନ ବିଷୟରେ ମାର୍ଗଦର୍ଶନ କରିଛନ୍ତି। ସେ ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ସଗରା ପଞ୍ଚାୟତ ସଦର ନିବାସୀ ଅଟନ୍ତି। ସେ ଏକାଧାରରେ ବିଶିଷ୍ଟ କସ୍ମୋଲଜିଷ୍ଟ, ଗଣିତଜ୍ଞ ଓ ବୈଜ୍ଞାନିକ ପ୍ରଚାରକ ଭାବେ ଦେଶ ପାଇଁ ଗୌରବ ଆଣିଛନ୍ତି। ପ୍ରଫେସର ଶିବେଶ ଜଜ୍



ପେସିଫ ଇନଷ୍ଟିଚ୍ୟୁଟ ଅଫ୍ କସ୍ମୋଲଜି (ଫିକ୍ସ)ର ସଂସ୍ଥାପକ ଓ ନିର୍ଦ୍ଦେଶକ ଅଟନ୍ତି। ତାଙ୍କ ଶାସ୍ତ୍ରୀୟ ଉତ୍କର୍ଷତାକୁ ସ୍ୱୀକାର କରି ୨୦୨୫ ବର୍ଷ ପାଇଁ ବିଶ୍ୱର ଶୀର୍ଷ ୨% ବୈଜ୍ଞାନିକ ମାନଙ୍କ ତାଲିକାରେ ତାଙ୍କୁ ସାମିଲ କରାଯାଇଛି। ସଭାରେ ସଭାପତି ପୃଥ୍ୱୀରାଜ ସାହୁ, ଉପ ସଭାପତି ଗୋପାଳ କୃଷ୍ଣ ମିଶ୍ର, ସମ୍ପାଦକ ଜନକଲାଲ ମେହେର, କୋଷାଧ୍ୟକ୍ଷ ଘନଶ୍ୟାମ ପୁଞ୍ଜି, ନିମନ୍ତ୍ରିତ ସଦସ୍ୟ ଡ.ବାଞ୍ଛାନିଧି ପଣ୍ଡା, ରୁଦ୍ର ନାରାୟଣ ଭୋଇ, ଚିତ୍ତରଞ୍ଜନ ଦାସ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟ ଚୈତନ୍ୟ ଭୋଇ ସମସ୍ତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ।

# ଜେଲ୍‌ରେ କଏଦୀଙ୍କ ଆତ୍ମହତ୍ୟା ଉଦ୍ୟମ

ଝାରସୁଗୁଡ଼ା,୬।୧୧(ସମିସ): ଝାରସୁଗୁଡ଼ା ଜେଲରେ ଜଣେ କଏଦୀ ଆତ୍ମହତ୍ୟା ଉଦ୍ୟମ କରିଥିବା ନେଇ ଜଣାପଡିଛି। ଏହି ଘଟଣାକୁ ନେଇ ଝାରସୁଗୁଡା ଜେଲ ପୁଣି ବିବାଦ ଘେରକୁ ଆସିଛି। କଏଦୀ ଜଣଙ୍କ ହେଲେ ସଦର ଥାନା ଅଧୀନ କବରସ୍ଥାନ ପଡ଼ାରେ ରହୁଥିବା ଝାରଖଣ୍ଡର ଗରୱା ଜିଲ୍ଲା ନିବାସୀ ରାମ ରଜାକ ଓରଫ ରୋହିତ ରଜାକ ବୋଲି ସୂଚନା ରହିଛି। ଗୁରୁବାର ଅପରାହ୍ଣରେ ଝାରସୁଗୁଡ଼ା ଜେଲ ପରିସରରେ ଥିବା ଏକ ଗଛରେ ବିଚାରାଧୀନ କଏଦୀ ରୋହିତ ଗାମୁଛାରେ ଫାଶୀ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲା। ଗୁରୁତର ଭାବେ ତାକୁ ଉଦ୍ଧାର କରାଯାଇଥିଲା। ଏହାପରେ ବୁର୍ଲା ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାର ଅବସ୍ଥା ସଂକଟପନ୍ନ ଥିବା ବେଳେ ତାକୁ ଭୀମସାର ଆଇସିୟୁରେ ଭର୍ତ୍ତି କରାଯାଇଛି। ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ତା ନାମରେ ମାମଲା ରୁଜୁ ହୋଇଥିଲା। ଗତ ଜୁଲାଇ ୧୦ ତାରିଖରେ ତାକୁ ଗିରଫ କରାଯାଇଥିଲା। ସେବେଠାରୁ ସେ ଜେଲରେ ରହିଥିବା ନେଇ ଜଣାପଡିଛି।

# ବିଭିନ୍ନ ସମସ୍ୟା ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଭେଟିଲା ଅମଲା ସଂଘ



ବରଗଡ଼,୬।୧୧(ସମିସ): ବିଭନ୍ନ ସମସ୍ୟା ନେଇ ବରଗଡ଼ର ଓଡ଼ିଶା ଅମଲା ସଂଘ ଜିଲ୍ଲା ଶାଖାର କର୍ମକର୍ତ୍ତା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପ୍ରକୋଷ୍ଠରେ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସହୁ ଓ ବରଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁଙ୍କୁ ସାକ୍ଷାତ କରିଛନ୍ତି। ଶିକ୍ଷା ବିଭାଗର ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ସମୟରେ ସଂଘର ଅଧକ୍ଷ୍ୟ ନନ୍ଦ ମିଶ୍ର, ସଭାପତି ଫାଲଗୁନି ପଣ୍ଡା, ସମ୍ପାଦକ ଜ୍ଞାନ ପ୍ରକାଶ ସାହୁ, ଉପଦେଷ୍ଟା ରମେଶ ଚନ୍ଦ୍ର ମେହେର, ବରିଷ୍ଠ ସହାୟକ ନିରାକାର ସାହୁ, ମୁଖ୍ୟ ସହାୟକ ଜନ୍ମଜୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ୟା ଗୁଡ଼ିକୁ ଶୁଣିବା ପରେ ଶୀଘ୍ର ସମାଧାନ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

# ସାଇ ଭଜନ ଓ ଲକ୍ଷ୍ମୀ ଭଜନର ଶୁଭ ଉନ୍ମୋଚନ

ବରଗଡ଼,୬।୧୧(ସମିସ): ବରଗଡ଼ ସହରର ଜଣେ ସ୍ୱନାମଧନ୍ୟ ଡାକ୍ତର ଦମ୍ପତି ଡ.ସୁସ୍ମିତା ଦାଶ ଓ ଡ.ରାଜେଶ୍ ତ୍ରିପାଠୀ କିଛି ନା କିଛି ନିଆରା କାର୍ଯ୍ୟକ୍ରମ କରି ସବୁବେଳେ ଚର୍ଚ୍ଚାରେ ରହି ଆସିଛନ୍ତି। ପ୍ରତିବର୍ଷ ନୂଆଁଖାଇ ସମୟରେ ନିରାଶ୍ରିତଙ୍କୁ ନିଜ ସାଇକୃପା ପଲି କ୍ଲିନିକ୍‌କୁ ଡାକିଥାନ୍ତି। ନିଜେ ଡାକ୍ତର ଦମ୍ପତି ସମସ୍ତଙ୍କୁ ନୂଆ ଧାନରେ ପ୍ରସ୍ତୁତ ଭୋଜନ ପରସି ଦେଇଥାନ୍ତି। ଏପରିକି ଅନେକ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଖର୍ଚ୍ଚ ମଧ ସେମାନେ ବହନ କରୁଛନ୍ତି। ଗତ ମାସରେ ବରଗାଁର ଜଣେ ଅସହାୟ ମହିଳାଙ୍କ ଘରକୁ ଯାଇ ତାଙ୍କ ଚିକିତ୍ସା କରିବା ସହ ସମସ୍ତ ଖର୍ଚ୍ଚ ନିଜେ ବହନ କରୁଛନ୍ତି। ସାଇବାବା ତଥା ମାଁ ଲକ୍ଷ୍ମୀଙ୍କ ଆଶୀର୍ବାଦ ଯୋଗୁ ଏମିତି ଅନେକ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରି ଥିବା କହିଥାନ୍ତି। ଆଜି ପବିତ୍ର ମାର୍ଗଶିର ପ୍ରଥମ ଗୁରୁବାର ସାଇକୃପା ପଲିକ୍ଲିନିକ୍ ଓ ହସ୍ପିଟାଲ ଠାରେ ସାଇ ଭଜନ ଏବଂ ଏକ ଲକ୍ଷ୍ମୀ ଭଜନ ପଦ୍ମଶ୍ରୀ ଡ.ହଳଧର ନାଗଙ୍କ ହାତରେ ଉନ୍ମୋଚିତ ହୋଇଛି। ଏଥିରେ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀ ଗୀତ ଗାଇଥିବା ବେଳେ, ସଙ୍ଗୀତ ନିର୍ଦ୍ଦେଶକ କମଳେଶ୍ ଚକ୍ରବର୍ତ୍ତୀ ନିର୍ଦ୍ଦେଶନା ଦେଇଛନ୍ତି। ରତନ୍ ପୁଝାରୀ ସଂରଚନା ଏବଂ ଭିଡିଓଗ୍ରାଫି ସିପୁନ୍ କରିଛନ୍ତି। ଡ.ସୁସ୍ମିତା ଦାଶ ଗୀତ ଦୁଇଟିକୁ ପ୍ରଯୋଜନା କରିଛନ୍ତି। 'ସାଇକୃପା ଅର୍ଚ୍ଚନା ପାଢ଼ୀ' ଓ 'ଲକ୍ଷ୍ମୀପାହା ଅର୍ଚ୍ଚନା ପାଢ଼ୀ' ନାମରେ ଏହି ଦୁଇଟି ଗୀତ ୟୁଟ୍ୟୁବରେ ଉପଲବ୍ଧ ରହିଛି।



# ରୁଚିଦା ହାଇସ୍କୁଲରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଅମ୍ବାଭୋନା,୬।୧୧(ସମିସ): ବରଗଡ଼ ଜିଲ୍ଲା ଆମ୍ବଭୋନା ବ୍ଲକ୍ ଅଧୀନ ପୁରୁଷୋତ୍ତମ ସରକାରୀ ହାଇସ୍କୁଲ ରୁଚିଦାରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅମ୍ବାଭୋନା ଥାନା ଅଧିକାରୀ ବିପିନ୍ ବାଗ ଏବଂ ତାଙ୍କର ସହଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ଅଜୟ ମେହେର ଏଥିରେ ଅଧକ୍ଷତା କରିଥିଲେ। ହିନ୍ଦୀ ଶିକ୍ଷକ ସୁବୋଧ ଭୋଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ନବମ ଓ ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କ ସହ ବିଦ୍ୟାଳୟର ଶିକ୍ଷକ ହରବଲ୍ଲଭ ପ୍ରଧାନ,




ପ୍ରଭାତ ନାୟକ, ବଳରାମ ରଣା, ଶିକ୍ଷୟିତ୍ରୀ ରୀନା ମେହେର, ତନୟା ତନସନା, ପୁଷ୍ପାଙ୍ଗିନୀ ଭୁଏ, ମେନକା ମେହେର, ସବିତା ଦେହେରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅମ୍ବାଭୋନା ଥାନା ଅଧିକାରୀ ବିପିନ୍ ବାଗ ଅଡିଓ ଭିଜୁଆଲ୍ ମାଧ୍ୟମରେ ସମାଜରେ ହେଉଥିବା ସାଇବର ଠକେଇ ପ୍ରତି ସମସ୍ତଙ୍କୁ ସଚେତନ କରିଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ଲିଫଲେଟ୍ ବଣ୍ଟନ କରାଯାଇଥିଲା। ସେଲଫି ପଏଣ୍ଟରେ ଛାତ୍ରଛାତ୍ରୀ ଫଟୋ ଉତ୍ତୋଳନ କରିଥିଲେ। ଶେଷରେ ହିନ୍ଦୀ ଶିକ୍ଷକ ସୁବୋଧ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଟୁହୁଙ୍ଗିଦାଦର ବିଦ୍ୟାଳୟରେ ଲାଗିଲା ସିସିଟିଭି

ଝାରବନ୍ଧ,୬।୧୧(ସମିସ)

ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ୍ ବୈତାଳି କ୍ଲଷ୍ଟର ସିଆରସିସି ଦିବସ ସାହୁଙ୍କ ମାର୍ଗଦର୍ଶନ ତଥା ଅମଠି ପଞ୍ଚାୟତ ସରପଞ୍ଚ ଲକ୍ଷେ ସିଂ ଥପାଙ୍କ ସହାୟତାରେ ଅମଠି ପଞ୍ଚାୟତ ଅଧୀନ ଟୁହୁଙ୍ଗିଦାଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ କୋଠରୀରେ ସିସିଟିଭି ସଂଯୋଗ କରାଯାଇଛି। ଫଳରେ ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଅଭିଭାବକ ମାନେ ଘରେ ଥାଇ ବିଦ୍ୟାଳୟର ପାଠପଢ଼ା ଦେଖିପାରିବେ। ବିଦ୍ୟାଳୟରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ



ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଛାତ୍ରଛାତ୍ରୀ ଅନୁପାତରେ ୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତ ହୋଇଛନ୍ତି। ବିଦ୍ୟାଳୟରେ ଏକ ସବୁଜିମା ଭରା ବଗିଚା ରହିଛି। ପିଲାଙ୍କ ପିଇବା ପାଣି ନିମନ୍ତେ ଫିଲ୍ଟର ବ୍ୟବସ୍ଥା କରାଯାଇଛି। ମୌଳିକ ସାକ୍ଷରତା ଏବଂ ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ ଉତ୍ସର୍ଗୀକୃତ ଶିକ୍ଷକ ମୀନକେତନ ଥପା ଅତ୍ୟନ୍ତ ନିଷ୍ଠାର ସହ ନିଜର କର୍ତ୍ତବ୍ୟ ସମ୍ପାଦନ କରି ଆସୁଛନ୍ତି। ତାଙ୍କ ଶ୍ରେଣୀ

## ଘରେ ଥାଇ ଅଭିଭାବକ ଦେଖିବେ ପାଠପଢ଼ା

କୋଠରୀରେ ସ୍ୱଳ୍ପ ମୂଲ୍ୟ ତଥା ବିନା ମୁଲ୍ୟର ଅନେକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଛନ୍ତି। କିଛି ଦିନ ପୂର୍ବରୁ ଉକ୍ତ ବିଦ୍ୟାଳୟରେ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈତାଳି କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟାନନ୍ଦ ସେଠଙ୍କ ବଳିଷ୍ଠ ନେତୃତ୍ୱରେ ସହକାରୀ ଶିକ୍ଷକ ଭୋଗ ସିଂ ଦାଉ, ନିରଞ୍ଜନ ସାଗର ଏବଂ ଶଶିକଳା ଗଣିତ ଶିକ୍ଷାଦାନ କରୁଛନ୍ତି। ବିଦ୍ୟାଳୟରେ ବଜ୍ରପାତ ଅବରୋଧକ ଯନ୍ତ୍ର, ସାବୁନ ବ୍ୟାଙ୍କ, ଇଣ୍ଟରନେଟ ବ୍ୟବସ୍ଥା, ପକ୍ସୋ ମତାମତ ବାକ୍ସ ଆଦି କରାଯାଇଛି। ବୈତାଳି କ୍ଲଷ୍ଟର ସିଆରସିସିଙ୍କ ଉଦ୍ୟମ କ୍ରମେ କ୍ଲଷ୍ଟର ଅଧୀନ ପ୍ରତ୍ୟେକ ବିଦ୍ୟାଳୟରେ ଶିଶୁମାନଙ୍କ ସୁରକ୍ଷା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଯାହାକୁ ଅଭିଭାବକ ଏବଂ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଉଛି।

# ସଞ୍ଚୟ ପକ୍ଷ ପାଳନ ଉପଲକ୍ଷେ ସଚେତନତା



ଝାରସୁଗୁଡ଼ା,୬।୧୧(ସମିସ): ସଞ୍ଚୟ ପକ୍ଷ ପାଳନ ଉପଲକ୍ଷେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ପେନସନ ଭୋଗୀମାନଙ୍କ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଝାରସୁଗୁଡ଼ା ଜିଲ୍ଲା କୋଷାଗାର କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ଉପସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ମାନଙ୍କୁ ସ୍ୱାଗତ ଜଣାଇଥିଲେ। ଭାରତ ସରକାରଙ୍କର ସ୍ୱଳ୍ପ ସଞ୍ଚୟ ଯୋଜନା, ସାଇବର ସୁରକ୍ଷା ଓ ନିରାପଦ ସଞ୍ଚୟ ଉପରେ ଆଲୋକପାତ କରିଥିଲେ। ଟ୍ରେଜେରୀ ଅଫିସର କନକଲତା ଏକ୍କା ବକ୍ତବ୍ୟ ପ୍ରଦାନ କରିଥିଲେ। ସଞ୍ଚୟ ଓ ଆର୍ଥିକ ସେବା ବିଭାଗର ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





ଦ୍ୱିତୀୟ ଦିନରେ ଐତିହାସିକ ବାଲିଯାତ୍ରା

# ବଢୁଛି ଗହଳି; ଜମୁଛି ମେଳା

ପ୍ରଥମ ଦିନର ଉଦ୍‌ଘାଟନୀ ପର୍ବ ପରେ ଗୁରୁବାର ଥିଲା ଐତିହାସିକ ଯାତ୍ରାର ଦ୍ୱିତୀୟ ଦିନ। ସହର ଛାତିରୁ ଅପରାହ୍ଣ'ର ଚାଦର କ୍ରମଶଃ ଖସି ଆସୁଥିଲା। ମହାନଦୀର କବରୀ ଛୁଇଁ ଅନ୍ଧାର ହୋଇଥିଲା ଯାତ୍ରାମୁହାଁ। ମୁହଁସଞ୍ଜ ବେଳକୁ ବଢିଥିଲା ଗହଳି। ଦ୍ୱିତୀୟ ଦିନର ଯାତ୍ରା ଦର୍ଶକଙ୍କୁ ଟାଣି ଆଣୁଥିଲା ଯେମିତି...ଏପଟେ ହାଡିଆ ପଠା କୁହ କି ସେ ପଟେ କ୍ୟାଣ୍ଟନ୍‌ମେଣ୍ଟ ଥାନା ଗଡ଼ା...ଚାରିଆଡ଼େ ଅଦୃଶ୍ୟ ଆକର୍ଷଣର ମନଲୋଭା ଇସ୍ତାହାର ଥିଲା। ସେମିତି ତଳପଡ଼ିଆ ହୋଇ ଉଠିଥିଲା ଲୋକାରଣ୍ୟ। ଠିକ୍ ସନ୍ଧ୍ୟା ୬ଟା ପରେ ଜମିଥିଲା ଯାତ୍ରା ଆସର..ଗୁରୁବାର ଥିବାରୁ ଆମିଷ ଖାଦ୍ୟ ପଦାର୍ଥ ସେତେଟା ବିକ୍ରି ହୋଇ ନଥିଲା। ମେଳା ପଡ଼ିଆ ବି ଫାଙ୍କା ଫାଙ୍କା ଥିଲା। ଆସନ୍ତାକାଲି ଅର୍ଥାତ ଶୁକ୍ରବାର ଭିଡ଼ ଆହୁରି ବଢ଼ିବ ବୋଲି ଆକଳନ କରାଯାଉଛି...





**କଟକ,୬।୧୧(ସମିସ):** ବାଲିଯାତ୍ରାର ଦ୍ୱିତୀୟ ଦିନରେ ବ୍ୟବସାୟୀମାନେ ଖାତା ଖୋଲିଥିଲେ। ଉପର ପଡ଼ିଆ ଏଥର ଖାଁ ଖାଁ। ତଳ ପଡ଼ିଆରେ ବ୍ୟବସାୟ ଜମି ଆସିଲାଣି। ମୁଖ୍ୟତଃ ଆଜି ଓରମାସ୍ ଏବଂ ମିଶନ ଶକ୍ତି ଷ୍ଟଲ୍ ଗୁଡ଼ିକରେ ସନ୍ଧ୍ୟାରେ ଅସମ୍ଭାଳ ଗହଳି ଲାଗିଥିଲା। କନ୍ଧମାଳର ହଳଦୀ ଠାରୁ କୋରାପୁଟ୍ କଫି ଯାଏଁ ଗ୍ରାହକଙ୍କ ମନ କିଣୁଥିବାର ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ କଟକ-ଇନ୍-କଟକରେ ପାଦ ରଖିବାକୁ ଜାଗା ନଥିଲା। ଓଡ଼ିଆ ଭାଷା ଓ ସାହିତ୍ୟ ଥିମ୍‌କୁ ଦେଖି ଲୋକମାନେ ବେଶ୍ କିଛି ସମୟ କଟାଇବାକୁ ପସନ୍ଦ କରୁଥିଲେ। ଏଥର ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ନୂଆ ନୂଆ କାର୍ଯ୍ୟକ୍ରମ ହାତକୁ ନେଇଛି ଜିଲ୍ଲା ପ୍ରଶାସନ। ମେଳାର ଦ୍ୱିତୀୟ ଦିନରେ ଏସବୁକୁ ଦର୍ଶକ ବେଶ ପସନ୍ଦ କରିଥିଲେ। ବିଶେଷ କରି ଚଳିତ ଥର ବାଲିଯାତ୍ରାରେ ଆନାମୋର୍ଫିକ୍ ୩ଡି' ସ୍କ୍ରିନ, ଏକ୍ସପେରିଏନ୍ସ ଜୋନ, ଇଲେକ୍ଟ୍ରିକ ଢୋଲ, ଭିନଟେଜ କାର ପ୍ରଦର୍ଶନ, କଟକ ପ୍ରସିଦ୍ଧ ତାରକସୀ ଗ୍ୟାଲେରୀ, ୫ଡି ଥିଏଟରର ମଜ୍ଜା ନେଇଥିଲେ ଦର୍ଶକ।

ଦ୍ୱିତୀୟ ଦିନରେ ମହାନଦୀରେ ଚିତ୍ତାକର୍ଷକ ଜଳକ୍ରୀଡ଼ା ଏବଂ ଲେଜର ଲାଇଟ୍ ଶୋ ଦେଖିବାକୁ ପାଇବେ ଦର୍ଶକ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ବାଲିଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମହାନଦୀରେ ବୋଟିଂ, ରୋଇଂ, କ୍ୟାନୋ ଏବଂ କାୟାକିଂ ଭଳି ବିଭିନ୍ନ ଜଳକ୍ରୀଡ଼ାର ମଜା ନେଉଛନ୍ତି ଦର୍ଶକ। ତେବେ ଚଳିତ ବର୍ଷ ୩ ଦିନ ଧରି ମହାନଦୀ ପାଣିରେ ହେବ ଲେଜର ଲାଇଟ ଶୋ। ଏଥର ସବୁଠାରୁ ଆକର୍ଷଣୀୟ ପାଲଟିଛି 'କଟକ ଇନ୍ କଟକ'। ଓଡ଼ିଆ ଭାଷା ଓ ସାହିତ୍ୟ ଥିମରେ କଟକ ଇନ୍ କଟକ ସଜେଇ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ଏଠାରେ ଏହି ପାଭିଲିଆନରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଷୟରେ ଆଲୋଚନାଚକ୍ରରେ ଯେଉଁଥିରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଭାଗ ନେବେ। ନିଜ ଭାଷା ଓ ସାହିତ୍ୟକୁ ଚିହ୍ନିବା, ତାକୁ ଅଧିକ ପ୍ରଚାର ପ୍ରସାର କରିବା ଦିଗରେ କାମ ଏହି ମଞ୍ଚ ବାର୍ତ୍ତା ଦେଉଛି। ଅନ୍ୟପଟେ କଟକ ଇନ କଟକରେ ବାଲୁକା କଳାରେ ପାରମ୍ପରିକ ବୋଇତକୁ ଦେଖିବାକୁ ଦର୍ଶକଙ୍କ ସମାଗମ ହୋଇଥିଲା। ୩୦ ଫୁଟ ଚଉଡ଼ା ଓ ୧୦ ଫୁଟ ଉଚ୍ଚତା ବିଶିଷ୍ଟ ହେବ ବାଲୁକା ବୋଇତ'ର କାରୁକାର୍ଯ୍ୟ ବେଶ ଚମତ୍କାର ହୋଇଛି।

ଅନ୍ୟପଟେ ଆଜି ରାମ ଦୋଳିର ମଜା ଦର୍ଶକମାନେ ଉଠାଇଥିଲେ। ପ୍ରାୟ ୩୦ ପ୍ରକାର ଦୋଳି ଏଥର ବାଲିଯାତ୍ରାକୁ ଆସିଥିବା ବେଳେ ଦ୍ୱିତୀୟ ଦିନରେ ସବୁ ଦୋଳି କାର୍ଯ୍ୟକ୍ଷମ ହୋଇନଥିଲା। ସେହିଭଳି 'ଫ୍ରିସ ବି ଝୁଲା' ଏଥର ନୂଆ କରି ଯାତ୍ରା ପଡ଼ିଆକୁ ଆସିଛି। ଡଙ୍ଗା ଆକୃତିର ଏହି ଦୋଳି ରହିଥିବାବେଳେ ଆଜି ଲୋକଙ୍କ ଏହା ଥିଲା ପ୍ରଥମ ପସନ୍ଦ। ଲମ୍ବା ଧାଡିରେ ଦର୍ଶକମାନେ ଏହି ଝୁଲାର ମଜା ଉଠାଇଥିଲେ। ସୁନାମୀ ଦୋଳି, ଟୋରାଟୋରା, ବ୍ରେକ୍ ଡ୍ୟାନ୍ସ, ଚାନ୍ଦ ତାରା, ଡ୍ରାଗନ ଆଦି ଠିକ୍ ସନ୍ଧ୍ୟା ୬ଟାରୁ ଖୋଲିଥିଲା। ବିଶେଷଃ କରି ଯୁବ ଦର୍ଶକ ଓ ପିଲାମାନେ ଏହି ଦୋଳି ସମ୍ମୁଖରେ ଗହଳି ଲଗାଇଥିଲେ। ପ୍ରକାଶ ଥାଉ କି, ଚଳିତ ବର୍ଷ ବାଲିଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ସୁନ୍ଦର ଭାବେ ପରିକଳ୍ପନା କରିଥିବା ବେଳେ ପରିଚାଳନା ତ୍ରୁଟିପୂର୍ଣ୍ଣ ହେଉଥିବା ନଜରକୁ ଆସିଛି। ଏଥର ନୂଆକରି ଇଣ୍ଡୋନେସିଆରୁ ଷ୍ଟଲ୍ ଖୋଲାଯାଇଛି। ୫୦୦ରୁ ଅଧିକ ଉଠା ଦୋକାନୀଙ୍କ ପାଇଁ ତଳପଡ଼ିଆରେ ନିର୍ଦ୍ଦିଷ୍ଟ ଜାଗା ରହିଥିବା ବେଳେ ଦ୍ୱିତୀୟ ଦିନରେ ସେମାନଙ୍କୁ ଥଇଥାନ କରାଯାଇ ପାରିନାହିଁ। ତେବେ ପ୍ରଶାସନ ୮ ଦିନିଆ ସାଂସ୍କୃତିକ ସନ୍ଧ୍ୟାକୁ ଅଧିକ ରଂଗୀନ କରିବା ପାଇଁ ମଞ୍ଚରେ ବଲିଉଡ୍ ଓ ଓଲିଉଡ୍‌ର ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀମାନେ ସଂଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରଖାଯାଇଛି।



## ପଲ୍ଲିଶ୍ରୀ ମେଳାରେ ୮୯.୩୬ ଲକ୍ଷର ବେପାର

ବାଲିଯାତ୍ରାର ପ୍ରଥମ ଦିନରେ ଓରମାସ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଜାତୀୟ ପଲିଶ୍ରୀ ମେଳାର ବେପାର ବେଶ ଆଶାଜନକ ହୋଇଛି । ବିଗତ ବର୍ଷ ମାନଙ୍କ ତୁଳନାରେ ଏଥର ପ୍ରଥମ ଦିନର ବେପାର କୋଟିଏ ଟଙ୍କା ଛୁଇଁଛି। ମୋଟ ୫୦୦ଟି ଷ୍ଟଲ ପଡିଥିବା ବେଳେ ପ୍ରଥମ ଦିନ ସମସ୍ତ ଷ୍ଟଲ ଖୋଲିପାରିନଥିଲେ ବି ୮୯.୩୬ଲକ୍ଷ ଟଙ୍କାର ବ୍ୟବସାୟ ହୋଇପାରିଥିବା ଜଣାପଡିଛି। ଗତ ବର୍ଷ ପଲିଶ୍ରୀ ମେଳାର ପ୍ରଥମ ଦିନରେ ମୋଟ ୪୪ଲକ୍ଷ ୭୨ହଜାରଟଙ୍କା ବ୍ୟବସାୟ ହୋଇଥିଲା।

## ବାଲିଯାତ୍ରାରେ 'ନ୍ୟାୟ ଓଡ଼ିଶା' ଷ୍ଟଲ ଉଦ୍‌ଘାଟିତ

**କଟକ,୬।୧୧(ସମିସ):** ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଐତିହାସିକ କଟକ ବାଲିଯାତ୍ରାରେ "ନ୍ୟାୟ ଓଡିଶା" ଷ୍ଟଲ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ବିଚାରପତି ତଥା ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ପ୍ରମୁଖ ପୃଷ୍ଠପୋଷକ ଜଷ୍ଟିସ ହରିଶ ଟଣ୍ଡନ ଏହାକୁ ଉଦଘାଟନ କରିଥିଲେ। ଉକ୍ତ ଉଦଘାଟନ କାର୍ଯ୍ୟକ୍ରମରେ ରାଜ୍ୟ ଆଇନ ସେବା ପ୍ରାଧିକରଣରର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ମାନସ ପାଠକ, ଜଷ୍ଟିସ ସଙ୍ଗମ କୁମାର ସାହୁ ଏବଂ ଅନ୍ୟ ବିଚାରପତି ମାନେ ଉପସ୍ଥିତ ଥିଲେ। ଏହି "ନ୍ୟାୟ ଓଡିଶା" ଓକିଲ ଓ ପରା ଲିଗାଇ ସହାୟକ ମାନଙ୍କୁ ନିୟୋଜିତ କରାଯାଇ ଆଗନ୍ତୁକ ବ୍ୟକ୍ତି ମାନଙ୍କୁ ଆବଶ୍ୟକ ସ୍ଥଳେ ଆଇନ ସେବା ସହାୟତା ଯୋଗାଇ ଦେବା ସହିତ ଆଇନ ସେବା ସମ୍ପର୍କିତ ବିଭିନ୍ନ ପ୍ରଚାର ପତ୍ର ଓ ସରକାରୀ ଯୋଜନା ତଥ୍ୟ ସମ୍ବଳିତ ପ୍ରଚାର ପତ୍ର ବିତରଣ ସହ ନାଟକ ପ୍ରଦର୍ଶୀତ କରାଯାଇ ସଚେତନତା ସୃଷ୍ଟି କରାଯାଉଛି।

## ବାଲିଯାତ୍ରା ସ୍ମରଣିକା ସଂପାଦକଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

କଟକର ଐତିହାସିକ ବାଲିଯାତ୍ରାରେ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ପ୍ରକାଶିତ ବାଲିଯାତ୍ରା କଟକ ସ୍ମରଣିକା ଉନ୍ମୋଚିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଏହାକୁ ଅନାବରଣ କରିଥିଲେ। ଏହି ଅବସରରେ ସ୍ମରଣିକା ସଂପାଦନାମଣ୍ଡଳୀର ସଂପାଦକ ପ୍ରଫେସର ସହଦେବ ସାହୁ, ବରିଷ୍ଠ ସ୍ତମ୍ଭକାର ଶୁଭେନ୍ଦୁ ଭୂୟାଁ, ଡ. ସୁନାମଣି ରାଉତ, ସୁରେନ୍ଦ୍ରନାଥ ସାମନ୍ତରାୟ, ବିଶ୍ୱେଶ୍ୱର ମହାନ୍ତି, ଡ. ଦ୍ୱୀପାୟନ ପଟ୍ଟନାୟକ ଓ ଗଯାଧର ସାହୁଙ୍କୁ ମୁଖ୍ୟମନ୍ତ୍ରୀ ଅଙ୍ଗବସ୍ତ୍ର ଓ ସମ୍ମାନଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଉଚ୍ଚଶିକ୍ଷା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ମାନ୍ୟଗଣ୍ୟ ଅତିଥି, ସ୍ମରଣିକାର ମୁଖ୍ୟ ସଂପାଦକ ତଥା କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଓ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ନୌବାଣିଜ୍ୟର ଆଲେଖ୍ୟକୁ ନେଇ ୬୦ଜଣ ବିଶିଷ୍ଟ ଲେଖକଙ୍କର ଲେଖା ଏଥିରେ ସ୍ଥାନ ପାଇଛି।



## ଉଦାସ ଆଶ୍ରମ ପକ୍ଷରୁ ମହାନଦୀ ଆଳତି

ଐତିହାସିକ ବାଲିଯାତ୍ରା ଉପଲକ୍ଷେ ଦ୍ୱିତୀୟ ଦିବସରେ ଛତିଆ ସୋଲରସ୍ଥିତ ଉଦାସ ଆଶ୍ରମ ପକ୍ଷରୁ ମହାନଦୀ ଆରାଧନା ଓ ମହାଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଦାସ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ମହାରାଜଙ୍କ ପଟ୍ଟଶିଷ୍ୟ ସ୍ୱାମୀ ଦିବ୍ୟଲୋଚନ, ଜିଲ୍ଲା ପ୍ରଶାସନ ଅଧିକାରୀ, ଉଦାସପନ୍ଥୀ ଶ୍ରଦ୍ଧାଳୁଙ୍କ ଗହଣରେ ନଦୀ ପୂଜନ ଆଳତି ସଂପନ୍ନ କରାଯାଇ ବିଶ୍ୱବାସୀଙ୍କର ମଙ୍ଗଳ କାମନା କରାଯାଇଥିଲା। ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା, ଗୁରୁକୁଳ ଆଶ୍ରମ ଶିକ୍ଷା, ନଦୀର ସ୍ୱଚ୍ଛ ଓ ସୁରକ୍ଷା ପାଇଁ ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ମହାରାଜ ଆଧ୍ୟାତ୍ମିକ ବାତାବରଣରେ ମହାନଦୀ ପୂଜନ ଓ ମହାଆଳତି କରି ପ୍ରଚାର ପ୍ରସାର ଉଦ୍ୟମ କରିଥିଲେ। ଗୁରୁଦେବଙ୍କ ଏହି ମହାନ ଉଦ୍ଦେଶ୍ୟ ପୂରଣ କରିବା ପାଇଁ ଉଦାସପନ୍ଥୀ, ସଂକଳ୍ପ ନେବା ଆବଶ୍ୟକ ବୋଲି ସ୍ୱାମୀ ଦିବ୍ୟଲୋଚନ କହିଥିଲେ। କାର୍ଯ୍ୟକ୍ରମରେ ଆଧ୍ୟାତ୍ମିକ ପ୍ରବଚକ ପଣ୍ଡିତ ନିରଞ୍ଜନ ସାହୁ, ଧର୍ମ ଜାଗରଣ ସମନ୍ୱୟ କ୍ଷେତ୍ରିୟ ପ୍ରଚାରକ ବିନୟ କୁମାର ଭୂୟାଁ, ଉତ୍କଳ ସେବକ ସମାଜର ସମ୍ପାଦକ ଅମୀୟ ଭୂଷଣ ବିଶ୍ୱାଳ, ବିଜୟ କୁମାର ପଣ୍ଡା, ନୀଳମଣି ପଣ୍ଡା, ରେବତୀ ପଟନାୟକ, ଶ୍ରୀକାନ୍ତ କୁମାର ସାହୁ, ପଦ୍ମକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।





## ଝୁମେଇଲେ ଅର୍ପିତା ଓ କୁଳଦୀପ









**କଟକ,୬।୧୧(ସମିସ):** ବାଲିଯାତ୍ରାର ଦ୍ୱିତୀୟ ସନ୍ଧ୍ୟାରେ ଉଭୟ ଗଣକବି ବୈଷ୍ଣବ ପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବାକୁ ଦର୍ଶକଙ୍କ ଭିଡ଼ ଜମିଥିଲା। ଅକ୍ଷୟ ମହାନ୍ତି ମଞ୍ଚରେ ଓଲିଉଡ଼ କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକ ଅନେକ ମନଛୁଆଁ ସଂଗୀତ ପରିବେଷଣ କରିଥିବା ବେଳେ ବୈଷ୍ଣବ ପାଣି ମଞ୍ଚରେ ଅର୍ପିତା ଗୋଟିଏ ପରେ ଗୋଟିଏ ହିଟ୍ ନମ୍ବର ଗାଇଥିଲେ। କୁଳଦୀପ ତୁ ସମ୍ମୋହିନୀ... ଗୀତରୁ ସେ ଓଲିଉଡ଼ ନାଇଟ ଆରମ୍ଭ କରିଥିଲେ। ଶୀତୁଆ ସନ୍ଧ୍ୟାରେ ମଞ୍ଚ ନିକଟରେ ଉପସ୍ଥିତ ଦର୍ଶକ କୁଳଦୀପଙ୍କ ଗୀତରେ ଝୁମିଥିଲେ। ଏହାସହ କଟକ ସୁର ସାଗର ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ସେହିପରି କଟକର ଶ୍ରୀ ବିଦ୍ୟା ମ୍ୟୁଜିକ ଇନଷ୍ଟିଚ୍ୟୁଟ ଅଫ ମ୍ୟୁଜିକ ଆଣ୍ଡ ପକ୍ଷରୁ ଦଶମହାବିଦ୍ୟା, ପୁରୀ'ର ମା ବିନାକେଶ୍ୱରୀ ନୃତ୍ୟ ମଞ୍ଜରୀ ପକ୍ଷରୁ ଓଡିଆ ଢଗଢ ମାଳି, ସାଲେପୁର ନୃତ୍ୟଶ୍ରୀ କଳାନିକେତନ ଟ୍ରଷ୍ଟ ପକ୍ଷରୁ ଓଡିଶୀ ନୃତ୍ୟ, ଖୋର୍ଦ୍ଧା କଳିଙ୍ଗ ପାଇକ କ୍ରିଏସନ ପକ୍ଷରୁ ପାଇକ ଆଖଡ଼ା, କଲିକତା ସିଞ୍ଜନ ନୃତ୍ୟାଳୟ ପକ୍ଷରୁ ଦଶ ମହାବିଦ୍ୟା, ଓଡ଼ିଆ ସିନେ ଆର୍ଟିଷ୍ଟ ଆସୋସିଏସନ ପକ୍ଷରୁ ପାରମ୍ପରିକ ନୃତ୍ୟ, ପୁରୀ ମାଲଖମ୍ବ ୟୁନାଇଟେଡ଼ ପକ୍ଷରୁ ମାଲଖମ୍ବ ଓ ଢେଙ୍କାନାଳ ଶତରୁପା ଅନୁଷ୍ଠାନ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷିତ କରାଯାଇଥିଲା।

ଅନ୍ୟପଟେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଇଣ୍ଡିଆନ ଆଇଡଲର ସେମି ଫାଇନାଲିଷ୍ଟ କଣ୍ଠଶିଳ୍ପୀ ଜ୍ୟୋତି ପ୍ରକାଶ ଓଝାଙ୍କ ସଂଗୀତ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଜ୍ୟୋତି ପ୍ରଥମେ ମା' ତୁଝେ ସଲାମ, ବନ୍ଦେ ଉତ୍କଳ ଜନନୀ, କେସେ ହୁଆ ତୁ ଇତନା ଜରୁରୀ ଭଳି ଅନେକ ମନଛୁଆଁ ଗୀତ ପରିବେଷଣ କରିଥିଲେ। ଏହା ପରେ ପରେ ଓଲିଉଡ଼ କଳାକାର ଭୂମିକା ଦାସ ଓ ସୁଭାଶିଷ ଶର୍ମାଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଟକର ରେବାଦେବୀ ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ, କଟକର କଟକେଶ୍ୱରୀ ସଂଗୀତ ମୂର୍ଚ୍ଛନା ପକ୍ଷରୁ ଭଜନ, ପୁରୀର ରୂପା ଆଣ୍ଡ ଟ୍ରୁପ ପକ୍ଷରୁ ଗୀତିନାଟ୍ୟ, କଟକ ମହାନଗର କୈବର୍ତ୍ତ ସଭା ପକ୍ଷରୁ ଗୀତିନାଟ୍ୟ, କଟକର ଡାଏନା ଡ୍ୟାନ୍ସ ସ୍କୁଲ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, କଟକ ନୃତ୍ୟାଙ୍ଗନ ଫାଉଣ୍ଡେସନ ପକ୍ଷରୁ ଲୋକନୃତ୍ୟ, ଗଞ୍ଜାମ ମା' ମଙ୍ଗଳା ଲୋକନୃତ୍ୟ କଳାକେନ୍ଦ୍ର ପକ୍ଷରୁ କଥକ ନୃତ୍ୟ, କଟକର ପ୍ରଦକ୍ଷୀଣା ଅନୁଷ୍ଠାନ ପକ୍ଷରୁ ଆହେ ନୀଳ ଶୈଳ ପରିବେଷିତ କରାଯାଇଥିଲା।





# ବ୍ରାହ୍ମଣୀ ବ୍ରିଜ୍‌ରେ ଜଳିଲାନି ଲାଇଟ୍



**କବାଟବନ୍ଧ, ୬।୧୧(ସମିସ):** ଚଣ୍ଡିଖୋଲ-ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ବ୍ରାହ୍ମଣୀ ବ୍ରିଜ୍‌ର ଆଲୋକୀକରଣ ପାଇଁ ୨ ମାସ ପୂର୍ବରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ବ୍ରିଜରେ ସମ୍ପୂର୍ଣ୍ଣ ଭାବେ ଲାଇଟ ଲାଗିଛି ମାତ୍ର ଜଳିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଯାହାକୁ ନେଇ ଲୋକମାନେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୁକିନ୍ଦା ବ୍ଲକର କଳିଙ୍ଗନଗର ଥାନା ଏବଂ ଧର୍ମଶାଳା ବ୍ଲକର ଜେନାପୁର ଥାନା ଅଧୀନରେ ରହିଥିବା ଏହି ବ୍ରାହ୍ମଣୀ ସେତୁରେ ଅନ୍ଧାର ରାତିରେ ଅନେକ ଦୁର୍ଘଟଣା ଘଟୁଛି। ବ୍ରିଜ୍ ଉପରେ ଯାତାୟାତ କରୁଥିବା ସାଇକେଲ/ମୋଟର ସାଇକେଲ ଆରୋହୀ ଏବଂ ଗାଈ, ଷଣ୍ଢ, କୁକୁର ଆଦି ପଶୁଙ୍କ ପାଇଁ ଆଲୋକ ନ ଥିବାରୁ ଅନେକ ଦୁର୍ଘଟଣା ଘଟୁଛି। ଦୀର୍ଘ ବର୍ଷ ପରେ ଏଠାରେ ଆଲୋକୀକରଣ କେବଳ ଖୁଣ୍ଟ ଏବଂ ଲାଇଟ୍‌ରେ ସୀମିତ ରହିଛି। ଲାଇଟ ଜଳିବା ପାଇଁ ଏପର୍ଯ୍ୟନ୍ତ କୌଣସି ବିଦ୍ୟୁତ ସଂଯୋଗ ପ୍ରକ୍ରିୟା ଆରମ୍ଭ ହୋଇ ନାହିଁ। ଅନ୍ଧାର ସେତୁ ପାଇଁ ଦୁର୍ଘଟଣା ଘଟି ଅନେକ ଲୋକଙ୍କ ଜୀବନ ଯାଇଛି।ବର୍ଷ ବର୍ଷ ଧରି ଅନେକ ଦାବିପତ୍ର ଏବଂ ଆନ୍ଦୋଳନ ପରେ ଏହି ସେତୁରେ ଲାଇଟ ଲାଗିଲା। ଯାହାକୁ ନେଇ ଲୋକମାନେ ଖୁସି ଅନୁଭବ କରିଥିଲେ। ମାତ୍ର ଅଦ୍ୟାବଧି ତାହା କାର୍ଯ୍ୟକ୍ଷମ ତଥା ଜଳି ପାରିଲା ନାହିଁ। ଏହି ସେତୁରେ ମୋଟ ୪୫ଟି ଲାଇଟ ଲାଗିଛି। ସମସ୍ତ ଲାଇଟ ବିଦ୍ୟୁତ ଶକ୍ତି ସାହାଯ୍ୟରେ ସ୍ୱୟଂଚାଳିତ ଭାବେ କାର୍ଯ୍ୟକ୍ଷମ ହେବ। ମାତ୍ର ଠିକା ସଂସ୍ଥା ପକ୍ଷରୁ ଏପର୍ଯ୍ୟନ୍ତ ବିଦ୍ୟୁତ ଶକ୍ତି ସଂଯୋଗ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଗତ ୪ ଅକ୍ଟୋବର ରେ ପରୀକ୍ଷା ମୂଳକ ଭାବେ ସମସ୍ତ ଲାଇଟ କୁ ଜେନେରେଟର ମାଧ୍ୟମରେ କରେଣ୍ଟ ଦିଆଯାଇ ପରୀକ୍ଷା କରାଯାଇଥିଲା। ଏହା ପରେ ପୂର୍ବଭଳି କେବଳ ଖୁଣ୍ଟରେ ଲାଇଟ ଝୁଲି ରହିଛି। ଏହି ଲାଇଟଗୁଡ଼ିକ ଇଲେକ୍ଟ୍ରି କରେଣ୍ଟରେ ଜଳିବା ପାଇଁ ଆବଶ୍ୟକୀୟ ବିଦ୍ୟୁତ ସଂଯୋଗ କିମ୍ବା ଟ୍ରାନ୍ସଫର୍ମରର ଆବଶ୍ୟକତା ରହିଛି। ମାତ୍ର ଅଦ୍ୟାବଧି ବିଦ୍ୟୁତ ବିଭାଗ ପକ୍ଷରୁ ସେମିତି କୌଣସି ପ୍ରକ୍ରିୟା ଆରମ୍ଭ ହୋଇ ନାହିଁ କିମ୍ବା ସେ ସମ୍ବନ୍ଧରେ ସୂଚନା ମଧ୍ୟ ନାହିଁ। ଜନ ଆକ୍ରୋଶ ଫଳରେ ତରବରିଆ ଭାବରେ ଲାଇଟ ଲଗାଇ ଦେଇ ରାଜପଥ କର୍ତ୍ତୃପକ୍ଷ ଚୁପ ବସିଛନ୍ତି। ଅନ୍ୟ ପକ୍ଷରେ ଲାଇଟ ଜଳୁ ନଥିବା ଜାଣି ଚୋରମାନେ ଲାଇଟ ଚୋରି କରିବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି। ତୁରନ୍ତ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଉକ୍ତ ବ୍ରିଜ୍‌ରେ ଲାଗିଥିବା ଲାଇଟ୍‌କୁ କାର୍ଯ୍ୟକ୍ଷମ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ତଥା ବିଦ୍ୟୁତ ସଂଯୋଗ କରି ବ୍ରିଜକୁ ଆଲୋକିତ କରିବା ପାଇଁ ଦାବି କରିଛନ୍ତି।

## ହାଇୱା ଧକ୍କାରେ ନାବାଳକ ମୃତ

# କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ

**ଧର୍ମଶାଳା, ୬।୧୧(ସମିସ)**



ଧର୍ମଶାଳା ଥାନା ପାଖର ପଞ୍ଚାୟତ ତେଲର ଗ୍ରାମ୍ୟ ରାସ୍ତାରେ ଏକ ହାଇୱାଗାଡି ଜଣେ ନାବାଳକ ଉପରେ ଚଢିଯିବାରୁ ଘଟଣାସ୍ଥଳରେ ତାର ମୃତ୍ୟୁ ଘଟିଛି। ମୃତ ନାବାଳକ ଧର୍ମଶାଳା ଥାନା ଛେଳିଆପଦା ନିକଟ ତେଲର ଗ୍ରାମର ଗଣେଶ୍ୱର ଘଡ଼େଇଙ୍କ ପୁତ୍ର ଆୟୁଷରାଜ ଘଡେଇର(୯) ବୋଲି ଜଣାପଡ଼ିଛି। ଏହାର ପ୍ରତିବାଦରେ ସ୍ଥାନୀୟ ଅଞ୍ଚଳବାସୀ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିବା ସହ ମୃତକ ପରିବାରକୁ ୩୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଖବର ପାଇ ଘଟଣାସ୍ଥଳରେ ଯାଜପୁର ରୋଡ ପୁଲିସ ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁ, ଧର୍ମଶାଳା ତହସିଲଦାର ସମିର ରଞ୍ଜନ ଦାସ ଓ ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝି ନିଜ ଷ୍ଟାଫ ମାନଙ୍କ ସହିତ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ତହସିଲ ପକ୍ଷରୁ ରେଡକ୍ରସରୁ ମୃତ ନାବାଳକର ପରିବାରକୁ ସହୟତା ପ୍ରଦାନ କରାଯିବା ପରେ ରାସ୍ତା ଅବରୋଧ ହଟିଥିଲା। ସୂଚନା ମୁତାବକ ଆଜି ପୂର୍ବାହ୍ନରେ ଆୟୁଷ ନିଜ ଜେଜେଙ୍କ ସହ ଗାଁ ରାସ୍ତାରେ ଯାଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ଓଡି-୨୨ଏମ ୭୬୦୧ହାଇୱା ଗାଡ଼ିଟି ନାବାଳକ ଉପରେ ଚଢ଼ିଯାଇଥିଲା। ସ୍ଥାନୀୟ ଲୋକେ ହାଇୱା ଗାଡ଼ିର ଡ୍ରାଇଭରକୁ ଅଟକ ରଖି ପୁଲିସ ଜିମା ଦେଇଥିବା ଜଣପଡ଼ିଛି। ତେବେ ପୁଲିସ ୬୯୧/୨୫ରେ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରକୁ ଥାନାରେ ଅଟକ ରଖିଛି। ଏଥିସହ ପୁଲିସ ଧର୍ମଶାଳା ଡାକ୍ତରଖାନାରେ ମୃତ ନାବାଳକର ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହାସ୍ତାନ୍ତର କରିବା ସହ ଘଟଣାର ତଦନ୍ତ ଚଳାଇଛି। ଖବର ପାଇ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶକ୍ରମେ ଆରୁହା ବିଜେପି ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ରାଜେଶ ପାଳ ଓ ପ୍ରଦୀପ କୁମାର ପରିଡ଼ା ପହଞ୍ଚି ଗ୍ରାମବାସୀମାନଙ୍କ ସହ ଆଲୋଚନା କରିଥିବା ବେଳେ ମୃତକର ପରିବାରକୁ ସାନ୍ତନା ଦେବା ସହ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ସେହିପରି କଂଗ୍ରେସ ନେତା କିଶାନ ପଣ୍ଡା ତେଲର ଗ୍ରାମରେ ପହଞ୍ଚି ମୃତକଙ୍କ ପରିବାରକୁ ଭେଟି ସାନ୍ତନା ଦେଇଛନ୍ତି।

# ଅଭିରାମ କୀର୍ତ୍ତନମଣ୍ଡଳୀ ଦ୍ୱାରା ଭଜନ ସମାରୋହ



**ଶଙ୍ଖଚିଲା, ୬।୧୧(ସମିସ):** ପବିତ୍ର ରାହାସ ପୂର୍ଣ୍ଣିମା ଅବସରରେ କୋରେଇ ବ୍ଲକ ତଣ୍ଡରା ଗ୍ରାମର ଅଭିରାମ କୀର୍ତ୍ତନ ମଣ୍ଡଳୀ ଦ୍ୱାରା ଭଜନ ସମାରୋହ ଓ ସଂକୀର୍ତ୍ତନ ସହ ନଗର ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅନୁଷ୍ଠାନଟି ପ୍ରାୟ ୭୦ ବର୍ଷରୁ ଅଧିକ ବର୍ଷ ଧରି ଗ୍ରାମରେ କୁମାର ପୂର୍ଣ୍ଣିମା ଦିନଠାରୁ ପବିତ୍ର ରାହାସ ପୂର୍ଣ୍ଣିମା ପର୍ଯ୍ୟନ୍ତ ମାସସାରା ପ୍ରତିଦିନ ସନ୍ଧ୍ୟାରେ କୀର୍ତ୍ତନ ଓ ନାମ ସଂକୀର୍ତ୍ତନ କରିଆସୁଛି। ଏଥିରେ ପ୍ରସନ୍ନ ସ୍ୱାଇଁ, ରତିକାନ୍ତ ସ୍ୱାଇଁ, ସନ୍ତୋଷ ସ୍ୱାଇଁ, ଆନନ୍ଦ ଚନ୍ଦ୍ର ବେହେରା, ସୌମ୍ୟରଞ୍ଜନ ପରିଡ଼ା, ନିରଞ୍ଜନ ସ୍ୱାଇଁ, ଶ୍ରୀକାନ୍ତ ଖଣ୍ଡାଇ, ଆୟୁଷ୍ମାନ ବେହେରା, ସୋମନାଥ ବେହେରା, ବଂଶୀଧର ବେହେରା, ମଣିନାଥ ବେହେରା, ଆଖଣ୍ଡଳମଣି ସାହୁ, ଜିତେନ୍ଦ୍ର ବେହେରା, ଗଣନାଥ ଖଣ୍ଡାଇ, ଗୁଡୁ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରଞ୍ଜିତ ଦଳାଇ, ସୌମ୍ୟରଞ୍ଜନ ବେହେରା, ମଳୟ ପରିଡ଼ା, ସୁମନ ଶେଖର ପରିଡ଼ା, ଶ୍ରୀପତି ସାବତ, ବିରୂପାକ୍ଷ ସ୍ୱାଇଁ, ପ୍ରଶାନ୍ତ ବେହେରା, ପବିତ୍ର ମଲିକ, ମହେନ୍ଦ୍ର ସାହୁ, ଜିତ ସ୍ୱାଇଁ, ରୁଦ୍ର ସ୍ୱାଇଁ କାର୍ଯ୍ୟ ପରିଚାଳନା କରିଥିଲେ।

# ୭୦ ବର୍ଷରେ ବ୍ରାହ୍ମଣୀ ବ୍ରିଜ୍ ବଜାର କାର୍ତ୍ତିକେଶ୍ୱର ପୂଜା

କବାଟବନ୍ଧ, ୬।୧୧(ସମିସ): ଧର୍ମଶାଳା ବ୍ଲକ ରାଇଛନ୍ଦା ପଞ୍ଚାୟତ ବ୍ରାହ୍ମଣୀ ବ୍ରିଜ ବଜାରରେ ଅନୁଷ୍ଠିତ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠାନ ୭୦ବର୍ଷ ଧରି ଏହି ପୂଜା କରିଆସୁଛି। କମିଟି ସଭାପତି ରମାକାନ୍ତ ଜେନାଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ସଭ୍ୟ ରବୀନ୍ଦ୍ର ସାହୁ, ଗଙ୍ଗାଧର ମଲ୍ଲିକ, ସଞ୍ଜୟ ସାହୁ, କାଶୀନାଥ ବାରିକ, ସଞ୍ଜୟ ପ୍ରଭାକର ପ୍ରଧାନ, ସଞ୍ଜୟ ସାହୁ, ତ୍ରିଲୋଚନ ପ୍ରଧାନ, ବିଶ୍ୱନାଥ ପରିଡ଼ା, ସୁଶାନ୍ତ ମଲ୍ଲଙ୍କ ସମେତ ବଜାର କମିଟିର ଅନ୍ୟ ସଭ୍ୟ ଏବଂ ବ୍ୟବସାୟୀ ସହଯୋଗ କରିଛନ୍ତି। ତିନି ଦିନ ବ୍ୟାପି ଏହି ପୂଜାରେ କର୍ତ୍ତା ଭାବେ ରାଜକିଶୋର ସାହୁ ଦାୟିତ୍ୱ ସମ୍ପାଦନ କରିଥିଲେ। ରୀତିନୀତି ଅନୁଯାୟୀ ସମସ୍ତ ପୂଜା କାର୍ଯ୍ୟ ସହିତ ପ୍ରତ୍ୟେକ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେଉଛି। ସ୍ଥାନୀୟ ଅଞ୍ଚଳର ଶହ ଶହ ଭକ୍ତ ଏବଂ ଶ୍ରଦ୍ଧାଳୁ ପୂଜା ମଣ୍ଡପରେ ପହଞ୍ଚି ପ୍ରଭୁଙ୍କ ଆଶୀର୍ବାଦ ଲାଭ କରିଥିଲେ। ଭକ୍ତମାନଙ୍କ ପାଇଁ ପୂଜା କମିଟି ପକ୍ଷରୁ ପ୍ରତ୍ୟେକ ଦିନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ବ୍ୟବସାୟୀଙ୍କ ମୃତ୍ୟୁରେ ବଜାର ବନ୍ଦ



**ପାଣିକୋଇଲି, ୬।୧୧(ସମିସ):** ପାଣିକୋଇଲି ବଜାର ଓଟିନ୍ଦା ରୋଡରେ ପ୍ରଥମକରି ସେଲୁନ ବ୍ୟବସାୟ ଆରମ୍ଭ କରିଥିବା ସଦାଶିବ ବାରିକଙ୍କ ଆଜି ମୃତ୍ୟୁ ଘଟିଛି। ସେ ବୃକକ୍ ରୋଗରେ ପୀଡ଼ିତ ହୋଇ କଟକର ଏକ ଘରୋଇ ଚିକିତ୍ସାଘରେ ଚିକିତ୍ସିତ ହେଉଥିଲେ। ତାଙ୍କ ମରଶରୀରକୁ ପୈତୃକ ଗ୍ରାମ ପଥରପଦା ପଞ୍ଚାୟତ ମୁଲରୀ ଗ୍ରାମକୁ ଆଣି ଶୋଭାଯାତ୍ରାରେ ଗାଁ ଭ୍ରମଣ କରାଯାଇଥିଲା। ପରେ ପୁରୀ ସ୍ୱର୍ଗଦ୍ୱାର ନେଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ସୌଭାଗ୍ୟ ରଞ୍ଜନ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଖବର ପାଇବା ପରେ ପାଣିକୋଇଲି ଓଟିନ୍ଦାରୋଡ ସରସ୍ୱତୀ ମାର୍କେଟ ପକ୍ଷରୁ ବଜାର ବନ୍ଦ କରାଯାଇଥିଲା। ତାଙ୍କର ମୃତ୍ୟୁରେ ଓଟିନ୍ଦା ଗୋପୀନାଥଜିଉ ନାଟ୍ୟ ପରିଷଦ ପକ୍ଷରୁ ଶୋକ ପ୍ରକାଶ ପାଇଛି। ସାନପୁଅ ସତ୍ୟରଞ୍ଜନ, ବନ୍ଧୁବାନ୍ଧବ, ପରିବାର ବର୍ଗ, ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଡିହସାହି ସପ୍ତା କମିଟି ତରଫରୁ ପ୍ରତିଭା ଚୟନ ପ୍ରତିଯୋଗିତା



**ପ୍ରୀତିପୁର, ୬।୧୧, (ସମିସ):** ବିଞ୍ଝାରପୁର ବ୍ଲକ ଅଧୀନ ମାଁସଡା ପଞ୍ଚାୟତ ଅନ୍ତର୍ଗତ ଗୌଡ଼ସାହିସ୍ଥିତ ଡିହସାହିର ସପ୍ତା କମିଟି ପକ୍ଷରୁ ବାର୍ଷିକ ଶ୍ରୀମଦ୍ ଭାଗବତ ପାରାୟଣ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ପ୍ରତ୍ୟେହ ସନ୍ଧ୍ୟା ଭଜନ ସଂକୀର୍ତ୍ତନାଦି ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଅବ୍ୟବହିତ ପୂର୍ବରୁ ନୃତ୍ୟ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ବିଭିନ୍ନ ଅଞ୍ଚଳର ବହୁ ପ୍ରତିଯୋଗୀ ଉପସ୍ଥିତ ଥିଲେ। ସପ୍ତା କମିଟିର ସଭାପତି ତଥା ସଙ୍ଗୀତଜ୍ଞ ଅକ୍ଷୟ କୁମାର ମହାନ୍ତିଙ୍କ ସଂଯୋଜନାରେ ସିଦ୍ଧାର୍ଥ ମିଶ୍ର ଓ ଯୁବକ ସଙ୍ଘ ସମ୍ପାଦକ ଆଶୁତୋଷ ମିଶ୍ର ଓ ସମସ୍ତ ସଦସ୍ୟଙ୍କ ସହଯୋଗ କ୍ରମେ ଏହି ପ୍ରତିଯୋଗିତାଟି ସମ୍ପନ୍ନ ହୋଇଥିଲା। ବିଚାରକ ଭାବରେ ଅଶୋକ କୁମାର ଦାସ ଯୋଗ ଦେଇ ମୂଲ୍ୟାଙ୍କନ କରିଥିଲେ। କାର୍ଯ୍ୟକ୍ରମର ସମାବର୍ତ୍ତନ ସମାରୋହରେ ମୁଖ୍ୟ ଅତିଥି ଭାବରେ ଅଧ୍ୟାପକ ବିଜୟ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ରତନଲାଲ ଭୂୟାଁ, ସମାଜସେବୀ ଶ୍ୟାମସୁନ୍ଦର ବେହେରା ଓ ଶିକ୍ଷାବିତ୍ ଅଶୋକ କୁମାର ସାହୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କ ପୁରସ୍କୃତ କରିଥିଲେ। ଶ୍ରୀମଦ୍ ଭାଗବତ ପାରାୟଣର ବ୍ୟାସ ଭାବରେ ପଣ୍ଡିତ ରତ୍ନାକର ମିଶ୍ର ତାଙ୍କର ସହଯୋଗୀ ମାନେ ପୁରାଣ ପଣ୍ଡା ଭାବରେ କାର୍ଯ୍ୟ ସମ୍ପାଦନ କରିଥିଲେ। ଗୁରୁପ୍ରସାଦ ମିଶ୍ର, ଗୌରାଙ୍ଗ ଦାସ, ଦିଲ୍ଲୀପ ମିଶ୍ର, ସୁରେନ୍ଦ୍ର ଘଡ଼େଇ, ମାଗୁଣୀ ସାହାଣୀ, ବାମଦେବ ମିଶ୍ର, କାଳନ୍ଦୀ ଦାଶ, ଭୋଳାନାଥ ମିଶ୍ର, ଟୁନଟୁନ ମିଶ୍ର, ମଧୁସୂଦନ ଚାନ୍ଦ, ଦେବା ରଣା, ବାଇଧର ରାଉତ, ଦିବାକର ସାହୁ, ଭାଗବତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୯ ତମ ରାହାସ ପୂର୍ଣ୍ଣିମା ଉତ୍ସବ



**ଦାନଗଦି, ୬।୧୧(ସମିସ) :** ଦାନଗଦି ବ୍ଲକ ଟମକାର ଗୌରହରି ଭକ୍ତବୃନ୍ଦ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶ୍ରୀରାମ ଯୁବକ ସଂଘ ଓ ଟମକା ବଣିକ ସଂଘର ମିଳିତ ସହଯୋଗରେ ୧୯ ତମ ବାର୍ଷିକ ପଞ୍ଚୁକ ଉପଲକ୍ଷେ ରାହାସ ପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି, ଟମକା ଥାନାର ଆଇଆଇସି ପ୍ରମୋଦିନୀ ସାହୁ, ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ପ୍ରଧାନ, ପାର୍ବତୀ ମଲ୍ଲିକ ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଆଧାତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଗୌରହରି ଭକ୍ତବୃନ୍ଦ ତରଫରୁ ପ୍ରତିଦିନ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏଥିରେ ଅନୁଷ୍ଠାନର ପ୍ରଫୁଲ ରାଉତ, ଅଜିତ୍ ରଥ, ବିଜୟ ବାରିକ, ଫିକ୍ରନ ପ୍ରଧାନ, ଆଶୁତୋଷ ରଥ, ଅମିତ ରଥ, ବୁଧିମନ୍ତ ବେହେରା, ଚିତରଞ୍ଜନ ବାରିକ୍ ପଦ୍ମନାଭରଥ, ରଞ୍ଜନ ସାହୁ, ସନ୍ତୋଷ ସାହୁ, ନିରଞ୍ଜନ ଦ୍ୱିବେଦୀ, ସନ୍ତୋଷ ବେହେରା, ସୁଦର୍ଶନ ଓଝା, କାମାସାମଲ, ମିଟୁ ଓଝା, ଜଗାଦାସ ସମେତ ଅନୁଷ୍ଠାନର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

# ଅନାସ୍ଥାରେ ହାରିଲେ ରଣପୁର ସରପଞ୍ଚ

**ବିଞ୍ଝାରପୁର, ୬।୧୧(ସମିସ):** ବିଞ୍ଝାରପୁର ବ୍ଲକ ରଣପୁର ଗ୍ରାପର ସରପଞ୍ଚ ରିୟଙ୍କା ଜେନା ଅନାସ୍ଥା ଭୋଟରେ ହାରିଯାଇଛନ୍ତି। ଦୀର୍ଘ ୧ ମାସରୁ ଉର୍ଦ୍ଧ୍ୱ ହେବ ବହୁ ଛକାପଞ୍ଝା ପରେ ଜିଲ୍ଲା ପ୍ରଶାସନ ଚିଠି ନଂ ୧୬୭୯୩ /୨୫ ନିର୍ଦ୍ଦେଶକ୍ରମେ ଗୁରୁବାର ପୂର୍ବାହ୍ନରେ ରଣପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଡିଏସ୍‌ପି ବାମଦେବ ନନ୍ଦ, ବିଞ୍ଝାରପୁର ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କ ସମେତ ପୁଲିସ ସୁରକ୍ଷା ବଳୟରେ ସରପଞ୍ଚଙ୍କ ବିରୋଧରେ ଅନସ୍ଥା ପ୍ରସ୍ତାବ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅନସ୍ଥା ପ୍ରସ୍ତାବ ବୈଠକ ଦଶରଥପୁର ତହସିଲଦାର ଶୁଭ୍ରାଂଶୁ ଶେଖର ସାହୁଙ୍କ ସଭାପତିତ୍ୱରେ ବିଞ୍ଝାରପୁର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସତ୍ୟଭୂଷଣ ବିଶ୍ୱାଳ, ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଅଧିକାରୀ ଶୁଭ୍ରାଂଶୁ ପୃଷ୍ଟି, ରଣପୁର ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ଶତପଥି ଉପସ୍ଥିତିରେ ଆରମ୍ଭ ହୋଇଥିଲା। ବୈଠକରେ ୧୫ଜଣ ୱାର୍ଡଙ୍କ ମଧ୍ୟରୁ ସରପଞ୍ଚଙ୍କ ବିରୋଧୀ ନାଏବ-ସରପଞ୍ଚ ବନମାଳୀ ସାମଲଙ୍କ ନେତୃତ୍ୱରେ ଅନ୍ୟ ୧୦ ଜଣ ୱାର୍ଡସଭ୍ୟା / ସଭ୍ୟ ଉପସ୍ଥିତ ରହି ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନାରେ ଭାଗ ନେଇଥିଲେ। ସରପଞ୍ଚ ରିୟଙ୍କା ଜେନାଙ୍କ ସମେତ ତାଙ୍କ ସମର୍ଥିତ ୪ଜଣ ୱାର୍ଡସଭ୍ୟ / ସଭ୍ୟା ଅନୁପସ୍ଥିତ ରହିଥିଲେ। ଯାହାଫଳରେ ସରପଞ୍ଚ ରିୟଙ୍କା ଜେନାଙ୍କ ବିରୋଧରେ ଉପସ୍ଥିତ ୧୧ ଜଣୱାର୍ଡସଭ୍ୟା/ ସଭ୍ୟ ଯିବାରୁ ଗ୍ରାମପଞ୍ଚାୟତ ଆଇନ ଅନୁଯାୟୀ ସରପଞ୍ଚ ରିୟଙ୍କା ନିଜ ପଦ ହରାଇଥିବା ଜଣାପଡ଼ିଛି।



# ଅନନ୍ତ ବାସୁଦେବ ପୀଠରେ ବାର୍ଷିକ ଉତ୍ସବ ଓ ନାମଯଜ୍ଞ



**ପାଣିକୋଇଲି, ୬।୧୧(ସମିସ):** ଯାଜପୁର ବ୍ଲକ ଭୁବନେଶ୍ୱରପୁର ପଞ୍ଚାୟତ ଭଗତପୁରଠାରେ ଯମୁନା ନଦୀକୂଳରେ ଥିବା ଶ୍ରୀଶ୍ରୀ ଅନନ୍ତ ବାସୁଦେବ ମନ୍ଦିର ପ୍ରାଙ୍ଗଣରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରୀଠାକୁରଙ୍କ ବାର୍ଷିକ ଯଜ୍ଞ ତଥା ନାମସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ୪ଦିନ ବ୍ୟାପି କାର୍ଯ୍ୟକ୍ରମ ଯଥାରୀତି ଅନୁଯାୟୀ କରାଯାଇଛି। ଉତ୍ସବରେ ଆଖପାଖ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ସଦସ୍ୟ ଉପସ୍ଥିତ ରହି ସମୂହ ପ୍ରସାଦ ସେବନ କରିଥିଲେ।

# ମରଣାନ୍ତକ ଆକ୍ରମଣ ଅଭିଯୋଗ

**ପାଣିକୋଇଲି, ୬।୧୧(ସମିସ):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସର୍ବସାଧାରଣ ସ୍ଥାନରେ ମରଣାନ୍ତକ ଆକ୍ରମଣ ହେବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ କରୁଛି। ପ୍ରକାଶଯେ ଯାଜପୁରରୋଡ୍ ଥାନା ଭିକିପୁର ଗ୍ରାମର ବଳରାମ ଜେନାଙ୍କ ଅଭିଯୋଗ ମୁତାବକ ଗତ ୨୯ ତାରିଖ ଏକ ପୋଖରୀର ମାଛଧରାକୁ କେନ୍ଦ୍ର କରି ତାଙ୍କ ଗ୍ରାମବାସୀଙ୍କ ସହିତ ପାଣିକୋଇଲି ଥାନା ଜହ୍ନା ପଞ୍ଚାୟତ ଛୋଟରାୟପୁର ଗ୍ରାମର ଆଲୋକ ଦାସ ଓ ବାବୁଲି ପାତ୍ରଙ୍କ ସହିତ ଝଗଡ଼ା ହୋଇଥିଲା। ଯାହାକୁ ନେଇ ଯାଜପୁରରୋଡ ଥାନାରେ ମଧ୍ୟ ଅଭିଯୋଗ ହୋଇଥିଲା। ଗତ ୧ ତାରିଖ ବଳରାମ ଛୋଟରାୟପୁର ଛକକୁ ଯାଇଥିବା ବେଳେ ପୂର୍ବ ରାଗରଖି ଉଭୟେ ମାରଣାସ୍ତ୍ର ଧରି ଆକ୍ରମଣ କରିଥିଲେ। ନିସ୍ଥୁକ ମାଡ଼ ଦେବା ସହିତ ତଳେ ପକାଇ ଗାଳିଗୁଲଜ କରି ଚଢ଼ିଯାଇଥିଲେ ଓ ସୁନା ଚେନ ଛଡ଼ାଇନେଇଥିଲେ। ସ୍ଥାନୀୟ ଲୋକମାନେ ବଳରାମକୁ ଉଦ୍ଧାର କରିଥିଲେ। ଏ ନେଇ ବଳରାମ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକ

# ଚାଷୀଙ୍କୁ ସଠିକ ସମୟରେ ସାର ଯୋଗାଣ ଉପରେ ଗୁରୁତ୍ୱ

**ଯାଜପୁର ୬।୧୧(ସମିସ)**



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ଆଗାମୀ ରବି ଋତୁ ୨୦୨୫-୨୬ ନିମନ୍ତେ କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କହିଲେ ଆମ ରାଜ୍ୟ ଏକ କୃଷି ପ୍ରଧାନ ରାଜ୍ୟ। ଚାଷୀଙ୍କ ନିମନ୍ତେ ସରକାର ବହୁତ ଯୋଜନା କରିଛନ୍ତି। କୃଷକମାନେ ଯେପରି ପ୍ରତ୍ୟେକ ଯୋଜନାର ସୁଫଳ ପାଇପାରିବେ ସେଥିପ୍ରତି କୃଷି ବିଭାଗ ଅଧିକାରୀମାନେ ଯତ୍ନବାନ ହେବା ଆବଶ୍ୟକ। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯଥା ସମନ୍ୱିତ କୃଷି ପଦ୍ଧତି, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୃଷକ ରେଜିଷ୍ଟ୍ରି, ଡିଜିଟାଲ ଫସଲ କାର୍ଯ୍ୟକ୍ରମ ସର୍ବେକ୍ଷଣ ସମସ୍ତ କୃଷି ତଥା ଆନୁସାଙ୍ଗିକ ବିଭାଗମିଳିତ ସହଯୋଗରେ ସୁଚାରୁ ଭାବରେ କାର୍ଯ୍ୟକାରୀ କରିବାକୁ ଏବଂ ଯୋଜନା ସମ୍ବନ୍ଧରେ କୃଷକଙ୍କ ଅବଗତି ପାଇଁ ବହୁଳ ପ୍ରସାର କରିବାକୁ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲାର ଚାଷୀମାନଙ୍କୁ ଠିକ୍ ସମୟରେ ବିହନ ସାର ଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ରବି ଋତୁ ୨୦୨୫-୨୬ ନିମନ୍ତେ ୪୯୮୦ ହେକ୍ଟର ଜମିରେ ଧାନ ଚାଷ କରାଯିବାକୁ ନିର୍ଦ୍ଧାରଣ କରାଯାଇଛି। ସେହିପରି ୪୫୦ ହେକ୍ଟର ଜମିରେ ମକା ଚାଷ, ୧୦୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ, ୧୦ ହେକ୍ଟର ଜମିରେ ଗହମ ଚାଷ, ୪୯୦୧୦ ହେକ୍ଟର ଜମିରେ ସମୁଦାୟ ଡାଲି ଜାତୀୟ ଫସଲ ଏବଂ ୨୧୯୩୦ ହେକ୍ଟର ଜମିରେ ତୈଳ ଜାତୀୟ ଫସଲ, ୧୬୫୦ ହେକ୍ଟର ଜମିରେ ଆଳୁ ଚାଷ, ୧୨୦୦ ହେକ୍ଟର ଜମିରେ ପିଆଜ ଚାଷ, ୨୪, ୭୦୦ ହେକ୍ଟର ଜମିରେ ସମୁଦାୟ ପରିବା ଚାଷ, ୪୦୦୦ ହେକ୍ଟର ଜମିରେ ସମୁଦାୟ ମସଲା ଜାତୀୟ ଫସଲ, ୨୪୦୦ ହେକ୍ଟର ଜମିରେ ଆଖୁ ଚାଷ କରାଯିବାକୁ ନିର୍ଦ୍ଧାରଣ କରାଯାଇଛି। ସେହିପରି ୪୬୯୪.୧୮ ହେକ୍ଟର ଜମିରେ ବୃହତ୍ ଜଳସେଚନ, ୫୮୧୦ ହେକ୍ଟର ଜମିରେ କ୍ଷୁଦ୍ର ଜଳସେଚନ, ୩୩୦୦.୨୮ ହେକ୍ଟର ଜମିରେ ବୃହତ୍ ଉଠା ଜଳସେଚନ, ୩୦୧୮ ହେକ୍ଟର ଜମିରେ କ୍ଷୁଦ୍ର ଉଠା ଜଳସେଚନ କରାଯିବାର ନିର୍ଦ୍ଧାରିତ କରାଯାଇଛି। ରବି ଋତୁ ୨୦୨୫ - ୨୬ ନିମନ୍ତେ ୯୦୦୦ ମେଟ୍ରିକ୍ ଟନ୍ ସାର ବ୍ୟବହାର କରାଯିବାର ନିର୍ଦ୍ଧାରଣ କରାଯାଇଛି। ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ତପନ କୁମାର ମହାପାତ୍ର କାର୍ଯ୍ୟସୂଚୀ ଅନୁଯାୟୀ ବିହନ ଯୋଗାଣ, ରାସାୟନିକ ସାର, ଫସଲ ସୁରକ୍ଷା, ମୃତ୍ତିକା ପରୀକ୍ଷଣ, ସୌର ଜଳବିଧି, ଜାତୀୟ ଖାଦ୍ୟ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି ଶ୍ରୀ ରାଧେଶ୍ୟାମ ବେହେରା, କେ.ବି.କେ ବୈଜ୍ଞାନିକ ସୁନୀଲ କୁମାର ମହାପାତ୍ର, ଜଳସେଚନ ବିଭାଗର ଅଧିକାରୀ, ସହକାରୀ ନିବନ୍ଧକ, ସମବାୟ ସମିତି, ନାବାର୍ଡ ଜିଲ୍ଲା ଉନ୍ନୟନ ପରିଚଳିକା, ଅଗ୍ରଣୀ ବ୍ୟାଙ୍କ ପରିଚାଳକ, ସମସ୍ତ ବିଭାଗୀୟ ଅଧିକାରୀ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

